


▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-32 ◆SATURDAY ◆26 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୨ ◆ଶନିବାର ◆୨୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସ୍କୁଲଘର ଭୁଶୁଡ଼ି ୮ ମୃତ, ୨୭ ଆହତ



■ **ଝାଲାୱାର, ୨୫।୭ (ଏଜେନ୍ସି):** ରାଜସ୍ଥାନର ଝାଲାୱାର ଜିଲ୍ଲାରେ ସରକାରୀ ସ୍କୁଲ ଘରର ଗୋଟିଏ ଅଂଶ ଭୁଶୁଡ଼ି ପଡ଼ିବାରୁ ୮ ଜଣ ଛାତ୍ର ପ୍ରାଣ ହରାଇଛନ୍ତି ଏବଂ ୨୭ ପିଲା ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏହି ସରକାରୀ ସ୍କୁଲ୍‌ରେ ସକାଳ ୮ଟା ୩୦ରେ ଅଘଟଣ ଘଟିଥିଲା। କୋଠା ଭୁଶୁଡ଼ିବା ବେଳେ ୬୦ ଛାତ୍ରଛାତ୍ରୀ, କେତେଜଣ ଶିକ୍ଷକ ଓ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ। ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଭଗ୍ନାବଶେଷକୁ ହଟାଇ ପିଲାମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୫ ଜଣ ପିଲା ▶ପୃଷ୍ଠା-୭

## ଡ୍ରୋନ୍‌ରୁ ସଫଳ କ୍ଷେପଣାସ୍ତ୍ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ଭାରତ ସଫଳତାର ସହ ଡ୍ରୋନରୁ କ୍ଷେପଣାସ୍ତ୍ର ଲଞ୍ଚ କରିବାରେ ସକ୍ଷମ ହୋଇଛି। ଏହାସହିତ ଭାରତୀୟ ସାମରିକ କ୍ଷମତାକୁ ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ରପ୍ରଦେଶର ଟେଷ୍ଟ ରେଞ୍ଜରେ ଏହାର ସଫଳ ପରୀକ୍ଷା କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଆନ୍ଧ୍ରପ୍ରଦେଶର କୁର୍ନୁଲସ୍ଥିତ ୟୁଏଭି ଲଞ୍ଚଡ୍ ପ୍ରେସିସନ ଗାଇଡ ମିସାଇଲ (ୟୁଏଲ୍‌ପିଜିଏମ୍)- ଭି୩କୁ ସଫଳତାର ସହ ପରୀକ୍ଷା କରିଛି। ପରୀକ୍ଷା ବେଳେ କ୍ଷେପଣାସ୍ତ୍ର ନିଜର ଗତି, ସଠିକତା ଓ ଲକ୍ଷ୍ୟକୁ ଭେଦ କରିବାର କ୍ଷମତାକୁ ସୁନ୍ଦର ଭାବେ ପ୍ରଦର୍ଶନ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ କରି ▶ପୃଷ୍ଠା-୭




## ଇନ୍ଦିରାଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** କ୍ରମାଗତ ଦୀର୍ଘ ସମୟଧରି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନରେନ୍ଦ୍ର ମୋଦୀ। ଏହିକ୍ରମରେ ସେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ରେକର୍ଡକୁ ପଛରେ ପକାଇଛନ୍ତି। ଇନ୍ଦିରାଙ୍କ ୪୦୭୭ ଦିନ (୧୯୬୬ ଜାନୁଆରୀ ୨୪ରୁ ୧୯୭୭ ମାର୍ଚ୍ଚ ୨୪ )ର ରେକର୍ଡ ଭାଙ୍ଗି ମୋଦୀ ପ୍ରଧାନମନ୍ତ୍ରୀ ଭାବେ ୪୦୭୮ ଦିନ ପୂରଣ କରିଛନ୍ତି। ତେବେ ସବୁଠାରୁ ଦୀର୍ଘ ବର୍ଷ ଧରି ପ୍ରଧାନମନ୍ତ୍ରୀ ରହିବାର ରେକର୍ଡ ଜବାହରଲାଲ ନେହରୁଙ୍କ ନାମରେ ରହିଛି। ସେ ସବୁଠାରୁ ଅଧିକ କ୍ରମାଗତ ୬୨୨୬ ଦିନ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନେହରୁ ୧୯୪୭ ଅଗଷ୍ଟ ୧୫ରୁ ୧୯୬୪ ମେ ୨୭ ପର୍ଯ୍ୟନ୍ତ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ। ମୋଦୀ କ୍ରମାଗତ ୩ଟି ଲୋକସଭା ନିର୍ବାଚନରେ ବିଜୟ ଲାଭ କରି ନେହରୁଙ୍କ ସମକକ୍ଷ ହୋଇଛନ୍ତି। ମୋଦୀ ୨୦୧୪, ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ହାସଲ କରିଥିଲେ। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋଦୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଗୁଜରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ଦୀର୍ଘସମୟ ଧରି ଭାରତର ନିର୍ବାଚିତ କ୍ଷମତାସୀନ ନେତାର ମାନ୍ୟତା ହାସଲ କରିଛନ୍ତି। ଭାରତ ସ୍ୱାଧୀନତା ହାସଲ କରିବା ପରେ ଜନ୍ମ ଗ୍ରହଣ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ। ସେ ମଧ୍ୟ ପ୍ରଥମ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ଦୁଇଟି କାର୍ଯ୍ୟକାଳ ପୂରଣ କରିଛନ୍ତି।

## ପଞ୍ଚମ ଦିନ ବି ସଂସଦ ଅଚଳ

■ **ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦର ଉଭୟ ଗୃହ ଆଜି ବି ଅଚଳ ରହିଛି। ବିରୋଧୀ ଦଳର ସଭ୍ୟମାନେ ଏହା ଉପରେ ଆଲୋଚନା ଦାବିରେ ପ୍ରବଳ ହଙ୍ଗାମା କରିଛନ୍ତି। ଅଚଳାବସ୍ଥା ଜାରି ରହିବାରୁ ଉଭୟ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ କରି ଦିଆଯାଇଛି।



**ସୋମବାରରୁ ସ୍ୱାଭାବିକ ହୋଇପାରେ ଗୃହକାର୍ଯ୍ୟ**

**ଅପରେସନ ସିନ୍ଦୂର ଉପରେ ହେବ ଆଲୋଚନା**

ଫଳରେ ଚଳିତ ସପ୍ତାହ ପାଞ୍ଚ ଦିନ ଧରି ଗୃହ ଆଦୌ ଚାଲିପାରି ନାହିଁ। ସୋମବାର ଠାରୁ ସଂସଦ ସ୍ୱାଭାବିକ ହେବ ବୋଲି ସରକାର କହୁଥିଲେ ମଧ୍ୟ ବିରୋଧୀ ଦଳ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି।

ଆଜି ଲୋକସଭା ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ବିହାର ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ଗୃହକୁ ଦିନ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଦେଇଥିଲେ। ଦୁଇଟା ପରେ ବାଚସ୍ପତି ଓମ୍ ବିର୍ଲା ସର୍ବଦଳୀୟ ବୈଠକ ଡାକିଥିଲେ। ବିର୍ଲା ବିରୋଧୀ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ପ୍ରଶ୍ନକାଳରେ କୌଣସି ପ୍ରକାର ▶ପୃଷ୍ଠା-୭

### ଗତ ଦଶନ୍ଧିରେ ମୁଣ୍ଡପିଛା ଆୟବୃଦ୍ଧି

# ଓଡ଼ିଶା ଦେଶରେ ଏକ ନମ୍ବର

**ସଂସଦରେ ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସୂଚନା**

**ନବୀନ ଅର୍ଥନୀତିକୁ କେନ୍ଦ୍ରର ସ୍ୱୀକୃତି**

**ମୁଣ୍ଡ ପିଛା ଏନ୍‌ଏସ୍‌ଡିପି ୧.୭ ଲକ୍ଷ ଟଙ୍କା**





■ **ଭୁବନେଶ୍ୱର, ୨୫।୭ (ସମିସ):** ନବୀନ ପଟ୍ଟନାୟକଙ୍କ ସରକାରର ବିତ୍ତୀୟ ପରିଚାଳନା ଓ ଅର୍ଥନୀତିକୁ ପୁଣିଥରେ ସ୍ୱୀକୃତି ଦେଇଛନ୍ତି କେନ୍ଦ୍ର ସରକାର। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ହାର କେବଳ ଦ୍ୱିଗୁଣିତ ହୋଇନାହିଁ, ଆୟ ହାର ବୃଦ୍ଧିରେ ଓଡ଼ିଶା ସାରା ଦେଶରେ ଏକନମ୍ବର ରାଜ୍ୟର ମାନ୍ୟତା ପାଇଛି। ସଂସଦରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ।

ଲୋକସଭାରେ ସାଂସଦ ଗିରିଧାରୀ ଯାଦବ ଓ ଦୀନେଶ ଚନ୍ଦ୍ର ଯାଦବଙ୍କ ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୧୩-୧୪ ଆର୍ଥିକ ବର୍ଷରେ ଓଡ଼ିଶାର ହାରାହାରି ମୁଣ୍ଡପିଛା ଆୟ ୫୪୨୦୯ ଟଙ୍କା ରହିଥିଲା। ମାତ୍ର ଏକ ଦଶନ୍ଧି ମଧ୍ୟରେ ମୁଣ୍ଡପିଛା ଆୟ ପ୍ରାୟ ଦ୍ୱିଗୁଣିତ ହୋଇ ୨୦୨୪ ଆର୍ଥିକ ବର୍ଷରେ ଏହା ୧୦୬୯୧୮ ଟଙ୍କାରେ ପହଞ୍ଚିଛି। ୧୦ବର୍ଷରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୬.୭% ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ୯୩.୬% ବୃଦ୍ଧି ପାଇଥିବା ବେଳେ ଆନ୍ଧ୍ରପ୍ରଦେଶରେ ୭୮.୯%, ଆସାମରେ ୮୧%, ଛତିଶଗଡ଼ରେ ୫୨.୪%, ମଧ୍ୟପ୍ରଦେଶରେ ୬୦%, ମହାରାଷ୍ଟ୍ରରେ ୫୩.୬%, ତାମିଲନାଡୁରେ ୮୩.୩%, ତେଲଙ୍ଗାନାରେ ୮୫.୩%, ପଶ୍ଚିମବଙ୍ଗରେ ୫୧.୮% ବୃଦ୍ଧି ପାଇଛି। ଦେଶର କେବଳ ଦୁଇଟି ରାଜ୍ୟ ଓଡ଼ିଶା ଓ କର୍ଣ୍ଣାଟକରେ ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୦% ଅତିକ୍ରମ କରିଛି ଏବଂ ଓଡ଼ିଶା ଏକ ନମ୍ବର ସ୍ଥାନ ଅଧିକାର କରିଛି। ତତ୍କାଳୀନ ନବୀନ ସରକାରଙ୍କ ବିତ୍ତୀୟ ପରିଚାଳନା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିଛି।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଆଧାରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସଂସଦରେ ଏସମ୍ପର୍କରେ ସୂଚନା ଦେଇଛନ୍ତି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅସ୍ଥାୟୀ ଆକଳନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସ୍ଥିର ମୂଲ୍ୟରେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ (ଏନ୍‌ଏନ୍‌ଆଇ) ୧,୧୪,୭୧୦ ଟଙ୍କା ରହିଛି। ୧୦ବର୍ଷ ପୂର୍ବେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ ଟଙ୍କା ଥିଲା ଓ ସେହି ସମୟରେ ଓଡିଶାର ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୫୪,୨୦୯ ଟଙ୍କା ରହିଥିଲା। ମାତ୍ର ଏହି ୧୦ବର୍ଷ ମଧ୍ୟରେ ଓଡ଼ିଶାର ମୁଣ୍ଡପିଛା ଆୟ ହାର ବୃଦ୍ଧି ୯୬.୭% ବୃଦ୍ଧି ▶ପୃଷ୍ଠା-୭

## ବୟନ ଶିଳ୍ପ ବୁଣାକାରଙ୍କ ମଜୁରି ବୃଦ୍ଧି

**ସପ୍ତାହକୁ ଦିନଟିଏ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

**ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍-୨୦୨୫ରେ ୩୩ଟି ବୁଝାମଣା ସ୍ୱାକ୍ଷରିତ**

**୭,୮୦୮ କୋଟିର ପୁଞ୍ଜିନିବେଶ ପ୍ରତିଶ୍ରୁତି, ୫୩,୩୦୦ ନିଯୁକ୍ତି ସୁଯୋଗ**

**ଜଗତସିଂହପୁର, ଭଦ୍ରକରେ ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କ ଲୋକାର୍ପିତ**



■ **ଭୁବନେଶ୍ୱର, ୨୫।୭ (ସମିସ):** ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ବୁଣାକାର କର୍ମଚାରୀଙ୍କ ମାସିକ ମଜୁରି ରିହାତି ଏକ ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ମାସକୁ ୫ହଜାର ବଦଳରେ ୬ହଜାର ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଶୁକ୍ରବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଜଗତସିଂହପୁର ଏବଂ ଭଦ୍ରକଠାରେ ଦୁଇଟି ଟେକ୍ସଟାଇଲ ଓ ଫୁଟ୍‌ୱେୟାର ପାର୍କର ଲୋକାର୍ପଣ କରି ରାଜ୍ୟର ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ହସ୍ତତନ୍ତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। କନ୍‌କ୍ଲେଭରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ୭୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ▶ପୃଷ୍ଠା-୭

## ଚଳନ୍ତା କାର୍‌ରେ ମହିଳାଙ୍କୁ ଅସଦାଚରଣ

### ଚାଳକ ଅଟକ, କାର୍ ଜବତ

■ **ପୁରୀ, ୨୫।୭ (ସମିସ):** ରାଜ୍ୟରେ ଭୁଶୁଡ଼ିପଡ଼ିଛି ଆଇନ ଶୃଙ୍ଖଳା ବ୍ୟବସ୍ଥା। ଆଇନକାନୁନ୍‌କୁ ଦୁର୍ବୃତ୍ତଙ୍କ ଖାତିର୍ ନାହିଁ। ଅପରାଧୀମାନେ ଖୁଲମ୍‌ଖୁଲା ଅପରାଧ ଭିଆଉଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ହିଂସା, ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଆଦି ବଢ଼ି ଚାଲିଛି। ପୁରୀରେ ବି ଅସଦାଚରଣ ଘଟଣା ବୃଦ୍ଧି ପାଇଛି। ନିକଟରେ ୩ ଭଉଣୀଙ୍କୁ କିଛି ଦୁର୍ବୃତ୍ତ ଅସଦାଚରଣ କରିଥିବା ବେଳେ ପୁଣି ଚଳନ୍ତା କାର୍‌ରେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି କୁମ୍ଭାରପଡ଼ା ଥାନା ପୁଲିସ। ଅଭିଯୁକ୍ତ ହେଲେ, ତୋଟା ବେହେରା ସାହିରେ ରହୁଥିବା ପାରାଦୀପ ବାଲିଡିହାର ମୁନା ପ୍ରଧାନ (୩୨)। ▶ପୃଷ୍ଠା-୭

## ଡେପୁଟୀ ରେଞ୍ଜରଙ୍କ ଘରେ ଟଙ୍କା ପାହାଡ଼

**ଗୁପ୍ତ ଟ୍ରେଜେରୀରେ ଥାକମାରି ରଖିଥିଲେ ୧.୪୩ କୋଟି**





**ଘରୁ ଜବତ ହେଲା ୧.୫କେଜି ସୁନା, ୪.୬କେଜିର ରୁପା**

**ସୁନା ବିସ୍କୁଟ, ସୁନା କଏନ୍ ବି ରଖିଥିଲେ**

**୩ଟି ଫ୍ଲାଟ୍, ୧.୩୩ କୋଟିର ଦୁଇଟି ପ୍ଲଟ୍**

■ **ଜୟପୁର/ ଭୁବନେଶ୍ୱର, ୨୫।୭ (ସମିସ):** ଜଙ୍ଗଲ ବିଭାଗରେ ଅଧିକାରୀଙ୍କୁ ଘାରିଛି ଟଙ୍କା, ଅଳଙ୍କାର ଓ ସଂପତ୍ତି ନିଶା। ଯାହାକୁ ଭିଜିଲାନ୍ସ ଧରୁଛି ତାଙ୍କ ଘରୁ ଜବତ ହେଉଛି ନଗଦ କୋଟି କୋଟି ଟଙ୍କା। ମାଳ ମାଳ ପ୍ଲଟ୍ ବି ଠାବ କରାଯାଉଛି। ଦୁଇ ଦିନ ତଳେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଚଢ଼ଉ କରି ଭିଜିଲାନ୍ସ ତାଙ୍କର ୧୨୩ ପ୍ଲଟ୍ ଏବଂ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହିଭଳି ଜୟପୁର ଡେପୁଟି ରେଞ୍ଜର ଘରେ ଆଜି ଚଢଉ କରିବା ପରେ ଟଙ୍କାର ପାହାଡ଼ ଦେଖି ଭିଜିଲାନ୍ସ ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଛି। ବାବୁ ଦୁର୍ନୀତି କରି ଗୁପ୍ତ ଟ୍ରେଜେରୀରେ କୋଟି କୋଟି ଟଙ୍କା ଥାକ ମାରି ରଖିଥିଲେ। ତାଙ୍କ ଘରୁ ଦେଢ଼ କେଜି ସୁନା ଓ ସାଢ଼େ ୪ କିଲୋ ରୁପା ଅଳଙ୍କାର ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି। ▶ପୃଷ୍ଠା-୭

### ଅବପାତ ଘନୀଭୂତ

## ବଡ଼ ବର୍ଷାରେ ଫୁଲିବ ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୨୫।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇଛି। ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଶୁକ୍ରବାର ସକାଳ ସାଢ଼େ ୫ଟା ସମୟରେ ଏହି ଅବପାତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ଅବପାତ ଯୋଗୁଁ ରାଜ୍ୟର ୬ଟି ସ୍ଥାନରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୮ଟି ସ୍ଥାନରେ ୯୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ସାମଗ୍ରିକ ଭାବେ ଅବପାତ ଯୋଗୁଁ ୨୪ ଘଣ୍ଟାରେ ସ୍ୱାଭାବିକ ତୁଳନାରେ ୧୪୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗ ଉପକୂଳମୁହାଁ ହୋଇ ପରବର୍ତ୍ତୀ ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ଓ ଛତିଶଗଡ଼ ଉପରେ ପ୍ରଭାବ ପକାଇବ। ଏଥିପାଇଁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତାକାଲି (ଶନିବାର) ଝାରସୁଗଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

▶ **ସୀମାନ୍ତ ଜିଲ୍ଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା**

▶ **ଜିଲ୍ଲାପାଳମାନଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି**

▶ **୨୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ**

ଏହାସହିତ ବାକି ସବୁ ଜିଲ୍ଲାରେ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି।

ଅବପାତ ପ୍ରଭାବରେ ଉଭୟ ତଳ ଓ ଉପରମୁଣ୍ଡରେ ବର୍ଷା ହେଉଥିବା ଯୋଗୁଁ ରାଜ୍ୟର ବିଭିନ୍ନ ▶ପୃଷ୍ଠା-୭

### ଭାରତ-ବ୍ରିଟେନ ବାଣିଜ୍ୟକ ଚୁକ୍ତିରେ ଓଡ଼ିଶାକୁ ଉପେକ୍ଷା

# ରାଜ୍ୟର କୌଣସି ସାମଗ୍ରୀକୁ ମିଳିଲାନି ସ୍ଥାନ

■ **ଭୁବନେଶ୍ୱର, ୨୫।୭ (ସମିସ):** ଡବଲ୍ ଇଂଜିନ ସରକାରରେ ଓଡ଼ିଶାକୁ ପୁଣିଥରେ ଉପେକ୍ଷା କରାଯାଇଛି। ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ସୁଯୋଗରୁ ରାଜ୍ୟବାସୀ ବଞ୍ଚିତ ହୋଇଛନ୍ତି। ଦେଶର ୧୭ଟି ରାଜ୍ୟକୁ ଏହି ମର୍ଯ୍ୟାଦା ମିଳିଥିଲେ ମଧ୍ୟ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଆଖି ବୁଜିଦେଇଛନ୍ତି। ଫଳରେ ଡବଲ ଇଂଜିନ ସରକାରଙ୍କ କଥା ଓ କାମକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକ ତଳେ ଭାରତ ଏବଂ ୟୁନାଇଟେଡ୍ କିଙ୍ଗଡମ୍ (ବ୍ରିଟେନ) ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିକୁ ନେଇ ସାରା ଦେଶରେ ଉତ୍ସାହ ଦେଖାଦେଇଥିବା ବେଳେ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଏହି ଚୁକ୍ତି




ଦ୍ୱାରା ଭାରତ ନିଜ ଦେଶର ଅନେକ ସାମଗ୍ରୀ ବ୍ରିଟେନ୍‌କୁ ରପ୍ତାନୀ କରିବ। ଭାରତର ପ୍ରାୟ ୯୯ ପ୍ରତିଶତ ରପ୍ତାନି ସାମଗ୍ରୀ ବ୍ରିଟେନ ବଜାରରେ ଶୁଳ୍କମୁକ୍ତ ପ୍ରବେଶ ସୁଯୋଗ

**୧୭ ରାଜ୍ୟର ରପ୍ତାନୀ ସାମଗ୍ରୀ ତାଲିକା ପ୍ରକାଶିତ**

**କୋରାପୁଟ କଫିକୁ ଆନ୍ଧ୍ରର ଦର୍ଶାଇଲେ ସରକାର**

ପାଇବ। ଭାରତରୁ ବ୍ରିଟେନକୁ ରପ୍ତାନୀ ପାଇଁ ଯେଉଁ ତାଲିକା କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି, ସେଥିରେ ୧୭ଟି ରାଜ୍ୟର ପ୍ରମୁଖ ସାମଗ୍ରୀ ସ୍ଥାନ ପାଇଥିବା ବେଳେ ଓଡ଼ିଶାର କୌଣସି ସାମଗ୍ରୀ ସ୍ଥାନ ପାଇନାହିଁ। ଏପରିକି ବିଶ୍ୱ ପ୍ରସିଦ୍ଧ କୋରାପୁଟ କଫିକୁ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶର ବୋଲି ଦର୍ଶାଇବା ରାଜ୍ୟବାସୀଙ୍କ ସ୍ୱାଭିମାନ ପ୍ରତି ଉପହାସ ସଦୃଶ ହୋଇଛି।

ଏହି ଚୁକ୍ତି ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋଏଲ ନିଜ ସୋସିଆଲ ମିଡିଆ ପୃଷ୍ଠାରେ ଦେଶର କେଉଁ ରାଜ୍ୟର କେଉଁ ସାମଗ୍ରୀ ବିଦେଶକୁ ରପ୍ତାନୀ ହେବ, ତାହା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ପୀୟୂଷ ଗୋଏଲ୍ ଦେଇଥିବା ତାଲିକା ଅନୁସାରେ ଆନ୍ଧ୍ରପ୍ରଦେଶ, ▶ପୃଷ୍ଠା-୭

## ରାଉରକେଲା ପୁଲିସ ଓ ଏନ୍‌ଆଇଟି ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

# ପୁଲିସ କର୍ମଚାରୀଙ୍କ ଡିଜିଟାଲ ରୂପାନ୍ତରଣ ଦକ୍ଷତା ବିକାଶ କାର୍ଯ୍ୟକ୍ରମ






**ରାଉରକେଲା, ୨୫।୭ (ସମିସ)**

ସମ୍ପ୍ରତି କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧକୁ ଦୃଷ୍ଟିରେ ରଖି ରାଉରକେଲା ପୁଲିସ କର୍ମଚାରୀଙ୍କର ଡିଜିଟାଲ ରୂପାନ୍ତରଣ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ନିମନ୍ତେ ଆଜି ଓଡ଼ିଶା ରାଜ୍ୟ ପାଇଁ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଉରକେଲା ପୁଲିସ ଏବଂ ଏନ୍‌ଆଇଟି ରାଉରକେଲା ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ରାଉରକେଲା ଏନଆଇଟିର ସିନେଟ୍ ହଲ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱରଙ୍କ ସହ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଓ ରାଉରକେଲା ଏସପି ନିତେଶ ୱାଧୱାନୀ ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଏମ୍‌ଓୟୁ ଅନୁଯାୟୀ ଆଜିଠାରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ 'ପୁଲିସ୍ କର୍ମଚାରୀଙ୍କ ପାଇଁ ଡିଜିଟାଲ୍ ପରିବର୍ତ୍ତନ ଉପରେ ଏକ ୮ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ' ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମକୁ ପଶ୍ଚିମାଞ୍ଚଳ ଡିଆଇଜି ଶ୍ରୀ ରାଏ ଓ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ରାଓ ଉଦ୍‌ଘାଟନ କରିଥିଲେ। ସ୍ମାର୍ଟ ପୁଲିସିଂ ପାଇଁ ରାଉରକେଲା ପୁଲିସ ଜିଲ୍ଲାର ମୋଟ ୨୦୦ ଜଣ ଅଧିକାରୀଙ୍କୁ ଡାଟା ବିଶ୍ଳେଷଣ ଏବଂ ଡିଜିଟାଲ୍ ପରିବର୍ତ୍ତନ ନେଇ ଆବଶ୍ୟକ ପଦକ୍ଷେପ ଉପରେ ତାଲିମ ଦିଆଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ୨୦୨୪ରେ ଏନ୍‌ଆଇଟି ରାଉରକେଲା ରାଉରକେଲା ପୁଲିସ ସହଭାଗୀତାରେ ଓଡ଼ିଶାର ପ୍ରଥମ ଅନଲାଇନ୍ ଏଫଆଇଆର ବ୍ୟବସ୍ଥା ଶୁଭାରମ୍ଭ ହୋଇଥିଲା। ଏସ୍‌ପି ନିତେଶ ୱାଧୱାନୀ କହିଲେ ୨୦୨୪ ଜୁଲାଇ ୧ ତାରିଖରେ ଅନୁସନ୍ଧାନ ପୋର୍ଟାଲର ଶୁଭାରମ୍ଭ କରାଯାଇଥିଲା। ଏହି ପୋର୍ଟାଲ୍ ଜରିଆରେ ଗୁରୁଣ୍ଡିଆ, ଟାଙ୍ଗାରପାଲି ଏବଂ ଟିକାୟତପାଲି ଭଳି ଦୂରଦୂରାନ୍ତ ଅଞ୍ଚଳରୁ ମୋଟ ୬, ୩୧୦ ଟି ଏଫଆଇଆର ଅନ୍‌ଲାଇନରେ ପଞ୍ଜିକୃତ ହୋଇପାରିଛି। ଅନୁସନ୍ଧାନ ପୋର୍ଟାଲ ଦ୍ୱାରା ୩, ୦୦୦ରୁ ଅଧିକ ନାଗରିକ ସେମାନଙ୍କ ଅଭିଯୋଗର ସ୍ଥିତି ଟ୍ରାକ୍ କରିବାପାଇଁ ଏହି ପ୍ଲାଟଫର୍ମ ବ୍ୟବହାର କରିଛନ୍ତି, ଯାହା ଦୃଢ଼ ଜନସାଧାରଣଙ୍କ ସମ୍ପର୍କ ଏବଂ ବିଶ୍ୱାସକୁ ପ୍ରତିଫଳିତ କରେ। ଏହି ବୁଝାମଣାପତ୍ର ରାଉରକେଲା ପୁଲିସ ପାଇଁ ଏକ ବ୍ୟାପକ ଡିଜିଟାଲ୍ ରୋଡମ୍ୟାପ୍ ଗଠନ କରିବ, ଯେଉଁଥିରେ ସ୍ୱଚ୍ଛତା, ଦକ୍ଷତା ଏବଂ ନାଗରିକ-କେନ୍ଦ୍ରିତ ସେବା ପ୍ରଦାନର ନୀତି ସହିତ ପୂର୍ବାନୁମାନିକ ପୋଲିସିଂ ଏବଂ ବୁଦ୍ଧିମାନ ତଥ୍ୟ ନିଷ୍କାସନ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ସାମିଲ କରିବାର ଭବିଷ୍ୟତ ଯୋଜନା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ପୁଲିସ ସେବାକୁ ପରିବର୍ତ୍ତନ କରିବାରେ ପ୍ରଯୁକ୍ତିର ବର୍ଦ୍ଧିତ ଭୂମିକା ଏବଂ ସେହି ଅନୁଯାୟୀ କର୍ମଚାରୀମାନଙ୍କୁ ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଶ୍ରୀ ରାୟ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ତଦନ୍ତ ପ୍ରକ୍ରିୟାକୁ ଆହୁରି ସୁଗମ କରିବା ଏବଂ ନାଗରିକ ଏବଂ ଅଧିକାରୀ ଉଭୟଙ୍କ ପାଇଁ ବ୍ୟବହାରକାରୀ ଅଭିଜ୍ଞତାକୁ ଉନ୍ନତ କରିବା। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ.ଉମା ମହେଶ୍ୱର ରାଓ ଏବଂ କୁଳସଚିବ ପ୍ରଫେସର ରୋହନ ଧିମାନ ଜନକଲ୍ୟାଣ ଏବଂ ନାଗରିକ-ଅନୁକୂଳ ସମାଧାନ ପାଇଁ ସ୍କେବେବଲ୍ ସମାଧାନ ନିର୍ମାଣରେ ଶୈକ୍ଷିକ ନବସୃଜନ ଏବଂ ପୁଲିସ ବ୍ୟବହାରିକତା ମଧ୍ୟରେ ଶକ୍ତିଶାଳୀ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ସମ୍ବିତ ବକ୍ସି ଏବଂ ପ୍ରଫେସର ମନ୍ମଥ ସାହୁ ଅନୁସନ୍ଧାନ ପୋର୍ଟାଲର ବୈଶିଷ୍ଟ୍ୟ ଏବଂ ପ୍ରଭାବ ପ୍ରଦର୍ଶନ କରିଥିଲେ। ପ୍ରଫେସର ବକ୍ସି ଆଧୁନିକ ପୁଲିସିଂରେ ପ୍ରଯୁକ୍ତିର ବର୍ଦ୍ଧିତ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ଏବଂ ଅନୁସନ୍ଧାନ ପ୍ଲାଟଫର୍ମକୁ ଆହୁରି ଉନ୍ନତ କରିବା ପାଇଁ ଚାଲିଥିବା ବିକାଶ ଉପରେ ରୂପରେଖା ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ରାଉରକେଲା ପୁଲିସ ଜିଲ୍ଲାର ପୁଲିସ କର୍ମଚାରୀମାନେ ଏନ୍‌ଆଇଟି ରାଉରକେଲାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଅଂଶଭାବରେ ଡାଟା ଆନାଲିଟିକ୍ସ, ଡିଜିଟାଲ୍ ତଦନ୍ତ ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ସକ୍ଷମ ପୁଲିସିଂ ଅଭ୍ୟାସର ମୌଳିକ ବିଷୟ ଶିଖିବାରେ ନିୟୋଜିତ ହେବେ ବୋଲି ସୂଚନା ମିଳିଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ତାତିଲେ ଗ୍ରାହକ

# ବାଲିଶଙ୍କରା ବିଦ୍ୟୁତ୍ ସବ୍‌ଷ୍ଟେସନ ଘେରଉ



**ବାଲିଶଙ୍କରା, ୨୫।୭ (ସମିସ):** ବାଲିଶଙ୍କରା ବ୍ଲକ ଅଞ୍ଚଳରେ ନିୟମିତ ବିଦ୍ୟୁତ ରହୁ ନ ଥିବାରୁ ଅଞ୍ଚଳବାସୀ ତାତିଛନ୍ତି। ବାଲିଶଙ୍କରା ବିଦ୍ୟୁତ୍ ସବ୍‌ଷ୍ଟେସନକୁ ଘେରଉ କରିଛନ୍ତି। ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍, ପତ୍ର ହଲିଲେ ବିଦ୍ୟୁତ କାଟ, କେଉଁଠି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ହେଉଛି ତା ଆଉ କେଉଁ ଅଞ୍ଚଳରେ ଦିନଦିନ ଧରି ବିଦ୍ୟୁତ ରହୁ ନାହିଁ। ଏଥିପାଇଁ ବିଦ୍ୟୁତ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳର ଶତାଧିକ ବିଦ୍ୟୁତ ଗ୍ରାହକ ଆଜି ବାଲିଶଙ୍କରା ବିଦ୍ୟୁତ ସବ୍‌ଷ୍ଟେସନକୁ ଘେରଉ କରିଥିଲେ। ବିଦ୍ୟୁତ ବିଭାଗୀୟ ଜେଇ ଅଧିକାରୀ ଦେବାଶିଷ ଦାସ ପହଞ୍ଚି ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆଯିବ ଓ ଏଭଳି ଆଉ ବିଦ୍ୟୁତ କାଟ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ଓହରିଥିଲେ। ଏଥିରେ ବସନ୍ତ ଗୁପ୍ତା, ବୈରାଗୀ ତନ୍ତୀ, ନନ୍ଦନ ସିଂ, ରାଜକୁମାର ଶତପଥୀ, ଉଗ୍ରେସନ ଦେଓ, ଅଶୋକ ସା, ବିନୋଦ ଗୁପ୍ତା, କାର୍ତ୍ତିକ ପ୍ରସାଦ ସାହୁ, ଶଙ୍କର୍ଷଣ ବେହେରା, ଗୋକୁଳାନନ୍ଦ ଦାନୀ, ପୁଟୁଲ ସିଂ, ମୁକୁନ୍ଦ ଦାନୀ ପ୍ରମୁଖଙ୍କ ସହ ଅନ୍ୟମାନେ ସବଷ୍ଟେସନ ଘେରଉରେ ସାମିଲ ଥିଲେ।

## ଗଛ ଭାଙ୍ଗି ରାସ୍ତା ଅବରୋଧ

**ବାଲିଶଙ୍କରା, ୨୫।୭ (ସମିସ):** ବାଲିଶଙ୍କରା ବ୍ଲକ ଶାଗବାହାଲ ପଞ୍ଚାୟତ ଲମଟି ଘାଟି ରାସ୍ତାରେ ପ୍ରବଳ ପବନ ବର୍ଷା ଯୋଗୁଁ ଗଛ ଭାଙ୍ଗି ପଡ଼ି ରାସ୍ତା ଅବରୋଧ ହୋଇଥିଲା। ଗଛ ପଡ଼ିବା ସମୟରେ ରାସ୍ତାରେ କେହି ନ ଥିଲେ। ଗ୍ରାମବାସୀ ବାଲିଶଙ୍କରା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାଲିଶଙ୍କରା ଅଗ୍ନିଶମ ବାହିନୀର ଏଲଏଫଏମ ପ୍ରମୋଦ କୁମାର ଭୋଇ, ମାଇକେଲ ସୋରେଙ୍ଗ, ଉମେଶ ଖଡ଼ିଆ, ଲିଙ୍ଗରାଜ ବଂଜାର, ରଞ୍ଜିତ ମିଞ୍ଜ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଆର୍‌ଏସ୍‌ପିର କ୍ରମାଗତ ଦୁଇଟି ରେକର୍ଡ

**ରାଉରକେଲା, ୨୫।୭ (ସମିସ):** ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମ୍‌ଆରଡି) କ୍ରମାଗତ ଦିନରେ ଏକଦିବସୀୟ ସ୍ଲାଗ୍ ନିଷ୍କାସନରେ ଦୁଇଟି ରେକର୍ଡ ସ୍ଥାପନ କରିଥିବା ଜଣାପଡ଼ିଛି। ଉକ୍ତ ବିଭାଗ ୨୩ ତାରିଖରେ ସର୍ବକାଳୀନ ଶ୍ରେଷ୍ଠ ୧୫୨ ଟ୍ରିପ୍ ବିଓଏଫ ସ୍ଲାଗ୍ ନିଷ୍କାସନ ହାସଲ କରି ରେକର୍ଡ ସ୍ଥାପନ କରିଥିଲା। ଅଧିକ ଦକ୍ଷତା ଏବଂ ସମନ୍ୱୟ ପ୍ରଦର୍ଶନ କରି, ବିଭାଗ ଏହାର ଠିକ ପରଦିନ ଅର୍ଥାତ୍ ଜୁଲାଇ ୨୪ ତାରିଖରେ



ବିଓଏଫ ସ୍ଲାଗ୍ ନିଷ୍କାସନରେ ୧୬୪ ଟ୍ରିପ୍ ସମ୍ପନ୍ନ କରି ପୂର୍ବଦିନର ସଫଳତାକୁ ଅତିକ୍ରମ କରି ବିଓଏଫ ସ୍ଲାଗ୍ ନିଷ୍କାସନରେ ନୂତନ ଏକଦିବସୀୟ ରେକର୍ଡ ସ୍ଥାପନ କରିଥିଲା। ସାମଗ୍ରୀ ପରିଚାଳନା ବିଭାଗର ବିପଣନ ଶାଖା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଏଜେନ୍ସିଗୁଡ଼ିକର ଘନିଷ୍ଠ ସହଯୋଗରେ ଟିମ୍ ଏମ୍‌ଆରଡିର ସାମୂହିକ ପ୍ରତିବଦ୍ଧତା, ନିରବଚ୍ଛିନ୍ନ ଦଳଗତ କାର୍ଯ୍ୟ ଏବଂ ଅକ୍ଲାନ୍ତ ପ୍ରୟାସ ଦ୍ୱାରା ଏହି ଉଲ୍ଲେଖନୀୟ ପ୍ରଦର୍ଶନ ସମ୍ଭବ ହୋଇ ପାରିଥିଲା। ଶୀର୍ଷ ପରିଚାଳନାର ନିରନ୍ତର ପ୍ରୋତ୍ସାହନ ଏବଂ ରଣନୈତିକ ମାର୍ଗଦର୍ଶନ ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଉଲ୍ଲେଖନୀୟ ଯେ, ବିଓଏଫ ସ୍ଲାଗ୍ ଭଳି ଉପ-ଉତ୍ପାଦଗୁଡ଼ିକୁ ଦକ୍ଷତାର ସହିତ ପରିଚାଳନା କରି ଏମଆରଡି ଆର୍‌ଏସ୍‌ପିର ସ୍ଥାୟିତ୍ୱ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରଭାବଶାଳୀ ନିଷ୍କାସନ ପ୍ରକ୍ରିୟା ନା କେବଳ ପରିବେଶଗତ ଭାରକୁ ହ୍ରାସ କରୁଛି ବରଂ କମ୍ପାନୀ ପାଇଁ ମୂଲ୍ୟବାନ ରାଜସ୍ୱ ମଧ୍ୟ ସୃଷ୍ଟି କରୁଛି। ଏହା ବ୍ୟତୀତ, ଏହା ସମ୍ବଳର ସର୍ବଶ୍ରେଷ୍ଠ ଉପଯୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ଏବଂ କାରଖାନାର ସବୁଜ ଇସ୍ପାତ ନିର୍ମାଣ ଦୃଷ୍ଟିକୋଣ ସହିତ ସମନ୍ୱିତ ମଧ୍ୟ ରହିଛି।

## ନିର୍ମାଣାଧୀନ କୋଠାରେ ନିଆଁ

**ରାଉରକେଲା, ୨୫।୭ (ସମିସ):** ବାସନ୍ତୀକଲୋନୀ ଅଞ୍ଚଳରେ ଏକ ନିର୍ମାଣାଧୀନ କୋଠାରେ ନିଆଁ ଲାଗି ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ବାସନ୍ତୀ କଲୋନୀ ବିଏଲ୍/୧୭୮ ଠାରେ ଶୁକ୍ରବାର ଏହି ଘଟଣା ଘଟିଥିଲା। ସୂଚନା ମୁତାବକ, ଉକ୍ତ ଘରର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉପର ମହଲାରେ ହଠାତ୍ ନିଆଁ ଲାଗି ଯାଇଥିଲା। କାମ କରୁଥିବା ଶ୍ରମିକମାନେ ନିଆଁ ଲିଭାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ସୂଚନା ମିଳିଛି।

## ସମାଜସେବୀ ଦାମୋଦର ମହାପାତ୍ରଙ୍କ ପରଲୋକ



**ରାଉରକେଲା, ୨୫।୭ (ସମିସ):** ସ୍ଥାନୀୟ ଛେଣ୍ଡ କଲୋନୀ ଦେବବିହାର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ସଦସ୍ୟ ତଥା ଶ୍ରୀ ଜଗନ୍ନାଥ ରଥଯାତ୍ରାରେ ପ୍ରଧାନ ସେବକ ସମାଜସେବୀ ଦାମୋଦର ମହାପାତ୍ରଙ୍କ ଆଜି ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଦେହାନ୍ତ ହୋଇଛି। ଦେହାନ୍ତ ସମୟରେ ବଡ଼ପୁଅ ଅକ୍ଷୟ ମହାପାତ୍ର, ସାନପୁଅ ଅଭୟ ମହାପାତ୍ର ପୁତ୍ରବଧୂ ସଂଯୁକ୍ତା ମହାପାତ୍ର, ଜୁଲିବାଳା ମହାପାତ୍ର, ଝିଅ ଶୈଳବାଳା ମହାପାତ୍ର, ନାତି ଅଭିଜିତ ମହାପାତ୍ର, ଅନିମେଷ ମହାପାତ୍ର, ଅଭିଷେକ ମହାପାତ୍ର, ନାତୁଣି ବୋହୂ ଚିତ୍ରାଙ୍ଗନା ମହାପାତ୍ର, ପୁତୁରା ପ୍ରଶାନ୍ତ ମହାପାତ୍ର, ନବ ମହାପାତ୍ର, ଅମୀୟ ମହାପାତ୍ର ଉପସ୍ଥିତ ଥିଲେ। କୁନ ବିହାରୀ ଦାସ, କାବୁଲି, ପ୍ରମୋଦ ରଣା, ବାବୁନା ଷଡ଼ଙ୍ଗୀ, ନିରାକାର ଲେଙ୍କା, ବିନୟ ପଟ୍ଟନାୟକ, ମୁନା ସାମଲ, ବାପି, ସଂଗ୍ରାମ ସାମନ୍ତରାୟ, ବିଶ୍ୱନାଥ ଦାସ, ପ୍ରଣୟ ନାୟକଙ୍କ ସହ ପରିବାରର ବହୁ ସଦସ୍ୟ ଓ ସମ୍ପର୍କୀୟ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଆଜି ରାତିରେ ଦାହ ସଂସ୍କାର କରାଯାଇଛି।

### ବିରଜା କ୍ଷେତ୍ର ସଂଘ ପକ୍ଷରୁ ଶୋକସଭା

ସ୍ୱର୍ଗତ ଦାମୋଦର ମହାପାତ୍ରଙ୍କ ବିୟୋଗରେ ରାଉରକେଲା ବିରଜା କ୍ଷେତ୍ର ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବିରଜା କ୍ଷେତ୍ର ସଂଘର ସଭାପତି ଇଂ ଅଭୟ କୁମାର ଦାସ, ଉପସଭାପତି ସଂଗ୍ରାମ କେଶରୀ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ସାମଲ, ଅକ୍ଷୟ ଜେନା, ନବଘନ ପାଣି, ସଞ୍ଜୟ କୁମାର ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅଧୀନ କୋଲଣଗିରି ଅଞ୍ଚଳ ବାସୀନ୍ଦା ସ୍ୱର୍ଗତ ଦାମୋଦର ମହାପାତ୍ର ଜଣେ ବିଶିଷ୍ଟ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି



**ରାଉରକେଲା, ୨୫।୭ (ସମିସ):** ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦ୍‌ଭାବନା ଭବନ ଠାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ବିଭିନ୍ନ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ଯତରା ପଡ଼ିଆଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଏଥି ନିମନ୍ତେ ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖ ସକାଳ ୭:୩୦ ଟା ସମୟରେ ପରେଡ ଅଭ୍ୟାସ କରାଯିବ। ଏହି ପବିତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ଅନ୍ୟାୟ କାର୍ଯ୍ୟାଳୟରେ ଆଲୋକସଜ୍ଜା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ଯତରା ପଡ଼ିଆଠାରେ ଜାତୀୟପତାକା ଉତ୍ତୋଳନ କରାଯିବା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ମିଳିତ ପରେଡ ଅନୁଷ୍ଠିତ ହେବ। ସେହିଭଳି ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସ୍‌କ୍ଲବ ଏବଂ ଜିଲ୍ଲା ବାର୍ ଆସୋସିଏସନ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜେଲ, ଆସ୍ଥା ଗୃହ ଏବଂ ସାର୍ଥକ ସ୍କୁଲରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଫଳ ଓ ମ୍ରିନ ବଣ୍ଟନ କରାଯିବ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ରନାଥ ମୁର୍ମୁ, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ସଦର ତହସିଲଦାର କୁଳମଣି ରଣବିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ରିଜର୍ଭ ଇନ୍ସପେକ୍ଟର ଲୋକନାଥ ଭୋଇ, ଅନ୍ୟାନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟକ୍ଷ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଦିନରେ ଦୁଇଟି ମନ୍ଦିର ହୁଣ୍ଡିରୁ ଚୋରି

**ରାଉରକେଲା, ୨୫।୭ (ସମିସ):** ଦୁଇଦିନ ପରେ ପୁଣି ଦୁର୍ବୃତ୍ତମାନେ ଏକମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି। ପ୍ଲାଣ୍ଟସାଇଟ୍ ଥାନା ଅଧୀନ ମହତାବ ରୋଡ୍ ରାମପୁରିଆ ବସ୍ତିସ୍ଥିତ ଶିବ ଶକ୍ତିମନ୍ଦିରରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ସୂଚନା ଅନୁସାରେ ଶୁକ୍ରବାର ସକାଳେ ମନ୍ଦିର ଖୋଲିବାପରେ ହୁଣ୍ଡି ତାଲା ଭଙ୍ଗା ଯାଇଥିବା ଦେଖିବାକୁ ମିଳିଥିଲା। ବିଗତ ଦିନରୁ ହୁଣ୍ଡି ଖୋଲାଯାଇ ନ ଥିବା ବେଳେ ପ୍ରାୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଥିବା କମିଟି ପକ୍ଷରୁ କୁହାଯାଇଛି। ଏନେଇ ପୁଲିସ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖ ରାତିରେ ସେକ୍ଟର -୧୬ ସ୍ଥିତ ତାରିଣୀ ମନ୍ଦିର ହୁଣ୍ଡି ତାଡି ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ହୁଣ୍ଡି ତାଡି ଟଙ୍କା ନେଇଯିବା ପରେ ମନ୍ଦିର ପଛ ପଟେ ପକାଇ ଚାଲି ଯାଇଥିଲେ। ଏହି ଦୁଇ ଘଟଣାକୁ ଦେଖିଲେ ମନ୍ଦିର ସୁରକ୍ଷା ତଥା ପୁଲିସ ପାଟ୍ରୋଲିଂ ଉପରେ ପ୍ରଶ୍ନ ଉଠିଛି।

## ବଣାଇଁଗଡ଼ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ପ୍ରବେଶ

**ବଣାଇଁ, ୨୫।୭ (ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟ ପ୍ରକୋଷ୍ଠରେ ଯୁକ୍ତଦୁଇ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଲିପିକା ପ୍ରଧାନ ସଭାପତିତ୍ୱ କରି ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦର୍ଶନ ବିଭାଗର ମୁଖ୍ୟ ଗୀତାଞ୍ଜଳି ଦାଶ, ରସାୟନ ବିଭାଗର ମୁଖ୍ୟ ପ୍ରେମସାଗର ମହାନ୍ତ, ଛାତ୍ରଛାତ୍ରୀ ଉପଦେଷ୍ଟା ତଥା ଇଂରାଜୀ ବିଭାଗର ମୁଖ୍ୟ ସତ୍ୟବ୍ରତ ନନ୍ଦ, ଓଡ଼ିଆ ବିଭାଗର ମୁଖ୍ୟ ଲକ୍ଷ୍ମୀ କୁଜୁର ପ୍ରମୁଖ ମଞ୍ଚାସିନ ଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଖଗେଶ୍ୱର ବେହେରା ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ଏହାସମେତ ଗଣିତ ବିଭାଗର ମୁଖ୍ୟ କୃଷ୍ଣଚନ୍ଦ୍ର ପଟେଲ, ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପକ ଶୀତଲ ମହାନନ୍ଦ ପ୍ରମୁଖ ମଞ୍ଚାସିନ ଥିଲେ। ଯୁକ୍ତ ଦୁଇ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ଜୟନ୍ତ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।



# ଯକ୍ଷ୍ମା ରୋଗୀଙ୍କୁ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସହାୟତା







**ରାଉରକେଲା, ୨୫।୭ (ସମିସ)**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପ୍ରଧାନମନ୍ତ୍ରୀ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକରେ ଯକ୍ଷ୍ମା ରୋଗୀଙ୍କୁ ସହାୟତା ପ୍ରଦାନ କରାଯାଇଛି। 'ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ'କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ବେଦାନ୍ତ କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ସହିତ ମିଶି ୬୩ ଯକ୍ଷ୍ମା ରୋଗୀଙ୍କୁ ଏକବର୍ଷ ପାଇଁ ପୁଷ୍ଟିକର କିଟ୍ ପ୍ରଦାନ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଆଶାକର୍ମୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପୁଷ୍ଟିକର କିଟ୍ ହସ୍ତାନ୍ତର କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'କେନ୍ଦ୍ର ସରକାରଙ୍କ ନିକ୍ଷୟ ମିତ୍ର ମାଧ୍ୟମରେ ଏକ 'ଯକ୍ଷ୍ମାମୁକ୍ତ ଭାରତ' ଗଠନ କରିବା ପାଇଁ ଜାତୀୟ ମିଶନରେ ଯୋଗଦାନ ଦେବାକୁ ବେଦାନ୍ତ ଲକ୍ଷ୍ୟ ରଖିଛି। ଆଜି ପର୍ଯ୍ୟନ୍ତ ଝାରସୁଗୁଡା ଏବଂ କଳାହାଣ୍ଡିରେ ୫୫୦ରୁ ଅଧିକ ଯକ୍ଷ୍ମା ରୋଗୀଙ୍କୁ ବେଦାନ୍ତ ପକ୍ଷରୁ ସହାୟତା କରାଯାଇଥିବାବେଳେ ଏବେ ଏହି ସେବାକୁ ସୁନ୍ଦରଗଡ଼ ଜିଲ୍ଲାରେ ବିସ୍ତାର କରି କମ୍ପାନୀ ବେଶ୍ ଉତ୍ସାହିତ। ଯାହା ଦେଶର ଦୁର୍ଗମ ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି ବୋଲି ସେ କହିଥିଲେ। ଏହି ଅବସରରେ ସୁନ୍ଦରଗଡ଼ର ସିଡିଏମଓ ଡ. ସୁରେଶ ଚନ୍ଦ୍ର ମହାନ୍ତି କହିଛନ୍ତି, ସାଧାରଣତଃ ଦୂରଦୂରାନ୍ତ ଅଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଏକ ଚ୍ୟାଲେଞ୍ଜ ହୋଇଥିବାବେଳେ ବେଦାନ୍ତର ସମର୍ଥନ ଯକ୍ଷ୍ମା ଚିକିତ୍ସା ଫଳାଫଳକୁ ଉନ୍ନତ କରିବ ଏବଂ ତୃଣମୂଳସ୍ତରରେ ଉତ୍ତମ ଯତ୍ନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରୟାସକୁ ମଜଭୁତ କରିବ। ଉଲ୍ଲେଖଯୋଗ୍ୟ ଯେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି।

# ରାଜ୍ୟ ଶିକ୍ଷା ବିଭାଗର ସଂସ୍କୃତ ଉଚ୍ଛେଦ ନୀତିକୁ ବିରୋଧ

ବାଲେଶ୍ୱର, ୨୫ା୭ (ସମିସ): ଓଡ଼ିଶା ସରକାରଙ୍କ ସଂସ୍କୃତ ଉଚ୍ଛେଦ ନୀତିକୁ ରାଜ୍ୟର ସମସ୍ତ ସଂସ୍କୃତ ସଂଗଠନ ବିରୋଧ କରିଛି। ମାଧ୍ୟମିକ ଶିକ୍ଷା ପରିଷଦ ଚିଠି ସଂଖ୍ୟା ୧୮୧୮ ତା, ୨୩-୦୭-୨୫ ତାରିଖ ଅନୁସାରେ ରାଜ୍ୟର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ଭୋକେସନାଲ ଶିକ୍ଷା ଆରମ୍ଭ କରିବାକୁ ନିର୍ଦ୍ଦେଶ ଆସିଛି। ପୂର୍ବରୁ ପ୍ରାୟ ୩୦୦୦ ବିଦ୍ୟାଳୟରେ ଏହା ପ୍ରଚଳିତ ହୋଇଆସୁଛି। ହେଲେ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ସ୍ଥାନରେ ଛାତ୍ରଛାତ୍ରୀ ଏହି ଭୋକେସନାଲ ପଢ଼ିବା ବ୍ୟବସ୍ଥା ହୋଇଛି। ଫଳରେ ଅଧିକ ଅଙ୍କ ଆଣିବା ବା ବୈଷୟିକ ଜ୍ଞାନ ଆହରଣ କରିବାକୁ ଛାତ୍ରଛାତ୍ରୀ ଅଧିକ ଆଗ୍ରହ ପ୍ରକାଶ କରି ଭାଷାଶିକ୍ଷା ଛାଡି ଭୋକେସନାଲ ନେଉଛନ୍ତି। ଦୁଃଖର ବିଷୟ ଯେ, ଯେଉଁମାନେ ଭାଷାଶିକ୍ଷା କରୁଛନ୍ତି ସେମାନେ ଭୋକେସନାଲ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବିଦ୍ୟାଳୟମାନଙ୍କରୁ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦ ଉଚ୍ଛେଦ କରିଦିଆଯାଉଛି। ଇଂରେଜଙ୍କ ପରେ କଂଗ୍ରେସ ସରକାର ଯେଉଁ ଧାରା ଚଳାଇଥିଲେ ବର୍ତ୍ତମାନ ବିଜେପି ସରକାର ମଧ୍ୟ ତାହା ଜାରି ରଖିଛନ୍ତି। ଏହାର ତୀବ୍ର ବିରୋଧ କରି ଗୁଗଲ ଦ୍ୱାରା ରାଜ୍ୟର ଶତାଧିକ ସଂସ୍କୃତ ଶିକ୍ଷକ ପ୍ରତିବାଦ୍ କରିଥିଲେ। ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସଙ୍କ ପୌରୋହିତ୍ୟରେ ସଭା ଆୟୋଜନ ହୋଇଥିଲା। ଏଥିରେ ସାଧାରଣ ସମ୍ପାଦକ ଡଃ କୁମାର ଚନ୍ଦ୍ର ମିଶ୍ର, ସଂସ୍କୃତ ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ପ୍ରମୁଖ ସଦାଶିବ କ୍ୟାମ୍ପସ ଶିକ୍ଷା ଶାସ୍ତ୍ରୀ ଅଧ୍ୟାପକ ରମାକାନ୍ତ ସା, ଲୋକ ଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼ଃ ସଦାନନ୍ଦ ଦୀକ୍ଷିତ, ସମ୍ପାଦକ ବିଭୂତି ନାରାୟଣ କର, ଡଃ ବିପିନ ବିହାରୀ ଶତପଥ, ନୟାଗଡ଼ ସଂସ୍କୃତ ବିକାଶ ପରିଷଦର ଅଧ୍ୟକ୍ଷ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ପଣ୍ଡିଚେରୀର ଡଃ ଚକ୍ରଧର ବେହେରା, ଅଧ୍ୟାପକ ବୁଦ୍ଧେଶ୍ୱର ଷଡ଼ଙ୍ଗୀ, ଅଖିଳ ଭାରତୀୟ ଶୈକ୍ଷିକ ରାଜ୍ୟ ସଂଘର ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ, ଉପ ସଭାପତି ମଧୁସୂଦନ ମିଶ୍ର, ଲମ୍ବୋଦର ଶତପଥୀ, କନକଲତା ଜେନା, ସଞ୍ଜୟ ଷଡ଼ଙ୍ଗୀ, ଭଦ୍ରକ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ପ୍ରମୋଦ କୁମାର ନାୟକ, ବକ୍ତା ବିଶ୍ୱନାଥ ଦାଶ, ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସମ୍ପାଦକ ବିନାୟକ ତ୍ରିପାଠୀ, କୋଷାଧ୍ୟକ୍ଷ ଡଃ ବିଷ୍ଣୁ ଚରଣ ରାଉତ, ସଂଗଠନ ସମ୍ପାଦକ ସୁକାନ୍ତ କର, ସହ ସମ୍ପାଦକ ଅଶ୍ୱିନୀ ପଣ୍ଡା, ଡଃ ଦୁର୍ଗାପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ସାହୁ, ବାସବ ନନ୍ଦ, ଅମିତାଭ ପଣ୍ଡା, ବାପୁଜୀ ମହାରଣା ଏବଂ ଅଧିକାଂଶ ଜିଲ୍ଲାର ସଭାପତି ସମ୍ପାଦକ ସହିତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ମତାମତ ଦେଇଥିଲେ। ସଂଗଠନ ସମ୍ପାଦକ ସୁକାନ୍ତ କର ଗୁଗଲ ସଞ୍ଚାଳନ କରିଥିଲେ। ଡଃ ଦୁର୍ଗାପ୍ରସାଦ ମିଶ୍ର ବେଦପାଠ କରିଥିଲେ। ବିନାୟକ ତ୍ରିପାଠୀ ପ୍ରାରମ୍ଭରେ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଡଃ ଅକ୍ଷୟ କୁମାର ଦାଶ ସଭିଏଁ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ସରକାରଙ୍କ ଏଭଳି ସଂସ୍କୃତ ମାରଣ ନୀତିକୁ ବିଭିନ୍ନ ସଂସ୍ଥା ତରଫରୁ ରାଜରାସ୍ତା ଓ ଆଇନର ଆଶ୍ରୟ ନେବା ପୂର୍ବରୁ ପୁଣି ଥରେ ଆଲୋଚନା କରିବାକୁ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା।

### ରାଜ୍ୟ ସରକାରଙ୍କ ଖରିଫ ଧାନ ସଂଗ୍ରହ ଓ ଚାଷୀ ପଞ୍ଜୀକରଣ ପ୍ରସଙ୍ଗ

# ଚାଷୀଙ୍କ ପଞ୍ଜୀକରଣରେ ବାଧକ ହୋଇଛି ନୂଆ ନିୟମ

ବାଲେଶ୍ୱର, ୨୫ା୭ (ସମିସ)



- ବିଜେଡିର ପ୍ରତିନିଧି ଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର
- ଜଟିଳ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ ବା ବାତିଲ ଦାବି

ତିନି ଚାରି ମାସ ପରେ ଖରିଫ ଧାନ ସଂଗ୍ରହ ଅଭିଯାନ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଗତ ଜୁଲାଇ ୧୯ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଫର୍ମ ବଣ୍ଟନ କରାଯିବ ଏବଂ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କ ପଞ୍ଜୀକରଣ କରାଯିବ। ଏଥିପାଇଁ ପ୍ରକାଶିତ ନିୟମାବଳୀ ଚାଷୀକୂଳଙ୍କ ପାଇଁ ଏକ ଷଡ଼ଯନ୍ତ୍ର ସଦୃଶ ପ୍ରତୀୟମାନ ହେଉଛି ବୋଲି ଅଭିଯୋଗ ହେଉଛି। ଅନ୍ୟପ୍ରକାରେ କହିବାକୁ ଗଲେ ହାତଗୋଡ଼ ବାନ୍ଧିଦେଇ ଦୌଡ଼ିବାକୁ କୁହାଯିବା ଭଳି ଅସଙ୍ଗତିମୂଳକ ନିର୍ଦ୍ଦେଶନାମା ଚାଷୀମାନଙ୍କର ସହଜ ପଞ୍ଜୀକରଣ ପ୍ରକ୍ରିୟାରେ ଅନ୍ତରାୟ ସୃଷ୍ଟି କରୁଛି। ଫଳରେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି ଏବଂ ଘୋର ଅସନ୍ତୋଷ ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲ୍ଲାପାଳଙ୍କୁ ଭେଟି ଉକ୍ତ ବିବାଦମାନ, ଅବଧ ଓ ଅନାବଶ୍ୟକ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାକୁ ଯଥାଶୀଘ୍ର ସରଳୀକରଣ କରାଯିବା ବା ବାତିଲ କରିବାକୁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟଥା ବହୁ ଚାଷୀ ଖରିଫ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ ବୋଲି କହିଥିଲେ। ପ୍ରକାଶଥାଉ କି, ନିକଟରେ ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ ଓ ଚାଷୀ ପଞ୍ଜୀକରଣ ସମ୍ପର୍କିତ ସରକାରଙ୍କ ନିୟମାବଳୀରେ ପରିବର୍ତ୍ତନ କରିଛନ୍ତି। ଏଥିରେ ଥିବା ଅସଙ୍ଗତିଗୁଡ଼ିକ ହେଲା ଲିଗାଲହେୟାର ସାର୍ଟିଫିକେଟ ବାଧ୍ୟତାମୂଳକ ହୋଇଛି। ମୃତ ବାପାର ଲିଗାଲହେୟାର ସାର୍ଟିଫିକେଟ ଏବଂ ମୃତ୍ୟୁ ପ୍ରମାଣପତ୍ର ପୁଅ ସାଙ୍ଗରେ ସମିତିକୁ ଧରି ଆସିବ। କେତେକ ସ୍ଥଳେ ୧୦ରୁ ୧୫ ବର୍ଷ ପୂର୍ବେ ବାପ ମରିଯାଇଛି ଏବଂ ୫ ପୁଅଙ୍କ ମଧ୍ୟରୁ କାହା ପାଖରେ ମୃତ୍ୟୁ ପ୍ରମାଣପତ୍ର ଅଛି ତାହାକୁ ନେଇ ଏବେ ବହୁସ୍ଥାନରେ ପୁଅମାନଙ୍କ ଭିତରେ କଳି ଏବଂ ସମସ୍ୟା ଆରମ୍ଭ ହୋଇଯାଇଛି ବୋଲି ଅଭିଯୋଗ ହେଉଛି। ଏଥିସହ ନିଜ ସହିତ ଭାଇମାନଙ୍କ ନାମରେ ଥିବା ଜମିକୁ ପଞ୍ଜିକୃତ କରିବାକୁ ହେଲେ ଅନ୍ୟ ଭାଇମାନଙ୍କ ସହମତି ଓ ଦସ୍ତଖତ ଆବଶ୍ୟକ ଯାହକି ବହୁସ୍ଥଳେ ତାହା ଅସମ୍ଭବ ଅଟେ। ଆଧାର ସଂଯୋଗ ନହେଲେ ଏଥର ଚାଷୀ ପଞ୍ଜୀକରଣ ହୋଇପାରିବ ନାହିଁ। ଚାଷୀଙ୍କ ଧାନ ଟଙ୍କା ଯେଉଁ ବ୍ୟାଙ୍କକୁ ଯିବ ସେହି ବ୍ୟାଙ୍କ ଖାତା ଓ ଆଧାର ମଧ୍ୟରେ ଇ-କେୱାଇସି ସଂଯୋଗ କରିବାକୁ ବାଧ। ଅଧିକାଂଶ ଚାଷୀ ନିଜ ବ୍ୟାଙ୍କ ଖାତାରେ ଇ-କେୱାଇସି କରିନାହାନ୍ତି। ତେଣୁ ପଞ୍ଜୀକରଣ ପାଇଁ ସେମାନେ ଅସୁବିଧାର ସମ୍ମୁଖୀନ ହେବେ। ଭାଗ ଚାଷୀ ପଞ୍ଜୀକରଣ ପାଇଁ ଏଥର ନିଜ ଜମି ମାଲିକଙ୍କୁ ଧରି ସାଙ୍ଗରେ ଆସିବେ। ସୋସାଇଟି ସମ୍ପାଦକଙ୍କ ଆଗରେ ପଞ୍ଜୀକରଣ ଫର୍ମରେ ଜମି ମାଲିକ ଓ ଭାଗଚାଷୀ ଉଭୟ ଦସ୍ତଖତ କରିବେ। ଜମିମାଲିକ ଧାନ ଚାଷ ନ କରିଥିଲେ ମଧ୍ୟ ଭାଗ ଚାଷୀ କରିଥିବାରୁ ନିଜ ସହମତି ସେହି ଫର୍ମରେ ଦସ୍ତଖତ କରିବେ ଓ ତାହା ପଞ୍ଜୀକରଣ ଆପରେ ଲୋଡ୍‌ହେବ ଏବଂ ଚାଷୀକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ। ଚଳିତ ବର୍ଷ ପଞ୍ଜୀକରଣ ପାଇଁ ସମସ୍ତ ଚାଷୀଙ୍କର ଆଖି ସ୍କାନ ଜରୁରି ହୋଇଛି। ଏଥିରେ କେତେକ ସ୍ଥଳେ ୬୦ବର୍ଷରୁ ଅଧିକ ଚାଷୀ ପଞ୍ଜୀକରଣରେ ଅସୁବିଧାର ସମ୍ମୁଖିନ ହେବେ କାରଣ ବାୟୋମେଟ୍ରିକସ୍ ଯାଞ୍ଚ ପ୍ରକିୟାରେ ସେମାନଙ୍କର ଏରୋର୍ ହେବ; ଫଳରେ ସେମାନେ ବଞ୍ଚିତ ହେବେ। ଆଗରୁ ପଞ୍ଜୀକରଣ ସମୟରେ ଡ୍ରାଫ୍ଟ, ସେଭ୍ ଏବଂ ଏଡିଟ୍ ଅପ୍ସନ୍ ରହୁଥିଲା; କିନ୍ତୁ ବର୍ତ୍ତମାନ ତାହା ଉଠାଇ ଦିଆଯାଇଛି। ସାମାନ୍ୟ ଭୁଲ ପାଇଁ ପୁନଃ ପଞ୍ଜୀକରଣ କରିବାକୁ ପଡୁଛି। ପ୍ରଥମେ ଚାଷୀଭାଇମାନେ ଅଳ୍ପ ସମୟ ପାଇଁ ସମିତିକୁ ଆସୁଥିଲେ ଏବଂ ନିଜ ମୋବାଇଲରେ ଓଟିପି ଦେଇ କାମସାରି ଯାଉଥିଲେ। ଏହି ନୂତନ ବ୍ୟବସ୍ଥା ଫଳରେ ଦିନକୁ ସର୍ବାଧିକ ୧୦ ରୁ ୩୦ଟି ପଞ୍ଜୀକରଣ କରିବା ସମ୍ଭବ ହେଉଛି। ବେଳେବେଳେ ସର୍ଭର୍ ସ୍ଲୋ ପାଇଁ ଚାଷୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏହିସବୁ କାରଣରୁ ଚାଷୀମାନେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେଡି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଗୌରାଙ୍ଗ ପାଢ଼ୀ, କ୍ଷତିଶ ମହାନ୍ତି, ବିଦ୍ୟାସ୍ମିତା ମହାଳିକ, ଅଜୟ ସାମଲ, ଦେବ ଦେ, ଅଜୟ ମହାଳିକ, ଶାନ୍ତନୁ ଦାସ, ସଞ୍ଜୀବ ଦାସ, ଇନ୍ତେଖାବ ଅଲି ଖାନ୍, ଅଞ୍ଜନ ଦଣ୍ଡପାଟ, ତପନ ଦାସ, ସଂଗ୍ରାମ ମଲ୍ଲିକ, ଅନିରୁଦ୍ଧ ପ୍ରଧାନ, ଶରତ ବେହେରା, ମୃତ୍ୟୁଞ୍ଜୟ ବେହେରା, ଶୁଭମ୍ ସାଇ ମହାପାତ୍ର, ରଞ୍ଜୀତା ମହାପାତ୍ର, ରୋଜି ପଟ୍ଟନାୟକ, ଅଶ୍ରିତା ତରାଇ, ସୋନାଲି ସାହା, ଜୟନ୍ତୀ ଦତ୍ତ, ହରପ୍ରିୟା ରଣାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ବାଲେଶ୍ୱର, ୨୫ା୭ (ସମିସ): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଓ ମୁଖପତ୍ର ପ୍ରକାଶନ ସମ୍ପର୍କରେ ଆଲୋଚନା ପାଇଁ ସାଧାରଣ ସମ୍ପାଦକ ଦାମୋଦର ନାୟକ ଜଣାଇଥିଲେ। ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଅକ୍ଟୋବର ୧ ତାରିଖରେ ପ୍ରତିବର୍ଷ ପାଳିତ ହୋଇଥାଏ। ଚଳିତବର୍ଷ ଏହା ଦୁର୍ଗାପୂଜାର ମହାନବମୀ ଦିନ ପଡୁଥିବାରୁ ଏସମ୍ପର୍କରେ ରାଜ୍ୟସରକାର ଓ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ନିଷ୍ପତି ନିଆଯାଇଛି। ଏହାବ୍ୟତୀତ ବରିଷ୍ଠ ନାଗରିକମାନଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା, ଜିଲ୍ଲାସ୍ତରରେ ବରିଷ୍ଠ ନାଗରିକମାନଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟକ୍ଷମ କରିବା, ପୁଲିସ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ, ସମସ୍ତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଆବେଦନପତ୍ରର ତୁରନ୍ତ ସମାଧାନ କରିବା, ସରକାରୀ ମଞ୍ଜୁରୀପ୍ରାପ୍ତ ବହୁମୁଖୀ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଆରମ୍ଭ କରିବା ଆଦି ଦାବି ଉପରେ ସର୍ବଶ୍ରୀ ଗିରିଶ ଚନ୍ଦ୍ର ଦାଶ, କମଳାକାନ୍ତ କାନ୍ତ ବେହେରା, ଗୌରାଙ୍ଗ ପାଣିଗ୍ରାହୀ ଓ ଦେବେନ୍ଦ୍ର ଚୌଧୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ସମସ୍ତ କର୍ମକର୍ତ୍ତା ଉଦ୍ୟମ କରିବାକୁ କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଘୋଷ ପ୍ରସ୍ତାବ ଦେଇଥିଲେ। ଆରମ୍ଭରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମହୁତି ଦେଇଥିବା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ଉପରେ ପୁଲିସ୍ ସଠିକ୍ ତଦନ୍ତ କରି ଅପରାଧୀମାନଙ୍କୁ କଠୋର ଦଣ୍ଡ ଦେବାକୁ ବୈଠକରେ ଦାବି କରାଯାଇଛି। ବୈଠକରେ ସର୍ବଶ୍ରୀ ଗୋପୀନାଥ ଦାସ, ପଦ୍ମଲୋଚନ ପାତ୍ର ଓ ସୀତାରାମ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଯଶୋଦାନନ୍ଦନ ଆଶ୍ ଧନ୍ୟବାଦ ଦେଇଥିଲେ।

## ଗୀତାଞ୍ଜଳି ପିସ୍ ଫାଉଣ୍ଡେସନ ସମ୍ବର୍ଦ୍ଧିତ




ବାଲେଶ୍ୱର, ୨୫ା୭ (ସମିସ): ସାମ୍ବାଦିକ ସଂଗଠନ 'ପ୍ରେସ୍ ଇମ୍ପ୍ରେସ୍ ମିଡିଆ କ୍ଲବ୍'ର ବାର୍ଷିକ ଉତ୍ସବରେ ଗୀତାଞ୍ଜଳି ପିସ୍ ଫାଉଣ୍ଡେସନକୁ ସମ୍ବର୍ଦ୍ଧିତ କରାଯାଇଛି। ଫାଉଣ୍ଡେସନ ଅଧ୍ୟକ୍ଷା ଏସ୍ ଗୀତାଞ୍ଜଳି ଉପସ୍ଥିତ ରହି ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଗ୍ରହଣ କରିଥିଲେ। ସମ୍ବର୍ଦ୍ଧନା ଅବସରରେ ପ୍ରେସ୍ ଇମ୍ପ୍ରେସ୍ ମିଡିଆ କ୍ଲବ୍‌କୁ ଶ୍ରୀମତୀ ଗୀତାଞ୍ଜଳି କୃତଜ୍ଞତା ଜଣାଇଥିଲେ।

## ସ୍ୱାସ୍ଥ୍ୟ ସେବକ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ କର୍ମଶାଳା




ବାଲେଶ୍ୱର, ୨୫ା୭ (ସମିସ): ଜିଲ୍ଲାରେ ଡାଇରିଆ ସହିତ ସମ୍ପୃକ୍ତ ଶିଶୁମାନଙ୍କ ଜୀବନକୁ ସୁରକ୍ଷିତ କରିବା ଲକ୍ଷ୍ୟରେ କେନ୍ଦ୍ରିତ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୁକ୍ତ ଉଦ୍ୟମରେ ଏବଂ ୟୁନିସେଫ-ଓଡ଼ିଶାର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡକ୍ଟର ପରେଶ ଚନ୍ଦ୍ର ନନ୍ଦୀ ଏହାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଡିହାଇଡ୍ରେସନ ବିଷୟରେ ଏକ ବୈଷୟିକ ଅଧିବେଶନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଉଲ୍ଲେଖ କରିଥିଲେ। ଡକ୍ଟର ପ୍ରଦୀପ କୁମାର କର ଅଭିଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଭାତ କୁମାର ବେହେରା ସାମୁଦାୟିକ ସମ୍ପୃକ୍ତି, ପ୍ରତିରୋଧମୂଳକ ପଦକ୍ଷେପ ଓ ବ୍ୟବହାରିକ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଡକ୍ଟର ଆଦିତ୍ୟ ମହାପାତ୍ର (ଅତିରିକ୍ତ ନିର୍ଦ୍ଦେଶକ-ଶିଶୁ ସ୍ୱାସ୍ଥ୍ୟ) ନିଜ ଅଭିଭାଷଣ ଓ ଅଧିବେଶନରେ ତଥ୍ୟ ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ଓ ଏକାକୀ ଆଲୋଚନା ସହ ଅନୁପ୍ରେରଣାଦାୟକ ଭାଷଣ ଦେଇଥିଲେ। ୟୁନିସେଫର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଚକ୍ରଧର ସାହୁ, ବ୍ୟାବହାରିକ ଜୀବନରେ ସ୍ୱଚ୍ଛତା, ଦୁର୍ଗମ ଅଞ୍ଚଳର ସମୁଦାୟମାନଙ୍କ ଲାଗି ସଚେତନତା ଓ ଡାଇରିଆ ନିୟନ୍ତ୍ରଣ ଜନ ଅଭିଯାନ ଯଥା ଆଇଡିସିଏଫର କାର୍ଯ୍ୟକାରିତା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇ ଆଲୋଚନା ଓ କାର୍ଯ୍ୟପ୍ରଣାଳୀ ରୂପରେ ସକ୍ରିୟ ଭାଗ ନେଇଥିଲେ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟବହାରିକ ପରିବର୍ତ୍ତନ ଓ ସମୟୋଚିତ ହସ୍ତକ୍ଷେପର ଆବଶ୍ୟକତାକୁ ପୁନରୁଚ୍ଚାର କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀମାନେ ଏହି କ୍ଷେତ୍ରରେ ବିଭିନ୍ନ ବିଭାଗ ମଧ୍ୟରେ ଏକତା ଓ ନିୟମିତ ସାମଗ୍ରୀ ପ୍ରଦାନ ଶୃଙ୍ଖଳା ଗଢ଼ିବା ଉପରେ ଜୋର୍ ଦେଇଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ସ୍ମିତି ପାଢ଼ୀ (ଅଧ୍ୟାପିକା, ଫକୀରମୋହନ ବିଶ୍ୱବିଦ୍ୟାଳୟ) ସଞ୍ଚାଳନ କରିଥିଲେ। ଶେଷରେ ପ୍ରଦୀପ କୁମାର (ଏଡିପିଏଚ୍‌ସିଓ-ଇନଚାର୍ଜ) ଧନ୍ୟବାଦ ଅର୍ପଣ କରିଥିଲେ।

# ଦୂର ହେଉନି ଜଳ ନିଷ୍କାସନ ସମସ୍ୟା

ବାଲେଶ୍ୱର, ୨୫ା୭ (ସମିସ)



- ଡ୍ରେନେଜ ମାଷ୍ଟର୍ ପ୍ଲାନର ଚୂଡ଼ାନ୍ତ ସର୍ଭେ
- ସହରର ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ
- ସଫେଇ ପାଇଁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା, ହେଲେ ସୁଫଳ ନାହିଁ

ବର୍ଷା ହେଲେ ପଦାରେ ପଡୁଛି ସହରର ଜଳ ନିଷ୍କାସନ ସମସ୍ୟା। ପୌରପାଳିକା ପକ୍ଷରୁ ଯେତେ ମହାନାଳ ସଫେଇ କଲେ ବି ବର୍ଷକୁ ବର୍ଷ ଜଳ ନିଷ୍କାସନ ସମସ୍ୟା ଅଧିକ ମୁଣ୍ଡ ଟେକିବାରେ ଲାଗିଛି। ପ୍ରତିବର୍ଷ ବର୍ଷା ଆସିବା ପୂର୍ବରୁ ପୌରପାଳିକା ପକ୍ଷରୁ ମହାନାଳ ସଫେଇ ହୋଇଥାଏ ଏବଂ ଚଳିତବର୍ଷ ମଧ୍ୟ ହୋଇଥିଲା। ହେଲେ ଏହାଦ୍ୱାରା ମଧ୍ୟ କୌଣସି ସମାଧାନର ବାଟ ଫିଟିଲା ନାହିଁ। କାରଣ ବର୍ଷା ହେବା ମାତ୍ରେ ଜଳାର୍ଣ୍ଣବ ହୋଇଯାଉଛି ବାଲେଶ୍ୱର ସହର ଏବଂ ପାଣି ଯିବାକୁ ବାଟ ମଧ୍ୟ ନାହିଁ। ଅସରାଏ ବର୍ଷା ହେଲେ ସହରର ମୁଖ୍ୟ ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଗତକାଲିଠାରୁ ଲଘୁଚାପ ପାଇଁ ଆରମ୍ଭ ହୋଇଥିବା ବର୍ଷା ପାଇଁ ଅନେକ ଜାଗାରେ ପାଣି ନିଷ୍କାସନ ହୋଇପାରୁନି। ତଳିଆ ଅଞ୍ଚଳରେ ପାଣି ଜମିବାରେ ଲାଗିଛି। ବିଶେଷକରି ଏହି ସାମାନ୍ୟ ବର୍ଷାରେ ରେମୁଣା ନୂଆସାହି ଛକରେ କୃତ୍ରିମ ବନ୍ୟା ସ୍ଥିତି ଦେଖାଦେଉଛି। ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଯାତାୟାତରେ ସବୁଠାରୁ ଅଧିକ ସମସ୍ୟା ଦେଖାଦେଉଛି। ସହରର ସୁରଜ ହୋଟେଲଠୁ ଆରମ୍ଭ କରି ନୂଆସାହି ଛକସ୍ଥିତ ଚନ୍ଦ୍ରଭାଗା ହୋଟେଲ ପର୍ଯ୍ୟନ୍ତ ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିବା ସହ ସ୍ଥାୟୀ ସମାଧାନ କରିବାକୁ ଦାବିକରି ଆସିଛନ୍ତି। କୃତ୍ରିମ ବନ୍ୟାର ସ୍ଥାୟୀ ପ୍ରତିକାର ମଧ୍ୟ ହୋଇପାରୁନି। ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନଥିବାରୁ ପାଣି ଜମି ରହିବା ସହ ସେହି ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟିହୋଇ ଆସୁଛି। ଏଥିଯୋଗୁଁ ବିଶେଷ କରି ବାଲିଆ, ଟୁଲଙ୍ଗସାହି, ନୂଆସାହି, ସରସ୍ୱତୀପୁର, ଗୁଡିପଦା, ଶୋଭାରାମପୁର, ମୈତ୍ରୀ ନଗର, ଅଙ୍ଗାରଗଡ଼ିଆ ପରି ବହୁ ଅଞ୍ଚଳର ଲୋକେ ଅସୁବିଧାରେ ପଡୁଛନ୍ତି ଏବଂ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିଶେଷକରି ସହରରେ ଜଳ୍ ନିଷ୍କାସନ ବାଟ ନାହିଁ। ପ୍ରତିବର୍ଷ ହନ୍ତସନ୍ତ ହେଉଛନ୍ତି ସହରବାସୀ। ଅନ୍ୟପଟେ ବାଲେଶ୍ୱର ସହରର ଜଳ ନିଷ୍କାସନ ସମସ୍ୟା ନିବାରଣ ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ ସରିଥିବା ଜଣାପଡ଼ିଛି। ପୂର୍ଣ୍ଣାଙ୍ଗ ଡିପିଆର ପ୍ରସ୍ତୁତି ପରେ ଆରମ୍ଭ ହେବ ପ୍ରକଳ୍ପ କାର୍ଯ୍ୟ। ସହରରେ ବର୍ଷ ବର୍ଷ ଧରି ପ୍ରମୁଖ ଭାବେ ଦେଖା ଦେଉଥିବା ଉଦ୍‌ବୃତ ବର୍ଷାଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହିକ୍ରମରେ ସହରରେ ମହାନାଳଗୁଡ଼ିକର ପୁନରୁଦ୍ଧାର ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏନେଇ ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁଙ୍କ ଉପସ୍ଥିତିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଭାଗିରଥି ମହାନ୍ତି ବାଲେଶ୍ୱର ସହର ତଥା ଉପକଣ୍ଠରେ ବର୍ଷା ଜଳ ନିଷ୍କାସିତ ହୋଇନପାରି ସମସ୍ୟା ସୃଷ୍ଟି କରୁଥିବା ଅଞ୍ଚଳ ପରିଦର୍ଶନ ସହ ସେଠାକାର ସ୍ଥିତି ପରଖିଥିଲେ। ଏହି ଅବସରରେ ସଦର ବିଧାୟକ ଶ୍ରୀ ଦତ୍ତ ବାଲେଶ୍ୱର ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳ ଦେଇ ଯାଇଥିବା ମହାନାଳଗୁଡିକର ଅବସ୍ଥିତି ସମ୍ପର୍କରେ ମ୍ୟାପ୍ ଜରିଆରେ ବୁଝାଇଥିଲେ। ସହରର ବିଭିନ୍ନ ସ୍ଥାନରେ ମହାନାଳ ଅବରୋଧ ହେବାକୁ ନେଇ ସର୍ଭେ ସମୟରେ ଉଦ୍‌ବେଗ ପ୍ରକାଶ ସହ ମହାନାଳ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ଅବରୋଧ ହଟାଯିବା ଉପରେ ମୁଖ୍ୟ ଯନ୍ତ୍ରୀ ଶ୍ରୀ ମହାନ୍ତି ଗୁରୁତ୍ୱାରୋପ କରିଥିଲେ।

ସେହିପରି ପୁନରୁଦ୍ଧାର ଯୋଜନାରେ ନାଳଗୁଡ଼ିକର ସମସ୍ତ କାର୍ଯ୍ୟ କଂକ୍ରିଟ ମାଧ୍ୟମରେ କରିବାକୁ ପ୍ରସ୍ତାବ ଦିଆଯାଇଛି। ସର୍ଭେ ସମୟରେ ଜଳସେଚନ, ଡ୍ରେନେଜ ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ଆଖପାଖ ଅଞ୍ଚଳ ଓ ସହର ମଧ୍ୟଦେଇ ଯାଉଥିବା ମୋଟ ୬ଟି ମହାନାଳର ସଂସ୍କାର ଯୋଜନା ପାଇଁ ଡ୍ରେନେଜ ମାଷ୍ଟର ପ୍ଲାନର ଚୂଡ଼ାନ୍ତ ସର୍ଭେ ଶେଷ ହୋଇଥିବା ବେଳେ ଖୁବଶୀଘ୍ର ଡିପିଆର ପ୍ରସ୍ତୁତ ହେବା ସହିତ ରାଜ୍ୟ ସରକାରଙ୍କ ପାଖରୁ ଆବଶ୍ୟକୀୟ ଅନୁଦାନ ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ପ୍ରତିବର୍ଷ ଧରି ସହରରେ ଡ୍ରେନେଜ୍ କାମ ହେଉଛି। ମହାନାଳ କାମ ସହ ସଫେଇ ହେଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ହେଲେ ସହରରେ ଦିନକୁ ଦିନକୁ ଜଳ ନିଷ୍କାସନ ସମସ୍ୟା ବଢୁଥିବା ଦେଖିବାକୁ ମିଳିଛି। କାରଣ ସହରରେ ମହାନାଳ ଅବରୋଧ ହୋଇରହିଛି। ଯାହାଦ୍ୱାରା ପାଣି ନିଷ୍କାସନର ବାଟ ବନ୍ଦ ହୋଇପଡ଼ିଛି।

## ବାଲେଶ୍ୱରରେ ଲଘୁଚାପ ଜନିତ ବର୍ଷା

- ଦିନତମାମ ଲାଗିରହିଛି ଝିପ୍ ଝିପ୍ ବର୍ଷା



ବାଲେଶ୍ୱର, ୨୫ା୭ (ସମିସ): ଉତ୍ତର ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ମଧ୍ୟ ଲଗାଣ ବର୍ଷା ଲାଗିରହିଛି। ଲଘୁଚାପ ପାଇଁ ବାଲେଶ୍ୱର ଜିଲ୍ଲା ନାଲି ଚେତାବନୀ ରହିଥିବା ଯୋଗୁଁ ଆଜି ସକାଳଠୁ ବର୍ଷା ଲାଗିରହିଛି। ୨୫ ତାରିଖ ସକାଳ ପର୍ଯ୍ୟନ୍ତ ବାଲେଶ୍ୱର ସମେତ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହିତ ଗୋଟିଏରୁ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ବିଜୁଳି ଏବଂ ୩୦-୪୦ କିମି ବେଗରେ ପବନ ବୋହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। ସେହିପରି ଆଜି ଲଗାଣ ବର୍ଷା ଲାଗିରହିଛି। ଏଥିସହିତ ପବନ ମଧ୍ୟ ବହିଛି। ଆଜି ସକାଳ ୮ଟା ୩୦ରୁ ଆସନ୍ତାକାଲି ୨୬ ତାରିଖ ୮ଟା ୩୦ ପର୍ଯ୍ୟନ୍ତ ବାଲେସ୍ୱର ଜିଲ୍ଲା ପାଇଁ କମଳା ଚେତାବନୀ ଦିଆଯାଇଛି। ଆସନ୍ତାକାଲି ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ସେହିପରି ତୃତୀୟ ଦିନ ଅର୍ଥାତ୍ ୨୭ ତାରିଖ ୮ଟା ୩୦ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ପାଇଁ ହଳଦିଆ ଚେତାବନୀ ଜାରି କରାଯାଇଛି। ସେହି ଦିନ ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ହେବାରୁ ସମ୍ଭାବନା ରହିଛି। ଲଘୁଚାପ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

### ବୁଝାମଣାରେ ଚାଲୁଛି ଜେନାପୁର ଥାନା

# ମୋରମ ଗାଡ଼ି ଦିନରେ ଧରିଲେ; ରାତିରେ ଛାଡ଼ିଲେ

କବାଟବନ୍ଧ, ୨୫।୭ (ସମିସ)



ଦିନ ଦ୍ୱିପହରେ ଚୋରା ଚାଲାଣ ହେଉଥିବା ୭ଟି ମୋରମ ବୋଝେଇ ହାଇୱା ଗାଡ଼ିକୁ ଅଟକାଇବା ଏବଂ ଦୀର୍ଘ ୭ ଘଣ୍ଟା ପରେ ରାତି ଅଧିଆ ଛାଡ଼ି ଦେବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି। ଜେନାପୁର ପୁଲିସର ଏଭଳି ବିଚିତ୍ର ବ୍ୟବସ୍ଥାକୁ ଦିନରେ ବସନ୍ତ ପୁଣି ରାତିରେ ବାସନ୍ତୀ ବୋଲି ଜନସାଧାରଣ ତାସ୍ଲଲ୍ୟ କରୁଛନ୍ତି। ସୂଚନା ଅନୁସାରେ ବୁଧବାର ୫୩ ନମ୍ବର ଜାତୀୟ ରାଜପଥ ଦେଇ ଏକକାଳୀନ ପ୍ରାୟ ୧୫ଟି ୧୨ ଚକିଆ ହାଇୱା ଚୋରା ମୋରମ ବୋଝେଇ କରିଯାଉଥିଲେ। କୌଣସି ସୂତ୍ରରୁ ଖବର ପାଇ ଜେନାପୁର ପୁଲିସ ବାଲିସାହି ଛକ ନିକଟରୁ ଚୋରା ମୋରମ ବୋଝେଇ କରି ଯାଉଥିବା ୭ଟି ହାଇୱା ଗାଡିକୁ ଅଟକାଇ ମୋରମର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ କୌଣସି ଗୋଟିଏ ଗାଡ଼ିର କାଗଜପତ୍ର ଡ୍ରାଇଭରମାନେ ଦେଖାଇ ପାରି ନ ଥିଲେ। ବାଧ୍ୟ ହୋଇ ପୁଲିସ ଓଡ଼ି୦୨ ସିଟି ୯୬୦୩, ଓଡ଼ି୦୨ ସିଟି ୯୮୧୬, ଓଡ଼ି୦୨ ସିଏସ ୪୫୯୬, ଓଡ଼ି୦୨ ଡିବି ୪୬୪୯, ଓଡ଼ି୦୨ ଡିବି ୪୬୩୯, ଓଡ଼ି୦୨ ସିକ୍ୟୁ ୬୭୩୯, ଓଡ଼ି୦୨ ଡିବି ୬୭୨୮ ନମ୍ବର ସମସ୍ତ ଗାଡିକୁ ଜବତ କରି ଚଢ଼େଇଧରା ପୁଲିସ ଫାଣ୍ଡିକୁ ନେଇଥିଲେ। ଦିନ ୨ଟା ବେଳେ ଯାଞ୍ଚ ସମୟରେ ଲୋଡ୍ ଥିବା ମୋରମର କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୁଲିସର ସନ୍ଦେହ ବଢ଼ିଥିଲା। ଏହା ଚୋରାଚାଲାଣ ହେଉଥିବା ମଧ୍ୟ ସ୍ପଷ୍ଟ ହୋଇଥିଲା। ଦୀର୍ଘ ୩ ଘଣ୍ଟା ଗାଡ଼ି ଗୁଡ଼ିକ ଚଢ଼େଇଧରା ଫାଣ୍ଡିରେ ଅଟକ ରହିବା ପରେ ମୋରମର ଚାଲାଣର କାଗଜପତ୍ର ବୈଧ ଥିବା ଏବଂ ଏହା ସରକାରୀ ଅନୁମତିରେ ଚାଲାଣ ହେଉଥିବା କହି କିଛି କାଗଜପତ୍ର ଦେଖାଇଥିଲେ। ତେବେ ଲଘୁଖଣିଜ ଦ୍ରବ୍ୟ ପରିବହନ ସମୟରେ ସମସ୍ତ କାଗଜପତ୍ର ଗାଡ଼ିରେ ରହିବା ପାଇଁ ସରକାରୀ ନିୟମ ରହିଛି। ମାତ୍ର ଯାଞ୍ଚ ବେଳେ କାଗଜପତ୍ର ଦେଖାଇ ନ ପାରିବା ଏବଂ ୩ ଘଣ୍ଟା ପରେ କାଗଜପତ୍ର ସଂଗ୍ରହ କରି ଦେଖାଇବା କେଉଁ ସରକାରୀ ନିୟମରେ ରହିଛି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। କୌଣସି କ୍ରସରରୁ ଘର କାମ ପାଇଁ ଟ୍ରାକ୍ଟରରେ ବାଲି କିମ୍ବା ଚିପ୍ସ ନେବାକୁ ହେଲେ ଟ୍ରାଞ୍ଜିଟ ପାସ ଗାଡ଼ି ସହିତ ନେବାକୁ ପଡୁଛି। ନ ହେଲେ ପୁଲିସ ଧରୁଛି। ମାତ୍ର ଜବତ ମୋରମ ଗାଡ଼ିର କାଗଜପତ୍ର ସଂଗ୍ରହ କରି ଦେଖାଇବା ପରେ ତାହା କେମିତି ଗ୍ରହଣଯୋଗ୍ୟ ହେଉଛି ତାହା ଏକ ଆଶ୍ଚର୍ଯ୍ୟ ଜନକ ପ୍ରସଙ୍ଗ ହୋଇଛି। ଏହା ଭିତରେ ପୁଲିସ କାଗଜପତ୍ର ଯାଞ୍ଚ ପାଇଁ ଖଣି ଅଧିକାରୀ, ଖଣି ଉପନିର୍ଦ୍ଦେଶକଙ୍କ ନିକଟକୁ ପଠାଇଥିବା ଭିତରେ ରାତିଅଧିଆ କି ପ୍ରକାର ଯାଞ୍ଚ କଲେ ଏବଂ ଜବତ ଗାଡ଼ିରୁ ୫ଟି ଗାଡିକୁ ଛାଡ଼ି ଦେଇଥିବା ଜଣାପଡ଼ିଛି। ଖଣି ଅଧିକାରୀ ଏବଂ ଖଣି ଉପନିର୍ଦ୍ଦେଶକ କିଭଳି ଯାଞ୍ଚ କଲେ ଜାଣିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା। କିନ୍ତୁ ଗାଡ଼ିକୁ ରାତି ଅଧିଆ ଖସାଇବାକୁ ମାଫିଆଙ୍କ ସହିତ ଯୋଗାଯୋଗ ବାରମ୍ବାର ହୋଇଥିଲା। ଯାହା ଫଳରେ ରାତିଅଧିଆ ଉତ୍ତମ ବୁଝାବଣା ହୋଇ ଜେନାପୁର ପୁଲିସ ମାତ୍ର ୨ ଗାଡିକୁ ରଖିଥିଲା। ଏକକାଳୀନ ଧରା ପଡ଼ିଥିବା ୭ ଗାଡ଼ି ମଧ୍ୟରୁ ୫ ଗାଡ଼ିକୁ ଛାଡ଼ି ରାତି ଅଧରେ ଛାଡ଼ି ଦେବା ସାଧାରଣରେ ଏକ ସନ୍ଦେହ ସୃଷ୍ଟି କରିଥିଲା। ଅସଲ କଥା ସମସ୍ତ ଗାଡ଼ି ବେଆଇନ ଚୋରାଚାଲାଣ ହେଉଥିବାରୁ ଖସାଇବା ପାଇଁ ଭିତିରି ବୁଝାବଣା କରି ଲୋକଙ୍କ ମନରେ ନିଜ ଭାବମୂର୍ତ୍ତିକୁ ସ୍ୱଚ୍ଛଳ ରଖିବା ପାଇଁ ଦୁଇଟି ଗାଡିକୁ ଅଟକ ରଖିଥିଲା। ଏହା ଖଣି ବିଭାଗ ଏବଂ ପୁଲିସର ଏକ ସୁକଳ୍ପିତ ଚାଲ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ଅଟକ ରଖିଥିବା ଅନ୍ୟ ଦୁଇଟି ଗାଡିକୁ ମଧ୍ୟ ପୁଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ସରକାର ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ବନ୍ଦ କରିବା ପାଇଁ ଜୋରରେ ପ୍ରଚାର କରୁଥିବା ବେଳେ ସରକାରୀ ବାବୁ ମାନେ ବାଡ଼ ଫସଲ ଖାଇବା ନ୍ୟାୟରେ ଏହାର ସୁରକ୍ଷା କରୁଥିବା ଦେଖା ଦେଇଛି।

## ଏସ୍‌ବିଆଇ ପକ୍ଷରୁ 'ଇ-ରୂପି' ସଚେତନତା କାର୍ଯ୍ୟକ୍ରମ




**ବାଲିଚନ୍ଦ୍ରପୁର, ୨୫।୭ (ସମିସ):** ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖା ପକ୍ଷରୁ ଜାତୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା ପଞ୍ଜୀକରଣ ଶିବିର ଓ ଆପ୍ ସଚେତନତା କାର୍ଯ୍ୟକ୍ରମ ଆଜି ସ୍ଥିତ ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ପାରାଦୀପ ସ୍ଥିତ ଆଞ୍ଚଳିକ ଶାଖାର ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ତଥା ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପରିଚାଳିକା ସଞ୍ଜିତା ମହାରଣାଙ୍କ ତତ୍ତ୍ୱାବଧାନରେ ସ୍ୱୟଂସହାୟକ ଗୋଷ୍ଠୀର ଶତାଧିକ ମହିଳାଙ୍କୁ ନେଇ ଆଜିର ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଜାତୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା ପଞ୍ଜୀକରଣ ଓ ଏସ୍‌ବିଆଇ 'ଇ ରୂପି' ଆପ୍ ସମ୍ବନ୍ଧରେ ଉପସ୍ଥିତ ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଶାଖାର କ୍ଷେତ୍ରୀୟ ପ୍ରବନ୍ଧକ ଦେବେନ୍ଦ୍ର ନିରଞ୍ଜନ ସାହୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ସୁଭଦ୍ରା ହିତାଧିକାରୀମାନଙ୍କୁ ଇ-ରୂପି ଆପ୍‌ର ଉପଯୋଗିତା ଓ ସୁଫଳ ସମ୍ପର୍କରେ ଅବଗତ କରାଇଥିଲେ। ଯେଉଁ ମହିଳା ମାନେ ସେମାନଙ୍କ ସୁଭଦ୍ରା ଟଙ୍କା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେମାନେ ଇ-ରୂପି ଆପ୍ ବ୍ୟବହାର କଲେ ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଯାଇପାରିବ ଓ ସେମାନେ ଆଉ ଠକେଇର ଶିକାର ହେବେ ନାହିଁ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଶାଖା ପକ୍ଷରୁ ପବିତ୍ର କୁମାର ନାୟକ ଓ ଶ୍ରୀ ଆଲୋକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଇକୋ କ୍ଲବ୍ ତରଫରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ




**ମଧୁବନ, ୨୫।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ହିଙ୍ଗୁଳା ବିଦ୍ୟାପୀଠରେ ଇକୋ କ୍ଲବ୍ ତରଫରୁ ବୃକ୍ଷରୋପଣ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ, ସମ୍ମାନିତ ଅତିଥି ରୂପେ ମଧୁବନ ଆଞ୍ଚଳିକ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଚଳିତ ମାଟ୍ରିକ ପରୀକ୍ଷା ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ର ଶୁଭ୍ରଜିତ୍ ଦାସଙ୍କୁ ସମ୍ମାନିତ କରାଯାଇଛି। ଏହି ସଭାକୁ ସହକାରୀ ଶିକ୍ଷକ ରଞ୍ଜନ କୁମାର ମିଶ୍ର, ତୁଷାର କାନ୍ତି ଦତ୍ତ, ଅନନ୍ତ ନାରାୟଣ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। କିପରି ପ୍ଲାଷ୍ଟିକର ବହୁଳ ବ୍ୟବହାର ପରିବେଶ ନଷ୍ଟ ହେଉଛି ଓ ଏହାଠାରୁ ଦୂରରେ ନିଜେ ରହି ଅନ୍ୟକୁ ବାର୍ତ୍ତା ଦେବା ଆଲୋଚ୍ୟ ବିଷୟ ଥିଲା। ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଯବାନଙ୍କ ସ୍ତ୍ରୀଙ୍କୁ ଲୁହା ପାଇପ୍‌ରେ ମାଡ଼ ଅଭିଯୋଗ

**ଦଶରଥପୁର, ୨୫।୭ (ସମିସ):** କାମ ନହେବାରୁ ଦେଇଥିବା ଟଙ୍କା ମାଗିବାରୁ ଅମିନଙ୍କ ଠାରୁ ଲୁହା ପାଇପରେ ମାଡ ଖାଇ ରକ୍ତାକ୍ତ ହେଲେ ଯବାନଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ଲୋକ। ଏହିପରି ଏକା ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବିରୁହା ପଞ୍ଚାୟତ ମନ୍ଦାରଖଣ୍ଡ ଗ୍ରାମରେ। ସୂଚନା ଅନୁଯାୟୀ, ବିରୁହା ପଞ୍ଚାୟତର ନାହାପଡ଼ା ଗ୍ରାମର ପ୍ରଦୀପ କୁମାର ସେଠୀ ତାଙ୍କ ଝିଅ ନାଁରେ ଜମି ରେଜିଷ୍ଟ୍ରେସନ କରିବା ପାଇଁ ମନ୍ଦାରଖଣ୍ଡ ଗ୍ରାମର ଜଣେ ବେସରକାରୀ ଅମିନ ପ୍ରଦୀପ କୁମାର ଦାସ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଟଙ୍କା ଦେଇଥିଲେ। ଅମିନ ଦିନ ପରେ ଦିନ ଗଡ଼େଇ ଚାଲିଲେ କିନ୍ତୁ ତାଙ୍କ କାମ କଲେ ନାହିଁ। ଶେଷରେ ପ୍ରଦୀପ ଓ ତାଙ୍କ ଝିଅ ନିରାଶ ହୋଇ ଉକ୍ତ ଅମିନ ଘରକୁ ଟଙ୍କା ଫେରସ୍ତ ଆଣିବାକୁ ଯାଇଥିଲେ। ଅମିନ ଜଣଙ୍କ ଘରେ ଥାଇ ଲୁଚି ରହିଲେ ଓ ତାଙ୍କ ପରିବାର ଲୋକ ଏମାନଙ୍କ ସହ ଝଗଡ଼ା କରିଥିଲେ କିନ୍ତୁ ଏମାନେ ଟଙ୍କା ଫେରସ୍ତ ନନେଇ ଯିବାକୁ ଜିଦି ଧରି ଅଡ଼ି ବସିଲେ। ଅମିନ ପରିବାର ଲୋକ ହଠାତ ଉତ୍‌କ୍ଷିପ୍ତ ହୋଇ ମାରଧର କରିବା ଆରମ୍ଭ କରିବା ସମୟରେ ଅମିନ ଜଣଙ୍କ ଏକା ଲୁହା ପାଇପରେ ଏମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଯଦ୍ୱାରା ଏମାନେ ଆହତ ହୋଇ ମେଡିକାଲ ଯାଇଥିଲେ ଓ ପରେ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ. ଅଭିଯୋଗର ୨ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ପ୍ରତି ପୋଲିସ ତରଫରୁ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପୁଲିସର ଶିଥିଳ ତଦନ୍ତ ଯାହା ସମସ୍ତଙ୍କ ମନରେ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଇଆଇସି ଶରତ ଚନ୍ଦ୍ର ନୟାକଙ୍କୁ ପଚାରିବାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## କଳ୍ପତରୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ



**ମଧୁବନ, ୨୫।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପୈତୃକ ଗ୍ରାମର ସମାଧୀ ପରିସରରେ ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ରାଜ୍ୟସଭା ସାଂସଦ ସ୍ୱର୍ଗତ କଳ୍ପତରୁ ଦାସଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଭୋଟକା ଗ୍ରାମର ଏହି କାର୍ଯ୍ୟକ୍ରମରେ ଭୋଟକା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ଦାସ, ସମାଜସେବୀ ଅଦ୍ୱୈତ୍ୟ କୁମାର ରାଉତ, ମନୋଜ କୁମାର ରାଉତ, ତାନୋଜ ରାଉତ, ଗୁଣନିଧି ଦାସ, ଅବନୀ ଦାସ, ବିଶ୍ୱରଞ୍ଜନ ଦାସ, ମଳୟ ରାଉତ, ସମୀର ପାତ୍ର, ପିତାମ୍ବର ମଲ୍ଲିକ, ପ୍ରତାପ ମଲ୍ଲିକ ଓ ଅନିଲ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ।

## ସମବାୟ ସମିତି ମଣ୍ଡି ଗୃହର ଶିଳାନ୍ୟାସ




**ବାଲିଚନ୍ଦ୍ରପୁର, ୨୫।୭ (ସମିସ):** ବାଲିଚନ୍ଦ୍ରପୁର ସ୍ଥିତ ଅଣକା ପ୍ରାଥମିକ କୃଷି ସମବାୟ ସମିତିର ମଣ୍ଡି ଗୃହ ନିର୍ମାଣର ଶିଳାନ୍ୟାସ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୀତାନାଥ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ମଣ୍ଡି ଗୃହ ନିର୍ମାଣର ଶୁଭ ଶିଳାନ୍ୟାସ କରିଥିଲେ। ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ୧୪ ଗୋଟି ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮ ଗୋଟି ସମିତିର ମଣ୍ଡି ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୫ କୋଟି ୭୬ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଥିବା ନେଇ ବିଧାୟକ ଶ୍ରୀ ନାୟକ ସୂଚନା ଦେବା ସହିତ ସରକାରୀ ସ୍ତରରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାର ଖୁବଶୀଘ୍ର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀ ଯୋଗଦେଇ ଏହି ସମିତିର ମଣ୍ଡି ଗୃହ ନିର୍ମାଣ ପାଇଁ ପାଇଁ ୭୨ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇ ଠିକାଦାର ବିନାୟକ ସମାଲଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ନେଇ ସୂଚନା ଦେଇଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ଚକ୍ରଧର ସାହୁ, ସରପଞ୍ଚ ଅନୁପମା ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ଦାମୋଦର ମହାରଣା, ସମିତି ସଭାପତି ନିରଞ୍ଜନ ବିଶ୍ୱାଳ, ଯୁବନେତା ଅଶୋକ କୁମାର ସିଂହ, ଅମୀୟ ସାହାଣୀ ଓ ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଦିଲ୍ଲୀପ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ। ତେବେ ସମିତି କାର୍ଯ୍ୟାଳୟ ନିକଟରେ ଚାଷୀ ମାନଙ୍କ ପାଇଁ ମଣ୍ଡି ସୁବିଧା ନଥିବାରୁ ଚାଷୀ ମାନେ ବର୍ଷ ବର୍ଷ ଧରି ନାହିଁ ନ ନଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଏବେ ମଣ୍ଡି ଗୃହ ନିର୍ମାଣ କରାଯାଇ ସମସ୍ୟାର ସମାଧାନ କରାଯାଉଥିବାରୁ ଚାଷୀ ମହଲରେ ଆନନ୍ଦ ପ୍ରକାଶ ପାଇବା ସହିତ ବହୁ ଚାଷୀ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

### ଖାଦ୍ୟରେ ବିଷ ଦେଇଦେଲା ଝିଅ

## ଶିଶୁକନ୍ୟାଙ୍କ ସମେତ ୬ ଜଣ ଗୁରୁତର

**ଦଶରଥପୁର, ୨୫।୭ (ସମିସ):** ପାରିବାରିକ କଳହାକୁ ନେଇ ମଙ୍ଗଳପୁର ଥାନା କନିକାପଡ଼ା ଗ୍ରାମରେ ଜଣେ ବିବାହିତା ଝିଅ ପରିବାର ଲୋକଙ୍କ ଖାଦ୍ୟରେ ବିଷ ମିଶାଇ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ପରିବାରର ୬ ଜଣ ସଦସ୍ୟ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେଉଛନ୍ତି। ଏଥିନେଇ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇନଥିବା ବେଳେ ପାରିବାରିକ କଳହ ନେଇ ୨ ଦିନ ପୂର୍ବରୁ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା। ସୂଚନାଥାଉକି ଆଜି ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ବିଷାକ୍ତ ଖାଦ୍ୟ ଖାଇବା ପରେ ପ୍ରଥମେ ଅଢ଼େଇ ବର୍ଷର ଶିଶୁ କନ୍ୟା ସହ ଆଉ ଜଣେ ଯୁବକ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଯାଇଥିଲେ। ମାତ୍ର କିଛି ସମୟ ପରେ ପରିବାରର ସମସ୍ତଙ୍କ ଅବସ୍ଥା ଏହିପରି ହେବାରୁ ଏକ ଗାଡି ସାହାଯ୍ୟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚିଥିଲେ। ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ଜଣାପଡ଼ିଥିଲା କି ବିଷାକ୍ତ ଖାଦ୍ୟ ଖାଇବା ପରେ ଏମିତି ହୋଇଛି। ଏଣୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଥିଲା। ଏଥିରେ ଉମାକାନ୍ତ ଓଝା (୭୦), ଶଶୀକଳା ଓଝା (୬୫), ସୁବ୍ରତ ଓଝା (୨୭), ସସ୍ମିତା ଓଝା (୩୮), ସତ୍ୟବ୍ରତ ଓଝା (୨୦) ଏବଂ ଶିଶୁ କନ୍ୟା ଅଙ୍କିତା ଓଝା (ଅଢେଇ ବର୍ଷ) ଗୁରୁତର ହୋଇ ଚିକିତ୍ସା ହେଉଛନ୍ତି। ପ୍ରକାଶଥାଉକି ଗତ ୬ ମାସ ତଳେ ଉମାକାନ୍ତଙ୍କ ଅନ୍ୟ ଜଣେ ଝିଅ ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଅଞ୍ଚଳର ଜଣେ ପୁଅ ସହିତ ପ୍ରେମ ବିବାହ ପାଇଁ ଘର ଛାଡି ପଳାଇଯାଇଥିଲେ। ଯିବା ସମୟରେ ଘରୁ ସୁନା, ଟଙ୍କା, ସ୍କୁଟର ସହ ଅନ୍ୟାନ ଜିନିଷ ସାଥିରେ ନେଇଯାଇଥିଲେ। ଏହାକୁ ପରିବାର ଲୋକ ବିରୋଧ କରିଥିଲେ। ମାତ୍ର ଉମାକାନ୍ତଙ୍କ ଅନ୍ୟ ସମ୍ପର୍କୀୟ ଭାଇମାନେ ଆଣି ଝିଅ ଜ୍ୱାଇଁକୁ ସେମାନଙ୍କ ପାଖରେ ରଖିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କଳହ ଲାଗୁରହୁଥିଲା। ୨ ଦିନ ତଳେ କଳହ ସହିତ ମାରପିଟ ହୋଇ ମଙ୍ଗଳପୁର ଥାନାରେ ୨ଟି ଭିନ୍ନ ଭିନ୍ନ ଅଭିଯୋଗ ହୋଇଥିଲା। ବିବାହିତ ଝିଅ ଜଣଙ୍କ ବିଭିନ୍ନ ସମୟରେ ପରିବାର ଲୋକଙ୍କୁ ଜୀବନରୁ ହତ୍ୟା କରିବାକୁ ଧମକ ଦେଉଥିଲା। ଆଜି ଉମାକାନ୍ତଙ୍କ ସ୍ତ୍ରୀ ଶଶୀକଳା ପରିବାର ଲୋକଙ୍କ ଖାଇବାକୁ ଭାତ, ଡାଲି, ତରକାରୀ, ଶାଗ ଭଜା ଆଦି ଘର ସାମ୍ନାରେ ରୋଷେଇ କରିଥିଲେ। ଏହି ସମୟରେ ବିବାହିତ ଝିଅ ଜଣଙ୍କ ନିକଟରେ ବୁଲିବା ସହିତ ଗାଳିଗୁଲଜ କରୁଥିଲା। କୌଣସି ସମୟରେ ଶଶୀକଳା ଘର ଭିତରକୁ ଯାଇଥିବା ସମୟରେ ବିଷ ମିଶାଇ ଦେଇଥିବା ଅନ୍ୟ ଜଣେ ଝିଅ ସସ୍ମିତା ଅଭିଯୋଗ କରିଛନ୍ତି। ଏଣୁ ସମସ୍ତେ ଗୁରୁତର ହୋଇଛନ୍ତି। ସମସ୍ତ ସଦସ୍ୟ ମେଡ଼ିକାଲରେ ଥିବାରୁ ସେ ଥାନାରେ ଅଭିଯୋଗ ଦେଇପାରିନାହାନ୍ତି ବୋଲି କହିବା ସହିତ ଖୁବ ଶୀଘ୍ର ଅଭିଯୋଗ କରିବେ ବୋଲି ଜଣାପଡ଼ିଛି।

## ଅଙ୍ଗନବାଡ଼ିରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



**ଦଶରଥପୁର, ୨୫।୭ (ସମିସ):** ଦଶରଥପୁର ବ୍ଲକ ସମନ୍ୱିତ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତ ରଣୁଆ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କ ସାମଗ୍ରୀକ ବିକାଶ ସମ୍ପର୍କିତ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରିଣୀ ପାର୍ବତୀ ସାହୁ, ସଂଗ୍ରାମଲାଲ ଶତପଥୀ, ସିଡିପିଓ ଶାନ୍ତିଲତା ସେଠୀ, ଜିଲ୍ଲା ସୁପରଭାଇଜର ସୁନିତା ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଶିଶୁମାନଙ୍କ ସୁରକ୍ଷା, ଯତ୍ନ ସହିତ ସରକାରଙ୍କ ପକ୍ଷରୁ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଙ୍ଗନୱାଡିକୁ ଆସୁଥିବା ଶିଶୁ ମାନଙ୍କ ଉଚ୍ଚତା, ଓଜନ ଏବଂ ପ୍ରାରମ୍ଭିକ ଶିକ୍ଷା ସମ୍ପର୍କରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ବିଭାଗୀୟ ଅଧିକାରୀ ଏବଂ ଅଧିକାରିଣୀ ନିରୀକ୍ଷଣ କରିବା ସହ ଅଙ୍ଗନୱାଡି କେନ୍ଦ୍ରର ବିଭିନ୍ନ ସମସ୍ୟା ନିରାକରଣ ଉପରେ ଅଙ୍ଗନୱାଡି କର୍ମୀ ରୀନା ଗେଡ଼ି ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପୋଷଣ ସଂଯୋଜକ ରଜନୀସ, ବ୍ଲକ ସଂଯୋଜକ ରୋଜିରାଣୀ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଶିଶୁମାନଙ୍କ ମାଆମାନେ ସାମିଲ ହୋଇଥିଲେ।

## ପର୍ଶୁରାମ ସ୍ମୃତି ସଂସଦ ପକ୍ଷରୁ ଶ୍ରାଦ୍ଧୋତ୍ସବ

**ଯାଜପୁର, ୨୫।୭ (ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁରରେ ପର୍ଶୁରାମ ବିହାରୀ ସ୍ମୃତି ସଂସଦ ପକ୍ଷରୁ ସିଦ୍ଧକବି ପର୍ଶୁରାମଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ପର୍ଶୁରାମ ସ୍ମୃତିସଂସଦର ସଭାପତି ଅରବିନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱରପୁର ପଞ୍ଚାୟତ ଶେଷଦେବ ବାସନ୍ତି ଉଚ୍ଚ ବିଦ୍ୟାଳୟ ପରିସରରେ ସିଦ୍ଧକବି ପର୍ଶୁରାମ ବିହାରୀଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରକାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ଶେଷଦେବ ବାସନ୍ତୀ ସ୍କୁଲର ପ୍ରଧାନଶିକ୍ଷିତ୍ରୀ ଗିତାଞ୍ଜଳି ପଣ୍ଡା, ଶଙ୍କର୍ଷଣ ପହି, ଲଳିତ ମୋହନ ବୈରୀଗଞ୍ଜନ ମହାପାତ୍ର, ଦୁଃଶାସନ ପହି, ଅରୁଣ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପର୍ଶୁରାମଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ସ୍କୁଲର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା

## ପ୍ରାଚୀନ କବି ସନ୍ଥ ପର୍ଶୁରାମ ବିହାରୀଙ୍କ ଶ୍ରାଦ୍ଧ ଉତ୍ସବ

**ବାଲିଚନ୍ଦ୍ରପୁର, ୨୫।୭ (ସମିସ):** ବାଲିଚନ୍ଦ୍ରପୁର ସ୍ଥିତ ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବଡ଼ଚଣା ମାଟିର ପ୍ରଣମ୍ୟ ପୁରୁଷ ତଥା ପ୍ରାଚୀନ କବି ସନ୍ଥ ସାଧକ ପର୍ଶୁରାମ ବିହାରୀଙ୍କ ପବିତ୍ର ଶ୍ରାଦ୍ଧ ଉତ୍ସବ ବରପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଷଦର ସଭାପତି ସାମ୍ବାଦିକ ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତି ଗବେଷକ ଇଂ.ରଶ୍ମିରଞ୍ଜନ ରାୟ ଉତ୍ସବକୁ ଉଦ୍‌ଘାଟନ କରି ସନ୍ଥ ପର୍ଶୁରାମ ବିହାରୀଙ୍କ ଶରୀର ତତ୍ତ୍ୱଭଜନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡଃ ନିରଞ୍ଜନ ସାହୁ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଡଃ ଭାଗ୍ୟଧର ସାହୁ, ଶିକ୍ଷାବିତ ଉମାକାନ୍ତ ବଳ ଓ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଆ ସନ୍ଥ ସାହିତ୍ୟକୁ ପର୍ଶୁରାମ ବିହାରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଧ୍ୟାତ୍ମିକ ପ୍ରବକ୍ତା ଡଃ ନିରଞ୍ଜନ ସାହୁଙ୍କୁ ମର୍ଯ୍ୟାଦାଜନକ 'ସନ୍ଥ ପର୍ଶୁରାମ ବିହାରୀ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କବି ମହେନ୍ଦ୍ର ନନ୍ଦଙ୍କ ଆଧ୍ୟାତ୍ମିକ କବିତା ପୁସ୍ତକ 'ଶୁଣିମା ହେଉ ମଣିମା' ଉନ୍ମୋଚିତ ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ତଥା ପର୍ଶୁରାମ ବିହାରୀଙ୍କ ବଂଶଜ ଡ. ରବୀନ୍ଦ୍ର କୁମାର ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ରାମଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ କଣ୍ଠଶିଳ୍ପୀ ଗଗନ ବିହାରୀ ଜେନା ପର୍ଶୁରାମ ବିହାରୀଙ୍କ ରଚିତ ଶରୀର ତତ୍ତ୍ୱ ଭଜନ ପରିବେଷଣ କରିଥିବା ବେଳେ ଆଚାର୍ଯ୍ୟ ରଞ୍ଜନ କୁମାର ବେହେରା ମାନପତ୍ର ପାଠ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶୁଭ୍ରଜିତ ଧଳ ଧନ୍ୟବାଦ ଦେଇଥିଲେ। ସୁରମୋହନ ମହାପାତ୍ର, ଅବସରପ୍ରାପ୍ତ ବିଇଓ ଗୋବିନ୍ଦ ଚନ୍ଦ୍ର ପରିଡ଼ା, କପିଳ ଚନ୍ଦ୍ର ସାମଲ, ସଚ୍ଚିଦାନନ୍ଦ ଜେନା, ରାଖାଲ ଚନ୍ଦ୍ର ଜେନା ଓ ବିପିନ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ପରିଷଦର କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମଲ, ସାଂସ୍କୃତିକ ସମ୍ପାଦକ ଅଜୟ କୁମାର ଜେନା, ବରିଷ୍ଠ ସଦସ୍ୟ ସାମ୍ବାଦିକ ବିଜୟ କୁଅଁର ଓ ତପନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାମରେ ଲାଗୁନାହିଁ ପ୍ରାଣୀ ଚିକିତ୍ସାଳୟ

କୁଆଖିଆ, ୨୫।୭ (ସମିସ)



ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଳା ସହର ସାହି ନିକଟରେ ନିର୍ମାଣ ହୋଇଥିବା ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ଉଦଘାଟନର ୧୨ ବର୍ଷ ପରେ ମଧ୍ୟ କାମରେ ଲାଗୁନାହିଁ। ୨୦୧୧ ମସିହାରେ ତତ୍କାଳୀନ କୋରେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ଦ୍ୱାରା ଉଦ୍‌ଘାଟନ ହେବା ପରେ ଏହି ଗୃହଟି ସେମିତି ପଡ଼ିରହିଛି। ଏ ସମ୍ପର୍କରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଜ୍ୟୋତିରଞ୍ଜନ ମହାନ୍ତି କୁହନ୍ତି ଯେ ବ୍ଲକରେ ୨୮ଟି ପଞ୍ଚାୟତରେ ୧୨ଟି ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଥିବା ବେଳେ ମାତ୍ର ୭ଜଣ ପ୍ରାଣିଧନ ନିରୀକ୍ଷକ ରହିଛନ୍ତି। ସେତେବେଳର ସରକାର ୨୦୧୦ ମସିହାରେ ପ୍ରସପେକ୍ଟ୍ ଯୋଜନାରେ କେତେକ ନୂଆ ପ୍ରାଣିଧନ ଚିକିତ୍ସାଳୟ ଖୋଲିବାକୁ ନିଷ୍ପତି ନେଇଥିଲେ। ଏହି କେନ୍ଦ୍ର ପାଇଁ କୌଣସି ନିରୀକ୍ଷକ ନିଯୁକ୍ତି ଦିଆଯାଇନଥିଲେ। ତେଣୁ କେନ୍ଦ୍ର ଖୋଲାଯାଇ ପାରିନାହିଁ। ନୂଆ ନିଯୁକ୍ତି ହେଲେ ଏହା କାର୍ଯ୍ୟକ୍ଷମ ହୋଇପାରିବ। ତେବେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସପ୍ତାହରେ ଦିନେ ଦୁଇଦିନ ଖୋଲିବା ପାଇଁ ତୁଳସୀପୁର କେନ୍ଦ୍ରର ପ୍ରାଣିଧନ ନିରୀକ୍ଷକଙ୍କୁ ଚିଠି କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହାର କାର୍ଯ୍ୟକ୍ଷମ ସମ୍ପର୍କରେ ତାଙ୍କ ପାଖରେ ମଧ୍ୟ କୌଣସି ସୂଚନା ନାହିଁ ବୋଲି ସରପଞ୍ଚ ରୁଦ୍ର ଚରଣ ମହାନ୍ତି କହିଛନ୍ତି। ସ୍ଥାନୀୟ ଲୋକମାନଙ୍କ ପ୍ରାଣୀ ସମ୍ପଦ ମାନଙ୍କର ଚିକିତ୍ସା ଆବଶ୍ୟକ ହେଲେ ୩ କିମି ଦୂରରେ ଥିବା ତୁଳସୀପୁର କିମ୍ବା ମଧୁବନ ଚିକିତ୍ସା କେନ୍ଦ୍ରକୁ ଯିବାକୁ ପଡୁଛି। ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ପରିବାରର ୭ ଜଣଙ୍କ ପାଇଁ ମାତ୍ର ୫କିଲୋ ଚାଉଳ

ନନ୍ଦପୁର,୨୫।୭ (ସମିସ): ରୋଜଗାର ସନ୍ଧାନରେ ଆନ୍ଧ୍ର ଅଞ୍ଚଳକୁ ଦାଦନ ଯାଇଥିବା ସ୍ୱାମୀଙ୍କ ମୃତ୍ୟୁର ଦୁଇ ବର୍ଷ ପରେ ବି ସ୍ତ୍ରୀଙ୍କ ନିକଟରେ ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର ନାହିଁ। ସ୍ତ୍ରୀଙ୍କୁ ବିଧବା ଭତ୍ତା ମିଳୁନି। ପିତାଙ୍କ ମୃତ୍ୟୁ ପରେ ଅନାଥ ହେଇଥିବା ଗୋଟିଏ ପୁଅ ଓ ୫ ଝିଅଙ୍କ ଆଧାର କାର୍ଡ ନାହିଁ। ଫଳରେ ସେମାନେ ସରକାରଙ୍କ ଅନ୍ୟ ଯୋଜନା ଯଥା ଖାଦ୍ୟ ସୁରକ୍ଷା ଯୋଜନାର ରାସନ୍ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଖାଦ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ମାଆଙ୍କୁ ମିଳୁଥିବା ମାସିକ ୫ କିଲୋ ଚାଉଳ ଭରସାରେ ବର୍ତ୍ତମାନ ୭ ଜଣିଆ ପରିବାର ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅଧୀନ ପାଡୁଆ ପଞ୍ଚାୟତର ଗତରକଣ୍ଡା ଗ୍ରାମରେ ଏଭଳି ପରିବାର ଦେଖିବାକୁ ମିଳିଛି। ଯାହା ଲୋକଙ୍କ ନିରକ୍ଷରତା, ଦୁର୍ବଳ ପାରିବାରିକ ସ୍ଥିତି, ପଞ୍ଚାୟତିରାଜ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଶିକ୍ଷା ବିଭାଗ, ଖାଦ୍ୟ ସୁରକ୍ଷା ବିଭାଗର ଉଦାସୀନତାର ବାସ୍ତବ ଚିତ୍ର ବୋଲି ଗ୍ରାମ ନାୟକ ରାଜୁ ସିନ୍ଦେରୀ, ରଘୁନାଥ ଖରା, ରାମ ପାଙ୍ଗି, ଭୀମ ସିନ୍ଦେରୀ ପ୍ରମୁଖ କହିଛନ୍ତି। ଗ୍ରାମବାସୀଙ୍କ ସୂଚନା ମୁତାବକ ଗତରକଣ୍ଡା ଗ୍ରାମର ରାଞ୍ଜୁ ଗେମେଲ ପ୍ରତିବର୍ଷ କର୍ମନିଯୁକ୍ତି ସନ୍ଧାନରେ ବର୍ଷକର ୪ ମାସ ଆନ୍ଧ୍ର ଅଞ୍ଚଳକୁ ଯାଇ ଥାଆନ୍ତି। ଗତ ୨୦୨୩ ନଭେମ୍ବର ମାସରେ ରାଞ୍ଜୁଙ୍କ ମୃତ୍ୟୁ ହୋଇଥିଲା। ଅନାଥ ହୋଇଥିଲେ ସ୍ତ୍ରୀ ଲକ୍ଷ୍ମୀ ଗେମେଲ, ୧୪ ବର୍ଷୀୟ ପୁଅ ବାବୁଲା, ୫ ଝିଅ ନାନ୍ଦି (୧୫) ସୁନ୍ଦରୀ (୧୩) କମଲି (୧୧) ରୋଜି (୧୦) ଓ ଟିକିମ



(୮)। ପରିବାର କୁଲି ମଜୁରୀ କରି ଚଳୁଥିବାରୁ ସ୍ୱାମୀଙ୍କ ମୃତ ଶରୀର ସେଠାରୁ ଆଣି ନପାରି ସ୍ଥାନୀୟ ଲୋକଙ୍କ ସହାୟତାରେ ଆନ୍ଧ୍ରରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। କିନ୍ତୁ ପରିବାରର ଅଶିକ୍ଷିତତା ଯୋଗୁ ସେଠାରୁ ମୃତ୍ୟୁ ପ୍ରମାଣପତ୍ର ଆଣି ପାରିନଥିଲେ। ଯାହା ବର୍ତ୍ତମାନ ପରିବାରକୁ ଅସୁବିଧାରେ ପକାଇଛି। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ନଥିବାରୁ ସ୍ତ୍ରୀଙ୍କୁ ବିଧବା ଭତ୍ତା ମିଳୁନି। ଅନ୍ୟପଟେ ୬ ପୁଅ-ଝିଅ ସ୍କୁଲ ପିଣ୍ଡା ମାଡ଼ି ନାହାନ୍ତି। ସ୍ୱାମୀ-ସ୍ତ୍ରୀଙ୍କୁ ଛାଡ଼ିଦେଲେ ପରିବାରର ଅନ୍ୟ କାହାରି ଆଧାର କାର୍ଡ ନାହିଁ। ଫଳରେ ସେମାନଙ୍କୁ ସରକାରଙ୍କ ଅନ୍ୟ କୌଣସି

> ➤ ମୃତ୍ୟୁ ପ୍ରମାଣପତ୍ର ଓ ଆଧାର କାର୍ଡ ନାହିଁ
> ➤ ମିଳୁନି ବିଧବା ଭତ୍ତା
> ➤ ୬ ସନ୍ତାନଙ୍କୁ ମିଳୁନି ଚାଉଳ

ସୁବିଧା ମିଳୁନି। ପରିବାରର ରାସନ୍ କାର୍ଡ କ୍ରମାଙ୍କ ୧୫୩୭ରେ କେବଳ ସ୍ତ୍ରୀ ଲକ୍ଷ୍ମୀ ଗେମେଲଙ୍କ ନାମ ରହିଛି। ଯେଉଁଥିରେ ମିଳୁଥିବା ମାସିକ ମାତ୍ର ୫ କିଲୋ ଚାଉଳ ପରିବାର ଚଳୁଛି। ଭୂମିହିନ ଗରିବ ୭ ଜଣିଆ ପରିବାର ବର୍ତ୍ତମାନ ଏକ ଟାଇଲି ଛପର ମାଟିକାନ୍ଥ ଘରେ ବହୁ ଦୁଃଖରେ ଜୀବନ ଅତିବାହିତ କରୁଛନ୍ତି। ୬ ସନ୍ତାନଙ୍କୁ ଆଧାର କେନ୍ଦ୍ରକୁ ନେଇ ସେମାନଙ୍କ ଆଧାର କାର୍ଡ କରିବାକୁ ଆବଶ୍ୟକ ଅର୍ଥ ଓ ପ୍ରମାଣପତ୍ର ନଥିବା ଲକ୍ଷ୍ମୀ କହିଛନ୍ତି। ସମସ୍ତେ ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲ ପିଣ୍ଡା ମାଡ଼ି ନଥିବାରୁ ଜନ୍ମ ପ୍ରମାଣପତ୍ର ପାଇବା ମଧ୍ୟ ତାଙ୍କ ପାଇଁ ସମ୍ଭବପର ନାହିଁ ବୋଲି କହିଛନ୍ତି। ଜିଲ୍ଲା ପ୍ରାଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ

ଗୁଣପୁର,୨୫।୭(ସମିସ): ଗୁଣପୁର ଥେରୁବାଲି ନୂତନ ରେଳପଥର ଶେଷ ପର୍ଯ୍ୟାୟ ଜମି ଅଧିଗ୍ରହଣ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗୁଣପୁର ଏବଂ ରାମନାଗୁଡା ତହସିଲ ଅଧିନରେ ଆବଶ୍ୟକ ପଡୁଥିବା ୪୪୮.୯୫୯. ଏକର ବେସରକାରୀ ଜମି ନିମନ୍ତେ ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ବିଷମକଟକ ଏବଂ କଲୋନରା ତହସିଲ ଅଞ୍ଚଳରେ ଆବଶ୍ୟକ ପଡୁଥିବା ବେସରକାରୀ ଜମିର ଆପତ୍ତି ଅଭିଯୋଗ ଶୁଣାଣି ସରିଛି। ଗୁଣପୁର ଥେରୁବାଲି ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ୪୭୩.୭୩ ଦୂରତା ଗୁଣପର ଥେରୁବାଲି ନୂତନ ରେଳପଥ ସକାଶେ ରେଳବିଭାଗ ୧୯.୮.୨୦୨୪ ରେ ୧୧୬୫.୫୯ କୋଟି ମଞ୍ଜୁର କରିଥିଲେ। ଏହି ରେଳପଥକୁ ଶୀଘ୍ର ସମାପ୍ତ ପାଇଁ ରେଳ ବିଭାଗ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବେ ହାତକୁ ନେଇଛି। ଏହି ପ୍ରକଳ୍ପ ସକାଶେ ଗତ ୬.୫.୨୦୨୫ରେ ପ୍ରଥମ ପର୍ଯ୍ୟାୟରେ ବିଷମ କଟକ ଏବଂ କଲୋନରା ତହସିଲର ଅଞ୍ଚଳରେ ୪୧୯.୨୬୯ ୯.୨୬୯ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଆପତ୍ତି ଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟର ଜମି ଅଧିଗ୍ରହଣ ଅଧିକାରୀଙ୍କ ଠାରେ ମଧ୍ୟ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗୁଣପୁର ଏବଂ କାର୍ଯ୍ୟାଳୟର ଜମି ଅଧିଗ୍ରହଣ ଅଧିକାରଙ୍କ ଠାରେ ମଧ୍ୟ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗୁଣପୁର ଏବଂ ରାମନାଗୁଡ଼ା ତହସିଲ ଅଧିନସ୍ଥ ବିଭିନ୍ନ ବେସରକାରୀ ଜମି ଅଧିଗ୍ରହଣ ପାଇଁ ୨୨ ତାରିଖ ଅର୍ଥାତ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାର ୩୦ ଦିନ ମଧ୍ୟରେ ଜମି ମାଲିକ ମାନଙ୍କ ଠାରୁ ୨୨ ଅଗଷ୍ଟ ୨୦୨୫ ମଧ୍ୟରେ ଆପରି ଅଭିଯୋଗ ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ଥିବା ଜମି ଅଧିଗ୍ରହଣ ଅଧିକାରୀଙ୍କ ନିକଟରେ ଗ୍ରହଣ କରାଯିବ। ରେଳପଥ ପାଇଁ ସମୁଦାୟ ୮୬୮.୨୨୮ ଏକର ଜମି ପାଇଁ ଜମି ଅଧିଗ୍ରହଣ କରାଯିବ। ଏହାପରେ ରେଳ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଗୁଣପୁର ଥେରୁବାଲି ରେଳପଥ କାର୍ଯ୍ୟ ତ୍ୱରାନ୍ତିତ କରିବା ପାଇଁ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘ ତଥା ଜିଆଇଇଟିର ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ ପ୍ରମୁଖ ବିଭିନ୍ନ ସମୟରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ରେଳମନ୍ତ୍ରୀ, ବିଭାଗୀୟ ଅଧୀକାରୀ, ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ରାୟଗଡ଼ା,୨୫।୭(ସମିସ): ସୋମବାର ଅପରାହ୍ନରେ ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଥିବା ୬୦ବର୍ଷିୟ ବୃଦ୍ଧଙ୍କ ଆଜି ମୃତଦେହ ଠାବ ହୋଇଛି। ରାୟଗଡ଼ା ଅଗ୍ନିଶମ ବାହିନୀ ଓ ପୋଲିସ ଉପସ୍ଥିତିରେ ନଦୀରୁ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ରାୟଗଡ଼ା ଥାନା ଅନ୍ତର୍ଗତ ଅଡପତିଗୁଡା ଗ୍ରାମର ଏରେୟା ତାଡିଙ୍ଗି। ମୃତଦେହ ଉଦ୍ଧାର ପରେ ଶବ ବ୍ୟବେଚ୍ଛଦ ନିମନ୍ତେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି। ଏ ନେଇ ଅଡପତିଗୁଡା ଗ୍ରାମବାସୀ ନରେଶ ତୋଇକାଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଗତ ସୋମବାର ଦିନ ଏରୟା ନିଜ କପାବାଡରେ କାମ କରିବା ପରେ ଆଉ ସଂଧ୍ୟାରେ ଘରକୁ ଫେରି ନ ଥିଲେ। ଦୀର୍ଘ ସମୟ ଧରି ସେ ନ ଫେରିବାରୁ ପରିବାର ଲୋକେ ଏବଂ ଗ୍ରାମବାସୀମାନେ ଖୋଜାଖୋଜି କରିଥିଲେ। କପାବାଡ ନିକଟରେ ପ୍ରବାହିତ ନାଗାବଳୀ ନଦୀ ତଟରେ ଏରୟାଙ୍କ ପୋଷାକ, ଚପଲ, ପାଣିବୋତଲ ଆଦି ପଡିଥିବା ଦେଖିବାକୁ ପାଇ ଖୋଜାଖୋଜି କରିଥିଲେ। ଏରୟାଙ୍କ ନିଖୋଜକୁ ନେଇ ପ୍ରଥମେ ଚାନ୍ଦିଲି ଥାନା ଏବଂ ପରେ ରାୟଗଡ଼ା ଥାନାରେ ଏତଲା ଦିଆଯାଇଥିଲା। ଆଜି ପଞ୍ଚମ ଦିନରେ ଶୁକ୍ରବାର ଅପରାହ୍ନରେ ଏରୟାଙ୍କ ମୃତହେଦ ଝୁଲା ପୋଲ ତଳେ ଥିବା ପଥର ଚଟାଣରେ ଲାଗି ରହିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ଖବର ଦେବା ପରେ ଏରୟାଙ୍କ ପରିବାର ଓ ଗ୍ରାମବାସୀ ଶବକୁ ଚିହ୍ନଟ କରି ରାୟଗଡ଼ା ଥାନା ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଶବକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା କହିଛନ୍ତି।

● ବିଜେଡି ରାଜ୍ୟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ର ମାଲକାନଗିରି ଗସ୍ତ

# ଗଣଦୁଷ୍କର୍ମ ପୀଡ଼ିତାକୁ ହସ୍ପିଟାଲରେ ଭେଟିଲେ

ମାଲକାନଗିରି,୨୫।୭ (ସମିସ): ବିଜେଡି ଦଳର ରାଜ୍ୟସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଆଜି ମାଲକାନଗିରି ଗସ୍ତ କରି ଗଣଦୁଷ୍କର୍ମ ମାମଲାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟି ଆଲୋଚନା କରିଛନ୍ତି। ମାଲକାନଗିରି ଜିଲ୍ଲାରେ ରବିବାର ଦିନ ଜଣେ ନାବାଳିକାଙ୍କ ସହ ଗଣଦୁଷ୍କର୍ମ ହୋଇଥିଲା। ବିଜୁ ଜନତା ଦଳର ବରିଷ୍ଠ ବିଜେଡି ନେତା ପୂର୍ବତନ ସାଂସଦ ରମେଶ ମାଝୀ, ପ୍ରଦୀପ ମାଝୀ ଜିଲ୍ଲା ଗସ୍ତରେ ଆସି ଗଣ ଦୁଷ୍କର୍ମ ମାମଲାର ପୀଡ଼ିତାଙ୍କୁ ହସ୍ପିଟାଲରେ ଭେଟି ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ପୀଡ଼ିତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କ ପରିବାର ସହ ମଧ୍ୟ



ଆଲୋଚନା କରିଥିଲେ। ଏହି ଟିମରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ମାଲକାନଗିରି ପୌର ଅଧ୍ୟକ୍ଷ ମନୋଜ ବାରିକ, ଉପଧକ୍ଷା କବିତା ମହନ୍ତଙ୍କ ସହ ଦଳର ବରିଷ୍ଠ ନେତୃ ମଣ୍ଡଳୀ, ବିଜେଡି ଦଳର ନିର୍ବାଚିତ ଲୋକପ୍ରତିନିଧି ପ୍ରମୁଖ ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟିଥିଲେ ସ୍ୱାନ୍ତନା ଦେଇଛନ୍ତି। ଏହା ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଚାରି ବୁଝିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ। ପୀଡ଼ିତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ତତ୍ପର ଥିବା ସହ ଉତ୍ତମ ସେବା ଯୋଗାଉ ଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ ପ୍ରକାଶ କରିଛନ୍ତି। ତେବେ ରାଜ୍ୟରେ ନାରୀ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଦୁଷ୍କର୍ମ ଭଳି ଘଟଣାର ଅନ୍ତ ନ ଘଟିବା ଓ ପୀଡ଼ିତା ମାନଙ୍କୁ ନ୍ୟାୟ ନମିଳିବା ଯାଏଁ ବିଜୁ ଜନତା ଦଳର ଏହି ଲଢେଇ ଜାରି ରହିବ ବୋଲି ଦଳୀୟ ନେତୃ ମଣ୍ଡଳୀ ପ୍ରକାଶ କରିଥିଲେ।

# ବିଦ୍ୟାଳୟକୁ ଯିବା ପାଇଁ ନାହିଁ ରାସ୍ତା

ପୋଡ଼ାଗଡ,୨୫।୭(ସମିସ): ଗାଁରୁ ଅନେକ ଛାତ୍ରଛାତ୍ରୀ ଅଧ୍ୟୟନ ନିମନ୍ତେ ବିଦ୍ୟାଳୟକୁ ପ୍ରତିଦିନ ଯାଇଆନ୍ତି। କିନ୍ତୁ ବିଦ୍ୟାଳୟକୁ ଯିବାପାଇଁ ପକ୍କା ରାସ୍ତା ତ ଦୂରର କଥା ମାଟି ରାସ୍ତା ବି ନାହିଁ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ପୋଡ଼ଗୁଡି ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ବିଦ୍ୟାଳୟରେ ଯିବା ପାଇଁ ରାସ୍ତା ଖଣ୍ଡେ ନଥିବାରୁ ନାହିଁ ନଥିବ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। କୁମ୍ବାର ଲୁଲାରୁ ନେର୍କାଗୁଡା ଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ହୋଇଛି। କିନ୍ତୁ ସେହି ରାସ୍ତାରୁ ପୋଡ଼ଗୁଡ଼ି ଗ୍ରାମରେ ଯିବା ପାଇଁ କୌଣସି ରାସ୍ତା ହୋଇ ନଥିବାରୁ ଗ୍ରାମବାସୀ ସହ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ମଧ୍ୟ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଗ୍ରାମର ଭଗବାନ ମୁଦୁଲି, ବାସୁ ମୁଦୁଲି, ମଂଗ୍ଳି ଜାନି କହିଛନ୍ତି। ଅନେକ ଥର ପଞ୍ଚାୟତରେ ଅଭିଯୋଗ କଲେ ସୁଦ୍ଧା ଫଳପ୍ରଦ ହେଉନଥିବା କହିଛନ୍ତି। ଶୁଖିଲା ପାଗ ଥିଲେ ବିଦ୍ୟାଳୟ ଯାଇ ହେଉଛି। କିନ୍ତୁ ବର୍ଷା ହେଲେ ଯିବା ପାଇଁ କଷ୍ଟସାଧ ହେଉଛି। ସେହିପରି ଅନେକ ସମୟରେ ଗାଁରେ ଯଦି କାହାର ଦେହ ଖରାପ ହୁଏ, ପ୍ରାୟ ୩୦୦ରୁ ୪୦୦ମିଟର ଭାରରେ ବାହି ମୁଖ୍ୟ ରାସ୍ତାକୁ ଆଣି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ନେବାକୁ ପଡୁଛି। ବିଦ୍ୟାଳୟକୁ ଆସୁଥିବା ଶିକ୍ଷକ ମାନେ ଦୂରରେ ଗାଡ଼ି ରଖି ପଦରେ ଚାଲି ଆସୁଥିବା ଦେଖାଦେଇଛି। ଏହାଛଡା ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି। ବିଦ୍ୟାଳୟରେ ନଳକୂଅ ନଥିବାରୁ ପ୍ରାୟ ୨୦୦ ମିଟର ଦୂର ଯାଇ କୁନିକୁନି ପିଲାମାନେ ବ୍ୟବହାର କରିଥିବା ଦେଖା ଦେଇଛି। ବିଦ୍ୟାଳୟରେ ରୋଷେଇ କରିବା ପାଇଁ ୨ଶହ ମିଟର ଦୂର ଯାଇ ରୋଷେୟା ପାଣି ଆଣି ରୋଷେଇ କରୁଥିବା ଦେଖା ଦେଇଛି। ପାଣି ପିଇବାକୁ ହେଲେ ଛାତ୍ରଛାତ୍ରୀମାନେ ସାହିକୁ ଯିବାକୁ ପଡୁଛି ବୋଲି କହିଛନ୍ତି। ଗ୍ରାମକୁ ଓ ବିଦ୍ୟାଳୟକୁ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା କରିବା ସହ ବିଦ୍ୟାଳୟରେ ଏକ ନଳକୂଅ ବସାଇବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଓଏମ୍‌ସି ପକ୍ଷରୁ ଲକ୍ଷ୍ମୀପୁରରେ ପାର୍କ ନିର୍ମାଣ ପାଇଁ ଦାବି

ଲକ୍ଷ୍ମୀପୁର:୨୫।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ହେଉଛି ଏକ ଖଣି ଖାଦାନ ଭରା ଅଞ୍ଚଳ। ଏଠି ଖଣି ରହି ଥିବା ହେତୁ ବିଭିନ୍ନ ସହରରୁ ଲୋକେ ଆସି ବସବାସ କରୁଛନ୍ତି। ଏଠି ଛୋଟ ଛୋଟ ପିଲାଙ୍କ ମନୋରଞ୍ଜନ ପାଇଁ କିଛି ବ୍ୟବସ୍ଥା ନାହିଁ। ଏହା ଏକ ଦୁଃଖର ବିଷୟ। ତେଣୁ ଓଏମ୍‌ସି ଏହା ଉପରେ ଦୃଷ୍ଟି ଦେଇ ଏକ ଖୋଲା ଜିମ୍ ନିର୍ମାଣ କଲେ ଲୋକେ ସେଠାରେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ସହ ବ୍ୟାୟାମ କରିବାକୁ ସୁବିଧା ପାଇବେ। ଲକ୍ଷ୍ମୀପୁର ଠାରେ ଏକ ପାର୍କ ସହ ଓପେନ ଜିମ କରାଗଲେ ବରିଷ୍ଠ ଠାରୁ ଆରମ୍ଭ କରି ସବୁ ବୟସର ଲୋକେ ଉପକୃତ ହେବେ। ଓଏମ୍‌ସି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

● କୁମ୍ଭାରଢାମୁଣି ପ୍ରାଥମିକ ସେବାଶ୍ରମ

# ଜଣ୍ଡିସ୍ ଓ ମେଲେରିଆରେ ୭ ଛାତ୍ର ଆକ୍ରାନ୍ତ

ବିଷମକଟକ,୨୫।୭(ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର କୁମ୍ଭାରଢାମୁଣି ସ୍ଥିତି ପ୍ରାଥମିକ ସେବାଶ୍ରମରେ ଏବେ ମେଲେରିଆର ପାର୍ଦୁଭାବ ଦେଖିବାକୁ ମିଳିଛି। ଗତ ୧୫ ଦିନ ମଧ୍ୟରେ ଏଠାରେ ସାତ ଜଣ ଛାତ୍ର ମେଲେରିଆରେ ଆକ୍ରାନ୍ତ ହୋଇଥିବା ବେଳେ ସେଥିରେ ଚାରିଜଣ ଛାତ୍ର ଜଣ୍ଡିସ୍‌ର ଶିକାର ହୋଇଛନ୍ତି। ବିଦ୍ୟାଳୟରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଏଠାକାର ଛାତ୍ର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ବର୍ଷା ଋତୁ ଜାରି ରହିଥିବାରୁ ଏହି




ଚତୁର୍ଥ ଶ୍ରେଣୀର ଡ଼ମ୍ବୁରୁ ଭାଡ଼ିଆ ଏବଂ ପଞ୍ଚମ ଶ୍ରେଣୀର ଛାତ୍ର ଚନ୍ଦନ ତୁଇକା ମେଲେରିଆରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣ୍ଡିସ୍ ରୋଗ ଚିହ୍ନଟ

## ଦୂଷିତ ପାଣି ବ୍ୟବହାର ମୁଖ୍ୟ କାରଣ

ଦୂଷିତ ପାଣି ବ୍ୟବହାର କରି ରୋଗର ଶିକାର ହେଉଛନ୍ତି। ଦୂଷିତ ପାଣି ବ୍ୟବହାର କରି ସେବାଶ୍ରମର ଦ୍ୱିତୀୟ ଶ୍ରେଣୀର ବିଶ୍ୱନାଥ ନୁଣ୍ଡୁରୁକା, ତୃତୀୟ ଶ୍ରେଣୀର ରାଜା ସାରକା, ହେବାପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ହେବା ପରେ ଚାରିଜଣ ସୁସ୍ଥ ହୋଇ ଗତ ୧୦ ତାରିଖରେ ଫେରିଥିବା ଜଣାପଡିଛି। ଅନ୍ୟ ପଟେ ଚାରିଜଣ ଛାତ୍ରଙ୍କ ନିକଟରେ ଜଣ୍ଡିସ୍ ରୋଗ ଚିହ୍ନଟ ହେବା ପରେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ମେଡିକାଲ ଟିମ ଉକ୍ତ ସେବାଶ୍ରମରେ ପହଞ୍ଚି ସମସ୍ତ ଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରିଥିବା ବେଳେ ଆଉ ତିନ ଜଣ ଛାତ୍ର ମେଲେରିଆରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଗତ ୧୫ ଦିନ ମଧ୍ୟରେ ୭ ଜଣ ଛାତ୍ର ମେଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ଏହାର କାରଣ ଓ ନିରାକରଣ ତୁରନ୍ତ ହେବା ଜରୁରୀ ବୋଲି ମତପ୍ରକାଶ ପାଉଛି। ଏହି ଘଟଣାକୁ ନେଇ ଆମେ ବିଷମ କଟକ ବ୍ଲକର ମଙ୍ଗଳ ବିଭାଗ ଅଧିକାରୀ ଶୁଭପ୍ରଦା ଶାସମଲଙ୍କ ସହ ଯୋଗାଯୋଗ କରିବାରୁ କୁମ୍ଭୀରଢାମୁଣିସେବାଶ୍ରମରେ କେବଳ ଗୋଟାଏ ଛାତ୍ରଙ୍କ ନିକଟରେ ଜଣ୍ଡିସ୍ ରୋଗ ଚିହ୍ନଟ ହୋଇଛି। ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି। ଏହି ସେବାଶ୍ରମକୁ ମେଡିକାଲ ଟିମ୍ ପଠାଇ ସେଠାକାର ସ୍ଥିତି ଅନୁଧ୍ୟାନ କରାଯାଉଥିବା ମଧ୍ୟ ସେ ସୂଚନା ଦେଇଛନ୍ତି।

# ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଚୟନ

ରାୟଗଡ଼ା,୨୫।୭(ସମିସ): ଉତ୍କଳ ସମ୍ମିଳନୀ ରାୟଗଡ଼ା ଜିଲ୍ଲାର ଆବାହକ ତଥା ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ସହରର ସ୍ଥାନୀୟ ଟାଉନ ପୂଜା କମିଟି ହଲ ଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ୧୧ଗୋଟି ବ୍ଲକ,୨ଟି ପୌର ପରିଷଦ ଏବଂ ଗୋଟିଏ ଏନଏସିରେ ବିଭିନ୍ନ ପଦପଦବୀରେ ବ୍ୟକ୍ତିବିଶେଷଙ୍କୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ ସଭାପତି ରୂପେ ବ୍ରଜସୁନ୍ଦର ନାୟକ, ଉପସଭାପତି ରୂପେ କିଶୋରଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ପ୍ରସାଦ ପାଢୀ, ଜଗନ୍ନାଥ ପଣ୍ଡା, ସରୋଜ କୁମାର ପାଣିଗ୍ରାହୀଙ୍କୁ ଅଳଙ୍କୃତ କରାଯାଇଥିବା ବେଳେ ସାଧାରଣ ସଂପାଦକ ଭାବେ ବିନାୟକ କର,ସଂପାଦକ ରଂଜୀତ କୁମାର ପାଢୀ,ରମେଶ ଚନ୍ଦ୍ର ପାଢୀ, ରାଜକିଶୋର ସାହୁ, ଗଗନ ଆଚାର୍ଯ୍ୟ ଏବଂ ସହ ସଂପାଦକ ଭାବେ ସୁଦର୍ଶନ ପାଢୀ,ଦେବୀ ପ୍ରସାଦ ଆଚାର୍ଯ୍ୟ, ପ୍ରମୋଦ କୁମାର ନାୟକ, ଟୁନା ଗଉଡ, କୋଷାଧକ୍ଷ ସୁରେଶ ଚନ୍ଦ୍ର ପଣ୍ଡା, ସହ କୋଷାଧକ୍ଷ ମଙ୍ଗଳମୂର୍ତି ବେଉରିଆ ଏବଂ ସଂଗଠନ ସଂପାଦକ ଭାବେ ଅରୁଣ କୁମାର ପାଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୨୩ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି।

● ଡାଙ୍ଗସରଡା ଏସ୍‌ଏସ୍‌ଡି ବିଦ୍ୟାଳୟରେ ବିଚିତ୍ର ବ୍ୟବସ୍ଥା

# ଗୋଟିଏ ଶ୍ରେଣୀ କକ୍ଷରେ ବସୁଛନ୍ତି ୧୬୫ ଛାତ୍ରଛାତ୍ରୀ

ଚନ୍ଦ୍ରପୁର,୨୫।୭(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ାରେ ଥିବା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି। ଶ୍ରେଣୀ ଗୃହ ଅଭାବରୁ ଗୋଟିଏ କୋଠରୀରେ ନବମ ଶ୍ରେଣୀର ୧୬୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଗୋଟିଏ ଟେବୁଲରେ ଦୁଇ ଜଣ ବସି ପାଠ ପଢିବା ପାଇଁ ନିୟମ ଥିବା ବେଳେ ତିନି ଜଣ ବସି ରହୁଛନ୍ତି। ସେହିପରି ଅନେକ ଛାତ୍ର ରୁମ୍‌ରେ ସ୍ଥାନ ଅଭାବରୁ ଠିଆ ହୋଇ ପାଠ ପଢୁଛନ୍ତି। ଶିକ୍ଷକ ପାଠ ପଢ଼ାଇବା ସମୟରେ ଅନେକ ଛାତ୍ର ଛାତ୍ରୀମାନଙ୍କୁ ଶୁଭୁନାହିଁ। ସେହିପରି ବ୍ଲାକବୋର୍ଡରେ ଶିକ୍ଷକ ଦର୍ଶାଇ ଥିବା ଅକ୍ଷର ପିଲାଙ୍କୁ ଦେଖାଯାଉ ନାହିଁ। ଫଳରେ ୧୬୫ ପିଲାଙ୍କ ପାଠ ପଢିବାରେ ବହୁ ଅସୁବିଧା ହେଉଛି। ବିଦ୍ୟାଳୟ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନ ଦେଇ ନବମ ଶ୍ରେଣୀରେ ଅଧିକରୁ ଅଧିକ ପିଲାଙ୍କୁ ଶ୍ରେଣୀରେ ଭର୍ତ୍ତି କରୁଥିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ ପୁରୁଣା କୋଠରୀ ଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଛି। ସେହିପରି କୋଠରୀ ନଥିବାରୁ ଟୁରିଜିଏମ ଓ ଇନ୍‌ଫରମେଶନ ଟେକ୍ନୋଲୋଜି ପାଠ ପଢିବାରେ ବଞ୍ଚିତ ହେଉଛି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଏନେଇ ଅବଗତ କରାଇଥିବା କହିଛନ୍ତି। ତୁରନ୍ତ ଆବଶ୍ୟକ ଶ୍ରେଣୀ ଗୃହ ଓ ଅନ୍ୟ ଆନୁଷ୍ଠାନିକ ବ୍ୟବସ୍ଥା କରିବା ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

● ୨୫ ବର୍ଷ ହେଲା ନିର୍ମାଣ ହେଉନି ନିଜସ୍ୱ ଘର

# ମାଟି କୁଡ଼ିଆରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

ବୈପାରୀଗୁଡ଼ା,୨୫।୭ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ଯୋଜନା କରାଯାଇଛି। କିନ୍ତୁ ଏହି ଯୋଜନାର ସଫଳ ରୂପାୟନ ହୋଇ ପାରୁନାହିଁ। ପିଲାଙ୍କ ପାଇଁ ନିର୍ମାଣ ହୋଇପାରୁନି ଅଙ୍ଗନବାଡି ଗୃହ। ଫଳରେ ଦୀର୍ଘ ବର୍ଷହେଲା ମାଟି କୁଡ଼ିଆରେ ବସି ପଢୁଛନ୍ତି କୋମଳମତି ପିଲା। ଏଭଳି ଚିତ୍ର ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ତେନ୍ତୁଳିପୋଡା ଗ୍ରାମରେ। ରୋଷେୟାଙ୍କ ଏକ ଛୋଟ ନୂଆଁଣିଆ କୁଡ଼ିଆରେ ପିଲାମାନେ ବସି ପଢୁଥିବାରୁ ଅଙ୍ଗନବାଡିର ନିଜସ୍ୱ ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ଅଙ୍ଗନବାଡି କର୍ମୀ ବନୀତା ରଥଙ୍କ ସୂଚନା ଅନୁଯାୟୀ, ଏହି କେନ୍ଦ୍ର ଆଖପାଖ ୩ ଖଣ୍ଡ ଗାଁ ସିନ୍ଦୁରମୁଣ୍ଡି, ନୂଆଗୁଡା, ତେନ୍ତୁଳିପୋଡ଼ାର ପିଲା ତେନ୍ତୁଳିପୋଡା କେନ୍ଦ୍ରକୁ ଆସୁଛନ୍ତି। କେନ୍ଦ୍ରରେ ସମସ୍ତ ପ୍ରକାର



ସରକାରୀ କାର୍ଯ୍ୟକ୍ରମ ହେଉଛି । ଛୋଟ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଓ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ କରାଯାଉଛି। ଏହି କେନ୍ଦ୍ରରେ ପ୍ରି ସ୍କୁଲ ପିଲା ୨୦ ଜଣ ଅଛନ୍ତି। ଟିଏଚଆର ପିଲା ୧୮ ଜଣ ଏବଂ କିଶୋରୀ ବାଳିକା ୧୫ଜଣ ଅଛନ୍ତି। କିନ୍ତୁ ନିଜସ୍ୱ ଘର ନଥିବା ଯୋଗୁଁ ରୋଷେୟାଙ୍କ ଘରେ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଛି। ବର୍ଷା ଋତୁରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ସମସ୍ତେ। ବୋଦାପୁଟ ଜଙ୍ଗଲ ପାହାଡିଆ ଅଞ୍ଚଳ ତେନ୍ତୁଳିପୋଡା ସମେତ ଅନ୍ୟ ୨ ଗାଁ ରେ ବସବାସ କରୁଛନ୍ତି ପ୍ରାୟ ଷାଠିଏ ଗଦବା ପରିବାର। ତେନ୍ତୁଳିପୋଡା ଗାଁରେ ୨୦୦୦ ମସିହାରୁ ପ୍ରତିଷ୍ଠା ହୋଇଛି ମିନି ଅଙ୍ଗନବାଡି କେନ୍ଦ୍ର। ୨୫ି ବର୍ଷ ବିତିଲାଣି ମିନି ଅଙ୍ଗନବାଡିରୁ ଅଙ୍ଗନବାଡି କେନ୍ଦ୍ରରେ ପରିବର୍ତ୍ତନ ହୋଇଛି। ହେଲେ କେନ୍ଦ୍ରର ନିଜସ୍ୱ ଘରଟିଏ ନାହିଁ। ଫଳରେ କୁନିକୁନି ପିଲା ଚାଳଘର କୁଡ଼ିଆରେ ବସିବାକୁ ବାଧ ହେଉଛନ୍ତି। ଏନେଇ ସ୍ଥାନୀୟ ସିଡିପିଓ ସବିତା ବ୍ରହ୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ଆକ୍ସନପ୍ଲାନ ଦିଆଯାଇଛି, ଘର ନିର୍ମାଣ ହେଲେ ଆଉ ସମସ୍ୟା ରହିବ ନାହିଁ।

ଜିଲ୍ଲାରେ ଲଗାଣ ବର୍ଷା

# ବୁଡ଼ିଲା କାଲିମେଳା କନ୍ୟାଶ୍ରମ ପୋଲ

କାଲିମେଲା,୨୫।୭ (ସମିସ): ଗତ ୪ ଦିନ ଧରି ସମଗ୍ର ମାଲକାନଗିରି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଲାଗିରହିଛି। ଏହି ବର୍ଷା ଦ୍ୱାରା କାଲିମେଲା କନ୍ୟାଶ୍ରମ ପୋଲଟି ବୁଡି ଯାଇଛି। ପୋଲ ଉପରେ ଦୁଇ ଫୁଟ ବନ୍ୟା ଜଳ ପ୍ରବାହିତ ହେବାରୁ ଯାନବାହାନ ଚଲାଚଳ ବ୍ୟାହତ ହେବା ସହିତ ଯାତାୟତ ବନ୍ଦ ହୋଇଛି। କାଲିମେଲା ବ୍ଲକ ସହିତ ପଡିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା। ପୋଲ ବୁଡିଯିବା ଯୋଗୁଁ ଯାତ୍ରୀବାହୀ ବସ ସହ ଅନେକ ଯାନବାହାନ ଉଭୟ ପଟେ ଅଟକି ରହିଥିବାର ଦେଖିବାକୁ ମିଳିଛି। କାଲିମେଲା ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଆଜି ଦିନ ୯ଟାରେ ଏହି ପୋଲଟି ବୁଡି ଯାଇଥିବାର ଦେଖିବାକୁ ମିଳିଛି। ତେବେ ଦୀର୍ଘ ସମୟ ପରେ ବର୍ଷାର ପରିମାଣ କିଛିଟା କମିବାରୁ ଜଳସ୍ତର ଖସିବାରୁ ଯାତାୟତରେ ସୁଧାର ଆସିଛି।



ଠିକ୍ ସେହିପରି ମାଲକାନଗିରି କାଲିମେଲା ୩୨୬ ନମ୍ବର ଜାତୀୟ ରାଜପଥ ପୋଟେରୁ ବ୍ରିଜ, ଏମ୍‌ଭି ୯୬ ବ୍ରିଜ ଉପରକୁ ପାଣି ଲାଗିଯାଇଛି। ବର୍ଷାର ଅଧିକ ହେଲେ ଏହି ଦୁଇଟି ପୋଲ ବୁଡିଯିବାର ବହୁତ ସମ୍ଭବନା ରହିଛି। ସେହିପରି ମାଲକାନଗିରିରୁ ମୋଟୁ ୩୨୬ ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ନାଳରେ ମଧ୍ୟ ପ୍ରଖର ସ୍ରୋତ ପ୍ରବାହିତ ହେଉଥିବା ବେଳେ ବର୍ଷା ଲାଗି ରହିଲେ ଏହା ମଧ୍ୟ ଜଳ ଘେରକୁ ଆସି ଯାତାୟାତ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ସାବେରୀ, ସିଲେରୁ, ତମସା, ପାଙ୍ଗମ ସମେତ ବିଭିନ୍ନ ନଦୀ ନାଳର ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଯେପରି କୌଣସି ଧନ ଜୀବନ ହାନି ନହେବ, ସେଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଚିତ୍ରକୋଣ୍ଡା ବ୍ଲକରେ ସର୍ବାଧିକ ୧୧୯ ମିଲିମିଟର, ମାଲକାନଗିରି ବ୍ଲକରେ ୯୫ମିଲି ମିଟର, ମାଥିଲି ବ୍ଲକରେ ୬୫ମିଲି ମିଟର, କାଲିମେଲା ବ୍ଲକରେ ୩୩ ମିଲି ମିଟର ବର୍ଷା ହୋଇଥିବାବେଳେ ଖଇରପୁଟ ବ୍ଲକରେ ୯୫ମିଲିମିଟର, କୋରୁକୋଣ୍ଡା ବ୍ଲକରେ ୭୨ମିଲିମିଟର ଓ ପଡିଆ ବ୍ଲକରେ ୪୫.୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସମଗ୍ର ଜିଲ୍ଲାରେ ହାରାହାରି ୭୪.୯୬ ପ୍ରତିଶତ ମିଲି.ମିଟର ବର୍ଷା ହୋଇଥିବାର ଜିଲ୍ଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଗୋବିନ୍ଦପାଲି ଠାରୁ ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ୧୫୮ କିଲୋମିଟର ରାସ୍ତାରେ ୯ଟି ଉଚ୍ଚା ପୋଲ ନିର୍ମାଣ କାମ ଦୀର୍ଘ ୪ବର୍ଷ ଧରି ଚାଲିଛି। ଏହା ମନ୍ଥରଗତିରେ ଚାଲିଥିବାରୁ ପ୍ରତିବର୍ଷ ବର୍ଷା ଦିନେ ପାଙ୍ଗମ, ଯବାଗଡ଼, ତମସା, ପୋଟେରୁ, କାଙ୍ଗୁରକୋଣ୍ଡା, ଏମଭି ୯୦, ଏମଭି ୯୬ ପ୍ରଭୃତି ସ୍ଥାନରେ ଥିବା ସବୁ ନୀଚା ପୋଲ ଗୁଡ଼ିକ ବୁଡି ଯାଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ।

# ପାଣି ଘେରରେ ସମଗ୍ର ଶିକ୍ଷା କାର୍ଯ୍ୟାଳୟ

ବରଗଡ଼, ୨୫।୭ (ସମିସ)

ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାକୁ ଥିବା ମୁଖ୍ୟ ଗେଟର ଡାହାଣ ପାର୍ଶ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ରହିଛି। ଏହାର ପ୍ରବେଶ ପଥରେ ପାଣି କାଦୁଅର ଦଳ ଭର୍ତ୍ତି ହୋଇ ରହିଚି। ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଲାଗିଥିବା କାର୍ଯ୍ୟାଳୟର ଦୃଶ୍ୟ ଏଭଳି ତାହେଲେ ଗ୍ରାମାଞ୍ଚଳରେ ଲୋକେ କଣ ନ ଭୋଗୁଥିବେ ଏଥିରୁ ଅନୁମାନ କରାଯାଇପାରେ। କାର୍ଯ୍ୟାଳୟଟି ବରଗଡ଼ ଜିଲ୍ଲାରେ ଅକ୍ଟୋବର ୧୯୯୭ରୁ ଡିପିଇପି ଆରମ୍ଭ ହେବା ଦିନରୁ କାର୍ଯ୍ୟ ରହିଛି। ବିଗତ ଦିନରେ ବର୍ଷା ଦିନେ ସାମାନ୍ୟ ପାଣି ଜମିବା ନୂଆ କଥା ନହେଲେ ମଧ୍ୟ ଚଳିତ ବର୍ଷ ମୁଖ୍ୟ ପ୍ରବେଶ ପଥ ଅତିକ୍ରମ କରି ଭିତରକୁ ଯିବା ହିଁ କଷ୍ଟକର ହେଇପଡ଼ିଛି। ପ୍ରାୟ ଏକ ଫୁଟରୁ ଦୁଇ ଫୁଟ ନର୍ଦ୍ଦମା ପାଣି ଜମି ରହିଛି, ମଝିରେ ଖାଲ, ତା ସହିତ ପାଣି ଜମି ରହୁଥିବା କାରଣରୁ



ବିଭିନ୍ନ କିସମର ବିଷାକ୍ତ ସାପ, କୀଟ ପତଙ୍ଗ, ମଶା ରହିଥିବା ଦେଖା ଯାଉଛି। ଏତେ ପରିମାଣରେ ମଶା ଭରି ରହିଛନ୍ତି ଯେ କାର୍ଯ୍ୟାଳୟରେ ଦିନବେଳା ମଧ୍ୟ ଅଧଘଣ୍ଟା ବସିବା ଅସମ୍ଭାଳ ହେଉଛି। ପ୍ରକାଶ ଥାଉ କି, ପ୍ରତିଦିନ କର୍ମଚାରୀ ମାନଙ୍କ ବ୍ୟତୀତ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଅଫିସକୁ ଆସିଥାନ୍ତି। ଶିକ୍ଷା ଅଧିକାରୀ ନିଜେ ତାଙ୍କର ଚାରିଚକିଆ ଯାନରେ ଯାଉଥିବାରୁ ବୋଧହୁଏ ଅସୁବିଧା ଅନୁଭବ କରିପାରୁ ନାହାନ୍ତି। ଖୋଦ ଜିଲ୍ଲପାଳ ଆଦିତ୍ୟ ଗୋୟଲ ପ୍ରତିଦିନ ଏହି ରାସ୍ତା ଦେଇ ପ୍ରାୟ ତିନିରୁ ଚାରିଥର ଯିବା ଆସିବା କରୁଛନ୍ତି। ହେଲେ ଏସବୁ ତାଙ୍କର ଦୃଷ୍ଟିଗୋଚର ନହେବା ଆଶ୍ଚର୍ଯ୍ୟ କରେ। ପୁଣି ଏପ୍ରକାର ଅବସ୍ଥା ପ୍ରାୟ ତିନି ମାସ ଧରି ଲାଗି ରହିଛି। କୌଣସି ବଡ଼ ଦୁର୍ଘଟଣାକୁ

**● କର୍ମଚାରୀ ହନ୍ତସନ୍ତ**
**● ବର୍ଷା ଛାଡ଼ିଲା ପରେ ବି ଜମି ରହୁଛି ପାଣି**

ଅପେକ୍ଷା ଥିବା ଲୋକେ ଚର୍ଚ୍ଚା କରୁଛନ୍ତି। କାର୍ଯ୍ୟାଳୟ ପରିସରରୁ ନର୍ଦ୍ଦମା ଜଳକୁ ନିଷ୍କାସନ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼ ମ୍ୟୁନିସିପାଲଟି ଚେୟାରମ୍ୟାନ, ଏକଜିକ୍ୟୁଟିଭ ଅଫିସର, ପିଡବ୍ଲ୍ୟୁଡି କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ପ୍ରମୁଖ ଦୃଷ୍ଟି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସଂଘମିତ୍ରା ଗ୍ରୁପ ସମ୍ମାନିତ



ବରଗଡ଼, ୨୫।୭ (ସମିସ): କଲ୍ୟାଣୀ ସେବା ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟରେ ନିଃସ୍ୱାର୍ଥପର ସମାଜସେବା କରୁଥିବା ଅନୁଷ୍ଠାନ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ର ସଂଘମିତ୍ରା ଗ୍ରୁପକୁ ମଧ୍ୟ ନିମନ୍ତ୍ରଣ କରି ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମୋମେଣ୍ଟୋ, ମାନପତ୍ର ଉପଢୌକନ ଓ ପୁଷ୍ପଗୁଛ ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ସଂଘମିତ୍ରା ପଟେଲଙ୍କ ସହିତ ସନ୍ତୋଷ ଅଗ୍ରୱାଲ, ଗାନ୍ଧୀ ଦୋରା, ପ୍ରକାଶ ରଥ ପ୍ରମୁଖ ମଞ୍ଚ ଉପରକୁ ଯାଇ ସମ୍ମାନିତ ହୋଇଥିଲେ। କଲ୍ୟାଣୀ ସେବା ଟ୍ରଷ୍ଟର ପ୍ରତିଷ୍ଠାତ୍ରୀ ଗୀତା ବିଶ୍ୱାସ ଓ ସମ୍ପାଦକ ରୋହିତ ନାୟକ ସମ୍ମାନିତ କରିଥିଲେ। ଏହିହ ସମ୍ମାନ ପାଇବା ପରେ ବରଗଡ଼ ଜିଲ୍ଲାରୁ ବହୁ ବିଶିଷ୍ଟ ବ୍ୟକ୍ତି ସଂଘମିତ୍ରା ଗ୍ରୁପକୁ ଶୁଭେଚ୍ଛା ଜଣାଇଛନ୍ତି।

## ବହି ହେଉଛି ଏକ ପରିପୂର୍ଣ୍ଣ ପୃଥିବୀ




ବରଗଡ଼, ୨୫।୭ (ସମିସ): ଝରକା ନଥିଲେ ଘର ଯେପରି ଆଲୋକିତ ହୋଇ ପାରେନାହିଁ, ଠିକ୍ ସେହିପରି ବହି ନଥିବା ଘର ଝରକା ନଥିବା ଘର ସଙ୍ଗେ ସମାନ। ବହି ହେଉଛି ଏକ ପରିପୂର୍ଣ୍ଣ ପୃଥିବୀ। ଛାତ୍ରଛାତ୍ରୀଙ୍କ ସହ ସମାଜର ସବୁ ବର୍ଗର ଲୋକ ବହି ପଢ଼ାକୁ ଆପଣେଇବା ଉଚିତ୍ ବୋଲି 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ତରଫରୁ ସରସରା ମହାବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। 'ଶିଶୁଶ୍ରୀ'ର ସଭାପତି ମନୋରଞ୍ଜନ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଦେବାର୍ଚ୍ଚନ ସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ର ପୁସ୍ତକ ନଥିବା ଘର ଝରକା ନଥିବା ଘର ସଙ୍ଗେ ସମାନ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସଞ୍ଜୟ ପ୍ରଧାନ, ଅଧ୍ୟାପିକା ରାଜଶ୍ରୀ ମିଶ୍ର, ଅଧ୍ୟାପିକା ଦମୟନ୍ତୀ କର ଛାତ୍ରଛାତ୍ରୀଙ୍କ ଜୀବନରେ ପୁସ୍ତକ ପଠନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଦର୍ଶିତ ପୁସ୍ତକରୁ ପସନ୍ଦ ମୁତାବକ ପୁସ୍ତକ ପଠନ ପରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶ୍ରେୟା ଭୋଇ, ସଞ୍ଜିତା କୁଅଁର ଓ ବିଷ୍ଣୁପ୍ରିୟା ପ୍ରଧାନ ପୁରସ୍କୃତ ହେଇଥିଲେ। କାର୍ଯ୍ୟକ୍ରମକୁ 'ଶିଶୁଶ୍ରୀ'ର ଆବାହକ ଡ.ରବିନାରାୟଣ ସାହୁ ସଂଯୋଜନା କରିଥିଲେ।

## ସୁବର୍ଣ୍ଣ ଦୀପର ରଜ/ରଥ ସଂଖ୍ୟା ଲୋକାର୍ପିତ

ବରଗଡ଼, ୨୫।୭ (ସମିସ): ବରଗଡ଼ରୁ ପ୍ରକାଶିତ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ/କିଶୋର ପତ୍ରିକାର ୩୧ତମ ବର୍ଷର ରଜ/ରଥ ସଂଖ୍ୟା ଏଇଏମ୍ ସ୍କୁଲ ଠାରେ ଲୋକାର୍ପିତ ହୋଇଯାଇଛି। ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥଲେ।



ସମ୍ମାନିତ ଅତିଥି ଭାବେ ସମାଜସେବୀ ସର୍ଦ୍ଦାର ପ୍ରୀତମ ସିଂହ ଓ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ମନୋରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସ୍ୱର୍ଗତ ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ସାହିତ୍ୟିକ ମନୋରଞ୍ଜନ ମେହେର ପତ୍ରିକାର ଶିକ୍ଷା, ପିଲାମାନଙ୍କର ଚିତ୍ର, ପିଲାମାନଙ୍କ ଲେଖାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ଏଇଏମ୍ ସ୍କୁଲର ପାରଦର୍ଶିତା ପାଇଁ ସ୍ମୃତିଫଳକ ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ଲେଖିକା ମୁନ୍ ତାଜ୍ ଖାତୁନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ସଚେତନତା କର୍ମଶାଳା

ସୋହେଲା, ୨୫।୭ (ସମିସ): କାର୍ଯ୍ୟସ୍ଥଳୀରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା ସୋହେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ସୋହେଲା ବିଇଓ ଅମୃତା ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୋହେଲା ବିଡିଓ କରିସ୍ମା ଭେସ୍ରା ଯୋଗ ଦେଇଥିଲେ। ଅତିଥି ଭାବେ ତହସିଲଦାର ଶୁଭରଞ୍ଜନ ନାୟକ, ଥାନାଧିକାରୀ ହରିଶଙ୍କର ଭୋଇ, ଆଇସିଡିଏସ ସୁପରଭାଇଜର ଅନୁପମା ହେସ, ସମାଜ ମଙ୍ଗଳ ଅଧିକାରୀ ଶିବପ୍ରସାଦ ଆଡବାଙ୍କ, ଅଧ୍ୟକ୍ଷ ରବୀନ୍ଦ୍ର ମିଶ୍ର, ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ପ୍ରମୁଖ ମଞ୍ଚାସୀନ ଥିଲେ। ବିଇଓ ସାହୁ ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନରେ ଆଇସିସି ଗଠନ ହୋଇଥିବା ପ୍ରକାଶ କରିବା ସହ ଆଗାମୀ ଦିନରେ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ମହିଳା ନିର୍ଯାତନା ବିରୋଧରେ ଭାରତୀୟ ନ୍ୟାୟ ସଂହିତାରେ ଥିବା ନିୟମାବଳୀ ଓ ଦଣ୍ଡାଦେଶ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଏବିଇଓ ମନୋହର ଉଟୀ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ବ୍ଲକର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମାଜ ମଙ୍ଗଳ ବିଭାଗର ପ୍ରଧାନଶିକ୍ଷକ ଓ ସିଆରସିସି ମାନେ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ୍ ପକ୍ଷରୁ ଛତା ବଣ୍ଟନ

ଥୁଆପାଲି, ୨୫।୭ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ ଥୁଆପାଲି ଲାୟନ୍ସ କ୍ଲବ୍ ପକ୍ଷରୁ ଗରିବ, ନିଃସହାୟ ନୀରିହ ବ୍ୟକ୍ତିଙ୍କୁ ବର୍ଷା ସମୟରେ ସୁବିଧା ପାଇଁ ମାଗଣାରେ ଛତା ବଣ୍ଟନ କରାଯାଇଛି। ଏଥିରେ ଲାୟନ୍ସ କ୍ଲବ୍‌ର ସଦସ୍ୟ ସନ୍ତୋଷ ପାଢ଼ୀ, ଶଙ୍କରଲାଲ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ତାଳ ଗୋଟମା ରୋପଣ ପ୍ରସ୍ତୁତି

ଦହିତା, ୨୫।୭ (ସମିସ): ପଦ୍ମପୁର ବନାଞ୍ଚଳ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ତାଳ ଗୋଟମା ରୋପଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦହିତା ନେତାଜୀକ୍ଲବ୍ ପରିସରରେ ଅନୁଷ୍ଠିତ ବୈଠକରେ ବନ ସୁରକ୍ଷା ସମିତିର ସଭାପତି କିଶୋର ଭୋଇ ସଭାପତିତ୍ୱ କରିଥିଲେ। ଏଥିରେ ଫରେଷ୍ଟର ପଦ୍ମିନୀ ଭୋଇ ନେତାଜୀ କ୍ଲବ୍‌ର ସଭାପତି ସରୋଜ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର ପ୍ରମୁଖ ଯୋଗଦେଇ ତାଳ ଗୋଟମା ରୋପଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜଙ୍ଗଲ ବିଭାଗର ପ୍ରଶାନ୍ତ ହୋତା ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ଏବଂ ବଜ୍ରପାତ ଯୋଗୁଁ ଲୋକଙ୍କ ଜୀବନ ଯାଉଥିବାରୁ ତାଳ ଗଛ ରୋପଣ ଦ୍ୱାରା ବଜ୍ରପାତକୁ ରୋକାଯାଇ ପାରିବ ବୋଲି ବୁଝାଇଥିଲେ। ଶେଷରେ ରକ୍ମଣ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକଳ୍ପ ପରିବାରକୁ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନ

ବରଗଡ଼, ୨୫।୭ (ସମିସ): ବରଗଡ଼ ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ସେବାରତ୍ନ ସମ୍ମାନରେ ସମ୍ମାନିତ ହୋଇଛି। ସଂକଳ୍ପ ପରିବାର ଦୀର୍ଘ ୫ ବର୍ଷ ହେଲା ଗରିବ ଅସହାୟ, ନିଷ୍ପେସିତ ଲୋକଙ୍କ ସାହାଯ୍ୟ କରି ଆସୁଛି। ରକ୍ତଦାନ ଶିବିର, ବୃକ୍ଷରୋପଣ, ମାଗଣା ଆମ୍ବୁଲାନ୍ସ ସେବା, ଅସହାୟ ଅଚିହ୍ନା ଶବ ସତ୍କାର ତଥା ମାନସିକ ବିକୃତ ରୋଗୀଙ୍କୁ ଉଦ୍ଧାର କରି ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୁନର୍ବାସ କେନ୍ଦ୍ରରେ ଥଇଥାନ କରି ଆସୁଛି। ଏହି କ୍ରମରେ ସଂକଳ୍ପ ପରିବାରର ସେବା ମନଭାବକୁ ଦେଖି ଭୁବନେଶ୍ୱରରେ ଥିବା ସାମାଜିକ ଅନୁଷ୍ଠାନ କଲ୍ୟାଣୀ ସେବା ଟ୍ରଷ୍ଟ ତାର ଦ୍ୱତୀୟ ବାର୍ଷିକ ଉତ୍ସବ ପାଳନ କରୁଥିବା ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂକଳ୍ପ ପରିବାରକୁ ସମ୍ମାନିତ ଅତିଥି ଭାବେ ନିମନ୍ତ୍ରଣ କରିବା ସହିତ 'ସେବାରତ୍ନ' ସମ୍ମାନରେ ସମ୍ମାନିତ କରିଛି। ସଂକଳ୍ପ ପରିବାରର ସକ୍ରିୟ ସଦସ୍ୟରବି ମାକର ଓ ଭୂପେଶ ସାହୁ ଭୁବନେଶ୍ୱର ଯାଇ ଉକ୍ତ ସମ୍ମାନ ଅତିଥିଙ୍କ ହାତରୁ ଗ୍ରହଣ କରିଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି.ରମେଶଙ୍କ, ନିରାକାର ପ୍ରଧାନ, ସୁରେନ୍ଦ୍ର ଭୁଏ ପ୍ରମୁଖ କଲ୍ୟାଣୀ ସେବା ଟ୍ରଷ୍ଟକୁ ଧନ୍ୟବାଦ ଜଣାଇବା ସହିତ ଉକ୍ତ ସେବା ସାମାଜିକ କାର୍ଯ୍ୟ କରିବାରେ ସଂକଳ୍ପ ପରବାରକୁ ଆହୁରି ଉତ୍ସାହିତ କରିବା ସହିତ ପ୍ରେରଣାର ଉତ୍ସ ସାଜିବ ବୋଲି ମତ ପ୍ରକାଶ କରିଛନ୍ତି।




## ଦହିତା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ, ନର୍ସ ପଦ ଖାଲି

ଦହିତା, ୨୫।୭ (ସମିସ): ପଦ୍ମପୁର ଉପଖଣ୍ଡ ଦହିତା ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଏବଂ ନର୍ସ ପଦବୀ ଖାଲିପଡ଼ିଛି। ଫଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବରୁ ଅବସ୍ଥାପିତ ଫାର୍ମାସିଷ୍ଟ ଧନଞ୍ଜୟ ପାତ୍ରଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଡେପୁଟେସନରେ ପଠାଯାଇଛି। ଏହାପରେ ଏଠାରେ ଫାର୍ମାସିଷ୍ଟ ନିଯୁକ୍ତି ହେଉନାହିଁ। ଫଳରେ ଫାର୍ମାସିଷ୍ଟଙ୍କ କାମ ବନ୍ଦ ହୋଇପଡ଼ିଛି। ପୁଣି ଜଣେ ନର୍ସ ନଥିବାରୁ ରୋଗୀଙ୍କ ଭିଡ ସମୟରେ ଔଷଧ ବିତରଣ ତଥା ପ୍ରସୂତୀ କାମ ହୋଇ ପାରୁନଥିବା ଅଭିଯୋଗ ହୋଇଛି। ଦହିଗାଁ, ଖଲିଆପାଲି, ଜମରତଲା ପ୍ରଭୃତି ୪ଟି ପଞ୍ଚାୟତର ୩୦ ଖଣ୍ଡର ଗାଁର ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ଯୁଦ୍ଧକାଳୀନ ଭିତ୍ତିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସଙ୍କୁ ଅବସ୍ଥାପିତ କାରିବା ପାଇଁ ଅଞ୍ଚଳବାସୀ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ଦାବି ଜଣାଇଛନ୍ତି।

## ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବରଗଡ଼, ୨୫।୭ (ସମିସ): ସମାଜରେ କଣ କଣ ଘଟୁଛି ତାହା ଜଣାଇ ଥାଏ ସାମାଜିକ ଗଣମାଧ୍ୟମ କିନ୍ତୁ ସେଥିରେ ବହୁ ସମୟ ଅପଚୟ ହେବା ସହ ଛାତ୍ରଛାତ୍ରୀ ଲକ୍ଷ୍ୟ ପଥରୁ ବାଟ ହୁଡିଥାନ୍ତି। ସାମାଜିକ ଗଣମାଧ୍ୟମର ବ୍ୟବହାରରେ ସଂଯମତା ଓ କଠୋର ପରିଶ୍ରମ ସଫଳତାର ଚାବିକାଠି। ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଛାତ୍ରୀ ମାନଙ୍କୁ ଏହି ବାର୍ତ୍ତା ଦେଇଛନ୍ତି। ମହାବିଦ୍ୟାଳୟର ସଭାପତି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଅନୁଷ୍ଠାନର ଗୁଣାତ୍ମକ ବିକାଶ ଓ ନିମ୍ନ ସ୍ତରରୁ ଉଚ୍ଚତମ ସୋପାନକୁ ଯାତ୍ରା ପଶ୍ଚାତରେ ଥିବା ସଂଘର୍ଷ କେମିତି ଜୀବନରେ ନୂଆ ଫର୍ଦ୍ଦ ଖୋଲି ଦିଏ ସେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତ ଶିକ୍ଷା ବର୍ଷରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଯୁକ୍ତ ଦୁଇ କଳାରେ ଟପ୍ପର ଶିଳ୍ପିଶ୍ରୀ ପ୍ରଧାନ, ବାଣିଜ୍ୟରେ ଏମ ଏ ବିଜୟଲକ୍ଷ୍ମୀ, ବିଜ୍ଞାନରେ ଯୋଗ୍ୟା ଆଲୋକିତା ବଢ଼େଇ ତଥା ଯୁକ୍ତ ତିନିର ବିଶ୍ୱବିଦ୍ୟାଳୟର ଶୀର୍ଷ ଦଶ ଜଣରେ ଥିବା ମନସ୍ତତ୍ତ୍ୱ ସମ୍ମାନର ମହକ ଗୋୟଲ୍, ଅନ୍ୱେଷା ସାହୁ, ଦିଶା ଅଗ୍ରୱାଲ ଓ ଶ୍ରୀମା ସମର୍ପିତା ବାରିକ, ଅର୍ଥନୀତି ବିଭାଗର ଆରତୀ ଭୋଇ, ଗୃହ ବିଜ୍ଞାନ ବିଭାଗର ସୁଶ୍ରୀ ଗୋଲ୍ଡି ସାହୁଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ଡ.ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ ହୋଇଥିଲେ ଓଡ଼ିଆ ଟପ୍ପର ଦୂଲାରୀ ପ୍ରଧାନ, ଇଂରାଜୀ ଟପ୍ପର୍ ପ୍ଲିଜା ଆଚାର୍ଯ୍ୟ ଓ ପଦାର୍ଥ ବିଜ୍ଞାନ ଟପ୍ପର ଅନିନ୍ଦ୍ୟା ସାହୁଙ୍କୁ ଶ୍ରୀରବିନ ଭୋଇ ସ୍ମୃତି ସମ୍ମାନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ଓ ସମପାନୀ ସଙ୍ଗୀତ ପରିବେଷଣ କରିଥିଲେ ଛାତ୍ରୀ ସ୍ନେହା, ଆୟୁଶୀ, ଶିଖା ଓ ସାଥୀ। ପ୍ରଧ୍ୟାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡ.ସଂଘମିତ୍ରା ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାସହ ବିଧାୟକ ଷଡଙ୍ଗୀଙ୍କ କରକମଳରେ ଏକ କୋଟି ବ୍ୟୟଅଟକଳରେ ନୂତନ ହଷ୍ଟେଲ ନିର୍ମାଣ ପାଇଁ ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରା ଯାଇଥିଲା। ପୁରୁଣା ହଷ୍ଟେଲ ଭାଙ୍ଗିଲା ପରେ ଛାତ୍ରୀ ମାନଙ୍କ ରହିବା ପାଇଁ ସୁବିଧା ନ ଥିବାରୁ ଦୂରଦୁରାନ୍ତରର ମେଧାବୀ ଛାତ୍ରୀ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ହଷ୍ଟେଲ ନିର୍ମାଣ କାମ ଶୀଘ୍ର ଆରମ୍ଭ ପାଇଁ ଅନୁରୋଧ ସହ ନୂଆ ସ୍ନାତକୋତ୍ତର ଓଡ଼ିଆ ଶ୍ରେଣୀ ଓ ଯୁକ୍ତ ତିନି ବାଣିଜ୍ୟ ତଥା ହିନ୍ଦୀ ଓ ସଂସ୍କୃତ ସମ୍ମାନ ଖୋଲିବା ପାଇଁ ଅନୁମତି ମିଳି ଥିବାରୁ କର୍ମଚାରୀ ବିଧାୟକଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

# ବନ ମହୋତ୍ସବ — ଗଛ ଲଗାଅ ଜୀବନ ବଞ୍ଚାଅ












### ବାଦିମାଲ ବିଦ୍ୟାଳୟ

ଦହିତା, ୨୫।୭ (ସମିସ): ପଦ୍ମପୁର ଉପଖଣ୍ଡ ବାଦିମାଲ ଗାଁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ଅପରିମିତା ସହୁ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ବାସନ୍ତୀ ସାହୁ ସଭା ପରିଚାଳନା କରିଥିଲେ। ବାଜେନମୁଣ୍ଡା କେଆର୍‌ପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରସନ୍ନ ମେହେର ମୁଖ୍ୟ ଅତିଥି ଭାବେ ଓ ଚନ୍ଦ୍ର ଶେଖର ବାରିକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ 'ମା ପାଇଁ ଗଛ ଟିଏ'ର ତାତ୍ପର୍ଯ୍ୟ ବିଷୟରେ ବୁଝାଇଥିଲେ। ଶେଷରେ ସହକାରୀ ଶିକ୍ଷୟତ୍ରୀ ସସ୍ମିତା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସନ୍ନ ମେହେର ଯୋଗାଇଥିବା ପଣସ, ଡାଳିମ୍ବ, ପିଜୁଳି ଓ ଅଇଁଲାର ୧୫୦ ଟି ଚାରା ଛାତ୍ରଛାତ୍ରୀଙ୍କୁ ରୋପଣ କରିବା ପାଇଁ ବଣ୍ଟନ କରଯାଇଥିଲା। ଏହାସହିତ ଘରକୁ ଘର ଯାଇ ମା' ମାନଙ୍କୁ ଚାରା ବଣ୍ଟନ କରାଗଲା। କାର୍ଯ୍ୟକ୍ରମରେ "ଗଛ ଲଗାଅ ଜୀବନ ବଞ୍ଚାଅ" ନାରା ଦେଇ ବହୁ ସଂଖ୍ୟାରେ ଜନ୍ମ ଓ ବିବାହ ଉତ୍ସବରେ ଚାରା ଉପହାର ଦେବାକୁ ପ୍ରୋତ୍ସାହିତ କରାଯାଇଥିଲା।

### ଏବିଭିପିର ଚାରାରୋପଣ

ବିଜେପୁର: ଶହୀଦ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲା ଏବିଭିପି ବିଜେପୁର ନଗର ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପୁର ବିଧାୟକ ସନତ ଗଡ଼ତୀୟା, ଏବିଭିପି ଜିଲ୍ଲା ସଂଯୋଜକ ପ୍ରାଞ୍ଜଳ କୁଅଁର, ଏବିଭିପି ବିଜେପୁର ନଗର ସଭାପତି ବିଭୁଦତ୍ତ ପାତ୍ର, ନଗର ସମ୍ପାଦକ ଶୁଭଙ୍କର ଦାଶ, ସହସମ୍ପାଦକ ସୋନାଲିରାଣୀ ଦାଶ ଏବଂ ବିଜେପୁର ନଗର ଏବିଭିପି କାର୍ଯ୍ୟକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ବିଶେଷ ଭାବେ ଏବିଭିପି ବିଜେପୁର ନଗର ଏସଏଫଡି ପ୍ରମୁଖ ସୋମଦିତ୍ୟ ସାହୁ, ଆରକେଏମ ପ୍ରମୁଖ ଡଲି ମେହେର, କାର୍ଯ୍ୟକର୍ତ୍ତା ରୋହନ ଗଡ଼ତିଆ, ଛତ୍ରପତି ତାଣ୍ଡି, ଆଶିସ ମେହେର, ରାଜା ଛତର, ଜିତୁ ସାହୁ, ଅମନ ପଧାନ ପ୍ରମୁଖ ଅଂଶଗ୍ରହଣ କରି ବୃକ୍ଷରୋପଣରେ ସହଯୋଗ କରିଥିଲେ।

### ପଞ୍ଚାୟତ ମହାବିଦ୍ୟାଳୟ

ବରଗଡ଼: ପରିବେଶ ସୁରକ୍ଷା ଏବଂ ଏଥିରେ ସାମୂହିକ ସହଭାଗିତା ପ୍ରତି ଜାରି ରହିଥିବା ପ୍ରଚେଷ୍ଟା 'ବନ ମହୋତ୍ସବ' ତଥା କେନ୍ଦ୍ର ସରକାରଙ୍କ 'ମା' ପାଇଁ ଗଛଟିଏ' ଅଭିଯାନର ଅଂଶବିଶେଷ ଭାବେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ.ନକୁଳ ସେଠ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରକୃତି ସଂରକ୍ଷଣ ଏବଂ ସବୁଜ ପରିବେଶ ସୃଷ୍ଟିର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସହକାରୀ ପ୍ରଫେସର ତଥା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ବିଜୟ ନାଗ, ଡ.ସୁଷମା ଏବଂ ହୃଦାନନ୍ଦ ଭୁଏ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ, ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀର ଜାତୀୟସେବା ଯୋଜନାରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା।

### ଜୈବବିବିଧତା ପରିଚାଳନା ସମିତି

ଅମ୍ବାଭୋନା: ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଅବସରରେ ଅମ୍ବାଭୋନା ବ୍ଲକ ଅଧୀନ ହୀରାକୁଦ ରାମସର୍ ସାଇଟ୍ ନିକଟବର୍ତ୍ତୀ ଉତ୍ତମ ଜୈବ ବିବିଧତା ପରିଚାଳନା ସମିତି ଠାରେ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଚାରାରୋପଣ କରାଯାଇଛି। ଜୈବ ବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ ହୀରାଧର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଉତ୍ତମ ସେକ୍ସନର ବନପାଳ ସଞ୍ଜୀବ ପଣ୍ଡା ଏବଂ ବରଗଡ଼ ବନଖଣ୍ଡର ଡୁଙ୍ଗୁରୀ ସେକ୍ସନର ବନପାଳ ଚକାନନ୍ଦ ବରିହା ବନରକ୍ଷୀ ପ୍ରକାଶ ପାଢ଼ୀ ଏବଂ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଶୋକ, ଜାମୁ, ଆମ୍ବ, ପିଜୁଳୀ, ବେଲ, ଅଁଳା, ଡାଳିମ୍ବ, କରମଙ୍ଗା, ଲିମ୍ବ ଓ ପଣସ ଚାରାରୋପଣ କରାଯାଇଥିଲା।

## ବିଦ୍ୟାଳୟରୁ ଚୋରି ଅଭିଯୋଗ

**ଖଜୁରିଆକଟା, ୨୫ ।୭ (ସମିସ):** ହିନ୍ଦୋଳ ଉପଖଣ୍ଡରେ ଥିବା ବିଦ୍ୟାଳୟଗୁଡ଼ିକୁ ଟାର୍ଗେଟ କରିଛନ୍ତି ଲୁଟେରାମାନେ। ବିଦ୍ୟାଳୟଗୁଡ଼ିକରେ ରାତ୍ର ଜଗୁଆଳୀ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରୁଛନ୍ତି। ଏକ ମାସ ଭିତରେ ହିନ୍ଦୋଳର ବିଭିନ୍ନ ଅଞ୍ଚଳରେ ଥିବା ୮ ଟି ସ୍କୁଲରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହେଲାଣି। ଗୁରୁବାର ରାତିରେ ଅସରଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ରଞ୍ଜାଗୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନଶିକ୍ଷକ ବାଲିମି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲୁଟେରାମାନେ ବିଦ୍ୟାଳୟରେ ଥିବା ଷ୍ଟିଲ ଆଲମିରା ଭାଙ୍ଗି ସେଥିରେ ଥିବା ଦରକାରୀ କାଗଜଗୁଡ଼ିକୁ ଏଣେତେଣେ ଫୋପାଡ଼ିବା ସହ ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ୨ ହଜାର ଟଙ୍କା ନେଇଛନ୍ତି। ବିଦ୍ୟାଳୟଗୁଡ଼ିକ ଜନବସତିଠାରୁ ଦୂରରେ ରହିଥିବା ବେଳେ ରାତ୍ର ଜଗୁଆଳ ନ ଥିବାରୁ ଏଭଳି ଅଭାବନୀୟ ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହେଉଛି।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ନେଇ ସଚେତନତା



**ଢେଙ୍କାନାଳ, ୨୫ ।୭ (ସମିସ):** ଢେଙ୍କାନାଳ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ନେଇ ସଖୀ ୱାନ ଷ୍ଟପ ସେଣ୍ଟର ପକ୍ଷରୁ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଖୀ ୱାନ ଷ୍ଟପ ସେଣ୍ଟରର ପ୍ରଶାସିକା ରଞ୍ଜିତା ମଞ୍ଜରୀ କର, ଆଇନଜୀବୀ ରଞ୍ଜନ କୁମାର ମିଶ୍ର ଯୋଗଦେଇ କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଉପରେ ଆଲୋକପାତ କରିଥିଲେ। ଏହି ଆଇନର ଧାରା ୪(୧) ଅନୁସାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ଉପରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ଆଇନ ବିଭିନ୍ନ ଦିଗ ଉପରେ ଅବଗତ ହୋଇଥିଲେ। ସଖୀ ୱାନ ଷ୍ଟପ ସେଣ୍ଟର କର୍ମଚାରୀ ଲିପ୍ସା ପାତ୍ର, ମୋନାଲିସା ସାହୁ, କାଉନସେଲର ଯାଜ୍ଞସେନୀ ନାଏକ, ଜିଏନଏମ ସ୍ୱାଗତିକା ସାହୁ ଯୋଗଦେଇ ସଚେତନ କରିଥିଲେ।

## ନକଲି ଆଧାର କାର୍ଡଧାରୀ ପଶ୍ଚିମବଙ୍ଗର ବାଳ ଶ୍ରମିକ ଉଦ୍ଧାର

● ଦଲାଲ, ଠିକାଦାର ଫେରାର

**ହିନ୍ଦୋଳ, ୨୫ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ଓ ହିନ୍ଦୋଳ ଅଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାରେ କାମ କରାଇବା ପାଇଁ ଦଲାଲ୍ ଓ ଠିକାଦାରମାନେ ପଶ୍ଚିମବଙ୍ଗର ନିରୀହ ନାବାଳକମାନଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ଆଣିଥିବା ବେଳେ ମେରାମଣ୍ଡଳୀ ରେଳ ଷ୍ଟେସନରେ ସେମାନଙ୍କୁ ଉଦ୍ଧାର କରାଯାଇଛି।



ଶୁକ୍ରବାର ସନ୍ଧ୍ୟାରେ ସେମାନେ ମେରାମଣ୍ଡଳୀ ରେଳ ଷ୍ଟେସନରେ ଟ୍ରେନରୁ ଓହ୍ଲାଇବା ବେଳେ ସାମ୍ବାଦିକ ସଞ୍ଜୟ କୁମାର ବେହେରାଙ୍କ ନଜରକୁ ଆସିଥିଲେ। ସଞ୍ଜୟଙ୍କର ସନ୍ଦେହ ହେବାରୁ ସେମାନଙ୍କୁ ପଚାରଉଚରା କରିଥିଲେ। ନାବାଳକମାନେ ସବୁକଥା କହିବା ପରେ ସଞ୍ଜୟ ତୁରନ୍ତ ଜିଆର୍‌ପିକୁ ସୂଚନା ଦେଇଥିଲେ। ଜିଆର୍‌ପି ସେମାନଙ୍କୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ତେବେ ନାବାଳକମାନଙ୍କୁ ଏଠାକୁ ଆଣିଥିବା ଠିକାଦାର ଓ ଦଲାଲ ଫେରାର ହୋଇଯାଇଛନ୍ତି। ପୁଲିସ ନାବାଳକମାନଙ୍କୁ ତାଙ୍କ ଘରକୁ ପଠାଇବା ବ୍ୟବସ୍ଥା କରିଛି। ଫେରାର ଠିକାଦାର ଓ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ପ୍ରଥମ ବିଜେଡି କାଉନସିଲରଙ୍କ ବିୟୋଗ

**ଢେଙ୍କାନାଳ, ୨୫ ।୭ (ସମିସ):** ଢେଙ୍କାନାଳ ପୌରପରିଷଦର ପ୍ରଥମ ବିଜେଡି କାଉନସିଲର (ୱାର୍ଡ ନଂ-୬) ସଞ୍ଜୁବାଳା ବେହେରାଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫୯ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବୀପ୍ରସାଦ ଭୂତିଆ, ଡିକେ ମୁଭିଜ୍‌ର ପ୍ରଯୋଜକ ଦୀପକ କୁମାର ମିଶ୍ର, ପୂର୍ବତନ ବିଧାୟକ ସୁଧୀର ସାମଲଙ୍କ ପ୍ରତିନିଧି ବୁବୁଲି ଧଳ, ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ସନ୍ତୋଷ ରାଉତ, ୱାର୍ଡ ନମ୍ବର-୬ର କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ମିହିର ପ୍ରସାଦ ରାଉତ, ନଗର ବିଜେଡି ସଭାପତି ବିନୋଦ ମହାନ୍ତି, ଶୁଭେନ୍ଦୁ ଦାସ, ଶ୍ରୀନିବାସ ଷଡ଼ଙ୍ଗୀ, ଗଙ୍ଗାଧର ରାଉତ, ପ୍ରକାଶ ମିଶ୍ର, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ନରେନ୍ଦ୍ର ବେହେରା, ପୁଅ, ବୋହୂ, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରକୁ ବିଶାଳ ଶୋଭାଯାତ୍ରାରେ ନେଇ ଖାଇରଗଡ଼ା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ଦୁର୍ଗାଚରଣ ବେହେରା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସଞ୍ଜୁବାଳା ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ଢେଙ୍କାନାଳ ପୌରପରିଷଦ ୱାର୍ଡ ନମ୍ବର ୬ର କାଉନସିଲର ଭାବେ କାର୍ଯ୍ୟ କରିଛନ୍ତି।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ୟା ଓ ଅନିୟମିତତା

# ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଘେରିଲା ଆମ୍ ଆଦମୀ ପାର୍ଟି

**ଢେଙ୍କାନାଳ, ୨୫ ।୭ (ସମିସ)**



ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅନିୟମିତତା ଓ ସମସ୍ୟା ଲାଗିରହିଛି। ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ନାହାନ୍ତି। ଔଷଧ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ସମୁଦାୟ ଅନୁମୋଦିତ ଡାକ୍ତର ପଦବୀ ସଂଖ୍ୟା ୪୪୦ ହୋଇଥିବା ବେଳେ ମାତ୍ର ୧୨୬ ଜଣ ଡାକ୍ତର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ଡାକ୍ତର ସଂଖ୍ୟା ୧୧୭ ହୋଇଥିବା ବେଳେ ମାତ୍ର ୨୫ ଜଣ କାର୍ଯ୍ୟରତ। ଆମ୍ ଆଦମୀ ପାର୍ଟି ସଦସ୍ୟମାନେ ବାରମ୍ବାର ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଛି କିନ୍ତୁ କର୍ମଚାରୀ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗୁରୁତର ଆହତ ରୋଗୀଙ୍କ ଚିକିତ୍ସା ପାଇଁ ଏଠାରେ ବ୍ୟବସ୍ଥା ନାହିଁ। ଅନେକ ଆପାତକାଳ ରୋଗୀ ଆସୁଛନ୍ତି, ଚିକିତ୍ସା ପାଇପାରୁ ନ ଥିବାରୁ ଜୀବନ ଚାଲିଯାଉଛି। ସେହିପରି ସିଟି ହସ୍ପିଟାଲରେ ଆଉଟ ସୋର୍ସି କର୍ମଚାରୀଙ୍କ ଉପରେ ଏକାଧିକ କାମ ରହୁଛି। ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତି ଟିକଟ କରୁଛନ୍ତି। ଔଷଧ ଓ ଇଞ୍ଜେକ୍ସନ ଦେବାର ନଜିର ବି ରହିଛି। ଏଠାରେ ଲକ୍ଷ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଥିବା ବେଳେ ରକ୍ତ, ମଳ, ମୂତ୍ର ପରୀକ୍ଷା ପାଇଁ ବାହାରକୁ ଘରୋଇ ସଂସ୍ଥାକୁ ପଠାଯାଉଛି। ଡାକ୍ତରଖାନରେ ରୋଗୀମାନଙ୍କୁ ସୁଷମ ଖାଦ୍ୟ ସହ ଆଡମିଶନ ଦିନ ଖାଦ୍ୟ ପ୍ରଦାନ, ୱାର୍ଡଗୁଡ଼ିକରେ ଥିବା ଏସି ଓ ସମସ୍ତ ଫ୍ୟାନ କାର୍ଯ୍ୟକ୍ଷମ, ସୁରକ୍ଷା କର୍ମଚାରୀମାନେ ନିଜ ଦାୟିତ୍ୱ ସଠିକ୍ ଭାବେ କରିବା ପାଇଁ ଦାବି କରାଯାଇଛି। ସଫେଇ କର୍ମଚାରୀମାନେ ବିଭିନ୍ନ ୱାର୍ଡର ପାଇଖାନା, ଗାଧୁଆଘର ନିୟମିତ ପରିଷ୍କାର କରିବା, ପୋଡ଼ାଜଳା ୱାର୍ଡ ଗାଧୁଆ ଘର କବାଟ ତୁରନ୍ତ ଲଗାଯିବା। ହେଲ୍ପଡେସ୍କ ପାଇଁ ଆବଶ୍ୟକ କର୍ମଚାରୀ ରଖି ସେମାନଙ୍କୁ ସାମାଜିକ ତାଲିମ ଦିଆଯିବା, ଡାକ୍ତର ଓ ଷ୍ଟାଫ ନର୍ସ ପଦବୀ ତୁରନ୍ତ ପୂରଣ କରିବା, ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, ଆଉଟସୋର୍ସି ବ୍ୟବସ୍ଥା ବନ୍ଦ କରିବା, ସିଟି ହସ୍ପିଟାଲରେ ଆଉ ଜଣେ ଡାକ୍ତର ସହ ଅନ୍ୟ କର୍ମଚାରୀ ନିଯୁକ୍ତି ଓ ମୁଖ୍ୟ ଚିକିତ୍ସାଳୟରେ ଜନୌଷଧି ଶାଖା ଖୋଲି କିଡ୍‌ନୀ, ହୃତପିଣ୍ଡ, କର୍କଟ, ଲିଭର ରୋଗୀଙ୍କୁ ସୁଲଭ ମୂଲ୍ୟରେ ଔଷଧ ପ୍ରଦାନ ଆଦି ଦାବି କରାଯାଇଛି। ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରା ନ ଗଲେ ଦଳ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ବୋଲି ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଳର ନଗର ସଭାପତି ଦେବାଶିଷ ନନ୍ଦ, ମହିଳା ନେତ୍ରୀ ରୁନୁବାଳା ଚିନାରା, ସଦସ୍ୟ ଜୟନ୍ତ ଦାସ, ପ୍ରସନ୍ନ ବରାଳ, ସୁଚିତ୍ର ସାହୁ, ଚିନ୍ମୟ ସେନାପତି, ପୀତାମ୍ବର ସାମନ୍ତରାୟ, ପୀତାମ୍ବର ଦାସ ଉପସ୍ଥିତି ଥିଲେ।

● ଏଫଏମ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

## ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ଢେଙ୍କାନାଳ, ୨୫ ।୭ (ସମିସ):** ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣାରେ ସେଠାକାର ଅତିରିକ୍ତ ଏସପି ତଥା ଢେଙ୍କାନାଳ ଜିଲ୍ଲା ସଦର ବ୍ଲକ ଅଉଖୁମା ଗ୍ରାମର ନିରଞ୍ଜନ ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଉଖୁମା ଗ୍ରାମବାସୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପାଇଁ କଲେଜ ଅଧକ୍ଷ, ଅଧ୍ୟାପକ, ପୁଲିସର ନିରବତା, ସହପାଠୀଙ୍କ ତାଚ୍ଛଲ୍ୟ ଆଦି ଦାୟୀ ବୋଲି କହିଛନ୍ତି। ପୀଡ଼ିତା ଛାତ୍ରୀ ବହୁ ଆଗରୁ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଏବଂ ଇନ୍ସପେକ୍ଟରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଆଇସିସି ବୈଠକରେ ପ୍ରିନ୍ସିପାଲଙ୍କ ରୁମରେ ଉପରୋକ୍ତ ଦୁଇ ପୁଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ମଧ୍ୟ ପୀଡ଼ିତାଙ୍କୁ ଧମକ ଚମକ ଦିଆଯାଇଥିଲା। ତଥାପି ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଛାତ୍ରୀ ଜଣକ ଆତ୍ମହତ୍ୟା ପନ୍ଥା ବାଛିଲେ ବୋଲି ଅଉଖମା ଗ୍ରାମବାସୀ କହିଛନ୍ତି। ପୁଲିସ ଅଧିକାରୀଙ୍କୁ ଅଦ୍ୟାବଧି ଗିରଫ କରା ନ ଯିବା ସରକାରଙ୍କ ଅପାରଗତା ବୋଲି ଜଣାଇଛନ୍ତି। ଗତ ଜୁନ ୪ରେ ମହିଷାପାଟ ବୈଠକ ପୂର୍ବରୁ ମଙ୍ଗଳପୁରଠାରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଶୁଭଦେବା ସମୟରେ ଅଉଖମା ଗ୍ରାମବାସୀ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଗ୍ରାମରେ ଗରିବ ଲୋକଙ୍କ ଉପରେ କରି ଆସୁଥିବା ଗୁଣ୍ଡାଗିରି ଓ ମିଛ ମାମଲା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ଅତିରିକ୍ତ ଏସ୍‌ପି ବେହେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଉଖମା ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରୋଜ କୁମାର ମହାପାତ୍ର, ପ୍ରମୋଦ ବେହେରା, ହିମାଂଶୁ ଶେଖର ମହାପାତ୍ର, ମୁନା ସାହୁ, ନାରଣ ବେହେରା, ଧନେଶ୍ୱର ସାହୁ, ଲମ୍ବୋଦର ମହାପାତ୍ର, ସନ୍ତୋଷ ବାରିକ, ନିରାକାର ସାହୁ, ଜୟକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡ. ସୁଚେତା ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଢେଙ୍କାନାଳ, ୨୫ ।୭ (ସମିସ):** ଢେଙ୍କାନାଳ ସଦର ବ୍ଲକ ଛଣବୋଲୁଅଠାରେ ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସୁଚେତାଙ୍କ ସ୍ୱାମୀ ଅବସରପ୍ରାପ୍ତ ଅଧ୍ୟକ୍ଷ ହରେକୃଷ୍ଣ କର, ଜଙ୍ଗଲ ଓ ପରିବେଶ ବିଭାଗ ଯୁଗ୍ମ ଶାସନ ସଚିବ ଦୀନକୃଷ୍ଣ କର, ଓଡ଼ିଶା ମିନେରାଲ ଡେଭଲପମେଣ୍ଟ କର୍ପୋରେସନ (ଓଏମଡିସି) ମ୍ୟାନେଜର ଇଂ ତାରାପ୍ରସାଦ କରଙ୍କ ଆବାହକତ୍ୱ ଓ ପଣ୍ଡିତ ବିପିନ ବିହାରୀ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଭାରତ ବିକାଶ ପରିଷଦର ପୂର୍ବପ୍ରାନ୍ତ ଓଡ଼ିଶା ପରିବାରର ପ୍ରାନ୍ତୀୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାଶ, ରାଷ୍ଟ୍ରୀୟ ଅଧିକାରିଣୀ ସୁପ୍ରୀତି ରଥ, ଢେଙ୍କାନାଳ ସହିଦ ବାଜିରାଉତ ଶାଖାର ବରିଷ୍ଠ କାର୍ଯ୍ୟକର୍ତ୍ତା ଇଂ ବାବୁଚାନ୍ଦ ମହାଲିକ, ଉପଦେଷ୍ଟା ଅଧ୍ୟକ୍ଷ ଡ. ସମିର ସାହୁ, ସବିତା ଧୀର, ଡ. କବିତା ମହାନ୍ତି, ଉଷାରାଣୀ ଦାସ, ସୂର୍ଯ୍ୟକାନ୍ତ ନାୟକ, ଡ. ଦେବୀପ୍ରସାଦ ମିଶ୍ର, ସମ୍ପାଦକ ରାଜୀବ ମାହୁନ୍ତ, ସମୀର ପରିଡ଼ା, ମୋନାଲିସା ମାହୁନ୍ତ, ପ୍ରଜ୍ଞା ଦେବୀଜି, ଅନୀଲ ରାଉତ, ଆନନ୍ଦ ଚନ୍ଦ୍ର ଲେଙ୍କା ଓ ନବଦୀପ ନାୟକଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପଣ୍ଡିତ ଶଙ୍କର୍ଷଣ ଶତପଥୀ, ପଣ୍ଡିତ ବିପିନ ବିହାରୀ ଶତପଥୀ, ଆଇନଜୀବୀ ନିର୍ମଳା ମହାପାତ୍ର, ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ସଭାପତି ବିଚାରପତି ଦୁର୍ଗାଚରଣ ମିଶ୍ର, ରୋଟାରୀ କ୍ଲବ୍ ପ୍ରତିଷ୍ଠାତା ସଭ୍ୟ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ଇନର ହୁଇଲ୍ କ୍ଲବ ସଭାନେତ୍ରୀ ଅଳକାନନ୍ଦା ସିଂହଦେଓ, ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଇନ୍ଦ୍ରଜିତ ସାହୁ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନରେନ୍ଦ୍ର ମିଶ୍ର, ମନୋରଞ୍ଜନ ପଟ୍ଟନାୟକଙ୍କ, ପ୍ରାକ୍ତନ ଜିଲ୍ଲା ଜଜ୍ ଅମୀୟ କୁମାର ସାହୁ, ବିରଞ୍ଚି ନାରାୟଣ ରଥ, ପ୍ରାକ୍ତନ ଏସ୍‌ପି ଉତ୍କଳ କେଶରୀ ସାହୁ, ଅକ୍ଷୟ କୁମାର ସାହୁ, ସନ୍ଧ୍ୟାତାରା ସାହିତ୍ୟ ସଂସଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ମିଶ୍ର ଭରଦ୍ୱାଜ, ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକ, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ, ଢେଙ୍କାନାଳ ଚାମ୍ବର ଅଫ କମର୍ସର ରାଜେନ୍ଦ୍ର ଦାସ, ସଚେତନ ନାଗରିକ ଫୋରମ ସଭାପତି ଭରତ ଦାସ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ, ଓଡ଼ାପଡ଼ା କଲେଜ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ, ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରତାପରୁଦ୍ର ମହାପାତ୍ର, ସହପାଠିନୀ ସମିତା ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୌରମୋହନ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡ. ମିଶ୍ରଙ୍କ ବିୟୋଗରେ ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତା ମିଶ୍ର ମୁକ୍ତାଦେଇପୁର ଶାସନର କୁଞ୍ଜବିହାରୀ ମିଶ୍ରଙ୍କ ଝିଅ ତଥା ଢେଙ୍କାନାଳର ବିଶିଷ୍ଟ କଣ୍ଠଶିଳ୍ପୀ ଶକ୍ତିପ୍ରସାଦ ମିଶ୍ରଙ୍କ ବଡ଼ଭଉଣୀ, ରୋଟାରୀ କ୍ଲବ ପ୍ରାକ୍ତନ ସଭାପତି, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହରେକୃଷ୍ଣ କରଙ୍କ ସହଧର୍ମିଣୀ ଥିଲେ। ଶେଷରେ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ





**ଗଁଦିଆ, ୨୫ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଦିବସ ଓ ବନମହୋତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ପ୍ରେମାନନ୍ଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ ସହିତ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ିବା ସହ ସୁନାଗରିକ ଭାବେ ନିଜକୁ ସମାଜରେ ପ୍ରତିପାଦିତ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟକୁ ପିଏମଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ଯୋରନ୍ଦା ହେଉଛି ଏକ ଦେବଭୂମି ଯେଉଁଠାରେ ମହିମା ଧର୍ମ ପୀଠ ରହିଛି। ସାରା ବିଶ୍ୱରେ ଏହି ସ୍ଥାନର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ କହିଲେ, ବୃକ୍ଷ ହିଁ ଆମର ଜୀବନ। ଆମେ ଯେତେ ଅଧିକ ବୃକ୍ଷ ରୋପଣ କରିବା ଏହାର ସୁପ୍ରଭାବ ଆମ ସମାଜ ଉପରେ ପଡ଼ିବ ଓ ମାନବ ସମାଜର ସୁରକ୍ଷା ଦୀର୍ଘସ୍ଥାୟୀ ହୋଇପାରିବ ବୋଲି କହିଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ପ୍ରାର୍ଥନା ଓ ସାଂସ୍କୃତିକ ସଭା ମଣ୍ଡପ ଉଦଘାଟନ କରିଥିଲେ। ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ସୌମ୍ୟାଶ୍ରୀ ପଣ୍ଡା, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ପୁରାତନ ଛାତ୍ର ପରିଷଦ ସଭାପତି ମନୋଜ ମଞ୍ଜରୀ ଲେଙ୍କା, ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।

# ରଥର ପବିତ୍ରତା ନଷ୍ଟ: ଦେବୋତ୍ତର ବିଭାଗ ନିରବ

**ଢେଙ୍କାନାଳ, ୨୫ ।୭ (ସମିସ)**



ଢେଙ୍କାନାଳ ରଥଗଡ଼ାରେ ଥିବା ରଥ ନିକଟରେ ଜଗନ୍ନାଥଙ୍କ ରଥ ଭଙ୍ଗାଯିବା ପୂର୍ବରୁ ତାହାର ଚତୁଃପାର୍ଶ୍ୱରେ ରଥକୁ ଲାଗି ଗୁପଚୁପ୍, ଚାଟ ଓ ଅଣ୍ଡାସିଝା ଆଦି ଠେଲାଗାଡ଼ିରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଇଁଠା ପତ୍ର ରଥ ଓ ଚକରେ ବି ପଡୁଛି। ଆଶ୍ଚର୍ଯ୍ୟର ଦେବୋତ୍ତର ବିଭାଗ ପୁରୀରୁ ଚକ ଆଣି ପୂଜା କରୁଥିବା ବେଳେ ସ୍ଥାନୀୟ ରଥଗଡ଼ାରେ ରଥର ପବିତ୍ରତା ନଷ୍ଟ ହେଉଥିଲେ ମଧ୍ୟ ସେଥିପ୍ରତି ନିରବଦ୍ରଷ୍ଟା ସାଜିଛି। ରଥ ନିର୍ମାଣ ଆରମ୍ଭରୁ ରଥ ଭଙ୍ଗାଯିବା ପର୍ଯ୍ୟନ୍ତ ଏହାର ଚାରିପଟେ ବ୍ୟାରିକେଡ୍ କରାଯାଇ ଠେଲା ବେପାରକୁ ସମ୍ପୂର୍ଣ୍ଣ ନିଷେଧ କରିବା ଏବଂ ରଥର ପବିତ୍ରତା ଅକ୍ଷୁଣ୍ଣ ରଖିବାକୁ ଦାବି ହୋଇଛି। ମହାପ୍ରଭୁଙ୍କ ରଥାରୋହଣ ପୂର୍ବରୁ ବୈଦିକ ରୀତିରେ ରଥର ପ୍ରାଣପ୍ରତିଷ୍ଠା କରାଯାଏ। ଢେଙ୍କାନାଳ ଦେବୋତ୍ତର ବିଭାଗର ଏହି ଦୋହରା ମାପଦଣ୍ଡକୁ ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ନିନ୍ଦା କରାଯାଉଛି। ସିଦ୍ଧ ବଳରାମକ୍ଷେତ୍ର ଭାବେ ପରିଚିତ ଢେଙ୍କାନାଳର ପରମାରାଧ ମହାପ୍ରଭୁ ଶ୍ରୀବଳରାମ ହଳାୟୁଧ ଓ ହଳଧର ଆଦି ନାମରେ ଖ୍ୟାତ ହୋଇଛନ୍ତି। ସେହି ପ୍ରଭୁଙ୍କ ବାମ ହାତରେ ହଳ ବଦଳରେ ଏକ ବିକୃତ ଆୟୁଧ ଗତ ୬/୭ବର୍ଷ ଧରି ଲାଗିହୋଇ ରହିଛି। ଗଣମାଧ୍ୟମ ଜରିଆରେ ଓ ବ୍ୟକ୍ତିଗତ ଭାବେ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ଏହି ବିକୃତ ଆୟୁଧ ଏବେ ବି ମହାପ୍ରଭୁ ଶ୍ରୀବଳରାମଙ୍କଠାରେ ଲାଗିହୋଇ ରହିଛି। ଦେବୋତ୍ତର ବିଭାଗ ଏ କ୍ଷେତ୍ରରେ ମଧ୍ୟ ନିଦାବିଷ୍ଟୁ ପାଲଟିଛି। ଏ ସବୁ ଅପସାଂସ୍କୃତିକ ଅବ୍ୟବସ୍ଥାକୁ ତୁରନ୍ତ ଦୂର କରାଯିବାକୁ ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂହଦେଓ, ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦ, ସଭ୍ୟ ପ୍ରେମଶଙ୍କର ମିଶ୍ର, ସୁନୀଲ ଦାଶ, ପରେଶ ମିଶ୍ର, ମନୋରଞ୍ଜନ ମିଶ୍ର ଓ ଇଂ କିଶୋର ମିଶ୍ରଙ୍କ ସମେତ ବୁଦ୍ଧିଜୀବୀ ମହଲରୁ ଦୃଢ଼ଦାବି କରାଯାଇଛି।

## ତାଳତେଲ ବୃକ୍ଷ ରୋପଣ ତାଲିମ ଶିବିର

**ପରଜଙ୍ଗ, ୨୫ ।୭ (ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ହାତିଲୁଚାଣି ଉଦ୍ୟାନ ଭବନ ପରିସରରେ ବ୍ଲକର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ନେଇ ବୃହତ୍ ତାଳତେଲ ବୃକ୍ଷ ରୋପଣ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଲିଭ୍ ପାମ୍ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳ ଜିଲ୍ଲା ମ୍ୟାନେଜର ଜି. ରାମବାବୁ ଦୋରା, ଏଏଚଓ ଅମୀୟ ଚରଣ ସ୍ୱାଇଁ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ବ୍ଲକର ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମରେ ଚାଷୀଙ୍କ କ୍ଷେତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ପରେ ଉଦ୍ୟାନ ଭବନ ପରିସରରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଚାଷୀମାନେ କିପରି କମ ପରିଶ୍ରମ କରି ଅଧିକ ଲାଭବାନ ହିଇପାରିବେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି କମ୍ପାନୀର ମ୍ୟାନେଜର କହିଥିଲେ। ଗଛ ଲଗାଇ ଅଧିକ ଅର୍ଥ ଉପାର୍ଜନ କରିବାକୁ ହେଲେ ଜଳବାୟୁ, ଗଛ ଲଗାଇବାର ଦୂରତା, ଗଭୀର ଓ ଏହାର ଓସାର, ଗଛ ଲଗାଇବାର ସମୟ, ଖତ, ସାର ଓ ଅନ୍ୟ କେତେକ ନିୟମ ଦିଗରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଚାଷ ଦ୍ୱାରା ଖୁବ୍ କମ୍ ଲୋକରେ ତଥା କମ୍ ଖର୍ଚ୍ଚରେ ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ ବୋଲି କହିଥିଲେ। ଗଛ ଲଗାଇବାଠାରୁ ବଡ଼ହେବା ପର୍ଯ୍ୟନ୍ତ ପ୍ରଚୁର ପାଣି ଆବଶ୍ୟକ ଥିବା ବେଳେ ପ୍ରତ୍ୟେକ ଗଛ ପ୍ରତି ସାର ପ୍ରୟୋଗ କରି ଏହାର ଯତ୍ନ ନେବା ଆବଶ୍ୟକ ବୋଲି ଏଏଚଓ ସ୍ୱାଇଁ ଚାଷୀମାନଙ୍କୁ ବୁଝାଇଥିଲେ।



## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

# ଅଷ୍ଟମରୁ କମ୍ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପ୍ୟାରେଡ୍ ମନା

ଜଗତସିଂହପୁର,୨୫।୭ (ସମିସ)




ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ଘ.୩୦ ମି ଓ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ୯.୧୫ ମିନିଟ୍ ସମୟରେ ଅନୁଷ୍ଠିତ ହେବ। ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟ ଅଗଷ୍ଟ ୧୫ ତାରିଖ ଦିନ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ନୂତନ ଓ ଉନ୍ନତମାନର ଜାତୀୟ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ସକାଳ ୭ଘ.୩୦ ମିନିଟ୍ ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ। ପ୍ୟାରେଡରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରଥମରୁ ତୃତୀୟ, ଚତୁର୍ଥରୁ ପଞ୍ଚମ, ଷଷ୍ଠରୁ ଅଷ୍ଟମ, ହାଇସ୍କୁଲ ଓ କଲେଜ ସ୍ତରରେ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦରେ ଆସନ୍ତା ୮ ତାରିଖ ଓ ଜିଲ୍ଲାସ୍ତରରେ ୧୧ ତାରିଖରେ ଅନୁଷ୍ଠିତ ହେବ। ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ଟି ସାଂସ୍କୃତିକ ଦଳକୁ ବାଛିବେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ସ୍ଥାନୀୟ ଅନୁଷ୍ଠାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଆଲୋକରେ ସଜାଯିବ। ବିଭିନ୍ନ ବିଭାଗ ଓ ପାରାଦୀପର ପ୍ରମୁଖ ଶିଳ୍ପ ସଂସ୍ଥା ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ। ଚଳିତ ବର୍ଷ ପୌର ପରିଷଦ, ଜଗତସିଂହପୁର ଓ ଅଳକା ଆଶ୍ରମ ପରିଚାଳନା କମିଟି ପକ୍ଷରୁ ମଧ୍ୟ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ଜିଲ୍ଲାର ମାଟ୍ରିକ ଟପ୍ପରଙ୍କୁ ପୁରସ୍କୃତ କରାଯିବ। ଜେଲ୍‌ର ଅନ୍ତେବାସୀ ଓ ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ସ୍ୱାଧୀନତା ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରାଯିବ। ପ୍ୟାରେଡ ପରେ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ପରିସରରେ ବୃକ୍ଷରୋପଣ କରାଯିବ।

ଉକ୍ତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କା ମାଣେ, ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ, ପୌର ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ଯୋ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## କନିଷ୍ଠ ସହାୟକ ଚାକିରିରୁ ବହିଷ୍କୃତ

ଜଗତସିଂହପୁର,୨୫।୭ (ସମିସ):୨୦୧୭ ସେପ୍ଟେମ୍ବର ମାସରେ ଏକ ଜମି ଲିଜ୍ ମାମଲାରେ ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା କନିଷ୍ଠ ସହାୟକ ସୁକାନ୍ତ କୁମାର ଦାସଙ୍କୁ ଆଜି ସରକାରୀ ଚାକିରିରୁ ବହିଷ୍କୃତ କରାଯାଇଛି। ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ତହସିଲରେ କନିଷ୍ଠ ସହାୟକ ଭାବେ କାମ କରୁଥିବା ସୁକାନ୍ତ କୁମାର ଦାସ ଜଣେ ବ୍ୟକ୍ତିଙ୍କୁ ଏକ ଲିଜ ଜମିର ଆରଓଆର ପ୍ରଦାନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବ୍ୟକ୍ତି ଏ ସମ୍ପର୍କରେ କଟକ ଭିଜିଲାନ୍ସ ବିଭାଗ କାର୍ଯ୍ୟାଳୟରେ ଜଣାଇଥିଲେ। ୨୦୧୭ ସେପ୍ଟେମ୍ବର ୨୩ ତାରିଖରେ ଉକ୍ତ ବ୍ୟକ୍ତି ସୁକାନ୍ତଙ୍କୁ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ଏ ସଂକ୍ରାନ୍ତରେ ଭିଜିଲାନ୍ସ ବିଭାଗ ୧୫/୨୦୧୭ରେ ଏକ ମାମଲା ରୁଜୁ କରିବା ସହିତ ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଜାଜ୍ଞସେନୀ ପ୍ରଧାନଙ୍କୁ ତଦନ୍ତ ଭାର ଦେଇଥିଲା। ୨୦୨୫ ଏପ୍ରିଲ ୩ ତାରିଖରେ ଏହି ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ସୁକାନ୍ତ କୁମାର ଦାସଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ପାଇଁ ଆଦେଶ ଦେଇଥିଲେ। ସେହିପରି ଏ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସଙ୍କୁ ନିଯୁକ୍ତି ଦେଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଏହାକୁ ଆଧାର କରି ଓସିଏସ୍ (ସିସିଏ) ନିୟମ ୧୯୬୨ ଅନୁସାରେ ସୁକାନ୍ତ କୁମାର ଦାସଙ୍କୁ ଆଜି ଚାକିରିରୁ ବହିଷ୍କୃତ କରାଯାଇଥିବା ସୂଚନା ମିଳିଛି।

## ମନ୍ଦିର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର



ନାଉଗାଁ, ୨୫।୭ (ସମିସ): ଡେରିକି ବଜାରସ୍ଥ ମା' ଶାରଳା ମନ୍ଦିର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମନ୍ଦିର ସମ୍ମୁଖରେ ଥିବା ସ୍ଥାନକୁ କେତେକ ବ୍ୟବସାୟ ଜବରଦଖଲ କରିଛନ୍ତି। ଉକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଥଇଥାନ କରିବା ନିମନ୍ତେ ଆଜି ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସରେ ଜଗତସିଂହପୁର ଛାତ୍ରୀ ପୁରସ୍କୃତ



ଜଗତସିଂହପୁର,୨୫।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ୨ ଜଣ ଛାତ୍ରୀ ପୁରସ୍କୃତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବରିଷ୍ଠ କବିତା ଆବୃତ୍ତିରେ ଜଗତସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଦୀପଶିଖା ମିଶ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ନାଉଗାଁ ହାଟ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ପୋଲାଇ ଦ୍ୱିତୀୟ ହୋଇଥିଲେ। ଗତ ୯ ତାରିଖ ଦିନ ଜିଲ୍ଲାର ଶ୍ରୀକୃଷ୍ଣ ଏକାଡେମୀଠାରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ପାରାଦୀପ, ୨୫ ।୭ (ସମିସ): ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ଇଶ୍ୱରପୁର ଗ୍ରାମର ଶରତ ରାଉତଙ୍କ ମାଆ ଗୁର ରାଉତ



(୯୪)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରସ୍ଥ ବାସଭବନରେ ଚିକିତ୍ସାଧୀନ ଥିଲେ। ସକାଳୁ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମହେଶ୍ୱର ରାଉତ ମୁଖାଗ୍ନି ଦେଇଥିଲେ। ମଧ୍ୟମ ପୁତ୍ର ତଥା ସାମ୍ବାଦିକ ଶରତ ରାଉତ, ଫକୀର ରାଉତ, ଶୈଳେନ୍ଦ୍ର ରାଉତ, ସନ୍ତୋଷ ରାଉତ, ସୁନୀଲ ରାଉତ, ଝିଅ କୁସୁମ, ସୁଷମା, ଜ୍ୱାଇଁ କୈଳାସ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଶିଖର ରାଜସ୍ୱ କାର୍ଯ୍ୟାଳୟରେ ସ୍ଥାୟୀ ନିରୀକ୍ଷକ ନିଯୁକ୍ତି ଦାବି

ନାଉଗାଁ,୨୫।୭ (ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅଧୀନରେ ଥିବା ଶିଖର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଢ଼ ମାସ ଧରି ନିରୀକ୍ଷକଙ୍କ ପଦ ଖାଲିପଡ଼ିଛି। ଏଠାରେ ଥିବା ନିରୀକ୍ଷକଙ୍କ ନାମରେ ବାରମ୍ବାର ବିଭିନ୍ନ ଅଭିଯୋଗ ହେବା ପରେ ତାଙ୍କୁ ନାଉଗାଁ ତହସିଲ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ନାଉଗାଁ ରାଜସ୍ୱ ନିରୀକ୍ଷକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ତାଙ୍କ ପକ୍ଷେ ନାଉଗାଁ ଓ ଶିଖର କାର୍ଯ୍ୟାଳୟ କାମ କରିବା ସମ୍ଭବ ହେଉନାହିଁ। ଶିଖର କାର୍ଯ୍ୟାଳୟରେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ ନିଯୁକ୍ତି ନ ହେବା ଫଳରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ସ୍ଥାୟୀ ରାଜସ୍ୱ ନିରୀକ୍ଷକ ନିଯୁକ୍ତି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ନାଉଗାଁ ତହସିଲଦାରଙ୍କ ପଚାରିବାରୁ ଏହି ସମସ୍ୟାର ସମାଧାନ ଶୀଘ୍ର ହେବ ବୋଲି କହିଛନ୍ତି।

## ସୁଦର୍ଶନ ନାଥଶର୍ମାଙ୍କ ପରଲୋକ

ମଣିଜଙ୍ଗା,୨୫।୭ (ସମିସ): ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ପିପ୍ପଳମାଧବ ପଞ୍ଚାୟତ ବତିଲୋ ଗ୍ରାମର ସୁଦର୍ଶନ ନାଥଶର୍ମାଙ୍କ (୭୭) ବର୍ଷ ବୟସରେ ପରଲୋକ



ହୋଇଯାଇଛି। ସେ ଭଗବତପ୍ରେମୀ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆସି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ।

## ଶାସନ ଅଳାଭର ବିଦ୍ୟାଳୟରେ ଶିକ୍ଷକ ଅଭାବ ଅଭିଯୋଗ

ବାଲିକୁଦା,୨୫।୭ (ସମିସ): ବାଲିକୁଦା ବ୍ଲକ୍ ଅଳାଭର ପଞ୍ଚାୟତର ଶାସନ ଅଳାଭର ଉଚ୍ଚବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

୧୯୮୭ରେ ପ୍ରତିଷ୍ଠା ହୋଇଥିବା ଶାସନ ଅଳାଭର ବିଦ୍ୟାଳୟ ରାଜ୍ୟ ସରକାରଙ୍କ ନୂତନ ଅନୁଦାନପ୍ରାପ୍ତ ଯୋଜନାରେ ସ୍ଥାନ ପାଇଥିଲା। ଫଳରେ ପଞ୍ଚାୟତବାସୀଙ୍କ ମନରେ ଆନନ୍ଦ ଖେଳିଯାଇଥିଲା। ଏହି ବିଦ୍ୟାଳୟରେ ବହୁ ଛାତ୍ରଛାତ୍ରୀ ନାମ ଲେଖାଇବାକୁ ଉତ୍ସାହ ଦେଖାଉଥିଲେ। ତେବେ ପରିତାପର ବିଷୟ ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କ ପ୍ରତିବଦଳରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ମିଳୁନାହିଁ। ଫଳରେ ବର୍ତ୍ତମାନ ୩ ଜଣ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଏପରିକି ଆସନ୍ତା ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅନ୍ୟ ୨ ଶିକ୍ଷକ ଅବସର ଗ୍ରହଣ କରିବାକୁ ଯାଉଥିବା କାରଣରୁ ଜଣେ ଶିକ୍ଷକରେ ଚଳିତ ଶିକ୍ଷାବର୍ଷ କିଭଳି ଚାଲିବ, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପଞ୍ଚାୟତବାସୀ। ଅନେକ ବିଭାଗରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କାରଣରୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇବାକୁ ଅମଙ୍ଗ ହେଉଛନ୍ତି ଛାତ୍ରଛାତ୍ରୀଙ୍କ ଅଭିଭାବକ। ଫଳରେ ବିଦ୍ୟାଳୟ ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଚଳିତ ମାଟ୍ରିକ ପରୀକ୍ଷାର୍ଥୀ କିଭଳି ସେମାନଙ୍କ ଶିକ୍ଷା ପୂର୍ଣ୍ଣାଙ୍ଗ କରିବେ ଓ ପରୀକ୍ଷା ପାଇଁ ପ୍ରସ୍ତୁତି ହେବେ, ସେନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ। ତେଣୁ ସରପଞ୍ଚ ଶ୍ରୀମତୀ ସ୍ୱାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଲିକୁଦା ବିଡିଓ, ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, ଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଇବା ସହ ତୁରନ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନିୟମ ଆଧାରରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି କରିଛନ୍ତି। ଯଦି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ପଞ୍ଚାୟତବାସୀଙ୍କ ସହ ଆମରଣ ଅନଶନରେ ବସିବେ ବୋଲି ସରପଞ୍ଚ ଶ୍ରୀମତୀ ସ୍ୱାଇଁ ଚେତାବନୀ ଦେଇଛନ୍ତି।

### ଟିକେଟ କାଉଣ୍ଟର ମାଲିକ ଓ ବସ୍ କଣ୍ଡକ୍ଟରଙ୍କ ମଧ୍ୟରେ ମାର୍‌ପିଟ୍

## ଗେଟ୍ ବଜାରରେ ୩ ଘଣ୍ଟା ଧରି ଅଟକିଲା ଦୀଘା ବସ୍




ପାରାଦୀପ, ୨୫।୭ (ସମିସ): ଆଜି ଅପରାହ୍ନରେ ପାରାଦୀପରୁ ଦୀଘା କାନ୍ତି ଯାଉଥିବା ନୀଳମାଧବ ନାମକ ବସ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ନୀଳମାଧବ ବସ୍ ପାରାଦୀପ ବସ୍‌ଷ୍ଟାଣ୍ଡରୁ ବାହାରି ପାରାଦୀପଗଡ଼ ଗେଟ୍ ବଜାରରେ ରହିଥିଲା। ସେଠାରେ ଥିବା ଟିକେଟ କାଉଣ୍ଟରର ମାଲିକ ଓ ବସ୍ କଣ୍ଡକ୍ଟର ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ବସ୍‌ର ଅନ୍ୟ କର୍ମଚାରୀ ବୁଝାସୁଝା କରିଥିଲେ ମଧ୍ୟ କେହି କାହା କଥାକୁ ମାନିବାକୁ ରାଜି ନ ଥିଲେ। ଟିକେଟ କାଉଣ୍ଟର ମାଲିକ କଣ୍ଡକ୍ଟରଙ୍କ ଗୋଡ଼କୁ ଏକ ରଡ୍‌ରେ ପାହାର ପକାଇବା ଦ୍ୱାରା ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତେବେ କଣ୍ଡକ୍ଟର ଜଣକ ଏ ସମ୍ପର୍କରେ ସ୍ଥାନୀୟ ଲକଥାନାରେ ଜଣାଇବା ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇ ରାତି ୯ଟା ପରେ ବସ୍ ଦୀଘା ବାହାରିଥିଲା। ଏ ନେଇ ବସ୍‌ର ଯାତ୍ରୀ ଉତକ୍ଷିପ୍ତ ହୋଇଥିଲେ।

## ସାପ କାମୁଡ଼ାରେ ଦଶମ ଶ୍ରେଣୀ ଛାତ୍ରୀ ମୃତ

ବାଲିକୁଦା,୨୫।୭ (ସମିସ): ସାପ କାମୁଡ଼ାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ଏଭଳି ଏକ ଘଟଣା ଘଟିଛି ବାଲିକୁଦା ଥାନା ଅନ୍ତର୍ଗତ ଆମ୍ବଶାଳ ପଞ୍ଚାୟତର ଓଥରପା ଗ୍ରାମରେ।



ସନ୍ତୋଷ ମହାନ୍ତିଙ୍କ ଦଶମ ଶ୍ରେଣୀରେ ପଢୁଥିବା ଝିଅ ଶୁଭଲକ୍ଷ୍ମୀ ମହାନ୍ତି ଗତକାଲି ରାତିରେ ଶୋଇଥିଲେ। ସକାଳୁ ଉଠିବା ପରେ ତାଙ୍କ ଗୋଡ଼ ପୋଡାଜଳା କରିବା ସହ ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରୁଥିବା କଥା ମାଆଙ୍କ ଆଗରେ କହିଥିଲେ। ମାଆ ଗୋଡ଼ ଦେଖିବା କ୍ଷଣି ଗୋଡ଼ରେ ସାପ ଦାନ୍ତ ଚିହ୍ନ ଦେଖିବାକୁ ପାଇ ତୁରନ୍ତ ବାଲିକୁଦା ମେଡିକାଲକୁ ପଠାଇଥିଲେ। ସେଠାରେ ରକ୍ତ ନମୁନାରେ ବିଷ ଥିବା ସୂଚନା ମିଳିବା ପରେ ଚିକିତ୍ସା କରୁଥିବା ଡାକ୍ତର ଏକ ଇଞ୍ଜେକ୍ସନ ଦେଇ ଅଧିକ ଚିକିତ୍ସା ପାଇଁ ଜଗତସିଂହପୁର ମେଡିକାଲ ପଠାଇଥିଲେ। ତେବେ ଜଗତସିଂହପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଶୁଭଲକ୍ଷ୍ମୀଙ୍କ ଅନ୍ତିମ ସତ୍କାର କରାଯାଇଥିଲା।

### ଅବକାରୀ ବିଭାଗର ସଫଳତା

## ୭୨୬ ଗ୍ରାମ ବ୍ରାଉନସୁଗର; ୧୪୫୪ ଲିଟର ମଦ ଜବତ

ଜଗତସିଂହପୁର,୨୫।୭ (ସମିସ)

ଜଗତସିଂହପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷିକା ଅନୀତା ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ, ବ୍ରାଉନସୁଗର ଓ ଗଞ୍ଜେଇ ସମେତ ୨୧ଟି ଦୁଇଚାକିଆ ଯାନ ଜବତ କରାଯାଇଛି।

ଜଗତସିଂହପୁରସ୍ଥ ଯୋଗଧାରୀ ନୂଆ ବସଷ୍ଟାଣ୍ଡ ପାଖରୁ ୭୬ ଗ୍ରାମ୍ ବ୍ରାଉନସୁଗର, ପାରାଦୀପ ପିପିଏଲ ଛକରୁ ୪୫ ଗ୍ରାମ୍ ବ୍ରାଉନସୁଗର, ବିରିଡ଼ି ମାଣିତିରି ଗ୍ରାମର ଉତ୍ତରସାହି ଛକରୁ ୨.୩ କେଜି ଗଞ୍ଜେଇ, ଜଗତସିଂହପୁର ଚାଦୋଳ ଛକରୁ ୭୮ ଗ୍ରାମ୍ ବ୍ରାଉନସୁଗର, ବେରହିମପୁର ଛକରୁ ୧୧୦ ଗ୍ରାମ୍ ବ୍ରାଉନସୁଗର, ତିର୍ତ୍ତୋଲ ତାଳପଡା ଛକରୁ ୧୧.୬୦୦ କେଜି ଗଞ୍ଜେଇ, ପାରାଦୀପ ବାଉରିଆପଲଣ୍ଡା ଛକରୁ ୧୮୦ ଗ୍ରାମ୍ ବ୍ରାଉନସୁଗର୍ ସହ ଏକ ଦୁଇଚକିଆ ଯାନ, ବାଲିକୁଦା ସିଙ୍ଗଟଳିଆ ଛକରୁ ୫୫ ଗ୍ରାମ୍ ବ୍ରାଉନସୁଗର୍ ସହ ଦୁଇଚକିଆ ଯାନ, ସାଇ ମନ୍ଦିର ଛକରୁ ୬୨ ଗ୍ରାମ୍ ବ୍ରାଉନସୁଗର, ପାରାଦୀପଗଡ ବଜାରରୁ ୧୨୦ ଗ୍ରାମ୍ ବ୍ରାଉନସୁଗର୍ ଜବତ କରାଯାଇଥିବା ବିଭାଗ ତରଫରୁ ସୂଚନା ମିଳିଛି। ମୋଟ ୭୨୬ ଗ୍ରାମ୍ ବ୍ରାଉନସୁଗରର ମୂଲ୍ୟ ପ୍ରାୟ ୭୨,୬୦୦୦୦ ଟଙ୍କା। ଏହା ଜଗତସିଂହପୁର ଜିଲ୍ଲାରେ ରେକର୍ଡ ବୋଲି କୁହାଯାଉଛି। ସେହିପରି ବିଭାଗର ସଂଗଠିତ ଅଭିଯାନ ଫଳରେ ୨୧ଟି ଦୁଇଚକିଆ ଯାନ, ଯାହାକି ଅବୈଧ ପରିବହନ ପାଇଁ ଜବତ କରାଯାଇଛି। ଏହି ସମୟ ମଧ୍ୟରେ ୧୦୭୨.୪୦ ଲିଟର ଦେଶୀ, ୩୭୭.୨୮ ଲିଟର ବିଦେଶୀ ମଦ, ୨୩୫.୬୦ ଲିଟର ବିୟର, ୧୫ ଲିଟର ଅବୈଧ ତିଆରି ଆଇଡି ଲିକର, ୫ ଲିଟର ଶୁଳ୍କ ଦେୟ ନ ଥିବା ଦେଶୀ ମଦ, ୪୮୦ ଲିଟର ତାଡି ଓ ୧୦ କେଜି ଭାଙ୍ଗ ଜବତ କରାଯାଇ ୩୬୨ଟି ଅବକାରୀ ମାମଲା ରୁଜୁ କରାଯାଇଛି।

ଗତବର୍ଷ ତୁଳନାରେ ଚଳିତ ବର୍ଷ ମଧ୍ୟ ରାଜସ୍ୱ ଆୟ ସଂଗ୍ରହରେ ଉନ୍ନତି ଆଣିବାରେ ସକ୍ଷମ ହୋଇଛି ଅବକାରୀ ବିଭାଗ। ଗତବର୍ଷ ବିଭାଗର ରାଜସ୍ୱ ଲକ୍ଷ୍ୟ ୧୬ କୋଟି ଥିବାବେଳେ ଅବକାରୀ ବିଭାଗ ତା'ର କାର୍ଯ୍ୟଦକ୍ଷତା ବଳରେ ରାଜସ୍ୱ ଆୟ ୧୮କୋଟି କରିବାରେ ସକ୍ଷମ ହୋଇଛି। ଏହି ସଫଳତା ବିଭାଗର ଅନୁଶାସନ, କଠୋର ଅଭିଯାନ ଓ ନିୟମିତ ଅନୁସନ୍ଧାନ ଦ୍ୱାରା ସମ୍ଭବ ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏ ପ୍ରକାର ଅଭିଯାନ ଅବ୍ୟାହତ ରହିବ। ତେଣୁ ଅବୈଧ କାର୍ଯ୍ୟ ବିରୋଧରେ ସହଯୋଗ କରିବା ସହ ଯେଉଁଠାରେ ନିଶା କାରବାରର କୌଣସି ତଥ୍ୟ ପାଉଛନ୍ତି, ତୁରନ୍ତ ଅବକାରୀ ବିଭାଗକୁ ଅବଗତ କରାଇବାକୁ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଏସ୍‌ଡିଓଙ୍କୁ ବିଦ୍ୟୁତ୍ ସମସ୍ୟା ଜଣାଇଲେ ଦୁଆ ଗ୍ରାମବାସୀ



ବାଲିକୁଦା,୨୫।୭ (ସମିସ): ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ଦୁଆ ଗ୍ରାମବାସୀ ଗ୍ରାମର ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ବିଭାଗୀୟ ଏସଡିଓଙ୍କୁ ଅବଗତ କରାଇଛନ୍ତି। ଦୁଆ ଗ୍ରାମରେ ଦୀର୍ଘ ମାସ ଧରି ଲୋ-ଭୋଲଟେଜ ସମସ୍ୟା ଲାଗି ରହିଥିବା କାରଣରୁ ବଲ୍‌ବ ଜଳିବା, ପଙ୍ଖା ବୁଲିବା, ଆଇରନ, ଫ୍ରିଜ, କମ୍ପ୍ୟୁଟର, ୱାସିଂମେସିନ ସମେତ ଅନ୍ୟ ବିଦ୍ୟୁତ ସାମଗ୍ରୀ ବ୍ୟବହାର କରିହେଉନାହିଁ। ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ପଙ୍ଖା ଚାଲୁ ନ ଥିବାରୁ ଲୋକେ ଯନ୍ତ୍ରଣା ଭୋଗ କରୁଛନ୍ତି। ଏପରିକି ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାକୁ ନେଇ ପୂର୍ବରୁ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମର ଅରୁଣ କୁମାର ସାହୁ, ବଟ କୁମାର ସାହୁ, ରାଜେଶ ମହାନ୍ତି, ଜଟାଧାରୀ ସାହୁ, ନେତ୍ରାନନ୍ଦ ସାହୁ, ମମତା ବରାଳ, ରୁବିନା ବେହେରା, ସୁମିତ୍ରା ବେହେରା, ଶିବପ୍ରସାଦ ସ୍ୱାଇଁ, ବନମାଳୀ ସ୍ୱାଇଁ, ନିରଞ୍ଜନ ବେହେରାଙ୍କ ସମେତ ବହୁ ଗ୍ରାମବାସୀ। ଯଦି ଆଗାମୀ ଦିନରେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ବିଲ ବନ୍ଦ କରିବା ସହ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏ ନେଇ ବିଭାଗୀୟ ଏସଡିଓ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ଏହି ଗ୍ରାମରେ ବାସ୍ତବିକ ସମସ୍ୟା ରହିଛି। ଅଭିଯୋଗ ପାଇ ପୂର୍ବରୁ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି। ଏହି ସମସ୍ୟାର ସମାଧାନ କିମ୍ବା ଆର୍ଥିକ ମଞ୍ଜୁରି ମୋ କ୍ଷମତା ପରିସରରେ ନ ଥିବାରୁ ବିଳମ୍ବ ହେଉଛି। ତେବେ ଉପରୁ ଅନୁମୋଦନ ହେବା ମାତ୍ରକେ ସମାଧାନ କରାଯିବ।

# 'ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନ ୩ଟି ଜିଲ୍ଲାର ଅପରାଧ ହାର ହ୍ରାସ ପାଇଛି'

ରାଉରକେଲା,୨୫।୭ (ସମିସ)



ପଶ୍ଚିମାଞ୍ଚଳ ପୁଲିସ ରେଞ୍ଜ ଅଧୀନରେ ଥିବା ରାଉରକେଲା, ସୁନ୍ଦରଗଡ଼ ଓ କେନ୍ଦୁଝର ୩ଟି ପୁଲିସ ଜିଲ୍ଲାର ଅପରାଧ ହାର ଅପେକ୍ଷାକୃତ ହ୍ରାସ ପାଇଛି ବୋଲି ଆଜି ପଶ୍ଚିମାଞ୍ଚଳ ପୁଲିସ ଡିଆଇଜିଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଡିଆଇଜି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି। ଶ୍ରୀ ରାଏ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଯେଉଁଥିରେ ସମଗ୍ର ଜିଲ୍ଲାର ଅପରାଧ ରିପୋର୍ଟ, ଚୋରି, ଡକାୟତି, ଦୁର୍ଘଟଣା ଏବଂ ଅନ୍ୟାନ୍ୟ ମାମଲା ସମ୍ପର୍କରେ ୩ଟି ପୁଲିସ ଜିଲ୍ଲାର ଏସ୍‌ପି ଓ ରେଲୱେ ଏସ୍‌ପିଙ୍କ ସହ ମିଶି ସମୀକ୍ଷା କରାଯାଇଛି। ବିଗତ ୬ ମାସର ଆଇନ ଶୃଙ୍ଖଳା ପରିସ୍ଥିତି, ପ୍ରପର୍ଟି ଅଫେନ୍ସ, ମହିଳା ଅପରାଧ, ସଡ଼କ ଦୁର୍ଘଟଣା ଇତ୍ୟାଦି ୪ଟି ବିଷୟ ଉପରେ ପୁଲିସ୍ ବିଭାଗ ପକ୍ଷରୁ ଆଲୋଚନା କରାଯାଇଥିଲା। ଅପରାଧ ସମ୍ପର୍କରେ ସମୀକ୍ଷା ପରେ ଜଣାପଡ଼ିଛି ଯେ ରାଉରକେଲା, ସୁନ୍ଦରଗଡ଼ ଓ କେନ୍ଦୁଝର ପୁଲିସ ଜିଲ୍ଲାରେ ହତ୍ୟାକାଣ୍ଡ ପରି ଜଘନ୍ୟ ଅପରାଧ ହ୍ରାସ ପାଇଛି। ଗତବର୍ଷ ଶେଷ ୬ ମାସରେ ସୁନ୍ଦରଗଡ଼ରେ ହତ୍ୟାକାଣ୍ଡ ହାର ୨୧ ଥିବା ବେଳେ ଚଳିତବର୍ଷ ୬ ମାସରେ ହତ୍ୟାକାଣ୍ଡ ହାର ୨୦ ଥିଲା। ସେହିପରି ରାଉରକେଲା ପୁଲିସ ଜିଲ୍ଲାରେ ଗତ ବର୍ଷ ଶେଷ ୬ ମାସରେ ହତ୍ୟାକାଣ୍ଡ ହାର ୨୮ ରହିଥିବା ବେଳେ ଚଳିତବର୍ଷ ୬ ମାସରେ ହତ୍ୟାକାଣ୍ଡ ହାର ୨୦ ଥିଲା। ସେହିପରି କେନ୍ଦୁଝର ପୁଲିସ ଜିଲ୍ଲାରେ ଗତ ବର୍ଷ ୬ ମାସ ହତ୍ୟାକାଣ୍ଡର ହାର ୩୨.୩ ପ୍ରତିଶତ ରହିଥିବା ବେଳେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଏହି ହାର ୩୨.୦ ରହିଛି। ସେହିପରି ଡକାୟତି, ରାହାଜାନି ଛିନତାଇ ଜନିତ ଅପରାଧ ହାର ମଧ୍ୟ ୩ଟି ପୁଲିସ ଜିଲ୍ଲାରେ ହ୍ରାସ ପାଇଛି। ରାଉରକେଲାରେ ପୂର୍ବ ୬ ମାସରେ ୫ଟି ଡକାୟତି ହୋଇଥିବା ବେଳେ ଚଳିତବର୍ଷ ପ୍ରଥମାର୍ଦ୍ଧରେ ୩ଟି ଡକାୟତି ହୋଇଛି। ସେହିପରି ୪୦ଟି ଛିନତାଇରୁ ହ୍ରାସ ପାଇ ୨୦ଟି ଛିନତାଇ ଘଟିଛି। ସେହିପରି ସିନ୍ଧି ଚୋରି ୧୬୦ରୁ ହ୍ରାସ ପାଇ ୭୯ଟି ଘଟିଛି। ଚୋରି ସଂଖ୍ୟା ୩୭୦ରୁ ହ୍ରାସ ପାଇ ୧୭୭ରେ ପହଞ୍ଚି। ତେବେ ବାଲି ଚୋରି ମାମଲା ବେଶୀ ରୁଜୁ ହୋଇଛି। ସେ କେନ୍ଦୁଝର ପୁଲିସ ଜିଲ୍ଲାର ଅପରାଧ ହାର ବିଷୟରେ ସୂଚନା ଦେଇ କହିଲେ କେନ୍ଦୁଝରରେ ପୂର୍ବ ୬ ମାସରେ ୫ଟି ଡକାୟତି ହୋଇଥିବା ବେଳେ ଚଳିତବର୍ଷ ପ୍ରଥମାର୍ଦ୍ଧରେ ୪ଟି ଡକାୟତି ହୋଇଛି। ସେହିପରି ୪୦ଟି ଛିନତାଇରୁ ହ୍ରାସପାଇ ୩୫ଟି ଘଟିଛି। ସେହିପରି ସିନ୍ଧି ଚୋରି ୧୧୯ରୁ ହ୍ରାସ ପାଇ ୯୭ଟି ଘଟିଛି। ଚୋରି ସଂଖ୍ୟା ୩୧୧ରୁ ହ୍ରାସ ପାଇ ୨୩୦ରେ ପହଞ୍ଚି। ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ୭ଟି ଡକାୟତି ହୋଇଛି। ସେହିପରି ୨୨ଟି ଛିନତାଇରୁ ହ୍ରାସ ପାଇ ୧୨ଟି ଛିନତାଇ ଘଟିଛି। ସିନ୍ଧି ଚୋରୀ ୧୨୧ରୁ ହ୍ରାସ ପାଇ ୧୧୭ଟି ଘଟିଛି। ଚୋରୀ ସଂଖ୍ୟା ୧୯୮ରୁ ହ୍ରାସ ପାଇ ୧୨୫ରେ ପହଞ୍ଚି। ସେହିପରି ମହିଳା ଜନିତ ଅପରାଧ ବହୁ ପରିମାଣରେ ହ୍ରାସ ପାଇଛି। ସଡକ ଦୁର୍ଘଟଣା ମଧ୍ୟ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି। ସୁନ୍ଦରଗଡରେ ଗତ ବର୍ଷ ୨୫୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ୨୨୭ଟି ଦୁର୍ଘଟଣା ରିପୋର୍ଟ ହୋଇଛି। ସେହିପରି ରାଉରକେଲା ପୁଲିସ ଜିଲ୍ଲାରେ ଗତବର୍ଷ ୨୨୮ଟି ସଡ଼କ ଦୁର୍ଘଟଣା ଘଟିଥିଲା ବେଳେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ୧୩୨ଟି ଦୁର୍ଘଟଣା ଘଟିଥିବା ରିପୋର୍ଟ ହୋଇଛି। ସାଇବର ଅପରାଧ ହ୍ରାସ ପାଇଥିବା ବେଳେ ଏହାର ସଚେତନତା କରାଯାଉଛି ବୋଲି ଡିଆଇଜି ଶ୍ରୀ ରାଏ ସୂଚନା ଦେଇଥିଲେ। ରେଲୱେ ବିଭାଗ ସହ ରାଉରକେଲା ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ଆଡିସନାଲ ଏସ୍‌ପି ସ୍ପେଶାଲ ବ୍ରାଞ୍ଚ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ସହିତ ଆଗାମୀ ୪ ମାସ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି କିପରି ହ୍ରାସ ପାଇବ ସେ ବିଷୟରେ କାର୍ଯ୍ୟ ଚାଲିଛି ବୋଲି ସେ ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନିତେଶ ଡାଗାରୁ, ରାଉରକେଲା ରେଳବାଇ ଜିଆରପି ଆରକ୍ଷୀ ଅଧୀକ୍ଷକ ପିସି ବଡଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ପେଶାଲ ବ୍ରାଞ୍ଚ ରାଉରକେଲା ଜୋନାଲ୍ ସଂଗ୍ରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛରେ ପିଟିହୋଇ ୧ ମୃତ; ଜଣେ ଗୁରୁତର



ବଣାଇଁ,୨୫।୭ (ସମିସ): ବଣାଇଁ ଦେବଗଡ଼ ସୀମା ଲଇମୁରା ଗ୍ରାମ ନିକଟରେ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି।

ଶୁକ୍ରବାର ସନ୍ଧ୍ୟାରେ ଦୁଇଜଣ ବ୍ୟକ୍ତି କୌଣସି କାର୍ଯ୍ୟରେ ଯାଉଥିବାବେଳେ ଲଇମୁରା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେପିଟି ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାରକରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣଙ୍କ ମଧ୍ୟ ଗୁରୁତର ଥିବାରୁ ତା'କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ମୃତବ୍ୟକ୍ତି ଓ ଗୁରୁତର ବ୍ୟକ୍ତିଙ୍କ ପରିଚୟ ମିଳିପାରିନି।

# ଗାଈ ଉପରେ ମାଡ଼ିଗଲା ଗାଡ଼ି

ବଣାଇଁ,୨୫।୭(ସମିସ): ବଣାଇଁ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗାଈ ଶୋଇଥିବାବେଳେ ଏକ କାର୍ ଦ୍ରୁତଗତିରେ ଆସି ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଗାଈଟିର ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟା ସମୟରୁ ସହରରେ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ରାସ୍ତା ଠିକ୍ ସେ ଦେଖା ମଧ୍ୟ ଯାଉନାହିଁ। ଏଭଳି ସମୟରେ ଦ୍ରୁତ ଗତିରେ ଗାଡି ଚାଳନା ପଶୁ ସମ୍ପଦଙ୍କ ଉପରେ ବିପଦ ହେଉଛି।

ବାରମ୍ବାର ପ୍ରଶାସନର ତାଗିଦ୍ ସତ୍ତ୍ୱେ ସ୍ଥାନୀୟ ଲୋକେ ରାସ୍ତା ଉପରେ ଗାଈଗୋରୁ ଛାଡି ଦେଉଥିବାରୁ ଏହିଭଳି ଦୁର୍ଘଟଣା ଦିନକୁ ଦିନ ଘଟୁଥିବା ଦେଖିବାକୁ ମିଳୁଛି।

# ଗଛ ଲଗାଇ ଦେଲେ ପରିବେଶ ସୁରକ୍ଷା ବାର୍ତ୍ତା

କଣ୍ଟାବାଞ୍ଜି/ମୁରିବାହାଲ,୨୫।୭ (ସମିସ):ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ଆସୁଥିବା ବିକାଶ ମଞ୍ଚ ଦ୍ୱାରା ମଞ୍ଚ ସମ୍ପାଦକ ଅମରେଶ ମାଝୀଙ୍କ ତତ୍ତ୍ୱାବଧାନରେ ତଥା ସଭାପତି ଫାଲଗୁନି ହାତୀଙ୍କ ନିର୍ଦ୍ଦେଶ କ୍ରମେ ବିକାଶ ମଞ୍ଚ କାର୍ଯ୍ୟାଳୟ ପରିସର ରେ ଗଛ ଲଗାଇ ପରିବେଶ ସୁରକ୍ଷା ର ବାର୍ତ୍ତା ଦେଲେ ମୁରିବାହାଲ ବ୍ଲକ ବିକାଶ ମଞ୍ଚର କର୍ମକର୍ତ୍ତା। କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ର କାର୍ଯ୍ୟକାରୀ ସମ୍ପାଦକ ଥବିର ସା,ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ଉପ ସଭାପତି ଅଶୋକ ପ୍ରଧାନ, ବଜରଙ୍ଗ ଶାଣ୍ଢ଼େ,ରବି ବାଗ, ସୁଶୀଲ ବାଗ,ବନ ବିଭାଗ ପକ୍ଷରୁ ଫରେଷ୍ଟ ଗାଡ଼ ଅଜିତ ବେହେରା, କୁବେର ଠେଲା, ଲିଙ୍ଗେଶ୍ୱର ମହାନନ୍ଦ, କୁବେର ମାଝୀ ଉପସ୍ଥିତ ଥିଲେ।

# ଜର୍ମାନ ଓ ସ୍ପାନିସ୍ ଭାଷା ପାଠ୍ୟକ୍ରମର ଶୁଭାରମ୍ଭ

ରାଉରକେଲା,୨୫।୭(ସମିସ): ଭାଷା ଶିକ୍ଷା ପ୍ରତି ଦୀର୍ଘକାଳୀନ ପ୍ରତିବଦ୍ଧତା ସ୍ୱରୂପ ସେକ୍ଟର-୨ରେ ଥିବା ରାଉରକେଲା ସାମାଜିକ ଏବଂ ସାଂସ୍କୃତିକ ଟ୍ରଷ୍ଟ, ଜର୍ମାନ ଏବଂ ସ୍ପାନିସ୍ ଭାଷା ପ୍ରମାଣପତ୍ର ପାଠ୍ୟକ୍ରମ ଆରମ୍ଭର ଘୋଷଣା କରିଛି, ଯାହା ଛାତ୍ର, ବୃତ୍ତିଧାରୀ ଏବଂ ଭାଷାପ୍ରତି ଉତ୍ସାହୀ ବ୍ୟକ୍ତିମାନଙ୍କୁ ସେମାନଙ୍କର ଭାଷାଗତ ଜ୍ଞାନର ପରିସୀମାକୁ ସୁଦୂରପ୍ରସାରି କରିବା ପାଇଁ ଏହାଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ଏହି ପାଠ୍ୟକ୍ରମଗୁଡ଼ିକ ଆଜି ଠାରୁ ଆରମ୍ଭ ହୋଇଥିବାବେଳେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ଏହା ପରିଚାଳିତ ହେବ। ଏଥିରେ ଏକ ଅନନ୍ୟ ଭାଷା ଅଭିଜ୍ଞତାକୁ ସୁନିଶ୍ଚିତ କରିବା ପାଇଁ ଇଣ୍ଟରାକ୍ଟିଭ୍ ସେସନ୍ ଏବଂ ଅଡିଓ-ଭିଜୁଆଲ୍ ଶିକ୍ଷଣ ଉପକରଣ ସହଯୋଗ ନିଆଯିବ। ଜର୍ମାନ ଭାଷାର କ୍ଲାସ ଗୁଡ଼ିକ ପ୍ରତି ବୁଧବାର ଏବଂ ଗୁରୁବାର ଅନୁଷ୍ଠିତ ହେବ ଏବଂ ସ୍ପାନିସ୍ କ୍ଲାସ ଗୁଡ଼ିକ ପ୍ରତି ସୋମବାର ଏବଂ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ଜୁଲାଇ ୨୫ରୁ ନାମଲେଖା ଆରମ୍ଭ ହୋଇଛି। ଏଥିରେ ସୀମିତ ସିଟ୍ ଉପଲବ୍ଧ ଥିବାରୁ, ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଶୀଘ୍ର ନାମଲେଖା ଏବଂ ଅଧିକ ବିବରଣୀ ପାଇଁ ଏସି ଦାସଙ୍କୁ ମୋବାଇଲ ନମ୍ବର ୯୪୩୭୭୬୮୫୩୭ ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି।




ଉଲ୍ଲେଖନୀୟ ଯେ ଏହିଟ୍ରଷ୍ଟ କିଛି ଦଶନ୍ଧି ଧରି ସ୍ପୋକେନ ଇଙ୍ଗ୍ଲିଶ କୋର୍ସ ପରିଚାଳନା କରିଆସୁଛି, ଯାହା ବିଦ୍ୟାର୍ଥୀ, କର୍ମଜୀବୀ ବୃତ୍ତିଧାରୀ ଏବଂ ଗୃହିଣୀଙ୍କ ସମେତ ହଜାରହଜାର ଶିକ୍ଷାର୍ଥୀଙ୍କୁ ଉପକୃତ କରୁଛି।

# ୬ରେ ଏସ୍‌ଡବ୍ଲୁଏଫ୍‌ଆଇର ସର୍ବଭାରତୀୟ ସମ୍ମିଳନୀ



ରାଉରକେଲା,୨୫।୭(ସମିସ): ସମଗ୍ର ଭାରତରେ ଇସ୍ପାତ ଓ ଖଣିମାନଙ୍କରେ କାର୍ଯ୍ୟରତ ସ୍ଥାୟୀ ଓ ଠିକା ଶ୍ରମିକମାନଙ୍କ ସର୍ବବୃହତ ସଂଗଠନ ଷ୍ଟିଲ ୱାର୍କରସ ଫେଡେରେସନ ଅଫ୍ ଇଣ୍ଡିଆର ୧୦ମ ସର୍ବଭାରତୀୟ ସମ୍ମିଳନୀ ସେପ୍ଟେମ୍ବର ୬ ଓ ୭ରେ ଅନୁଷ୍ଠିତ ହେବ।

ଏହି ସର୍ବଭାରତୀୟ ସମ୍ମିଳନୀରେ ଦେଶର ସମସ୍ତ ଇସ୍ପାତ କାରଖାନା ଓ ଖଣିରେ କାର୍ଯ୍ୟ କରୁଥିବା ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ନେତୃତ୍ୱ ପ୍ରତିନିଧି ଭାବେ ଯୋଗ ଦେଇ ଶ୍ରମିକଙ୍କ ସୁରକ୍ଷା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଅଭ୍ୟର୍ଥନା କମିଟିର ମୁଖ୍ୟ ପୃଷ୍ଠପୋଷକ ଭାବରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ରହିଛନ୍ତି।

କମିଟିର ଅଧ୍ୟକ୍ଷ ବଣାଇବିଧାୟକ ଲକ୍ଷ୍ମଣ ମୁଣ୍ଡା ରହିଥିଲାବେଳେ ଉପାଧ୍ୟକ୍ଷ ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ପ୍ରଭାତ ପଣ୍ଡା, ସୁରେଶ ନାଏକ, ସନ୍ତୋଷ ସାହୁ, ସାଧାରଣ ସମ୍ପାଦକ ବସନ୍ତ ନାୟକ, କୋଷାଧ୍ୟକ୍ଷ ବିପି ମହାପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ସିଆଇଟିୟୁ ନେତୃତ୍ୱଙ୍କୁ ନେଇ ଏହି ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ପୂର୍ବରୁ ୨୦୧୨ରେ ଏସଡବ୍ଲୁଏଫ୍‌ଆଇର ସମ୍ମିଳନୀ ରାଉରକେଲା ଠାରେ ଅନୁଷ୍ଠିତ ହୋଇଥିଲା। ଚଳିତ ସମ୍ମିଳନୀକୁ ସଫଳ କରିବା ପାଇଁ ବିଭିନ୍ନ ସବ କମିଟି ଗଠନ କରାଯାଇଛି।

# ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ବଲାଙ୍ଗିର,୨୫।୭(ସମିସ):ବଲାଙ୍ଗିର ଜିଲ୍ଲା ଲୋଇସିଂହା ପୁଲିସ ଗୁରୁବାର ନୂତନ ଭାବେ ନିର୍ମାଣ ହୋଇଥିବା ଡାକ୍ତରଖାନା ଚାଷଜମି ଭିତରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ଯୁବକ ସଇଁତଳା ଥାନା ଖର୍ସେଲବାଞ୍ଜି ଗାଁର ଶେଷଦେବ ମିର୍ଦ୍ଧା(୩୨) ବୋଲି ଜଣାପଡିଛି।

ତେବେ ତାଙ୍କ ଶାଶୂ ଘର ଲୋଇସିଂହା ଥାନା ଜଡାମୁଣ୍ଡା ହୋଇଥିବା ବେଳେ ସେ ଆସି ସ୍ତ୍ରୀ ସହ ଝଗଡା ହୋଇଥିଲା। ପରେ ସେ ଘରୁ କୁଆଡେ ଚାଲି ଯାଇଥିଲେ। ଏନେଇ ଲୋଇସିଂହା ଥାନା ରେ ମଧ୍ୟ ଶାଶୁ ଘର ଲୋକ ଲିଖିତ ଭାବେ ଜଣାଇଥିଲେ। ତେବେ ବୁଧବାର ରାତିରେ ଲୋଇସିଂହା ଅଞ୍ଚଳରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା।

ବଜ୍ରପାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତ ଓ ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡିଛି। ଥାନା ଅଧିକାରୀ ଯଜ୍ଞାସେନି ନାୟକ ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ପୁଲିସ କେସ ନଂ ୧୭/୨୦୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବଲାଙ୍ଗିର ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ

ବଲାଙ୍ଗିର,୨୫।୭(ସମିସ):ବଲାଙ୍ଗିର ପଥରଚେପାସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବଲାଙ୍ଗିର ସହରାଞ୍ଚଳ ପଣ୍ଡରା ସମାଜ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ ମଧ୍ୟ କରିଥିଲେ। ସମାଜର ସଭାପତି ରସରାଜ ସାଙ୍କ ସମେତ ବଂଶୀଧର ସା, ବିନୋଦ ବିହାରୀ ଭୋଇ, ବିଦ୍ୟାଧର ଦ୍ୱାରୀ, ବିଜୟ କୁମାର ସା, ମାନଭଞ୍ଜନ ସା, ଦୁତିଆ ଦେହେରୀ, ଭବାନୀ ଶଙ୍କର ଭୋଇ ପ୍ରମୁଖ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିଲେ। ଉକ୍ତ ଚାରାରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଭାପତି ରସରାଜ ସା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ।

## ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ପରିଦର୍ଶନ

# ବିଭିନ୍ନ ସମସ୍ୟାର ସମୀକ୍ଷା କଲେ କଳିକେଶ



ବଲାଙ୍ଗିର,୨୫।୭(ସମିସ): ବଲାଙ୍ଗିର ଜିଲ୍ଲାର ଲୋକଙ୍କ ଭରସାର ସ୍ୱାସ୍ଥ୍ୟକେନ୍ଦ୍ର ଭାବରେ ଗଢିଉଠିଛି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା। ଏହା ବିଭିନ୍ନ ସମସ୍ୟା ନେଇ ଗତିକରୁଥିବା ଖବର ପାଇ ବିଧାୟକ କଳିକେଶ ନାରାୟଣ ସିଂହଦେଓ ମେଡିକାଲ କଲେଜର ଡିନ୍ ଓ ଅଧ୍ୟକ୍ଷ, ସିଡିଏମଓ, ପ୍ରଶାସନିକ ଅଧିକାରୀ ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଉଠିଯାଇ ମେଡିସିନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର ଏବେ ମେଡିକାଲ କଲେଜ ଡାକ୍ତରଖାନାରେ ପରିଚାଳନା ହେଉଛି। କିନ୍ତୁ ଆଜି ପର୍ଯ୍ୟନ୍ତ ରକ୍ତ ଭଣ୍ଡାର ପ୍ରସୂତି ଓ ଶିଶୁ ବିଭାଗ ଏବେ ମଧ୍ୟ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଚାଲୁଥିବା ବେଳେ ଆଇସିୟୁ ମଧ୍ୟ ଚାଲିଛି। ଡାକ୍ତର ଅଭାବ ଷ୍ଟାଫନର୍ସ ଅଭାବ ଥିବା ବେଳେ ଏମଆରଆଇ ସହିତ ବିଭିନ୍ନ ଯନ୍ତ୍ରପାତି ଆଜି ପର୍ଯ୍ୟନ୍ତ ସରକାର ଯୋଗାଇ ଦେଇପାରୁନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ।ଏନେଇ ଆସନ୍ତା ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ମେଡିକାଲ କଲେଜ ହସପିଟାଲ ହେଉଛି ୬୫୦ ବିଶିଷ୍ଟ କିନ୍ତୁ ସରକାର ଏଯାଏଁ ମାତ୍ର ୫୦୦ ଶହ ବେଡର ବ୍ୟବସ୍ଥା କରିଥିବା ବେଳେ ମାତ୍ର ୩୮୦ ବେଡ କାର୍ଯ୍ୟକ୍ଷମ ହୋଇଛି ବୋଲି ଅଧ୍ୟକ୍ଷ ସୂଚନା ଦେଇଥିଲେ। ଯେଉଁଥିପାଇଁ ନୂତନ ମେଡିକାଲ କଲେଜ ଡାକ୍ତରଖାନାରେ ଏବେବି ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

ବିଧାୟକ ଶ୍ରୀ ସିଂଦେଓ ପରେ ମେଡିସିନ ୱାର୍ଡ ପରିଦର୍ଶନ କରିଦେଖିଥିଲେ। ପରିଦର୍ଶନ ସମୟରେ ରୋଗୀଙ୍କ ଅଭିଭାବକମାନେ ବିଧାୟକଙ୍କୁ ମେଡିକାଲ କଲେଜ ହସପିଟାଲ ର ଅବ୍ୟବସ୍ଥିତ ଶୌଚାଳୟ ଦେଖାଇଥିଲେ। ଯାହାକୁ ନେଇ ବିଧାୟକ କଳିକେଶ ନାରାୟଣ ସିଂହଦେଓ କ୍ଷୋଭ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକରେ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ପୌରାଧ୍ୟକ୍ଷା ଲିକା ସାହୁ ଉପସ୍ଥିତ ଥିଲେ।

## ସଟ୍ଟା ଆଡ୍ଡାରେ ପୁଲିସର ଚଢ଼ଉ ; ୫ ଗିରଫ

# ନଗଦ ଟଙ୍କା,ମୋବାଇଲ ଓ ସଟ୍ଟା ଚାଟ ଜବତ

ପାଟଣାଗଡ଼,୨୫।୭(ସମିସ):ଶୁକ୍ରବାର ପାଟଣାଗଡ଼ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଟଣାଗଡ଼ ପୁଲିସ ଚଢ଼ଉ କରି ବେଆଇନ ସଟ୍ଟା ଖେଳାଉଥିବା ପାଞ୍ଚ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କେନ୍ଦୁମୁଣ୍ଡି ଗ୍ରାମର ଭେଳାସାଗରନାଗ, ପାଟଣାଗଡ଼ ବ୍ରହ୍ମପୁରାର ବାସୁଦେବ କୁଦେଇ,ପାଟଣାଗଡ଼ ବାବାଜୀ ପଡାର ହାଡୁ ହୋତା, ପାଟଣାଗଡ଼ ବଡପଡାର ଗିରିଜା ପ୍ରସାଦ ନାଗ, ରାମପୁର ପାଟଣାଗଡ଼ ର ବାସୁଦେବ ହେରନା। ସେମାନଙ୍କ ଠାରୁ ନଗଦ ୧୪୧୦୦ ଟଙ୍କା, ଦୁଇଟି ମୋବାଇଲ, ଗୋଟିଏ ମୋବାଇଲ ଚାର୍ଜର, ଗୋଟିଏ ପାୱାର ବ୍ୟାଙ୍କ, ଗୋଟିଏ କାଲକୁଲେଟର ଓ ସଟ୍ଟା ଚାଟ ସହ ଡଟ ପେନ ଜବତ କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଅଭିଲାଷ ଜି ଏସପି ବଲାଙ୍ଗିରଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ଏସଡ଼ିପିଓ ସଦାନନ୍ଦ ପୁଝାରୀଙ୍କ




ତତ୍ତ୍ୱାବଧାନରେ ହରିବନ୍ଧୁ ଗଡ଼ତ୍ୟା ଥାନାଧିକାରୀ ପାଟଣାଗଡ଼ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶୁକ୍ରବାର ପାଟଣାଗଡ଼ ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ବିଭିନ୍ନ ସ୍ଥାନ ତଥା ସଟ୍ଟା ଆଡ୍ଡା ଗୁଡିକରେ ଚଢ଼ଉ କରାଯାଇ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି।ସେମାନଙ୍କ ଠାରୁ ସଟ୍ଟା ଖେଳାଇବା ପାଇଁ ଥିବା ବିଭିନ୍ନ ଉପକରଣ ଗୁଡିକ ଜବତ କରାଯାଇଛି। ଏନେଇ ପାଟଣାଗଡ଼ ଥାନାରେ ପାଞ୍ଚଟି ପୃଥକ ମାମଲା ରୁଜୁ କରି ଶୁକ୍ରବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ବଲାଙ୍ଗିର,୨୫।୭(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ କୁମାର ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଏଡିଇଓ ରିନା କୁମାରୀ ବେହେରା, ଏସଡିଓ ଜନସ୍ୱାସ୍ଥ୍ୟ ବିଭାଗ ଇଂ ରାଜେଶ କୁମାର ବେହେରା, ଅତିରିକ୍ତ ପରିବହନ ଅଧିକାରୀ କିଶୋର କୁମାର ଦେ,ଏସଡିପିଓ ସରୋଜ କୁମାର ଉପଧ୍ୟାୟ, ଆରଆଇ, ପୋଲିସ ପ୍ରଦୀପ୍ତ କୁମାର ଦେବତା, ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ ,ବିଭିନ୍ନ ବିଭାଗର ଅଧିକାରୀ, ସାଂସ୍କୃତିକ ଓ



ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଟିକା ସମୟରେ ରାମଧୁନ ,ସକାଳ ୬ ରୁ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି ,ସକାଳ ଘ.୭.୦୦ମି ରୁ ଘ.୮.୦୦ମି ମଧ୍ୟରେ ସରକାରୀ ,ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ ,ସକାଳ ଘ.୭.୩୦ମିରୁ ଘ.୭.୪୫ମି ମଧ୍ୟରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଏବଂ ସକାଳ ଘ.୦୯.୧୫ମି ସମୟରେ ମନୋହରପୁର ରିଜର୍ଭ ପୁଲିସ ପଡିଆରେ ଆନୁଷ୍ଠାନିକ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଦିବସର ମୁଖ୍ୟ ଅତିଥି ସକାଳ ଘ.୦୯.୧୫ମି ସମୟରେ ଆନୁଷ୍ଠାନିକ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପ୍ୟାରେଡ ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ, ଗୃହ ରକ୍ଷୀ ବାହିନୀ,ପୁଲିସ କଲର ପାର୍ଟିଙ୍କ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଏନସିସି ,ସ୍କାଉଟ ,ଗାଇଡ୍ ,ରେଡ୍‌କ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ। ଅପରାହ୍ନ ୪ଟାରେ ସ୍ଥାନୀୟ ମିଶନ ପଡିଆରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ବୈଠକ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, କେଶବ ବାଗ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ।





## ମାଟି ପକାଇ ଡ୍ରେନ୍ ଅବରୋଧ

# ପାଣି ଘେରରେ ୨ ଶହ ପରିବାର

ଭୁବନେଶ୍ୱର, ୨୫।୭ (ସମିସ)

ରସୁଲଗଡ଼ ଶବର ସାହି ନେତାଜୀ ନଗର ଅଞ୍ଚଳରେ ବନ୍ୟା ପରିସ୍ଥିତି। ଏହା କୌଣସି ପ୍ରାକୃତିକ କାରଣ ଯୋଗୁଁ ନୁହେଁ। ବରଂ ଜଣେ ବ୍ୟକ୍ତି ବିଏମ୍‌ସି ନାଳକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରିବାରୁ ଏଭଳି ହୋଇଛି। ମାଟି ପକାଇ ଡ୍ରେନ୍ ଅବରୋଧ ହୋଇଛି। ୭ଦିନ ହେବ ଏହି ଅଞ୍ଚଳ ଜଳବନ୍ଦୀ ଭିତରେ। ଲୋକଙ୍କ ଘରେ ପାଣି ପଶିଛି ରହିଛି। ରୋଷେଇବାସ ବନ୍ଦ ହୋଇଗଲାଣି। ସେମାନେ ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ବିଏମ୍‌ସି କାର୍ଯ୍ୟାଳୟକୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ ନେଇ ଆସୁଥିଲେ ମଧ୍ୟ ବିଏମ୍‌ସି କିଛି କରିପାରୁନି। ଏପରିକି ନା ଆ ସେମାନଙ୍କୁ ସ୍ଥାନାନ୍ତର କରାଯାଉଛି ନା ଆ ରିଲିଫ ବ୍ୟବସ୍ଥା କରାଯାଉଛି।



■ ୭ ଦିନ ହେବ ଚୁଲି ଜଳୁନି, ଭୋକ ଉପାସରେ ବସ୍ତିବାସିନ୍ଦା
■ ଜବରଦଖଲ ହଟାଇବାକୁ ସାହାସ ଜୁଟାଇ ପାରୁନି ବିଏମ୍‌ସି

ରସୁଲଗଡ଼ ଛକରୁ ଡ୍ରେନ୍ ନମ୍ବର-୧ ଦେଇ ଯାଇଥିବା ଏହି ଶାଖା ଡ୍ରେନ୍ ଶବରସାହି ପାଖରେ ଶେଷ ହୋଇଛି। ରସୁଲଗଡ଼ ଛକରେ ଥିବା ମଧୁକୁଞ୍ଜ, ମନୋରମା ଆଦି ବହୁତଳ କୋଠାଗୁଡ଼ିକର ଆବର୍ଜନା ପାଣି ମଧ୍ୟ ଏହି ଡ୍ରେନ୍ ଦେଇ ପ୍ରବାହିତ ହେଉଛି। ଜଣେ ଲୋକ ମାଟି ପକାଇ ଡ୍ରେନ୍ ଅବରୋଧ କରିଛନ୍ତି। ଯାହାଫଳରେ ବର୍ଷାଜଳ ନିଷ୍କାସନ ହୋଇ ପରୁନାହିଁ। ଡ୍ରେନ୍ ପାଣି ବସ୍ତିକୁ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ କରି ରଖିଛି। ବସ୍ତିରେ ଅଣ୍ଟାଏ ଅଣ୍ଟାଏ ପାଣି ସବୁ ସମୟରେ ଲହଡି ମାରୁଛି। ଘର ଭିତରେ ଆଣ୍ଠୁଏ ପାଣି। ସ୍ଥାନୀୟ ବାସିନ୍ଦା ଆଉ ଘରୁ ବାହାରି ପାରୁ ନାହାନ୍ତି। ଜୀବନଜୀବିକା ଦୁର୍ବିସହ ହୋଇଗଲାଣି। ଏଠାରେ ରହୁଥିବା ପାଖାପାଖି ୨୦୦ ପରିବାରର ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଅତି ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଜୀବନଯାପନ କରୁଛନ୍ତି।

ଗତ ୭ଦିନ ହେବ ଭୁବନେଶ୍ୱରରେ ନିୟମିତ ଭାବେ ବର୍ଷା ହେଉଛି। ଏହି ବର୍ଷା ସ୍ଥାନୀୟ ଲୋକଙ୍କ ପାଇଁ ଦୁଃଖ ଆଣି ଦେଇଛି। ଘରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିବାରୁ ଘରେ ଆଉ ଚୁଲି ଜଳୁ ନାହିଁ। ଲୋକେ ରୋଷେଇବାସ କରି ପାରୁ ନାହାନ୍ତି। ଭୋକ ଉପାସରେ ୭ ଦିନ ହେବ ଆଉଟୁ ପାଉଟୁ ହେଉଛନ୍ତି। ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ଦୁଇଦିନ ଭିତରେ ଲୋକଙ୍କ ପାଖରେ ଯାହା କିଛି ଟଙ୍କା ଥିଲା ଶେଷ ହୋଇଗଲାଣି। ଦିନରାତି ମାଶା କାମୁଡୁଛନ୍ତି। ଛୋଟପିଲା ଏହି ପାଣିରେ ବୁଡିଯିବାର ସମ୍ଭାବନା ରହିଛି। ବରିଷ୍ଠ ନାଗରିକମାନେ



ଘରୁ ବାହାରି ପାରୁ ନାହାନ୍ତି। ସେହି ପାଣିରେ ଶୌଚ କରୁଛନ୍ତି। ଏବେ ଗୋଟିଏ ପଟେ ଦୁଃର୍ଗନ୍ଧ, ଡ୍ରେନ୍‌ପାଣି ଏବଂ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଲଢେଇ ଚାଲିଥିଲା ବେଳେ ସମସ୍ୟା ସମାଧାନ ନ ହେବାରୁ ବସ୍ତିବାସିନ୍ଦା ଏବେ ଭୋକ ସହ ବି ଲଢେଇ କରୁଛନ୍ତି।

ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଏମାନେ ନିଜ ଅଭିଯୋଗ ନେଇ ବାରମ୍ବାର ବିଏମ୍‌ସି କାର୍ଯ୍ୟାଳୟ ଦୌଡୁଛନ୍ତି। ଶୁକ୍ରବାର ମଧ୍ୟ ୬୦ରୁ ଊର୍ଦ୍ଧ୍ୱ ମହିଳା ନିଜ ଅଭିଯୋଗ ନେଇ ଯାଇଥିଲେ। ହେଲେ ସେମାନଙ୍କୁ କେବଳ ପ୍ରତିଶ୍ରୁତି ଆଉ ତାରିଖ ମିଳିବାରେ ଲାଗିଛି। ସମ୍ପୃକ୍ତ ଡ୍ରେନ୍ ଅବରୋଧକାରୀଙ୍କ ବିରୋଧରେ ବିଏମ୍‌ସି ବି ଚୁପ୍। ତାଙ୍କ ଆଗରେ ହାତ ଟେକି ଦେଇଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ସେଠାକୁ ଯିବା ପାଇଁ ବି ବିଏମ୍‌ସି ଅଧିକାରୀମାନେ ଭୟ କରୁଛନ୍ତି।

ମିଳିଥିବା ସୂଚନା ମୁତାବକ ବିଏମ୍‌ସି ଅଧିକାରୀମାନେ ୩ ଥର ଏଠାରୁ ଡ୍ରେନ୍ ନିର୍ମାଣ ପାଇଁ ଗଲେଣି। ଚଳିତ ବର୍ଷାରେ ପମ୍ପସେଟ୍ ଲଗାଇ ସେଠାରୁ ଜଳ ନିଷ୍କାସନ ପାଇଁ ବିଏମ୍‌ସି ଅଧିକାରୀ ଚେଷ୍ଟା କରି ବିଫଳ ହେଲେଣି। ସେହି ସ୍ଥାନକୁ ବିଏମ୍‌ସି ଅଧିକାରୀ ଯେତେଥର ଯାଉଛନ୍ତି ସେମାନଙ୍କୁ କାମ କରିବାକୁ ଦିଆଯାଉ ନାହିଁ। ଜଣେ ଡ୍ରେନ୍ ଅବାରୋଧକାରୀଙ୍କ ଜିଦ୍ ଆଗରେ ସହରାଞ୍ଚଳ ପ୍ରଶାସନ ଏକପ୍ରକାର ବେସାହାରା ହୋଇପଡ଼ିଛି। ଏସମ୍ପର୍କରେ ବିଏମ୍‌ସି ଡ୍ରେନ୍‌ଜ୍ ବିଭାଗର ମୁଖ୍ୟ ପ୍ରିୟବ୍ରତ ବେହେରା କହିଛନ୍ତି ୩ଥର ଡ୍ରେନ୍ ନିର୍ମାଣ କରିବାକୁ ଗଲେ କିଛି ଲୋକ ଏକାଠୀ ହୋଇ କରାଇ ଦେଉ ନାହାନ୍ତି କିମ୍ବା ମାଟି ହଟାଇ ଦେଉ ନାହାନ୍ତି। ଏଣୁ ପୁଲିସ ସହାୟତାରେ ଡ୍ରେନ୍ ନିର୍ମାଣ କିମ୍ବା ମୋଟର ଲଗାଇ ବର୍ଷା ଜଳ ନିଷ୍କାସନ ହେବ।

## ୩୧ ଲକ୍ଷ ଠକେଇ; ସିନେ ଅଭିନେତା ଗିରଫ



ଭୁବନେଶ୍ୱର, ୨୫।୭ (ସମିସ): ୩୧ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଓଡ଼ିଆ ସିନେ ଅଭିନେତାଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମଞ୍ଚେଶ୍ୱର ଥାନା ପ୍ରାଚୀ ବିହାରରେ ରହୁଥିବା ଧର୍ମଶାଳା ଥାନା ବଡ଼ ମଙ୍ଗଳପୁରର ଉଦୟନ ଅପରାଜିତ୍ ଓରଫ୍ ଉଦୟ (୪୦)। ପୁଲିସ ସୂଚନା ଅନୁସାରେ, ଗତ ୨୦୨୧ ଅକ୍ଟୋବର ମାସରେ ଉଦୟ ବରମୁଣ୍ଡା ଅଞ୍ଚଳରେ ରହୁଥିବା ସରୋଜ କୁମାର ସାହୁଙ୍କ ଠାରୁ ଷ୍ଟିଲ ପ୍ରୋଜେକ୍ଟ କାମର ଉନ୍ନତିକରଣ ଲାଗି ୩୧ ଲକ୍ଷ ୫୦ ହଜାର ଟଙ୍କା ଧାର ନେଇଥିଲା। ଏନେଇ ଉଭୟଙ୍କ ମଧ୍ୟରେ ପୂର୍ବରୁ ଏକ ଚୁକ୍ତି ହୋଇଥିଲା। ନେଇଥିବା ଧାର ଟଙ୍କା ଫେରାଇବା ଲାଗି ଉଦୟ ବ୍ୟାଙ୍କ ଚେକ୍ ଦେଇଥିଲା। କିନ୍ତୁ ପର୍ଯ୍ୟାପ୍ତ ଟଙ୍କା ଅଭାବରୁ ତାହା ବାଉନ୍ସ ହୋଇ ଯାଇଥିଲା। ସରୋଜ ଏକାଧିକଥର ଉଦୟଙ୍କୁ ଯୋଗାଯୋଗ କରି ଧାର ଟଙ୍କା ଫେରାଇବା ଲାଗି ଅନୁରୋଧ କରିଥିଲେ। ହେଲେ ଉଦୟ ଟଙ୍କା ଫେରାଇବ ନାହିଁ ବୋଲି କହିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ସରୋଜ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଉଦୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବାର୍ ଯାଞ୍ଚ ବେଳେ ଅବକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର

● ମାଲିକ ସମେତ ୨୦ ଜଣଙ୍କ ନାଁରେ ମାମଲା

ଭୁବନେଶ୍ୱର, ୨୫।୭ (ସମିସ): କଟକରୋଡ଼ରେ ଥିବା ଏକ ବାର୍‌କୁ ଚଢ଼ଉ ପାଇଁ ଯାଇଥିବା ବେଳେ ଅବକାରୀ ଅଧିକାରୀ ଦୁର୍ବ୍ୟହାରର ଶିକାର ହୋଇଛନ୍ତି। ଦୁର୍ବ୍ୟବହାର କରିଛନ୍ତି ବାର୍ ମାଲିକ ଓ କର୍ମଚାରୀ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। କଟକରୋଡ଼ କଳ୍ପନା ଛକ ନିକଟରେ ଥିବା ଦୀପାଳି ବାର୍‌ର ମନମାନି ଦେଖିବାକୁ ମିଳିଛି। ଏହି ବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରଖିବା ସହ ଭିତରେ ଯୁବତୀ ରଖି ଡ୍ୟାନ୍ସ କରାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇଁ ଦୁଇ ଦିନ ତଳେ ଅବକାରୀ ଅଧିକାରୀମାନେ ସେଠାକୁ ଯାଞ୍ଚ କରିବାକୁ ଯାଇଥିଲେ। ହେଲେ ବାର୍ ଭିତରକୁ ଅବକାରୀ ଅଧିକାରୀମାନଙ୍କୁ ଛଡ଼ାଯାଇ ନ ଥିଲା। ବରଂ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବାର୍ କର୍ମଚାରୀ। ଶେଷରେ ଆଜି ଅବକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ ୨୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏପରିକି ଘଟଣା ଦିନ କଣ ଘଟିଲା ସେନେଇ ସିସିଟିଭି ଯାଞ୍ଚ କରୁଛି। ଆହୁରି ମଧ୍ୟ ବାର ମାଲିକଙ୍କୁ ଥାନାକୁ ଆସିବାକୁ କୁହାଯାଇଥିବା ପୁଲିସ କହିଛି।

## ଦୁଷ୍କର୍ମ ଅଭିଯୁକ୍ତକୁ ଲୁଚାଇ ଘର ମାଲିକ ଗିରଫ



ଭୁବନେଶ୍ୱର, ୨୫।୭ (ସମିସ): ଦୁଷ୍କର୍ମ ଉଦ୍ୟମ ମାମଲାର ଅଭିଯୁକ୍ତକୁ ଘରେ ରଖିଥିଲା। ଚଢ଼ଉ ବେଳେ ଅଭିଯୁକ୍ତକୁ ସୁରକ୍ଷା ଦେଇ ଖସାଇ ଦେଇଥିଲେ। ଅଭିଯୁକ୍ତକୁ ଆତ୍ମଗୋପନରେ ସାହାଯ୍ୟ କରିଥିବା ଘର ମାଲିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବକ୍ସି ବଜାର ଜାଡୁକ୍ ଲେନର କୁଳଦୀପ ଜୀ ଜାଡୁକ (୪୧)।

ପୁଲିସ ସୂଚନା ମୁତାବକ, ଶ୍ୟାମପୁର ଅଞ୍ଚଳର ଜଣେ ମହିଳା ମାନସ ରଞ୍ଜନ ଦାଶ ଓ ତାଙ୍କ ପତ୍ନୀଙ୍କୁ ୨୦୨୨ ମସିହାରୁ ଜାଣିଥିଲେ। ମହିଳାଙ୍କର ପଟିଆ ଛକରେ ଥିବା ଦୁଇଟି ଫ୍ଲାଟକୁ ଫ୍ଲାଟ୍ କିଣିବା ଲାଗି ମାନସ ସ୍ଥିର କରିବା ସହିତ ଅଗ୍ରୀମ ବାବଦକୁ ୨୭ ଲକ୍ଷ ଟଙ୍କା ଦେଇଥିଲେ ଓ ବାକି ଟଙ୍କା ଫ୍ଲାଟ୍ ପଞ୍ଜୀକରଣ ସମୟରେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ମାନସ ଓ ତା'ର ପତ୍ନୀ ବାକି ଟଙ୍କା ନଦେବାକୁ କଥାବାର୍ତ୍ତା ହେଉଥିବା ମହିଳା ଜଣକ ଜାଣିବାକୁ ପାଇଥିଲେ। ମହିଳା ଜଣକ ଏନେଇ ଆଲୋଚନା କରିବା ପାଇଁ ମାନସକୁ ଗତ ୧୦ ତାରିଖ ଦିନ ଶ୍ୟାମପୁରସ୍ଥିତ ଘରକୁ ଡାକିଥିଲେ। ମାନସ ଆଲୋଚନା କରିବା ଲାଗି ଯାଇଥିବାବେଳେ ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ। ମହିଳାଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ କୌଣସି ମତେ ମାନସ କବଳରୁ ନିଜକୁ ରକ୍ଷା କରି ନେଇଥିଲେ। ଏନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାନସକୁ କାବୁ କରିବାକୁ ବକ୍ସି ବଜାରସ୍ଥିତ କୁଳଦୀପ ଘରେ ପୁଲିସ ଚଢ଼ଉ କରିଥିଲା। ହେଲେ କୁଳଦୀପ ଅଭିଯୁକ୍ତକୁ ଖସାଇ ଦେବା ସହିତ ପୁଲିସ ସହିତ ଯୁକ୍ତିତର୍କ କରିଥିଲେ। ଅଭିଯୁକ୍ତକୁ ଆତ୍ମଗୋପନରେ ସହଯୋଗ କରିଥିବା ଅଭିଯୋଗରେ କୁଳଦୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁଳଦୀପ ଘଟଣାର ଆପୋଷ ସମାଧାନ ପାଇଁ ମହିଳାଙ୍କୁ ବାରମ୍ବାର ଧମକ ଦେଇ ଆସୁଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା।

## ପାଣ୍ଡରାରୁ ପୁଣି ଠାବ ହେଲା ପୁଣି ଏକରେ ଜମି

# ୪ର୍ଥ ଦିନରେ ଭାଙ୍ଗିଲା ୨୪ କଂକ୍ରିଟ୍ ଘର

ଭୁବନେଶ୍ୱର, ୨୫।୭ (ସମିସ): ପାଣ୍ଡରା ମୌଜା ଜବରଦଖଲ ମାମଲାରେ ନୂଆ ନୂଆ ରହସ୍ୟ ସାମ୍ନାକୁ ଆସିବାରେ ଲାଗିଛି। ସାଧାରଣ ପ୍ରଶାସନ ବିଭାଗ ପ୍ରଥମେ ୨.୬ ଏକର ସରକାରୀ ଜମି ଜବରଦଖଲ ଚିହ୍ନଟ କରି ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏବେ ଏଠାରେ ଆଉ ପ୍ରାୟ ଏକରେ ସରକାରୀ ଜମି ଜବରଦଖଲ ହୋଇଥିବା ଜଣାପଡ଼ିଛି। ଏନେଇ ଜିଏ ପକ୍ଷରୁ ସର୍ଭେ ଶେଷ ହୋଇଛି। ଏଠାରେ ମଧ୍ୟ ବଡ଼ ବଡ଼ ବିଲ୍ଡିଂ ନିର୍ମାଣ ହୋଇଛି। ଯାହା ଭାଙ୍ଗିବାକୁ ଜିଏ ପକ୍ଷରୁ ବିଡିଏ ଉଚ୍ଛେଦକାରୀ ଦଳକୁ ନିର୍ଦ୍ଦେଶ ଦିଆଯାଇଛି।

ସାଧାରଣ ପ୍ରଶାସନ ବିଭାଗ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ (ସର୍ଭେ ଆଣ୍ଡ ଏନ୍‌ଫୋର୍ସମେଣ୍ଟ) ଅମିୟ କୁମାର ଦାସ ବିଡିଏକୁ ଚିଠି ଲେଖିଛନ୍ତି। ପାଣ୍ଡାର ମୌଜା ଖାତା ନମ୍ବର ୧୩୫୨ର ପ୍ଲାଟ୍ ନମ୍ବର ୩୮୮୪ ଏବଂ ୩୮୮୭ରେ ଜବରଦଖଲ ହୋଇଛି ବୋଲି ଉଲ୍ଲେଖ ରହିଛି। ଉକ୍ତ ଦୁଇ ପ୍ଲଟ୍‌କୁ ଜବରଦଖଲ ମୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ପଣ୍ଡରା ଜବରଦଖଲ ଉଚ୍ଛେଦ ଆଜି ୪ର୍ଥ ଦିନରେ ପହଞ୍ଚିଛି। ୪ର୍ଥ ଦିନରେ ୨୦୦ ଡେସିମଲ୍ ଜମିକୁ ଖାଲି କରାଯାଇଛି। ଯେଉଁଥିରେ ୨୪ଟି କଂକ୍ରିଟ୍ ଘର ରହିଥିଲା ବେଳେ ଗୋଟିଏ ଅର୍ଦ୍ଧନିର୍ମିତ



ଛାତ ରହିଛି। ଏହାସହ ୧୦ଟିଣ ଘରକ ଭାଙ୍ଗି ଦିଆଯାଇଛି। ୮ଘଣ୍ଟା ଧରି ଚାଲିଥିବା ଏହି ଉଚ୍ଛେଦ ପ୍ରକ୍ରିୟାରେ ଗୋଟିଏ ଜେସିବି ମେସିନ୍ ଏବଂ ଗୋଟିଏ ପୋକ୍‌ଲିନ୍ ମେସିନ୍ ରହିଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ, ଲିଆସନ୍ ଅଫିସର ସୁଭ୍ରାଂଶୁ ଶେଖର ମହାନ୍ତି, ସ୍ଥାନୀୟ ମଞ୍ଚେଶ୍ୱର ଥାନା ପୁଲିସ ଏବଂ ଆର୍‌ଆଇ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ଜୁନିଅର୍ ରେଭିନ୍ୟୁ ଆସିଷ୍ଟାଣ୍ଟ

ଭୁବନେଶ୍ୱର, ୨୫।୭ (ସମିସ): ୩୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଭୁବନେଶ୍ୱର ସବ୍ କଲେକ୍ଟର ଅଫିସର ଜୁନିଅର୍ ରେଭିନ୍ୟୁ ଆସିଷ୍ଟାଣ୍ଟ ସୌରଭ ତ୍ରିପାଠୀ। ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏନେଇ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଥିଲା। ଜମି ପ୍ରମାଣପତ୍ରର ଫାଇଲ ପ୍ରୋସେସିଂ ପାଇଁ ଅଭିଯୋଗକାରୀଙ୍କ ଠାରୁ ୩୦ ହଜାର ଲାଞ୍ଚ ମାଗୁଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଜଣାଇଥିଲେ। ଆଜି ଅପରାହ୍ନରେ ଅଫିସ୍ ଭିତରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ତାଙ୍କ ପକେଟ ଯାଞ୍ଚ କରିବା ପରେ ଲାଞ୍ଚ ଟଙ୍କା ମିଳିଥିଲା। ତାଙ୍କର ହାତ ଧୋଇବା ପରେ କେମିକାଲର ପ୍ରମାଣ ମିଳିବା ପରେ ସିଧା ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇଯାଇଥିଲା। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ୨ଟି ସ୍ଥାନରେ ଚଢ଼ାଉ କରାଯାଉଛି। ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ ଅଫିସ୍ ଏବଂ ବାଳକାଟି ସ୍ଥିତ ଘରେ ଚଢଉ କରାଯାଇ ଯାଞ୍ଚ କରାଯାଉଛି। ସେ ଉପ ଜିଲ୍ଲାପାଳ ଅଫିସରେ ଜେଆରଏ ଅଛନ୍ତି ସୌରଭ। ୨୦୨୪ ମାର୍ଚ୍ଚ ମାସରେ ସେ ଜେଆରଏ ଭାବେ ଭୁବନେଶ୍ୱର ଉପଜିଲ୍ଲାପାଳଙ୍କ ଅଫିସରେ ନିଯୁକ୍ତି ପାଇଥିଲେ। ହେଲେ ସେ ଲାଞ୍ଚ ଲୋଭରେ ନିଜେ ଫଶିଲେ।

## ସ୍ମାର୍ଟସିଟିର କ୍ୟାମେରା ଯନ୍ତ୍ରାଂଶ ଚୋରି; ଦୁଇ ଗିରଫ



ଭୁବନେଶ୍ୱର, ୨୫।୭ (ସମିସ): ରାଜଧାନୀରୁ କ୍ୟାମେରା ଯନ୍ତ୍ରାଂଶ ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ରାଜମହଲ ଅଞ୍ଚଳରେ ରହୁଥିବା କଦମଲାଲ ଜେନା ଓରଫ୍ ବାଦଲ (୩୨) ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳର ଜିତେନ୍ଦ୍ର ବେହେରା (୨୫)।

ପୁଲିସ ସୂଚନା ଅନୁସାରେ, କ୍ୱାଡଗେନ ୱେୟାରଲେସ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ସ୍ମାର୍ଟ ସିଟି ପ୍ରକଳ୍ପ ଅଧିନରେ ରାଜଧାନୀର ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଇବା ସହ ରକ୍ଷଣାବେକ୍ଷଣା କରେ। ଗତକାଲି ବିଳମ୍ବିତ ରାତିରେ ବଢେଇବାଙ୍କ ଛକ ନିକଟରେ ସାଇଟ ଡାଉନ୍ ହେବା ନେଇ ଫିଲ୍ଡ ଅଫିସର ଦୁର୍ଯ୍ୟୋଧନ ପରିଡ଼ା ଖବର ପାଇଥିଲେ। ଏହାପରେ ଏକ ୱାଇଫାଇ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ବେଳେ ସେଠାରୁ କିଛି ନେଟୱର୍କ ଯନ୍ତ୍ରାଂଶ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଗତ ୧୫ ଦିନ ମଧ୍ୟରେ କ୍ୟାପିଟାଲ ଓ ଖାରବେଳ ନଗର ଥାନା ଅଞ୍ଚଳରୁ ପ୍ରାୟ ୫୦ ଗୋଟି ନେଟୱର୍କ ଯନ୍ତ୍ରାଂଶ ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ଦୁର୍ଯ୍ୟୋଧନ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ମୁଳା ପଡ଼ିଆ ନିକଟରେ ଚଢ଼ଉ କରି ଦୁହିଁଙ୍କୁ ଗିରଫ କରିବା ସହିତ ସେମାନଙ୍କ ହେପାଜତରୁ ଦୁଇଟି ୟୁପିଏସ୍, ଦୁଇଟି ସୁଇଚ୍ ଓ ୪ଟି ଆକ୍‌ସେସ୍ ପଏଣ୍ଟ ଜବତ କରିଥିଲା।

# ଚାକିରି ଯେଉଁଠି ହେଉ; ରାଜଧାନୀରେ ଜମି ଥାଉ

ଭୁବନେଶ୍ୱର, ୨୫।୭ (ସମିସ)

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯେଉଁଠି ଚାକିରି କରୁଛ କର। ହେଲେ ରାଜଧାନୀରେ ଜମି ଖଣ୍ଡେ ଥାଉ। ଏଭଳି ନୀତିରେ ଚାଲୁଛନ୍ତି ଦୁର୍ନୀତିଖୋର ସରକାରୀ ଅଫିସର। କାରଣ ସେମାନଙ୍କ ପତ୍ନୀ ରାଜଧାନୀରେ ଜମି କରିବାକୁ ବାଧ୍ୟ କରୁଛନ୍ତି। ଶେଷରେ ବାଧ୍ୟ ହୋଇ ସରକାରୀ ଅଫିସର ରାଜଧାନୀରେ ଜମି କିଣୁଛନ୍ତି। ତଳ ପଦବୀ ଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସର ମଧ୍ୟ ରାଜଧାନୀର ଜମି ପ୍ରଥମ ପ୍ରସନ୍ଦ। ସେମାନେ ଦୁର୍ନୀତି କରି ଏହି ଟଙ୍କାରେ ଅନେକ ପ୍ଲଟ୍, ଫ୍ଲାଟ କିଣୁଛନ୍ତି। କାରଣ ଗତ କିଛିବର୍ଷ ହେଲା ଭିଜିଲାନ୍ସ ଚଢଉ କରୁଥିବା ଅଫିସର ଏବଂ କର୍ମଚାରୀଙ୍କ ନାଁରେ ରାଜଧାନୀରେ ମାଲମାଲ ପ୍ଲଟ ରହୁଛି। ସହର ଭିତରେ ପ୍ଲଟ ଆଉ ନ ଥିବାରୁ ରାଜଧାନୀ ଉପକଣ୍ଠ ଚନ୍ଦକା, ଦାରୁଠେଙ୍ଗ, ଖୋର୍ଦ୍ଧା, ପିପିଲି, ବାଲିଅନ୍ତା ଏବଂ ବାଲିପାଟଣା ଆଦି ଅଞ୍ଚଳରେ ଏହି ସରକାରୀ ବାବୁମାନେ ଏକାଧିକ ପ୍ଲଟ ପକାଇ ରଖିଛନ୍ତି। ଯଦି ଭିଜିଲନ୍ସ ଏହି ସବୁ ପ୍ଲଟ୍ ସମ୍ପର୍କରେ ଯାଞ୍ଚ କରିବ ଏହି ଦୁର୍ନୀତିଖୋର ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିବେ। ଅନେକ ଅଫିସର ଉପକଣ୍ଠରେ ବିରାଟ ବିରାଟ ପ୍ଲଟ କିଣି ଫାର୍ମ ହାଉସ୍ କରୁଛନ୍ତି। ସେଠାରେ ଛୁଟି ସମୟରେ ସାଙ୍ଗସାଥିଙ୍କୁ ନେଇ ଅବସର ବିନୋଦନ କରୁଛନ୍ତି। ଏହି ସରକାରୀ ବାବୁମାନେ ଅନେକ ସମ୍ପତ୍ତି ନିଜ ଚାକିରି କାଳରେ ଦୁର୍ନୀତି କରି ଅର୍ଜନ କରୁଛନ୍ତି। ଶେଷରେ ଚାକିରି ଶେଷ ପୂର୍ବରୁ ସେମାନଙ୍କୁ ଭିଜିଲାନ୍ସ ଗିରଫ କରୁଛି। ଭିଜିଲାନ୍ସ ନିକଟରେ ସମସ୍ତ ଜ୍ଞାନକୌଶଳ ଥିଲେ ମଧ୍ୟ ଜମି କିଣୁଥିବା ଅଧିକାରୀଙ୍କୁ ଧରି ପାରୁନାହାନ୍ତି। ଏବେ ଏହି ସରକାରୀ ବାବୁମାନେ ନିଜ ନାମରେ ଜମି ନ କିଣି ଘର ସହାୟିକା ଏବଂ ଅନ୍ୟ କର୍ମଚାରୀଙ୍କ ନାମରେ କିଣୁଛନ୍ତି। ଯେଉଁଥିପାଇଁ ଭିଜିଲନ୍ସ ଟିମ୍ ଜାଣିବା କଷ୍ଟକର ହେଉଛି।

ନିକଟରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ୧୨୩ ପ୍ଲଟ୍ ରହିଥିଲା। ସେଥିରେ ମଧ୍ୟ ତାଙ୍କର ରାଜଧାନୀରେ ଘର ଏବଂ ପ୍ଲଟ ରହିଛି। ହାର ଦିନକ ପରେ ବିଏମ୍‌ସିର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ମଧ୍ୟ ଆୟ ବହିର୍ଭୁତ ସମ୍ପତ୍ତି ମାମଲାରେ ଗିରଫ ହୋଇଛନ୍ତି। ରାଜ୍ୟ ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ରାଜ୍ୟର ବିଭିନ୍ନ ବିଭାଗରେ ମାଲମାଲ ଜମିଦାରୀ ବାବୁ ରହିଛନ୍ତି। ଏତେ ମାତ୍ରାରେ ଜମି କିଭଳି ସରକାରୀ ଅଧିକାରୀ ହାତଉଛନ୍ତି, ତାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଜୁଲାଇ ୨୦ ତାରିଖରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନର ଡିଏଫଓ

■ ସରକାରୀ ବାବୁମାନଙ୍କ ନାଁରେ ମାଲମାଲ ପ୍ଲଟ୍, ଫ୍ଲାଟ୍
■ ବେନାମୀ ଜମି କିଣି ପକାଉଛନ୍ତି ସରକାରୀ କର୍ମଚାରୀ

ନିତ୍ୟାନନ୍ଦ ନାୟକଙ୍କ ନିକଟରୁ ସୁନା ଅଳଙ୍କାର ସହ ଅସ୍ତ୍ରଶସ୍ତ୍ର, ୪ ଚକିଆ ଗାଡ଼ି ଓ ନଗଦ ୧ ଲକ୍ଷ ୫୫ ହଜାର ଟଙ୍କା ଜବତ ହୋଇଛି। ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ୧୨୩ଟି ପ୍ଲଟ୍ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି ବୋଲି ଜଣାପଡ଼ିଛି। ସବୁଠାରୁ ବଡ଼କଥା ହେଲା ଜଙ୍ଗଲ ବିଭାଗଠୁ ଆରମ୍ଭ କରି ଅବକାରୀ ବିଭାଗ। ପୁଣି ଯନ୍ତ୍ରୀଙ୍କ ଠାରୁ ଖଣି ଉପ-ନିର୍ଦ୍ଦେଶକ ସମସ୍ତେ ରାଜଧାନୀରେ ମାଳ ମାଳ ପ୍ଲଟ୍ କିଣିଛନ୍ତି। ସବୁଠି ଦୁର୍ନୀତି ସାଙ୍ଗକୁ ମାଲମାଲ ଅସାଧୁ ଅଧିକାରୀ ଅଛନ୍ତି। କାହା ପାଖରେ ଆୟ ଠାରୁ ଅଧିକ ସମ୍ପତ୍ତି ତ ଆଉ କାହା ନାଁରେ ଏକାଧିକ ପ୍ଲଟ୍। ସେହି ଅସାଧୁ ସରକାରୀ ବାବୁଙ୍କୁ ଧରୁଛି ଭିଜିଲାନ୍ସ। ବର୍ଷକ ମଧ୍ୟରେ ରାଜ୍ୟ ଭିଜିଲାନ୍ସ ବିଭାଗ ୨୪ ଜଣ ଜମିଦାର ବାବୁଙ୍କୁ ଧରି ସାରିଲାଣି।



ସେମାନଙ୍କ ନିକଟରେ ୬ଟି ପ୍ଲଟରୁ ଆରମ୍ଭ କରି ୧୨୩ଟି ପ୍ଲଟ୍ ରହିଛି। ସେଥିମଧ୍ୟରୁ ଜଣେ ଅଧିକାରୀଙ୍କ ନିକଟରୁ ୮୪ ଏକର ଜମି ଠାବ କରାଯାଇଛି। ବର୍ଷକ ମଧ୍ୟରେ ରାଜ୍ୟରେ ଜମିଦାରୀ ବାବୁଙ୍କ ନିକଟରୁ ୭୦୭ଟି ପ୍ଲଟ୍ ଜବତ କରାଗଲାଣି। ସେହିପରି କେନ୍ଦୁଝରରେ କାର୍ଯ୍ୟ କରିଥିବା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ ବାଲେଶ୍ୱର ଜିଲ୍ଲାକୁ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ ବଦଳି ହୋଇଯାଇଥିଲେ। ଏହି ସମୟରେ ସେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ତାଙ୍କର ସମ୍ପତ୍ତି ଜବତ କରିବା ସମୟରେ ଭିଜିଲାନ୍ସ ବିଭାଗ ୧୦୫ଟି ପ୍ଲଟ୍ ରହିଥିବା ଜାଣିବାକୁ ପାଇଥିଲା। ସେହିଭଳି ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ଅବକାରୀ ବିଭାଗର ଯୁଗ୍ମ ଆୟୁକ୍ତ ରାମଚନ୍ଦ୍ର ମିଶ୍ର ଭିଜିଲାନ୍ସ ଜାଲରେ ପଡ଼ିବା ପରେ ତାଙ୍କର ୫୨ଟି ପ୍ଲଟ୍ ବିଭାଗ ଠାବ କରିଥିଲା। ସେହିଭଳି ଓଡ଼ିଶା ବ୍ରିଜ ଓ କନଷ୍ଟ୍ରକସନ କର୍ପୋରେସନ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କର ୫୦ଟି ପ୍ଲଟ୍ ଭିଜିଲାନ୍ସ ବିଭାଗ ଠାବ କରିଛି। ବଲାଙ୍ଗୀରର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁଶୀଲ କୁମାର ରାଉତଙ୍କର ୩୪ଟି ପ୍ଲଟ୍ ବିଭାଗ ଠାବ କରିଥିଲା। କେନ୍ଦୁଝରର ବୈତରଣୀ ଅବବାହିକା ମୁଖ୍ୟ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁଙ୍କର ମଧ୍ୟ ୨୮ଟି ପ୍ଲଟ ଭିଜଲାନ୍ସ ବିଭାଗ ଠାବ କରିଥିଲା। ସେହିଭଳି ଅନୁଗୁଳ ଆଠମଲ୍ଲିକ ବ୍ଲକର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କର ୨୨ଟି ପ୍ଲଟ ରହିଥିବା ତଦନ୍ତ ସମୟରେ ଜଣାପଡ଼ିଛି। ସୁବର୍ଣ୍ଣପୁର ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ଭିଜିଲାନ୍ସ ଜାଲରେ ପଡ଼ିବା ପରେ ତାଙ୍କର ୧୯ଟି ପ୍ଲଟ୍ ରହିଥିବା ଜଣାପଡ଼ିଥିଲା। ସେହିଭଳି କୋରାପୁଟ ଜିଲ୍ଲା ଜୟପୁର ପୌରପାଳିକା ଓ ବ୍ଲକର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ତଦନ୍ତ ଚାଲିଥିବା ସମୟରେ ୧୮ଟି ପ୍ଲଟ୍ ଥିବା ଜଣାପଡ଼ିଥିଲା। କେନ୍ଦୁଝରର ଉପ ଖଣି ଅଧିକାରୀ ପଦ୍ମନାଭ ହୋତାଙ୍କର ୧୫ଟି ପ୍ଲଟ୍ ଠାବ ହୋଇଥିଲା। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କୁ ଭିଜିଲାନ୍ସ ଚଢ଼ଉ କରିବା ଜବତ ପରେ ତାଙ୍କର ୧୪ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି। ତାଳଚେର ଖଣି ଉପ-ନିର୍ଦ୍ଦେଶକ ଧରଣୀଧର ନାୟକଙ୍କୁ ଭିଜିଲାନ୍ସ ଧରିବା ପରେ ତାଙ୍କର ୧୧ଟି ପ୍ଲଟ ବିଭିନ୍ନ ସ୍ଥାନରେ ରହିଥିବା ଜଣାପଡ଼ିଥିଲା। ରାଜ୍ୟ ପରିବହନ ପ୍ରାଧୀକରଣ କାର୍ଯ୍ୟାଳୟର ଯୁଗ୍ମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତିଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ତାଙ୍କର ୧୧ଟି ପ୍ଲଟ୍ ରହିଥିବା ଜଣାପଡ଼ିଥିଲା। ସମସ୍ତ ସରକାରୀ ବାବୁଙ୍କର ରାଜଧାନୀରେ ଜମି ରହିଥିବା ଦେଖିବାକୁ ମିଳୁଛି। କାରଣ ସେମାନେ ଏହି ଜମିରେ ଘର କରି ଭଡ଼ାରେ ଲଗାଇ ଟଙ୍କା ରୋଜଗାର କରୁଛନ୍ତି।

## ଉଦଳା ଉପଖଣ୍ଡରେ ବିଏସ୍ଏନ୍ଏଲ୍ ସେବା ବିପର୍ଯ୍ୟସ୍ତ

# ୧୫ ଦିନ ଭିତରେ ନ ସୁଧୁରିଲେ ଅଫିସ ଘେରଉ



■ ଡିଜିଏମ୍‌ଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ଉଦଳା, ୨୫।୭(ସମିସ): କିଛିବର୍ଷ ହେଲା ଉଦଳା ଉପଖଣ୍ଡରେ ବିଏସ୍ଏନଏଲ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଲୋକେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ବିଭିନ୍ନ ସରକାରୀ ବେସରକାରୀ ବ୍ୟାଙ୍କ, କାର୍ଯ୍ୟାଳୟଆଦି ବିଏସଏନଏଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଲୋକଙ୍କ ଅସୁବିଧାକୁ ଆଖି ଆଗରେ ରଖି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଶୁକ୍ରବାର ବାରିପଦା ଟେଲିକମ୍ ଭବନରେ ଡିଜିଏମ୍ ଅପୋରେସନ୍ ମନୋରଞ୍ଜନ ସିଂଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ତୁରନ୍ତ ବିଏସଏନଏଲ ସେବାର ସୁଧାର ଆଣିବା ପାଇଁ ଦାବି କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସେବାର ସୁଧାର ଆଣିବାକୁ ସେ ଦୃଷ୍ଟିଆକର୍ଷଣ କରିଥିଲେ। ଯଦି ନ ହୁଏ ତାହାହେଲେ ବିଏସ୍ଏନଏଲ ଅଫିସ୍ ଘେରଉ କରାଯିବ ବୋଲି ଶ୍ରୀ ସୋରେନ୍ ଚେତାବନୀ ଦେଇଥିଲେ। ତାଙ୍କ ସହିତ ଜିଲ୍ଲାର ପୂର୍ବତନ ବିଜେଡି ସଭାପତି ତଥା ପୂର୍ବତନ କୃଷିଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲ୍ଲା ବିଜେଡିର ପୂର୍ବତନ କାର୍ଯ୍ୟାକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବରିଷ୍ଠ କର୍ମୀ ଶଶଧର ସାଇଁ ଏବଂ ଯୁବଛାତ୍ର ନେତା ଆଶିଷ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ସଂସ୍ଥା କେନ୍ଦ୍ର ଅଧୀନରେ ରହିଥିବାରୁ ଲୋକଙ୍କ ଆଶାଭରସା ରହିଛି; କିନ୍ତୁ ସେବା ମିଳୁ ନ ଥିବାରୁ ଲୋକେ ଏହି ସଂସ୍ଥା ପ୍ରତି ମୁହଁ ଫେରାଇବାକୁ ଲାଗିଲେଣି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ମହିଳା ନିର୍ଯାତନା ସଚେତନତା କର୍ମଶାଳା

ଶୁଳିଆପଦା, ୨୫।୭(ସମିସ): ଶୁଳିଆପଦା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଆଇସିସି ପକ୍ଷରୁ ମହିଳା କର୍ମଜିବୀ ଓ ଛାତ୍ରୀ ଯୌନ ନିର୍ଯାତନା ଆଇନ୍ ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କିଶୋର କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଶୁଳିଆପଦା ସିଡିପିଓ ତନୁଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିୟମକୁ କଡାକଡି ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ଡଃ.ଅର୍ଜୁନ କୁମାର ମହାନ୍ତ, ମୁରଲୀଧର ନାଏକ୍, ଅଧ୍ୟାପିକା ପ୍ରଣତୀ ମହାନ୍ତ, ଜନତାମଣୀ ତୁଙ୍ଗ ପ୍ରମୁଖ ମଞ୍ଚାସୀନ ହୋଇ ମହିଳା ନିର୍ଯାତନା ଆଇନର ବିଭିନ୍ନ ଦିଗ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ।

## ପିଆର୍‌ବିସି ରକ୍ତଭଣ୍ଡାର ସ୍ଥାପନ ଦାବି

ବହଳଦା, ୨୫।୭(ସମିସ): ଥାଲାସେମିଆ ରୋଗୀଙ୍କ ପାଇଁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଲାଲରକ୍ତ କଣିକା ରକ୍ତ ଭଣ୍ଡାର ସ୍ଥାପନ ଦାବି ହେଉଛି। ଏହି ଉପଖଣ୍ଡ ଅଞ୍ଚଳରେ ଅନେକ ଥାଲାସେମିଆ ରୋଗରେ ପୀଡିତ ଶିଶୁ ଓ ବ୍ୟକ୍ତି ରହିଛନ୍ତି। ଯେଉଁମାନେ ନିୟମିତ ରକ୍ତ ଗ୍ରହଣ କରିଥାନ୍ତି। ଥାଲାସେମିଆ ଏକ ଜେନେଟିକ୍ ରକ୍ତ ରୋଗ ଯେଉଁଥିରେ ପିଡିତ ବ୍ୟକ୍ତିଙ୍କୁ ନିୟମିତ ରକ୍ତ ପ୍ରଦାନ କରିବାକୁ ପଡ଼ିଥାଏ। ରକ୍ତଦାତାଙ୍କ ଦ୍ୱାରା ସଂଗୃହୀତ ରକ୍ତ ପ୍ରଦାନ କରାଯାଇ ସେମାନଙ୍କୁ ସୁସ୍ଥ ରଖାଯାଇଥାଏ। ଥାଲାସେମିଆ ରୋଗୀଙ୍କ ପାଇଁ ପିଆରବିସି (ପ୍ୟାକଡ ରେଡ୍ ବ୍ଲଡ ସେଲ୍ସ) ହେଉଛି ସବୁଠୁ ଉପଯୁକ୍ତ ଏବଂ ନିରାପଦ ବିକଳ୍ପ। କିନ୍ତୁ ରାଇରଙ୍ଗପୁର ରକ୍ତ ଭଣ୍ଡାରରେ ପିଆରବିସି ରକ୍ତ ଭଣ୍ଡାର ବ୍ୟବସ୍ଥା ନାହିଁ। ତେଣୁ ଏଠାରେ ଏକ ପିଆରବିସି ରକ୍ତଭଣ୍ଡାର ସ୍ଥାପନ କରାଯିବା ନେଇ ଦାବି ହୋଇଆସୁଛି। ଏଥିସହିତ ଥାଲାସେମିଆ ରୋଗୀଙ୍କ ପାଇଁ ନିୟମିତ ରକ୍ତଦାନ କରୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ ରହିଛି।

## ବନଖଣ୍ଡ ଅଧିକାରୀସ୍ତରରେ ଅଦଳବଦଳ

ବାରିପଦା, ୨୫।୭(ସମିସ): ବାରିପଦା ବନଖଣ୍ଡ ଅଧିକାରୀସ୍ତରରେ ଅଦଳବଦଳ ହୋଇଥିବା ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କୁ ଜୟପୁର ବନଖଣ୍ଡ ଅଧିକାରୀ ଭାବେ ବଦଳି କରାଯାଇଛି। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଓ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟର ଅତିରିକ୍ତ ବନ ଅଧିକାରୀ ତପନ କୁମାର ପରିଡ଼ାଙ୍କୁ ବାଲେଶ୍ୱର, ରାଉରକେଲା ଆରସିସିଏଫ କାର୍ଯ୍ୟାଳୟର ବୈଦ୍ୟନାଥ ମାଝୀଙ୍କୁ କରଞ୍ଜିଆ ଡିଏଫଓ, ରେଢ଼ାଖୋଲ ଡିଏଫଓ ସୁବ୍ରତ କୁମାର ପାତ୍ରଙ୍କୁ ରାଇରଙ୍ଗପୁର ଡିଏଫଓ, ରାଇରଙ୍ଗପୁର ଡିଏଫଓ ଶିବପ୍ରସାଦ ରଥଙ୍କୁ ଭବାନିପାଟଣା ଡିଏଫଓ, ପିସିସିଏଫ କାର୍ଯ୍ୟାଳୟର ଅତିରିକ୍ତ ବନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ବାରିପଦା ଡିଏଫଓ ଭାବେ ବଦଳି କରାଯାଇଛି।

## ରାଉତଖମାର ରାସ୍ତା ବିପର୍ଯ୍ୟସ୍ତ



ରାଇରଙ୍ଗପୁର, ୨୫।୭ (ସମିସ): ରାଇରଙ୍ଗପୁର ପୌରପରିଷଦ ସହର ଆଜି ବି ଅବହେଳିତ। ଏହି ସହରକୁ ଯୋଡୁଥିବା ରାଉତ ଖମାର ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଉତ ଖମାର ମୌଜାରେ ଉପଖଣ୍ଡ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଭାରୀଯାନ ଯିବାଆସିବା କରିବା ଫଳରେ ରାସ୍ତାରେ ବଡବଡ ଖାଲ ସୃଷ୍ଟି ହୋଇଛି। ପୌରପରିଷଦ ଏହି ରାସ୍ତାକୁ ନବୀକରଣ କରିଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁଁ ରାସ୍ତାରୁ ଗେଟି ଉଠିଯାଇଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଡିଆର୍‌ଏମ୍‌ଙ୍କ ଉନ୍ନୟନ କାମ ସମୀକ୍ଷା



ବେତନଟୀ, ୨୫।୭(ସମିସ): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ଡିଆରଏମ କେ.ଆର. ଚୌଧୁରୀ ଗୁରୁବାର ଏକ ସ୍ୱତନ୍ତ୍ର ଟ୍ରେନରେ ତାଙ୍କ ତଦନ୍ତକାରୀ ଟିମ ସହ ବେତନଟୀ ରେଳ ଷ୍ଟେସନ ପରିଦର୍ଶନରେ ପହଞ୍ଚିଥିଲେ। ପରିଦର୍ଶନ ସମୟରେ ସେ ଷ୍ଟେସନରେ ଚାଲିଥିବା ନିର୍ମାଣାଧୀନ ଅଣ୍ଡରପାସ ସହ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅଣ୍ଡରପାସ ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବେତନଟୀ ରେଳୱେ ଫୋରମ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ପାଇଁ ରୁପ୍ସା-ବାଙ୍ଗିରିପୋଷି ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ବିସ୍ତାର କରିବା ଏବଂ ଷ୍ଟେସନରେ ଡ୍ରେନେଜ ବ୍ୟବସ୍ଥାର ଉନ୍ନତି ପାଇଁ ଡିଆରଏମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ସେ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ।

## ଅସହାୟ ମହିଳା ଉଦ୍ଧାର

ମୋରଡ଼ା, ୨୫।୭(ସମିସ): ମୋରଡ଼ା ବ୍ଲକ ଅଧୀନ ନୂଆଲିଭଙ୍ଗା ପଞ୍ଚାୟତର କାଳିଆନାଳ ଗ୍ରାମରେ ଥିବା ଅସହାୟ ବୃଦ୍ଧା ଦୁଃଖିନୀ ସୋରେନ (୬୦)ଙ୍କୁ ଗୁରୁବାର ଉଦ୍ଧାର କରିଛି ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗ। ସେ ଦୀର୍ଘଦିନ ଧରି ମାଗିଯାଚି ଚଳୁଥିଲେ। ତେବେ ଗ୍ରାମର ଆଶାକର୍ମୀ ସୀତାମଣି ମାଝୀ ତାଙ୍କୁ ନିଜ ଘରକୁ ଡାକିନେଇ ଖାଇବାକୁ ଦେବା ସହ ରାତ୍ରିଯାପନ ପାଇଁ ଜାଗା ଦେଇଥିଲେ। ଖବର ପାଇ ଡିଏଲଏସଏ ସେକ୍ରେଟାରୀ ରାଜଶ୍ରୀ ପଟ୍ଟନାୟକ, ଅଧିକାର ମିତ୍ର ବିଶ୍ୱରଞ୍ଜନ ଦାସ ଓ ଲବଘନ ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ଦୁଃଖିନୀଙ୍କୁ ଉଦ୍ଧାର କରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯାଇଛି।

## ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଦିଅର ଗିରଫ

ବୈଶିଙ୍ଗା, ୨୫।୭(ସମିସ): ବୈଶିଙ୍ଗା ଥାନା ଅଧୀନ ପାଟପୁର ଗ୍ରାମର ଜଣେ ମହିଳାଙ୍କୁ ଅଶ୍ଳୀଳ ଭିଡିଓ ଭାଇରଲ କରିବାର ଧମକ ଦେଇଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ମହିଳାଙ୍କ ଦିଅରକୁ ଗିରଫ କରିଛି। ଖୁଣ୍ଟା ଥାନା ଅଧୀନ ହିଞ୍ଜଳ ଗାଡ଼ିଆ ଅଞ୍ଚଳରୁ ଭୋଳାଶଙ୍କରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପାଟପୁର ଗ୍ରାମର ମଙ୍ଗଳ ମୁର୍ମୁଙ୍କ ଘରକୁ ତାଙ୍କ ମାମୁ କେଶା ସୋରେନଙ୍କ ପୁଅ ଭୋଳାଶଙ୍କର ଅଧିକାଂଶ ସମୟ ଯିବା ଆସିବା କରେ। ସେ ମଙ୍ଗଳଙ୍କ ପତ୍ନୀ ସାଲ ସୋରେନଙ୍କ ମୋବାଇଲ ନମ୍ବର ନେଇ ସୋସିଆଲ ମିଡିଆରେ ତାଙ୍କ ସହିତ ବନ୍ଧୁତା ସ୍ଥାପନ କଲେ; ହେଲେ କିଛିଦିନ ପରେ କୌଶଳକ୍ରମେ ସାଲଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରୁ ତାଙ୍କର କିଛି ଫଟୋ ଓ ଭିଡିଓ ସଂଗ୍ରହ କରିଥିଲା ଭୋଳାଶଙ୍କର। ପରେ ଉକ୍ତ ଫଟୋ ଓ ଭିଡିଓକୁ ଏଡିଟ କରି ଅଶ୍ଳୀଳ ଫଟୋ ଓ ଭିଡିଓ ତିଆରି କରିଥିଲା। ସେସବୁକୁ ଭାଇରଲ କରିବାର ଧମକ ଦେଇ ସାଲଙ୍କୁ ଟଙ୍କା ଦାବି କରିବା ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିଲା। ସାଲ ରାଜି ନହେବାରୁ ସେ ନିଜ ଇନଷ୍ଟାଗ୍ରାମ ଓ ଅନ୍ୟ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ସେ ସବୁକୁ ଭାଇରଲ କରିଥିଲା। ଫଳରେ ସାଲଙ୍କ ମାଆ ଓ ଭଉଣୀ ମାନସିକ ଚାପରେ ରହୁଥିଲେ। ପରେ ଏ ନେଇ ମଙ୍ଗଳ ତାଙ୍କ ମାମୁଁ କେଶାକୁ ସବୁ କଥା ଜଣାଇଥିଲେ ବି ସେ ପୁଅ ସହିତ ମିଶି ଓଲଟା ଧମକ ଚମକ ଦେଇଥିଲେ। ଶେଷରେ ପୀଡିତା ସାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବାରିଣୀ ଦାସ ଏକ ମାମଲା ରୁଜୁ ପୂର୍ବକ ଘଟଣାର ତଦନ୍ତ କରି ଅଭିଯୁକ୍ତ ଭୋଳାଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ଶିକ୍ଷକ ସଂଘ

କୁଆମରା, ୨୫।୭(ସମିସ): ବିଭିନ୍ନ ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଶିକ୍ଷକ ଓ କର୍ମଚାରୀ ଚେତାବନୀ ଦେଇଛନ୍ତି। ଏ ନେଇ ଆଜି ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଗୋପବନ୍ଧୁ ନଗର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପୁରୁଣା ବାରିପଦା ବାଳିକା ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ବ୍ଲକ ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଷ୍ଟା ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଜିବି ନଗର ବ୍ଲକ ଓଷ୍ଟା ନିରୀକ୍ଷକ ତଥା ଜିଲ୍ଲା ସହ ସମ୍ପାଦକ ପ୍ରଭାସ କୁମାର ନାୟକ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଶିକ୍ଷକ ମାରଣା ନୀତିକୁ ଦୃଢ ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଖଟି ଆସୁଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଦରମା ପ୍ରଦାନ, ପେନସନ ପ୍ରଦାନ, ବେସରକାରୀ ବିଦ୍ୟାଳୟକୁ ସରକାରୀ କରିବା, ଅବସର ବୟସ ସୀମା ବୃଦ୍ଧି ଆଦି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବେ। ଆସନ୍ତା ୨ ତାରିଖରେ ଉକ୍ତ ଦାବି ନେଇ ବିଇଓ କାର୍ଯ୍ୟାଳୟକୁ ଘେରଉ କରିବା ସହିତ ଏକ ଦାବପତ୍ର ଦିଆଯିବ, ୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଏବଂ ୧୬ ତାରିଖରେ ଭୁବନେଶ୍ୱରରେ ସରକାରଙ୍କୁ ଓଷ୍ଟା ଶିକ୍ଷକ ସଂଘ ଭେଟିବାର କାର୍ଯ୍ୟକ୍ରମ ରହିଛି। ବ୍ଲକ ଓଷ୍ଟା ସମ୍ପାଦକ ମନୋରଞ୍ଜନ ବାରିକ, ଅନିରୁଦ୍ଧ ମହଲା, ଭାଗିରଥି ବାରିକ, କୃଷ୍ଣ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।




## ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପକ୍ଷରୁ ଷ୍ଟ୍ରେସ ମ୍ୟାନେଜମେଣ୍ଟ ସେସନ




ବାରିପଦା, ୨୫।୭(ସମିସ): ଜୁବଲି ପେଟ୍ରୋଲ ପମ୍ପ ନିକଟ ନିଡସ ଏଜୁକେସନଠାରେ ଛାତ୍ରଛାତ୍ରୀ ପକ୍ଷରୁ ଏକ ଷ୍ଟ୍ରେସ ମ୍ୟାନେଜମେଣ୍ଟ ସେସନ୍ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା ଜୟସ୍ୱରୂପ ମହାନ୍ତି ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ମାନସିକ ଶକ୍ତି ବୃଦ୍ଧି କରିବା ପାଇଁ ଅତି କମରେ ୬ରୁ ୮ ଘଣ୍ଟା ବିଶ୍ରାମ ନେବା ଦରକାର ବୋଲି ପରାମର୍ଶ ଦେଇଥିଲେ। ନିଜ ଚାପକୁ କମାଇବା ପାଇଁ ଯୋଗ ଏକ ଭଲ ମାଧ୍ୟମ ବୋଲି ସେ କହିଥିଲେ। ସାମାଜିକ କର୍ମୀ ସଞ୍ଜୟ ଜେନା ରାଗ ଲାଗିଲେ କିମ୍ବା ମାନସିକ ଚାପ ବଢ଼ିଗଲେ ସଂଖ୍ୟାଗୁଡିକୁ ୧୦୦ରୁ ୧ ଅଲଟା ଗୁଣିଲେ ରାଗ ଶୀଘ୍ର ହ୍ରାସ ପାଏ ବୋଲି ମତବ୍ୟକ୍ତ କରିଥିଲେ। ନିଡସର ନିର୍ଦ୍ଦେଶକ ଦିପ୍ତୀପ୍ରକାଶ ବସା ଓ ଛାତ୍ର କାଉନସିଲର ଅନସୂୟା ବସା କାର୍ଯ୍ୟକ୍ରମ ପରିକଳ୍ପନା କରିଥିଲେ। ଆର୍ଯ୍ୟାନ ଇଣ୍ଟରନ୍ୟାସନାଲ ସ୍କୁଲର ନିର୍ଦ୍ଦେଶକ ରାଜୀବ ଦାସ ପିଲାଙ୍କ ଉତ୍ସାହ ବଢ଼ାଇବାରେ ସହାୟତା କରିଥିଲେ।

## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମର ଶୁଭାରମ୍ଭ



ମୋରଡ଼ା, ୨୫।୭(ସମିସ): ବେତନଟୀ ବନାଞ୍ଚଳ ଅନ୍ତର୍ଗତ ବଡାମପୁର ଗ୍ରାମ ନିକଟ ରିଜର୍ଭ ଫରେଷ୍ଟରେ ଗୁରୁବାର ୭୬ତମ ବନମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ବେତନଟୀ ରେଞ୍ଜର ମନୱାର ଖାଁ ଆୟୋଜନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡିଏଫଓ ଅମାଜୁରେ ଉମା ମହେଶ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ବେତନଟୀ ବନ ବିଭାଗ ତରଫରୁ ବଡାମପୁର ସଂରକ୍ଷିତ ଜଙ୍ଗଲରେ ୧୦ ହଜାର ଚାରା ରୋପଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ଦିନରେ ପଣସ, ଜାମୁ, ପିଜୁଳି, କରଞ୍ଜ, ନିମ, ଅର୍ଜୁନ, ଅଁଳା, ଗମ୍ଭାରୀ ଓ ନାଗେଶ୍ୱରୀ ଆଦି ଚାରା ରୋପଣ କରାଯାଇଥିଲା।

## ବିଦ୍ୟାଳୟରେ ବନ ମହୋତ୍ସବ



ବିଶୋଇ, ୨୫।୭ (ସମିସ) : ମଣଦା ବନାଞ୍ଚଳ ପକ୍ଷରୁ ତୁଳସୀବଣି ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ ହେବା ସହିତ ମା’ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ୨ଶହ ଗୋଟି ବୃକ୍ଷ ରୋପଣ କରାଯାଇଥିଲା। ମା’ଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟହ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସଂଯୋଜକ ବିଜୟକେତନ ବିଶ୍ୱାଳ ଓ ସଂଯୋଜକ ରାଜୀବ ଲୋଚନ ପଲେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ତୁଳସୀବଣି ଭିଏସଏସ୍ ସଭାପତି ବ୍ରଜମୋହନ ସିଂ, ଆନିମେଟର ଲିଲିମଣି ସର୍ଦ୍ଦାର, ମଣଦା ବନପାଳ ଇବତୀଶ୍ୟାମ ସାଂଘ୍ରା, ତୁଳସୀବଣି ବନରକ୍ଷୀ ଚନ୍ଦନ ମହାନ୍ତ, ମଣଦା ବନରକ୍ଷୀ ଯାଜ୍ଞସେନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା



ପିଙ୍ଗୁ, ୨୫।୭(ସମିସ): କପ୍ତିପଦା ଅନ୍ତର୍ଗତ ସାନଖଲାଡ଼ି ସଂସ୍କୃତି ବିଦ୍ୟାମନ୍ଦିରର ସହକାରୀ ଶିକ୍ଷକ ରଞ୍ଜନ କୁମାର ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଚଳିତବର୍ଷ ମେ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ରବୀନ୍ଦ୍ର ନାଥ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ବାଲେଶ୍ୱର ମଣ୍ଡଳ ସଭାପତି ନାରାୟଣ ଦାଶ, ପୂର୍ବତନ ପ୍ରଧାନ ପଣ୍ଡିତ ଭରତ ଚରଣ ଦାଶ, ବିଏନ୍ଏସ୍‌ଭିର ପୂର୍ବତନ ପ୍ରଧାନ ପଣ୍ଡିତ କାଶୀନାଥ ପାଣିଗ୍ରାହୀ, ପରିଚାଳନା ସମିତି ସଭାପତି ପ୍ରଶାନ୍ତ କୁମାର ସାହୁ ଏବଂ ବଡ଼ଖଲାଡ଼ି ସିଆରସିସି ଅଭିରାମ ଟୁଡୁ, ସରୋଜ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନପଣ୍ଡିତ ଅତିଥି ପରିଚୟ ଓ ଶିକ୍ଷକ ରତ୍ନାକର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇରଙ୍ଗପୁର କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ରାଇରଙ୍ଗପୁର, ୨୫।୭(ସମିସ): ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଗୁରୁବାର କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଯୁବନେତା ରୂପକ କୁମାର ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ରାଇରଙ୍ଗପୁର ପୌରପାଳିକାର ଦୁର୍ଗା ମଣ୍ଡପ ଠାରେ ମଧ୍ୟ ଭଜହରି ମହାନ୍ତଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମ ଚରଣ ହାଁସଦା ଓ ପ୍ରହ୍ଲାଦ ପୂର୍ତ୍ତି ଏବଂ ନିବେଦିତା ପାଲ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ନବାଗତଙ୍କ ପାଇଁ ପ୍ରବେଶ ଉତ୍ସବ

ରାଇରଙ୍ଗପୁର, ୨୫।୭(ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ଗ୍ରାମସ୍ଥିତ ଆର.କେ. ଜୁନିଅର କଲେଜରେ ଗୁରୁବାର ନବାଗତ ବିଦ୍ୟାର୍ଥୀଙ୍କ ନିମନ୍ତେ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ କବି ସଂଗ୍ରାମ




ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଲେଜର ଅଧ୍ୟାପକ ଅଜୟ କୁମାର ଗିରି, ଶଶିକାନ୍ତ ନନ୍ଦ, ରୂପ ନାରାୟଣ ମଝି, ଅନୀଲ କୁମାର ଗିରି, ରମାକାନ୍ତ ପତ୍ର, ସଞ୍ଜୀବ କୁମାର ଗିରି, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହ ଉତ୍ତମ ନାଗରିକ ହୋଇପାରିଲେ ଦେଶର ପ୍ରଗତିରେ କିପରି ସହାୟକ ହୋଇପାରିବେ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜରେ ଗଠିତ ଆଇ.ସି.ସି. ବିଷୟରେ ମଧ୍ୟ ଅବଗତ କରାଯାଇଥିଲା।

**ବୈଶିଙ୍ଗା:** ବୈଶିଙ୍ଗା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ନବାଗତ ବିଦ୍ୟାର୍ଥୀଙ୍କ ନିମନ୍ତେ ଏକ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ପ୍ରାରମ୍ଭିକ ଭାଷଣ ଦେବା ସହିତ ଛାତ୍ରଛାତ୍ରୀ ନିଜକୁ ସଚେତନ ରଖି ନିଜର ଲକ୍ଷ୍ୟକୁ ହାସଲ କରିବା, ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା, ଅଭିଭାବକଙ୍କ ଆଶୀର୍ବାଦ ନେବା, ନିଜର କର୍ମକୁ ଅଗ୍ରାଧିକାର ଦେଇ ନିଜର ଓ ବାପା ମା’ଙ୍କର ସ୍ୱପ୍ନକୁ ସାକାର କରିବା ଆଦି ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ଅଧ୍ୟାପିକା ପୁଷ୍ପପ୍ରିୟା ମହାଳିକ ଏବଂ ଶିକ୍ଷା ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଦାସ ସଂଯୋଜନା କରିଥିଲେ।

**କରଞ୍ଜିଆ:** କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଛାତ୍ରୀଙ୍କ ପାଇଁ ଏକ ପ୍ରବେଶ ଉତ୍ସବ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ମାନସ ରଞ୍ଜନ ବେହେରା ନୂତନ ଛାତ୍ରୀଙ୍କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟାପିକା ତଥା ଛାତ୍ରୀ ନିବାସ



ଅଧୀକ୍ଷିକା ଅର୍ଚ୍ଚନା ମାଝୀ ଛାତ୍ରୀ ନିବାସର ନିୟମ ଶୃଙ୍ଖଳା ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପନା ନିୟମ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପିକା ଦିବ୍ୟଶ୍ରୀ ବାରିକ, ଅଧ୍ୟାପିକା ରୀମା ସେଠୀ, ଅଧ୍ୟାପିକା ରୂପମଣି ଟୁଡୁ ନୂତନ ଛାତ୍ରୀଙ୍କୁ ଠିକ୍ ମାର୍ଗରେ ଯିବାପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ବଡସାହି :** ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ




ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଜୀବନ କୁମାର ପଣ୍ଡିତ, ଫକୀର ଚରଣ ସାହୁ, ରମେଶ କୁମାର ବେହେରା, ଅଧ୍ୟାପକ ବିନୋଦ କୁମାର ପରିଡ଼ା, ପ୍ରଦ୍ୟୁମ୍ନ କୁମାର ସାତୁଆ, ଶୈଳେଶ କୁମାର ପରିଡ଼ା, ଶ୍ରୀକାନ୍ତ କୁମାର ପ୍ରଧାନ, ସତ୍ୟବାନ ଗୋଚ୍ଛାୟତ ଓ ଗୁଲୁ ସୋରେନ ପ୍ରମୁଖ ଯୋଗ ଦେଇ ଉଚ୍ଚମାଧ୍ୟମିକ ଶିକ୍ଷା ପାଇଁ ଆବଶ୍ୟକୀୟ ନିୟମାବଳୀ ଯଥା-ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ନିୟମିତ କ୍ଲାସ, ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ଡ୍ରେସ କୋଡ ଉପରେ ଆଲୋଚନା କରି ଏହା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଛାତ୍ରଛାତ୍ରୀଙ୍କୁ ପରିଚୟ ପତ୍ର, କ୍ଲାସ ଟାଇମ ଟେବୁଲ ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଶ୍ରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଷ୍କର୍ମ ପୀଡ଼ିତାଙ୍କୁ ଆକ୍ରମଣ ଓ ପରିବାରକୁ ଧମକ; ଯୁବକ ଗିରଫ

ବ୍ରହ୍ମପୁର,୨୫ ।୭ (ସମିସ): ମାମଲା ପ୍ରତ୍ୟାହାର ପାଇଁ ପୀଡ଼ିତାଙ୍କ ମା'ଙ୍କୁ ଧମକ ଦେବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ମାନସ କୁମାର ପ୍ରଧାନ (୩୨) ।

ସୂଚନାଯୋଗ୍ୟ ଯେ, ୨୦୨୩ରେ ୭ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗୋଳନ୍ଥରା ଥାନା ପୁଲିସ ମାନସକୁ ଗିରଫ କରିଥିଲା । କିଛି ମାସ ଜେଲରେ ରହି ସର୍ତ୍ତମୂଳକ ଜାମିନରେ ମୁକୁଳିବାପରେ ପୁଣି ପୀଡ଼ିତାଙ୍କୁ ହଇରାଣ ସହ ମାମଲାକୁ ପ୍ରତ୍ୟାହାର କରିବାକୁ ଧମକ ଦେଇଆସୁଥିଲେ । ଗତ ୨୩ତାରିଖ ରାତିରେ ପୀଡ଼ିତାଙ୍କ ଘର ନିକଟକୁ ଯାଇ ମାନସ ପାଟିତୁଣ୍ଡ କରିବା ସହ ମାରପିଟ କରିଥିଲେ । ପୀଡ଼ିତାଙ୍କ ପରିବାର ଲୋକଙ୍କୁ ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇଥିଲେ । ୨୪ତାରିଖରେ ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ମାନସକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିବା ଏସ୍ଆଇ ଗୌରବ ରଞ୍ଜନ ଦାଶ ସୂଚନା ଦେଇଛନ୍ତି ।

# ଗାଈଙ୍କୁ ଏସିଡ୍ ମାଡ ଘଟଣା; ଥାନାରେ ମାମଲା

ବ୍ରହ୍ମପୁର,୨୫ ।୭ (ସମିସ): ବାଡ଼ରେ ଗାଈ ପଶିବାରୁ ୬ଟି ଗାଈ ଉପରକୁ ହୋଇଛି ଏସିଡ୍ ମାଡ । ଏସିଡ୍ ଆକ୍ରମଣରେ ୪ ଗାଈ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଗାନ୍ଧୀନଗର ନିକଟ ମାରୁତି ବିହାର ୩ୟ ଲାଇନରେ ଏଭଳି ଅମାନୁଷିକ ଘଟଣା ଘଟିଛି । ମାରୁତି ବିହାର ଅଞ୍ଚଳର ଏମ୍.ରାମକ୍ରିଷ୍ଣାଙ୍କ ଏକ ଫାର୍ମ ରହିଛି । ଚରିବା ବେଳେ ୪ଟି ଗାଈ ଜଣଙ୍କ ବାଡ଼ିରେ ପଶିଥିଲେ । କ୍ରୋଧାନ୍ୱିତ ହୋଇ ରାଜେଶ କୁମାର ପଣ୍ଡା ଗାଈଙ୍କ ଉପରକୁ ଏସିଡ ଫୋପାଡି ଦେଇଥିଲେ । ଖବର ପାଇ ଫାର୍ମ ମାଲିକ ରାମକ୍ରିଷ୍ଣା ପ୍ରାଣୀ ଚିକିତ୍ସାଳୟକୁ ନେଇ ଆହତ ଗାଈମାନଙ୍କ ଚିକିତ୍ସା କରାଇଥିଲେ । ଏନେଇ ସେ ରାଜେଶ କୁମାର ପଣ୍ଡାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ସରଳ ହେଉନି ପଞ୍ଜୀକରଣ; ବାଦ୍ ପଡ଼ିବେ ବହୁ ଚାଷୀ

ବ୍ରହ୍ମପୁର,୨୫ ।୭ (ସମିସ)

ଖରିଫରେ ସରକାରଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ଲାଗି ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି । ଚଳିତଥର ନୂଆ ନିୟମ ନେଇ ଚାଷୀ ମହଲରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି । ଧାନ ରୁଆ ଛାଡ଼ି ସୋସାଇଟି ଓ ଜନସେବା କେନ୍ଦ୍ରକୁ ଚାଷୀ ଦୌଡ଼ୁଥିବା ଦେଖିବାକୁ ମିଳିଛି । ସରକାର ଚାଷୀଙ୍କ ହିତ ନିମନ୍ତେ ପଞ୍ଜୀକୃତ ସରଳୀକରଣ ବଦଳରେ ଜଟିଳ କରିଦେଇଥିବା ଅଭିଯୋଗ ହୋଇଛି ।

ସୂଚନାପ୍ରକାରେ, ଚଳିତବର୍ଷ ଧାନକିଣା ପାଇଁ ପଞ୍ଜୀକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଛି । ପଞ୍ଜିକରଣରେ ଜଟିଳତା ଥିବାରୁ ଏହା ଆଗେଇପାରୁନି । ଦିନକୁ ୨ଜଣ ଚାଷୀଙ୍କ ପଞ୍ଜିକରଣ କରିବା ଏକରକମ କଷ୍ଟସାଧ ହୋଇପଡୁଥିବା ବିଭିନ୍ନ ପ୍ରାଥମିକ ସମବାୟ ସମ୍ପାଦକଙ୍କ ସୂତ୍ରରୁ ଜଣାପଡ଼ିଛି । ସରକାରଙ୍କ ଚିଠି ଅନୁଯାୟୀ ଗୋସେଇଁ ବାପାଙ୍କ ନାମରେ ଜମି ରହିଥିଲେ ତାଙ୍କର ଉତ୍ତରାଧିକାରୀଙ୍କ ପ୍ରମାଣପତ୍ର ଆସିଲେ ପଞ୍ଜିକରଣ ହେବ । ଏହା କାଠିକର ପାଠ ସାବ୍ୟସ୍ତ ହେଉଛି । ଏଥିଦ୍ୱାରା ଚାଷୀକୂଳ ନାନା ହଇରାଣ ହରକତ ହେଉଛନ୍ତି । ଦୀର୍ଘ ୪୦ବର୍ଷ ହେଲା ଗଞ୍ଜାମରେ ସେଟେଲମେଣ୍ଟ କ୍ୟାମ୍ପ ହୋଇନଥିବାରୁ ଜମିର ରେକର୍ଡ଼ ସଂଶୋଧନ ହୋଇନାହିଁ । ଫଳରେ ଚାଷୀଙ୍କ ପୂର୍ବ ପୁରୁଷଙ୍କ ନାମରେ ଦସ୍ତାବିଜ ରହିଛି । ସେମାନେ ସିସ୍ତ ଜମା କରି ଭୋଗ ଦଖଲରେ ରଖି ଚାଷ କରୁଛନ୍ତି । ଗତବର୍ଷ ଦସ୍ତାବିଜ ଏବଂ ସିସ୍ତ ରସିଦ ଦେଖାଇ ପଞ୍ଜିକରଣ ହେଉଥିଲା । ଏବେ ଦସ୍ତାବିଜ ଦେଖାଇଲେ ପଞ୍ଜୀକରଣ ହେଉନି । ଚଳିତବର୍ଷ ପଞ୍ଜୀକରଣ ସମୟରେ ଆଖି ସ୍କାନ କରିବା

- ଚଳିବନି ଜମି ଦସ୍ତାବିଜ, ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଇ-କେୱାଇସି ବାଧ୍ୟତାମୂଳକ
- ଦିନରେ ସର୍ଭର ଡ଼ାଉନ, ନିରାଶରେ ଫେରୁଛନ୍ତି ଚାଷୀ
- ଭାଗଚାଷୀଙ୍କୁ ଅଡୁଆ ଜମି ମାଲିକଙ୍କ ସମ୍ମତିପତ୍ର

ସଂଗେ ସଂଗେ ବ୍ୟାଙ୍କ, ଖାତା, ସହିତ ଆଧାରଲିଙ୍କ ଇ-କେୱାଇସି ବାଧ୍ୟତାମୂଳକ ରହିଛି । ଯାହାକି ବହୁତ ସମୟସାପେକ୍ଷ ହେଉଛି । ଚାଷୀମାନେ ହଇରାଣ ହେଉଛନ୍ତି । ପୁଣି ପଞ୍ଜିକରଣ ଦିନବେଳା ହେଉଥିବା




ବେଳେ ଏହି ସମୟରେ ଇଣ୍ଟରନେଟ୍ ଓ ସର୍ଭର ଡାଉନ୍ ଯୋଗୁ ଅନେକ ସମସ୍ୟା ଦେଖାଦେଉଛି । ହେଲେ ଚାଷୀ ଏବେ ଉତ୍ତରାଧିକାରୀ ପ୍ରମାଣପତ୍ର ଆଣିବେ ନାଁ ଧାନ ରୁଆ ଲାଗି ଜମିକୁ ଯିବେ ସେନେଇ ଦ୍ୱନ୍ଦରେ ପଡ଼ିଛନ୍ତି । ଏ ଜଟିଳ କାମ କାହାକୁ କରିବାକୁ ସମୟ ନାହିଁ ବୋଲି ଚାଷୀନେତା ସୀମାଞ୍ଚଳ ନାହାକ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ, ଗଞ୍ଜାମ ଜିଲ୍ଲାରେ ଗତ ୨୦୨୪/୨୫ମସିହାରେ ୧ଲକ୍ଷ ୪୬ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୧ଲକ୍ଷ ୩୯ହଜାର ଚାଷୀଙ୍କ ଧାନ କିଣାଯାଇଥିଲା । ସମ୍ପ୍ରତି ସରକାର ୮୦୦ଟଙ୍କା ବୋନସ ଦେଉଥିବାରୁ ବହୁ ଚାଷୀ ଆଗଭର ହୋଇ ପଞ୍ଜିକରଣ ପାଇଁ ଆଗେଇ ଆସୁଥିବା ବେଳେ ସରକାରଙ୍କ ନୂଆ ନିୟମ ସମସ୍ତଙ୍କୁ ଅଡୁଆରେ ପକାଇଛି । ଅନ୍ୟପକ୍ଷରେ ଅନେକ ଚାଷୀ ଭାଗ ଚାଷ ହିସାବରେ ଜମି କରନ୍ତି । କିନ୍ତୁ ପଞ୍ଜୀକରଣ ସମୟରେ ମାଲିକଙ୍କ ସମ୍ମତିପତ୍ର ମିଳିବାରେ ଅଡୁଆ ଦେଖାଦେଉଛି । ଫଳରେ ସରକାରଙ୍କୁ ଧାନ ବିକିବାରେ ଭାଗଚାଷୀ ବାଦ ପଡୁଛନ୍ତି । ପୂର୍ବରୁ ଧାନ କିଣା କମିଟିର ଲିଖିତ ପତ୍ର ଦ୍ୱାରା ରାଜସ୍ୱ ଓ କୃଷି କର୍ମଚାରୀଙ୍କ ଯାଞ୍ଚ ପରେ ପଞ୍ଜୀକରଣ ହେଉଥିଲା । ସମ୍ପ୍ରତି ପ୍ରତିବର୍ଷ ହେଉଥିବା ନୂଆ ନୂଆ ନିୟମ ଫଳରେ ଚାଷୀକୂଳ ପେଷି ହେଉଥିବା ସେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଧାନ କିଣାରେ ସ୍ୱଚ୍ଛତା ଆଣିବା ବାହାନାରେ ଚାଷୀଙ୍କୁ ହଇରାଣ କରାଯାଉଥିବା ସମ୍ପ୍ରତି ଅଭିଯୋଗ ହେଉଛି । ପଞ୍ଜୀକରଣରେ ଜଟିଳତା କରି ଚାଷୀ ମାରଣାନୀତି କାହିଁକି କରାଯାଉଛି ବୋଲି ଚାଷୀକୂଳ ପ୍ରଶ୍ନ କରିଛନ୍ତି । ନୂଆ ନିୟମ ଯୋଗୁ ଏବର୍ଷ ପଞ୍ଜୀକରଣ ସଂଖ୍ୟା ନିହାତି କମିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ବୋଲି ଆଗଧାଡ଼ିର ଚାଷୀମାନେ କହିଛନ୍ତି । ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ଏନେଇ ଏହି ଅଚଳାଅବସ୍ଥା ଦେଖାଦେଇଛି । ଛତ୍ରପୁର ବ୍ଲକର ବିପୁଳିଙ୍ଗି ଓ ବଡ଼ମାଧପୁରରେ ପଞ୍ଜୀକରଣ ଆଗେଇ ପାରୁନି ବୋଲି ଚାଷୀ ନେତା କୁନା ଦାସ ଅଭିଯୋଗ କରିଛନ୍ତି । କେବଳ ଏତିକି ଜିଲ୍ଲାର ସବୁ ବ୍ଲକରେ ଚାଷୀଙ୍କ ପଞ୍ଜିକରଣରେ ବ୍ୟାପକ ସମସ୍ୟା ଦେଖା ଦେଉଥିବା ସୋସାଇଟି ଗୁଡ଼ିକରେ ମଧ୍ୟ ଗହଳି ଲାଗି ରହୁଛି ।

# ୧୩ ଚୋରି ବାଇକ୍ ଉଦ୍ଧାର; ସୁଶାନ୍ତ ଗିରଫ





ବ୍ରହ୍ମପୁର,୨୫ ।୭ (ସମିସ)

ବାଇକ୍ ଚୋରି ମାମଲାରେ ଗୋପାଳପୁର ପୁଲିସ ଶୁକ୍ରବାର ଶୀତଳାପଲ୍ଲୀ ଗ୍ରାମର ସୁଶାନ୍ତ ସେଠୀ(୩୨)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୁଶାନ୍ତ ହେଉଛି ଚୋରଙ୍କ ସର୍ଦ୍ଦାର ତଥା ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମର ଏଲ. ଶିବା ରେଡ୍ଡିର ଘନିଷ୍ଠ । ସୁଶାନ୍ତ ଠାରୁ ପୁଲିସ ୧୩ଟି ଚୋରି ବାଇକ୍ ଉଦ୍ଧାର କରିଛି ।

**ପୁଲିସ ସ୍କାନରରେ ସର୍ଦ୍ଦାର ଶିବା**

ସୂଚନାଯୋଗ୍ୟ ଯେ, ବୁଧବାର ଗୋପାଳପୁର ଥାନା ପକ୍ଷରୁ ସ୍ଥାନୀୟ ଷଣ୍ଢଛକ ନିକଟରେ ଚେକିଂ ବେଳେ ସୁଶାନ୍ତ ଏକ ଚୋରି ବାଇକ୍‌ରେ ଯାଉଥିବା ବେଳେ ଧରାପଡ଼ିଥିଲା । ଗୋକର୍ଣ୍ଣପୁରର ଶିବା ରେଡ୍ଡି ସହିତ ମିଶି ୨୦୨୪ ଡିସେମ୍ବର ୧୭ରେ ଏମକେସିଜି ମେଡ଼ିକାଲ ଖେଳପଡିଆରୁ ଉକ୍ତ ବାଇକ୍‌ଟି ଚୋରି କରିଥିବା କହିଥିଲା । ଜେରା ବେଳେ ଶିବା ସହ ମିଶି ୧୩ଟି ବାଇକ୍ ଚୋରି କରିଥିବା ସୂଚନା ଦେଇଥିଲା । ପୁଲିସ ଚୋରି ବାଇକ୍ ଜବତ ସହ ଗାଡ଼ି କିଣିଥିବା ୭ଜଣଙ୍କୁ ତାଗିଦ୍ କରି ଥାନାରୁ ନୋଟିସ୍ ଦେଇ ଛାଡିଛି । ଘଟଣା ପରେ ଶିବା ଫେରାର ହୋଇଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

- ପିଜି ଛାତ୍ରଛାତ୍ରୀଙ୍କୁ ଶିଶୁ ବିଭାଗର ଭାରପ୍ରାପ୍ତ ମୁଖ୍ୟଙ୍କ ନିର୍ଯାତନା ଘଟଣା

# ଶେଷ ହେଲା ତଦନ୍ତ; ଛୁଟିରେ ଗଲେ ଆସୋସିଏଟ୍ ପ୍ରଫେସର

ବ୍ରହ୍ମପୁର,୨୫ ।୭ (ସମିସ): ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଶିଶୁ ବିଭାଗର ପିଜି ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗର ତଦନ୍ତ ଶେଷ ହୋଇଛି । ତଦନ୍ତ ରିପୋର୍ଟ ଡ଼ିଏମଇଟିଙ୍କୁ ପ୍ରଦାନ କରାଯିବ । ଅନ୍ୟପକ୍ଷରେ ଏହି ଘଟଣାରେ ବିବାଦରେ ଥିବା ଶିଶୁ ବିଭାର ଆସୋସିଏଟ ପ୍ରଫେସର ଡ଼ା. ଭାରତୀ ଦାଶ ୫ଦିନ ନିମନ୍ତେ ଛୁଟିରେ ଯାଇଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ସେ ଛୁଟି ନେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଶିଶୁ ବିଭାଗରେ ପିଜି ଛାତ୍ରଛାତ୍ରୀଙ୍କୁ ଡ଼ା.ଦାଶ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ନେଇ ପ୍ରାୟ୨୦ରୁ ଅଧିକ ପିଜି ଡ଼ାକ୍ତର ଛାତ୍ରଛାତ୍ରୀ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡ଼ିନ ଓ ଅଧୀକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଏହାସହ ଡ଼ିନ୍ କାର୍ଯ୍ୟାଳୟର କିଛି କର୍ମଚାରୀଙ୍କୁ ମଧ୍ୟ ସେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ରହିଥିଲା । ଉଭୟ ଘଟଣାକୁ ନେଇ ଡ଼ା. ଭାରତୀ ଦାଶ ତଦନ୍ତ କମିଟିର ନିକଟରେ ହାଜର ହୋଇଥିଲେ ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ




ବ୍ରହ୍ମପୁର,୨୫ ।୭ (ସମିସ)

ଚଳିତବର୍ଷ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ବ୍ରହ୍ମପୁର ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ବ୍ରହ୍ମପୁର ଟାଉନ୍ ଏସଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟ, ଟ୍ରାଫିକ ଡିଏସ୍‌ପି ତ୍ରିପତି ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ୪ଟା ୩୦ରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ବ୍ରହ୍ମପୁର ସହରରେ ରାମଧୂନ ପରିବେଷଣ କରାଯିବ ବୋଲି ନିଷ୍ପତି ହୋଇଥିଲା । ଏହା ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସକାଳ ୭ଘଣ୍ଟାରେ ପତାକା ଉତ୍ତୋଳନ କରିବେ । ସେହିପରି ଉକ୍ତ ଦିନ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ରେ ସକାଳ ୯ଘଣ୍ଟା ୧୫ମିନିଟରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପରେଡ୍ ଅଭ୍ୟାସ ନିମନ୍ତେ ଆସନ୍ତା ୧୧ ଓ ୧୨ତାରିଖ ଅପରାହ୍ନ ୩ଘଣ୍ଟା ଏବଂ ୧୩ ତାରିଖ ସକାଳ ୮ଟାରେ ଅଭ୍ୟାସ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା । ସ୍ୱାଧୀନତା ଦିବସ ନିମନ୍ତେ ଆସନ୍ତା ୨ ତାରିଖରେ ଚିତ୍ରାଙ୍କନ ଓ ଓଡ଼ିଆ ରଚନା ପ୍ରତିଯୋଗିତା ଏବଂ ୩ ତାରିଖରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଉପଜଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ହେବ ।

ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ପୂର୍ବ ପ୍ରସ୍ତୁତି ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ଲୋକନାଥ ଶତପଥୀ, ରଜକ ହୁସେନ ଓ ରବୀନ୍ଦ୍ର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ୟୁଏଏସ୍ କର୍ମଶାଳା

ବ୍ରହ୍ମପୁର,୨୫ ।୭ (ସମିସ): ଚିକିଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ୟୁଏଏସ୍ କର୍ମଶାଳା ରାଜକବି ରାଧାମୋହନ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଛି । ଦୁଇଦିନ ଧରି ଚାଲିଥିବା ଏହି କର୍ମଶାଳାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ ଉଦ୍‌ଘାଟନ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଦୈନନ୍ଦିନ ପିଲାମାନଙ୍କ, ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ଡିଜିଟାଲ ଉପସ୍ଥାନ, ନାମଲେଖାରେ ସ୍ୱଚ୍ଛତା ଓ ସମସ୍ତ ଅନ୍‌ଲାଇନ କାର୍ଯ୍ୟକ୍ରମ ଉପରେ ଗୁରତ୍ୱାରୋପ କରିଥିଲେ । ବିଆର୍‌ସିସି ତ୍ରିନାଥ ମଲ୍ଲିକ, ଏବିଇଓ ନିଗମାନନ୍ଦ ପଣ୍ଡା, ପ୍ରଧାନଶିକ୍ଷକ ବାସୁଦେବ ମହାନ୍ତି, ସମସ୍ତ ସିଆରସିସି ଓ ବିଭିନ୍ନ ବିଦ୍ୟାଳୟର ଶହେରୁ ଅଧିକ ପ୍ରଧାନ ଶିକ୍ଷକ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ



ଏମ୍‌ଆଇଏସ୍ ଅମିତ ପାଢ଼ୀ ଓ ସିଆର୍‌ସିସି ସୁଜିତ କୁମାର ପାଢ଼ୀ ସମ୍ବଳଶିକ୍ଷକ ରୂପେ ତାଲିମ୍ ପ୍ରଦାନ କରିଥିଲେ ।

# ଗଞ୍ଜାମ ଜିଲ୍ଲା ସବ୍‌ଜୁନିୟର ବକ୍ସିଂ ଦଳର ରାଉରକେଲା ଯାତ୍ରା

ବ୍ରହ୍ମପୁର,୨୫ ।୭ (ସମିସ): ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଚଳିତମାସ ୨୬ ଓ ୨୭ତାରିଖରେ ରାଜ୍ୟସ୍ତରୀୟ ବାଳକ ଓ ବାଳିକ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଭାଗ ନେବାକୁ ଗଞ୍ଜାମ ଜିଲ୍ଲାର ୧୨ଜଣ ବାଳକ ଓ ୮ ଜଣ ବାଳିକା ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀ ଜଜ୍‌ଙ୍କ ସମେତ ମୋଟ ୨୮ ଜଣିଆ ଦଳ ରାଉରକେଲା ଅଭିମୁଖେ ଶୁକ୍ରବାର ଗସ୍ତ କରିଥିବା ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନର ବକ୍ସିଂ ସମ୍ପାଦକ କେ. ପ୍ରଭାକର ରାଓ ଓ ସମ୍ପାଦକ ଜେ. କାମେଶ୍ୱର ରାଓ ଜଣାଇଛନ୍ତି । ଦଳରେ ପୂର୍ବତନ ବକ୍ସର ତଥା ରାଜ୍ୟ ରେଫରି ଜଜ୍ ଶିବରାମ ପାତ୍ର, ବୁଲୁ ପାତ୍ର, ସୁମନ ଦାସ ତଥା ଅନ୍ତର୍ଜାତୀୟ ରେଫରି ଶିଶିର କୁମାର ପାଣିଗ୍ରାହୀ ଯାତ୍ରା କରିଛନ୍ତି । ସେହିପରି କୋଚ୍ ମ୍ୟାନେଜର ଭାବେ ଏସ. ସାଇ ପ୍ରତାପ, ଜି. ଯୋଗୀ ନନ୍ଦ, ଏ. ରିତୁ ରାଓ, ଏସ. ମୁରଲି ଓ ବିପିନିମୁନା ଗୌଡ ଯାତ୍ରା କରୁଛନ୍ତି । ଦଳ ଉତ୍ତମ ଖେଳ ପ୍ରଦର୍ଶନ କରିବେ ବୋଲି କେ. ପ୍ରଭାକର ରାଓ, ଲଡ୍ଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ମୁନା, ସଞ୍ଜୀବ ସାହୁ, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।



# ପୋତି ହେବାକୁ ବସିଲାଣି ଇଂରେଜ ଅମଳର ଦକ୍ଷିଣପୁର ଜଳଭଣ୍ଡାର

ବ୍ରହ୍ମପୁର,୨୫ ।୭ (ସମିସ): ପୋତି ହେବାକୁ ବସିଛି ବ୍ରହ୍ମପୁର ଉପକଣ୍ଠରେ ଥିବା 'ଦକ୍ଷିଣପୁର ଜଳଭଣ୍ଡାର'। ବ୍ରିଟିଶ ଅମଳରେ ନିର୍ମାଣ ହୋଇଥିବା ଏହି ଜଳଭଣ୍ଡାରର ରକ୍ଷଣାବେକ୍ଷଣ ଅଭାବରୁ ଜଳଧାରଣ କ୍ଷମତା ହ୍ରାସ ସହ କ୍ରମଶଃ ପୋତି ହେବାରେ ଲାଗିଛି । ସ୍ୱାଧୀନତା ପୂର୍ବରୁ ବ୍ରହ୍ମପୁର ସହର ତଥା ଉପକଣ୍ଠର ପାନୀୟ ଜଳଯୋଗାଣ ଓ ଜଳସେଚନ ସୁବିଧା ପାଇଁ ଇଂରେଜ ଅମଳରେ ପ୍ରଥମେ ୭୦ଏକର ବିଶିଷ୍ଟ ଗୋଟିଏ ଜଳଭଣ୍ଡାର ନିର୍ମାଣ ହୋଇଥିଲା । ଯେଉଁଠାରୁ ଦୈନିକ ୪.୫ ନିୟୁତ ଲିଟର ଜଳ ଯୋଗାଣ ହେଉଥିଲା । ପରବର୍ତ୍ତି ସମୟରେ ଜନସଂଖ୍ୟା ବୃଦ୍ଧି କାରଣରୁ ୧୯୮୫ମସିହାରେ ୧୦୦ଏକର ବିଶିଷ୍ଟ ଦ୍ୱିତୀୟ ଜଳଭଣ୍ଡାର କରାଯାଇ ସେଥିରୁ ଦୈନିକ ୨୦ନିୟୁତ ଲିଟର ଜଳଯୋଗାଣ କରାଗଲା । ଫଳରେ ନାଳ ଜରିଆରେ ସୋରଡା ଘାଇ ସହିତ ସଂଯୋଗ କରୁଥିବା ଉଭୟ ଜଳଭଣ୍ଡାରରୁ ବ୍ରହ୍ମପୁର ସହରକୁ ଦୈନିକ ପ୍ରାୟ ୨୪.୫ନିୟୁତ ଲିଟର ଜଳଯୋଗାଣ ହୋଇ ବ୍ରହ୍ମପୁର ସହରର ଆବଶ୍ୟକତା ପୂରଣ କରାଯାଇଥିଲା । ଜଳସେଚନ ବିଭାଗ ଅଧିନରେ ଥିବା ଏହି ଦକ୍ଷିଣପୁର ଜଳଭଣ୍ଡାରର ପୁନଃରୁଦ୍ଧାର ୨୦୧୨ମସିହାରେ ଶେଷ ଥର ପାଇଁ ହୋଇଥିଲା । ତେବେ ତାହା ପରଠାରୁ ଅର୍ଥାତ୍ ଦିର୍ଘ ୧୩ବର୍ଷ ଧରି ଏହାର ପୁନଃରୁଦ୍ଧାର କରାଯାଇ ନାହିଁ । ଫଳରେ ଜଳଭଣ୍ଡାରରେ ପଙ୍କ ଓ ମାଟି ଭର୍ତ୍ତି ହୋଇ କ୍ରମଶଃ ଜଳଧାରଣ କ୍ଷମତା ହ୍ରାସ ପାଇବା ସହିତ ପୋତି ହେବାରେ ଲାଗିଛି । ଏକଦା ବ୍ରହ୍ମପୁର ସହରକୁ ପାନୀୟ ଜଳଯୋଗାଣର ଏକମାତ୍ର ସାହା ସାଜିଥିବା ଦକ୍ଷିଣପୁର ଜଳଭଣ୍ଡାର ଗତ ୨୦୧୯ମସିହା ପରଠାରୁ ଏକ ରକମର ଅଲୋଡା ହୋଇପଡିଛି । ବ୍ରହ୍ମପୁର ତଥା ଆଖପାଖର ଜଳକଷ୍ଟକୁ ଦୃଷ୍ଟିରେ ରଖି ନବୀନ ପଟ୍ଟନାୟକ ସରକାର ଅମଳରେ ୨୦୧୨ମସିହାରୁ ଆରମ୍ଭ ହୋଇଥିବା ଜାନିବିଲି ବୃହତ ଜଳଯୋଗାଣ ପ୍ରକଳ୍ପ ୨୦୧୯ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା । ଫଳରେ ଜାନିବିଲି ଠାରୁ ବ୍ରହ୍ମପୁର ସହରକୁ ପାଇପ ଲାଇନ ଯୋଗେ ସିଧାସଳଖ ଦୈନିକ ୯୦ନିୟୁତ ଲିଟର ପାନୀୟ ଜଳଯୋଗାଣ ସହିତ ଦକ୍ଷିଣପୁର ଜଳଭଣ୍ଡାରର ଆବଶ୍ୟକତା ପଡିଲା ନାହିଁ । ତଥାପି ଖରା ଦିନରେ ଏପରିକି ବ୍ରହ୍ମପୁରର ପ୍ରସିଦ୍ଧ ଦ୍ୱିବାର୍ଷିକ ବୁଢୀ ଠାକୁରାଣୀ ଯାତ୍ରା ଭଳି ଜରୁରୀ ସମୟରେ ଆବଶ୍ୟକ ସ୍ଥଳେ ୱାଟକୋ ପକ୍ଷରୁ ଦକ୍ଷିଣପୁର ଜଳଭଣ୍ଡାରର ଜଳକୁ ବ୍ୟବହାର କରାଯାଉଥିବା ସ୍ୱୀକାର କରିଛନ୍ତି ୱାଟକୋ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବିକାଶ ପାଢୀ । ବର୍ତ୍ତମାନ ପରିସ୍ଥିତିରେ ଦକ୍ଷିଣପୁର ଜଳଭଣ୍ଡାର କ୍ରମଶଃ ପୋତିହେବାକୁ ବସିଥିବା ବେଳେ ଉନ୍ମୁକ୍ତ ଜଳଭଣ୍ଡାରର ଜଳକୁ ଆଖପାଖ ଅଞ୍ଚଳର ଲୋକେ ସିଧାସଳଖ ବ୍ୟବହାର କରୁଥିବା ପରିଲକ୍ଷିତ ହେଉଛି । ଯାହା ଯେକୌଣସି ମୂହୁର୍ତ୍ତରେ ସମ୍ପୃକ୍ତ ଅଞ୍ଚଳରେ ଝାଡାବାନ୍ତି ବ୍ୟାପିବାର ଆଶଙ୍କା ସୃଷ୍ଟି କରିଛି । ସମ୍ପ୍ରତି ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳରେ ଝାଡାବାନ୍ତିର ପ୍ରକୋପ ଲାଗି ରହିଥିବା ବେଳେ ଏହା ଯେ ପଡୋଶୀ କୁକୁଡାଖଣ୍ଡି ବ୍ଲକକୁ ମାଡିବନି ଏବଂ ଦକ୍ଷିଣପୁର ଜଳଭଣ୍ଡାରର ଦୂଷିତ ପାଣି ଯେ ଏହାର ମୁଖ୍ୟ କାରଣ ନହେବ ଏଭଳି ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇନପାରେ । ଦକ୍ଷିଣପୁର ଜଳଭଣ୍ଡାର ଜଳସେଚନ ବିଭାଗ ଅଧିନରେ ଥିବାରୁ ତାହାର ପୁନଃରୁଦ୍ଧାର କିମ୍ବା ବିଶୋଧନ 'ୱାଟକୋ'ର କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି ୱାଟକୋ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ବିକାଶ ପାଢୀ । ଏନେଇ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ନଳୀନ କୁମାର ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯିବାରେ ସେ ନିଜର ପ୍ରତିକ୍ରିୟା ରଖିଛନ୍ତି । ବ୍ରହ୍ମପୁର ସହରକୁ ଜଳଯୋଗାଣ କ୍ଷେତ୍ରରେ ଦକ୍ଷିଣପୁର ଜଳଭଣ୍ଡାରକୁ ୱାଟକୋ ଦ୍ୱାରା କ୍ୱଚିତ ବ୍ୟବହାର କରାଯାଉଛି ଅଥବା ଷ୍ଟାଣ୍ଡବାଇରେ ରଖାଯାଉଛି । ସୋରଡା ଜଳଭଣ୍ଡାରରୁ ଏଠାକୁ ଜଳଯୋଗାଣ ମଧ୍ୟ ବନ୍ଦ ରହିଛି । ଜରୁରୀ ପରିସ୍ଥିତିରେ ଏଠାକୁ ସୋରଡାରୁ ଜଳଯୋଗାଣ କରାଯାଇ କାର୍ଯ୍ୟକ୍ଷମ କରାଯାଉଛି ।

ତେବେ ଏହାର ପୁନଃରୁଦ୍ଧାର ନେଇ ନିକଟ ଭବିଷ୍ୟତରେ ସେଭଳି କୌଣସି ଯୋଜନା ନଥିବା ସେ ସ୍ପଷ୍ଟ କରିଛନ୍ତି । ଅବ୍ୟବହୃତ ତଥା ପୁନଃରୁଦ୍ଧାର ନହୋଇ ପଡି ରହିଥିବା ଏହି ଜଳଭଣ୍ଡାରର କ୍ରମଶଃ ପୋତିହୋଇ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଇଛି । ତେବେ ଏହାର ଜଳକୁ ସିଧାସଳଖ ଆଖପାଖ ଅଞ୍ଚଳର ଲୋକେ ବ୍ୟବହାର କରୁଥିବା ଜଣାପଡିବା ପରେ ଏଥିପ୍ରତି ଧ୍ୟାନ ଦେବାକୁ କୁକୁଡାଖଣ୍ଡି ବିଡିଓଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖି ଅନୁରୋଧ କରାଯାଇଥିବା କହିଛନ୍ତି ଜଳସେଚନ ବିଭାଗ ବ୍ରହ୍ମପୁର ଅଧୀକ୍ଷଣ ଯନ୍ତ୍ରୀ ନଳିନ କୁମାର ପଟ୍ଟନାୟକ । ସବୁଠାରୁ ବଡ଼କଥା ହେଲା ୧୮୦ଏକର ବିଶିଷ୍ଟ ଏହି ବହୁ ପୁରୁଣା ଜଳଭଣ୍ଡାର ଏବେ ଅଲୋଡ଼ା ହୋଇପଡ଼ିଛି । ଫଳରେ ଏହା ନିକଟରେ ପ୍ରସ୍ତାବିତ ତୃତୀୟ ଜଳଭଣ୍ଡାର ପ୍ରକଳ୍ପକୁ ମଧ୍ୟ ରଦ୍ଦ କରାଯାଇଛି । ତୃତୀୟ ଜଳଭଣ୍ଡାର ପାଇଁ ଚିହ୍ନଟ ହୋଇଥିବା ଜମିରେ ବ୍ରହ୍ମପୁର ସହରର ରିଂ-ରୋଡ ନିର୍ମାଣ ହେଉଥିବା ଜଣାପଡିଛି ।



- ଏକଦା ବ୍ରହ୍ମପୁରର ଜଳକଷ୍ଟ ଦୂର କରୁଥିଲା, ଏବେ ଅଦରକାରୀ
- ଉନ୍ମୁକ୍ତ ଜଳଭଣ୍ଡାରର ଜଳ ବ୍ୟବହାର ଯୋଗୁ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ଆଶଙ୍କା
- ବିଶୋଧନ ସହ ନଜର ରଖିବାକୁ କୁକୁଡ଼ାଖଣ୍ଡି ବିଡିଓଙ୍କୁ ଚିଠି ଲେଖିଲେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

# ଇଞ୍ଜିନିୟରିଂ ଏବଂ ବ୍ୟବସାୟରେ ତଥ୍ୟ ଆଧାରିତ କର୍ମଶାଳା ଉଦ୍‌ଯାପିତ

ବ୍ରହ୍ମପୁର,୨୫ ।୭ (ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଏବଂ ବ୍ୟବସାୟରେ ତଥ୍ୟ ଆଧାରିତ ସିଦ୍ଧାନ୍ତ ଗ୍ରହଣ କର୍ମଶାଳା ଉଦଯାପିତ ହୋଇଛି । ଏହି କର୍ମଶାଳା ମେକାନିକାଲ୍ ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍ ବିଭାଗ ମିଳିତ ଅନୁକୂଲ୍ୟରେ ଆୟୋଜିତ ହେଇଥିଲା । କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଅଦାଲତର ବିଚାରପତି ବିଶ୍ୱଜିତ ଦାସ, ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟର ଡକ୍ଟର କୁଳମଣି ଓଝା ଓ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରି ଲିମିଟେଡର ଡ଼. ଲୋପାମୁଦ୍ରା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ । ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର,




କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି. ରାଜେଶ କୁମାର ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମରେ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍ ବିଭାଗର ମୁଖ୍ୟ ପ୍ରଫେସର ଡ. ପ୍ରମଥନାଥ ଆଚାର୍ଯ୍ୟ, ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡ. ସୌରେନ ମିଶ୍ର, ସଂଯୋଜକ ଡ. ଆକାଂକ୍ଷ୍ୟା ପଟ୍ଟନାୟକ, ସହ ସଂଯୋଜକ ଡ. ପ୍ରଜାପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ବିଶିଷ୍ଟ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଡ଼. ସଚ୍ଚିଦାନନ୍ଦ ଦେହୁରି, ମୁଖ୍ୟବକ୍ତା ଭାବେ ରୋଲାଣ୍ଡ ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ଗୁଣମଣି ଜେନା ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ଉପସ୍ଥିତ ଥିଲେ । ଡ. ଅନ୍ୱେସେତା ପାଣିଗ୍ରାହୀ, ପ୍ର. ସୁଜିତ ରାଉତ, ପ୍ର. ଆକାଂକ୍ଷା, ପ୍ର. ପ୍ରଜ୍ଞା ପରମିତା ସାମନ୍ତ, ଡ. ଅଶ୍ୱିନୀ କୁମାର ଖୁଣ୍ଟିଆ ପରିଚାଳାନରେ ସହଯୋଗ କରିଥିଲେ ।

# ଶ୍ରୀକ୍ଷେତ୍ର ସିଟି

୨୫/୭/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୪୭,୦୪୭/- ସୁନା: ୦୯.୨୦୦ ଗ୍ରାମ୍ ରୁପା: ୧୮.୩୦୦ ଗ୍ରାମ୍







## ଜିଲ୍ଲାର ସମୀକ୍ଷା କଲେ ନୂତନ ଜିଲ୍ଲାପାଳ

# କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପରାମର୍ଶ

ପୁରୀ,୨୫।୭ (ସମିସ)

ପୁରୀର ନୂତନ ଜିଲ୍ଲାପାଳ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି ଦିବ୍ୟଜ୍ୟୋତି ପରିଡ଼ା। କାର୍ଯ୍ୟରେ ଯୋଗଦେବା ପରେ ପ୍ରଥମେ ପୁରୀ ଜିଲ୍ଲାର ସମୀକ୍ଷା କରିଛନ୍ତି। ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିକାରୀ, ତହସିଲ୍‌ଦାର, ବିଡିଓ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜିଲ୍ଲାର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷକରି ମେଗା ପ୍ରକଳ୍ପ, ଉନ୍ନୟନମୂଳକ କାର୍ଯ୍ୟ, ଜନହିତକାରୀ ଯୋଜନାଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ବର୍ଷା ଋତୁ। ତେଣୁ ଯେଉଁ ଅଞ୍ଚଳଗୁଡ଼ିକ ଜଳ ପ୍ଳାବିତ ହେବାର ସମ୍ଭାବନା ରହିଛି ତାହା ପାଇଁ ପ୍ରସ୍ତୁତ ରହିବା, ପ୍ରସ୍ତୁତ ହୋଇ ରହିଥିବା ଆଶ୍ରୟ ସ୍ଥଳଗୁଡ଼ିକର ପୁନଃ ନିରୀକ୍ଷଣ ସହ ସମସ୍ତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଔଷଧ ବିଶେଷକରି ସାପ କାମୁଡ଼ାର ଅଧିକ ଆଶଙ୍କା ଥିବାରୁ ଆଣ୍ଟି ଭେନମ୍ ଔଷଧ ମହଜୁଦ୍ ରଖିବା, ସହରାଞ୍ଚଳରେ ଯେଉଁଠାରେ ଜଳବନ୍ଦୀର ଆଶଙ୍କା ରହୁଛି ସେଠାରେ ଜଳ ନିଷ୍କାସନ ପାଇଁ ପମ୍ପ ସେଟ୍‌ର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରିବା, ନିଜ ଅଞ୍ଚଳର ଦୈନିକ ସାମାଜିକ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ତାହାର ନିରାକରଣ ପାଇଁ ପଦକ୍ଷେପ ନେବା, ଆବଶ୍ୟକସ୍ଥଳେ ବରିଷ୍ଠ ଅଧିକାରୀମାନଙ୍କ ସହଯୋଗ ନେଇ ସମସ୍ୟାର ସମାଧାନ ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡ଼ା ପୁରୀ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲ୍‌ଦାର ପ୍ରମୁଖ ଯୋଗଦେଇ ସେମାନଙ୍କ ଅଞ୍ଚଳ ଓ ବିଭାଗର ସ୍ଥିତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।



## ନୂଆ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ପୁରୀ,୨୫।୭ (ସମିସ): ପୁରୀର ନୂତନ ଜିଲ୍ଲାପାଳ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି ଦିବ୍ୟଜ୍ୟୋତି ପରିଡ଼ା। କାର୍ଯ୍ୟରେ ଯୋଗଦାନ ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ସ୍ୱାଗତ କରିଥିଲେ। ପରେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ୍ କରି ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ପରିଡ଼ା ନିଜ ପ୍ରତିକ୍ରିୟାରେ ଜିଲ୍ଲାକୁ ଆଗକୁ ନେବାକୁ ସମସ୍ତଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ଏହା ପୂର୍ବରୁ ଶ୍ରୀ ପରିଡ଼ା ଗଞ୍ଜାମର ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ପୁରୀ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିବା ଚଞ୍ଚଳ ରାଣାଙ୍କର ବିଏମ୍‌ସି କମିଶନର ଭାବେ ବଦଳି ହୋଇଛି।

## ଭଉଁରିଆ ସେତୁ ଉପରେ ଭାରୀଯାନକୁ ନା

ପୁରୀ,୨୫।୭ (ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ନିମାପଡ଼ାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି ଅସ୍ତରଙ୍ଗରୁ ପାଟସୁନ୍ଦରପୁର ରାସ୍ତାର "ଭଉଁରିଆ ନାଳ (ପୁରୁଣା ସେତୁ) ସେତୁ' ଉପରେ ଭାରୀଯାନ ଚଳାଚଳକୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ସାଧାରଣ ଜନତାଙ୍କ ସୁରକ୍ଷା ଦୃଷ୍ଟିରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକୀୟ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଝରକାରେ ବାଉଁଶ ବତା ପୂରାଇ ଟଙ୍କା, ସୁନା ଲୁଟ୍

ପୁରୀ,୨୫।୭ (ସମିସ): ଝରକାରେ ବାଉଁଶ ବତା ପୂରାଇ ଘରୁ ଭ୍ୟାନିଟି ବ୍ୟାଗ୍ ଚୋରି କରିନେଇଛନ୍ତି ଦୁର୍ବୃତ୍ତ। ଏଭଳି ଏକ ଅଭିନବ ଉପାୟରେ ଚୋରି ହୋଇଛି ଭାରତୀପୁର ଅଞ୍ଚଳରେ। ଦୁର୍ବୃତ୍ତ ଚୋରି କରି ନେଇଥିବା ଭ୍ୟାନିଟି ବ୍ୟାଗ୍‌ରେ ପ୍ରାୟ ୧୫ ହଜାର ଟଙ୍କା, ଏକ ସୁନାଚେନ୍ ଓ ମୁଦି ରହିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଭାରତୀପୁରର ବାସିନ୍ଦା ବାମଦେବ ମହାନ୍ତିଙ୍କ ଅଭିଯୋଗ ଅନୁସାରେ ଚୋରିର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ରାତି ପାଖାପାଖି ୨ଟାବେଳେ ଜଣେ ଦୁର୍ବୃତ୍ତ ପ୍ରଥମେ ହାତରେ ଏକ ଶାବଳ ଧରି ଆସିଥିଲା। ଶାବଳ ଲମ୍ବ କମ୍ ଥିବାରୁ ପୁଣିଥରେ ସେ ବାହାରକୁ ଯାଇ ବତା ଆଣି ସେଥିରେ ଭ୍ୟାନିଟି ବ୍ୟାଗ୍‌କୁ ଟେକି ଝରକା ପାଖକୁ ଆଣି ସେଥିରୁ ଟଙ୍କା, ସୁନା ଅଳଙ୍କାର ନେଇ ଫେରାର୍ ହୋଇଯାଇଥିଲା। ତେବେ ଏହି ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି ଥାନା ଅଧିକାରୀ ସୁନିଲ ପ୍ରଧାନ।

● ଛାତ୍ର ସଂସଦ ନିର୍ବାଚନ ପାଇଁ କ୍ୟାମ୍ପସରେ ହିଂସା

## ଏସ୍‌ସିଏସ୍‌ରେ ଦୁଇ ଛାତ୍ର ଦଳ ମୁହାଁମୁହିଁ

ପୁରୀ,୨୫।୭ (ସମିସ): କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ତାରିଖ ଘୋଷଣା ହୋଇନାହିଁ କି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଅଥଚ କ୍ୟାମ୍ପସ୍‌ରେ ଘନେଇଲାଣି ହିଂସା। ଆଶାୟୀମାନେ ସେମାନଙ୍କ ସମର୍ଥନ ପାଇଁ ପଇଁତରା ମାରିବା ଆରମ୍ଭ କରିଦେଇଥିବାବେଳେ ଏସ୍‌ସିଏସ୍ କଲେଜରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାରେ ଦୁଇଜଣ ଛାତ୍ର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦଳୀୟ ସମର୍ଥନ ପାଇବାକୁ ଲକ୍ଷ୍ୟ ରଖିଥିବା ଛାତ୍ରମାନେ ପରସ୍ପରକୁ ଆକ୍ରମଣ କରିବାକୁ ପଛାଇ ନାହାନ୍ତି। ଶୁକ୍ରବାର ଏସ୍‌ସିଏସ୍ କଲେଜର ଜଣେ ଛାତ୍ର ପରୀକ୍ଷା ସାରି ଫେରୁଥିଲେ। ଏହି ସମୟରେ ପ୍ରତିପକ୍ଷ ଦଳର ଜଣେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଜଣଙ୍କ ଉପରେ ଆକ୍ରମଣ ହେବାରୁ ଆଉ ଜଣେ ଛାତ୍ର ତାଙ୍କୁ ସୁରକ୍ଷା ଦେବାକୁ ଆସି ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ଏହି ଘଟଣାରେ ଶୁଭମ୍ ୪ ଜଣଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ଟାଉନ ପୁଲିସ ପଚରାଉଚରା କରୁଛି। ଏ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ ସେ ନେଇ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଆସିନାହିଁ। ହେଲେ ଆଶାୟୀମାନେ ନିଜ ନିଜ ସପକ୍ଷରେ ଭୋଟ୍ ହାତେଇବା ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ କରିଦେଲେଣି। ଆଶାୟୀମାନେ ସକ୍ରିୟ ହେଉଥିବାବେଳେ ମୁହାଁମୁହିଁ ପରିସ୍ଥିତି ଉପୁଜିଲାଣି। ଏବିଭିପି ଓ ବିଜୁ ଛାତ୍ର ଜନତା ଦଳ ସମର୍ଥିତ କିଛି ଛାତ୍ର ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବାରୁ ଦୁଇ ଛାତ୍ର ଗୋଷ୍ଠୀ ପୂର୍ବତନ ଛାତ୍ରମାନଙ୍କୁ ଡକାଇବା ପରେ ଘଟଣା ଉଗ୍ର ରୂପ ନେଇଥିଲା।

## ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇଲେ ନବକଳେବର ଟିମ୍



ପୁରୀ,୨୫।୭ (ସମିସ): ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ନିର୍ମିତ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଛି। ମୁକ୍ତିଲାଭ ହେବାର ୨୧ ଦିନ ପରେ ମଧ୍ୟ ସବୁଠି ହାଉସ୍‌ଫୁଲ୍। ସାକ୍ଷାତ୍ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପ୍ରେକ୍ଷାଳୟରେ ଭକ୍ତଙ୍କର ଏକପ୍ରକାର ଭିଡ଼ ଜମିବାରେ ଲାଗିଛି। ଯେଉଁଠି ଦେଖିବେ ନବକଳେବର ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା। କାନ ଡେରିଲେ ଶୁଭୁଛି ସେଇ ଆଧ୍ୟାତ୍ମିକ ଭଜନ "ସିଏ ମୋ ଜଗନ୍ନାଥ ତା' ବିନୁ ଶ୍ରୀହୀନ ସାରା ଜଗତ..' ଓ ଜଗା ପ୍ରେମରେ ଯିଏ ପଡ଼ିଛି ସେ ତାରି ନାମ ଜପିଛି। ସତରେ ଆମ ଆରାଧ୍ୟ ଦେବତା ଜଗନ୍ନାଥଙ୍କ କାହାଣୀ ସମସ୍ତଙ୍କୁ ଭାବରେ ବାନ୍ଧି ରଖିଛି। ଜଗନ୍ନାଥଧାମ ପୁରୀରୁ ଆରମ୍ଭ ହୋଇଥିଲା ନବକଳେବର ଅଡିଓ ରିଲିଜ୍ ମାଧ୍ୟମରେ ଚଳଚ୍ଚିତ୍ରର ପ୍ରଚାରପ୍ରସାର। ଶୁକ୍ରବାର ୨୧ ଦିନରେ ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ଅଭିନେତା ଶ୍ରୀତମ ଦାସ, ଅଭିନେତ୍ରୀ ପିଙ୍କି ପ୍ରଧାନ, ଅଭିନେତା ଅଂଶୁମାନ (କଳାପାହାଡ଼) ଏବଂ ଅଭିନେତା ଶମ୍ଭୁ ଖୁଣ୍ଟିଆ ପ୍ରଭୁଙ୍କ ଶରଣାଶ୍ରିତ ହୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଚଳଚ୍ଚିତ୍ରର ମାର୍ଗଦର୍ଶକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ମଧ୍ୟ ଟିମ୍ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀମନ୍ଦିର ସମସ୍ୟା ଜଣାଇଲେ ସେବାୟତ

ପୁରୀ,୨୫।୭ (ସମିସ)

ପବିତ୍ର ଚିତାଲାଗି ପର୍ବ ଅବସରରେ ଗୋବର୍ଦ୍ଧନ ପୀଠରେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ତରଫରୁ ଅନୁଷ୍ଠିତ ହୋଇଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ସେବାୟତମାନଙ୍କ ସମସ୍ୟା, ପାଉଣା ବୃଦ୍ଧି, ମନ୍ଦିର ହୁଣ୍ଡିରୁ ଭାଗ, ଭେଷ୍ଟ ହୋଇଥିବା ଜାଗା, ସେବାପୂଜା ଏବଂ ରାଜ୍ୟର ମନ୍ଦିରମାନଙ୍କରେ କିପରି ଶୃଙ୍ଖଳିତ ସେବା, ପର୍ବ ପାଳନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଦେବୋତ୍ତର ବିଭାଗ ଗୁରୁଦେବଙ୍କ ନିର୍ଦ୍ଦେଶ କ୍ରମେ ଅଲ୍ ଓଡ଼ିଶା ମନ୍ଦିର ସେବାୟତ ସଂଘ ପକ୍ଷରୁ ମନ୍ଦିର ଏବଂ ସେବାୟତମାନଙ୍କ ବିଷୟରେ ଦେବୋତ୍ତର ବିଭାଗରୁ ଏବଂ ମନ୍ଦିରମାନଙ୍କରୁ ଏକ ସୂଚନା ସଂଗ୍ରହ ପରେ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏଥିରେ ଅନୁଷ୍ଠାନର ସଭାପତି କାମେଶ୍ୱର ତ୍ରିପାଠୀ, ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ ଏବଂ ସଦସ୍ୟ ପୁଣ୍ୟଶ୍ଳୋକ ନନ୍ଦ, ରଞ୍ଜିତ ମହାପାତ୍ର, ଜଗମୋହନ ସୂଆର, ମଧୁସୂଦନ ପୂଜାପଣ୍ଡା, ଦେବଦତ୍ତ ମହାପାତ୍ର, ରଞ୍ଜନ କୁମାର ମହାପାତ୍ର, କାଳୀପ୍ରସାଦ ମହାପାତ୍ର ଏବଂ ମଠ ପରିଚାଳକ ସ୍ୱୟଂ ପ୍ରଶାନ୍ତ, ଗୋବର୍ଦ୍ଧନ ପୀଠ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ରଙ୍କ ସହିତ ବିଭିନ୍ନ ମନ୍ଦିରର ସେବାୟତ ଉପସ୍ଥିତ ଥିଲେ।



ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୧୪ ମନ୍ଦିରର ୨୫ ଜଣ ସେବାୟତ ଏବଂ ସଂଘର ଉପଦେଷ୍ଟା ପଣ୍ଡିତ ମାତୃପ୍ରସାଦ ମିଶ୍ର, ଡାକ୍ତର ସିଦ୍ଧାର୍ଥ ସାହୁ ଜଗଦ୍‌ଗୁରୁଙ୍କ ସହିତ ଓଡ଼ିଶାର ମନ୍ଦିରମାନଙ୍କର ସମସ୍ୟା, ଅଧୀନରେ ଥିବା ମନ୍ଦିରମାନଙ୍କର ଦୁରବସ୍ଥା ଏବଂ ସେବାୟତମାନଙ୍କ ସମସ୍ୟା ବିଷୟରେ ଶୁଣିବା ସହିତ ସେମାନଙ୍କ ଦିନକୁ ୧୮ ଟଙ୍କା, ୬୦ ଟଙ୍କା, ୮୦ ଟଙ୍କା ପାଉଣା ଏବଂ ବିଲବାଡ଼ି ଭେଷ୍ଟ ହୋଇଯାଇଥିବା ଶୁଣି ଜଗଦ୍‌ଗୁରୁ ମର୍ମାହତ ହୋଇଥିଲେ।

■ ଚିକିତ୍ସାରେ ଅବହେଳା ଅଭିଯୋଗ

## ରୋଗୀ ମୃତ୍ୟୁକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ପୁରୀ,୨୫।୭ (ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାନା ପ୍ରକାର ସମସ୍ୟା ଲାଗିରହିଛି। କେତେବେଳେ ଲିଫ୍ଟ ଅଚଳ ତ ପୁଣି କେତେବେଳେ ମେସିନ ଅଚଳ ରହୁଛି। ସେହିପରି ଡାକ୍ତରଙ୍କ ଅଭାବ ମୁଖ୍ୟ ସମସ୍ୟା ରହିଥିବାବେଳେ ଅନେକ ସମୟରେ ଚିକିତ୍ସା ଅବହେଳା ଅଭିଯୋଗ ମଧ୍ୟ ଆସୁଛି। ଏହାକୁ ନେଇ ପୂର୍ବରୁ ବହୁଥର ହସ୍ପିଟାଲରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ଏହାର ପୁନରାବୃତ୍ତି ଘଟିଛି। ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ମୃତ ରୋଗୀ ହେଉଛନ୍ତି ବାଲିପାଟଣା ଅଞ୍ଚଳର ନିଧି ଖଟେଇ।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣରେ ନିଧି ମେଡିକାରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ସାଲାଇନ ଓ ଇଞ୍ଜେକ୍ସନ ଦେଇଥିଲେ। ତେବେ ସାଲାଇନ ଓ ଇଞ୍ଜେକ୍ସନ ନେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ହେଲେ ଏହାକୁ ଗ୍ରହଣ କରିପାରି ନ ଥିଲେ ରୋଗୀଙ୍କ ପରିବାର ଏବଂ ସମ୍ପର୍କୀୟ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା।

ଡାକ୍ତରଙ୍କ ଚିକିତ୍ସା ଅବହେଳା ଯୋଗୁଁ ନିଧିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଥିବାବେଳେ ପୁଲିସ ପହଞ୍ଚି ବୁଝାଶୁଝା କରିଥିଲା। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

## ରାଜ୍ୟସ୍ତରୀୟ ଟେବୁଲ୍ ଟେନିସ୍ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ,୨୫।୭ (ସମିସ): ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାର ଟେବୁଲ୍ ଟେନିସ୍ ଖେଳାଳିଙ୍କୁ ପହଞ୍ଚାଇବା ଦିଗରେ ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନ ପକ୍ଷରୁ ରାଜ୍ୟ ଟେବୁଲ୍ ଟେନିସ୍ ଆସୋସିଏସନ ସହଭାଗିତାରେ ରାଜ୍ୟ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତାର ଅବଦାନ ସ୍ମରଣ ରହିବ ବୋଲି କହିଛନ୍ତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର। ତାଳବଣିଆସ୍ଥିତ ଖୋଖୋ ଏକାଡେମୀ ପରିସରରେ ଏହାକୁ ଉଦ୍‌ଘାଟନ କରି ସେ କହିଥିଲେ ଯେ ଓଡ଼ିଶାର ବିଶିଷ୍ଟ ଖେଳାଳିମାନଙ୍କ ଏହି ପ୍ରତିଯୋଗିତା ନୂଆ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରୁ। ଦାମୋଦର ପ୍ରଧାନୀଙ୍କ ସଭାପତିତ୍ୱ ଓ ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର, ସେବାୟତ ଈପ୍‌ସିତ ପ୍ରତିହାରୀ, ଶିକ୍ଷାବିତ୍ ପରିକ୍ଷିତ ସାହୁ, ରାମନାରାୟଣ ଗୋଛିକାର ଓ ଶ୍ୟାମଳ କୁଣ୍ଡୁ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ଖେଳାଳି ଉତ୍କଳିକା ପତି, ରଞ୍ଜିତା ଭଟ୍ଟାଚାର୍ଯ୍ୟ, ପି.ପରିତୋଷ ଓ ଜିଜ୍ଞାସୁ ସାଇକିରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କଟକ, ପୁରୀ, ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା ସମେତ କିସ୍, ଏଜି ଓ ରେଲ୍‌ୱେ ସମେତ ଅନେକ ଜିଲ୍ଲା ଓ ସଂସ୍ଥାର ୨୨୦ ଖେଳାଳି ଯୋଗଦେଇଛନ୍ତି। ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ଯୁଗଳ ପ୍ରସାଦ ମହାନ୍ତି, ବିବେକାନନ୍ଦ ପ୍ରଧାନ, ଆଶିଷ ଭଟ୍ଟାଚାର୍ଯ୍ୟ, ସତ୍ୟଜିତ୍ ମହାନ୍ତି, ଜୟନାରାୟଣ ପୂଜାପଣ୍ଡା, ଆଶିଷ ଚନ୍ଦୁକା ଓ ଅଭିଜିତ୍ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୭ରେ ଉଦ୍‌ଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ବଦ୍ରି ମିଶ୍ର ଜଣାଇଛନ୍ତି।

## ନିର୍ମାଣ ନିବାସରେ ଅଗ୍ନିକାଣ୍ଡ

ପୁରୀ,୨୫।୭ (ସମିସ): ପୁରୀ ନିର୍ମାଣ ନିବାସରେ ଘଟିଛି ଅଗ୍ନିକାଣ୍ଡ। ଗୁରୁବାର ରାତିରେ ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗି ଯାଇଥିବାବେଳେ ଏଥିରେ ବିଶେଷ କ୍ଷତି ହୋଇନାହିଁ। ଆଚାର୍ଯ୍ୟ ହରିହର ଛକ ନିକଟରେ ରହିଛି ପୂର୍ତ୍ତ ବିଭାଗର ନିର୍ମାଣ ନିବାସ। ତେବେ ୨୦୨ ନମ୍ବର ରୁମ୍‌ରେ ଲାଗିଥିବା ଏସିରୁ ସର୍ଟସର୍କିଟ୍ ହୋଇଥିଲା। ପରେ ଏହି ନିଆଁ ଧୀରେ ଧୀରେ ବ୍ୟାପିଥିଲା। ଏହା ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଦାଶିବ ପରିସରରେ ସଚେତନତା କାର୍ଯ୍ୟକ୍ରମ



ପୁରୀ,୨୫।୭ (ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୁଦେଶା ପଣ୍ଡା ଯୋଗଦେଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେବା ସହ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ, ପ୍ରତିକାର) ଆକ୍ଟ ୨୦୧୩ କିଭଳି ରହିଛି ସେ ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ଉଦାହରଣ ଦେଇ ଆଲୋଚନା କରିଥିଲେ। ଆପାତ୍‌କାଳୀନ ବିପଦ ପଡ଼ିଲେ ମହିଳାମାନଙ୍କୁ କ'ଣ କରିବାକୁ ପଡ଼ିବ ସେ ସମ୍ପର୍କରେ ଚର୍ଚ୍ଚା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିସରର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଅଧ୍ୟକ୍ଷା ପ୍ରଫେସର ନିର୍ମଳା ପାଣିଗ୍ରାହୀ, ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ୍ କଛୱା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସମ୍ପର୍କରେ ବିସ୍ତୃତ ଆଲୋଚନା କରି କୌଣସି ଅସୁବିଧା ହେଲେ କେମିତି ଅଭିଯୋଗ କରିବାକୁ ପଡ଼ିବ ସେ ସଂକ୍ରାନ୍ତରେ ଚର୍ଚ୍ଚା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ପ୍ରଦାନ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଲାଇବ୍ରେରୀ ପ୍ରଫେସନାଲ ନିତ୍ୟା ରାହି। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅଧ୍ୟାପିକା ସ୍ୱାଗତିକା ମହାନ୍ତି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

# ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ ପାଇଁ ପରାମର୍ଶ

ପୁରୀ,୨୫।୭ (ସମିସ)

ପୁରୀ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମିତ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଏହି ଜାତୀୟ ଦିବସକୁ ଆନନ୍ଦ, ଉଲ୍ଲାସ ଓ ଶୃଙ୍ଖଳାର ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ବିଭାଗ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ।

ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ, ବିଗତ ବର୍ଷ ପରି ଚଳିତ ବର୍ଷ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ସକାଳ ୯ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ ଓ ଉଦ୍‌ବୋଧନ ଦେବେ। ପରେ ପଡ଼ିଆରେ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ବୃକ୍ଷରୋପଣ କରାଯିବ। ପରେ ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ, ରକ୍ତଦାନ ଶିବିରରେ ଯୋଗଦେବେ। ଅପରାହ୍ଣରେ ଶ୍ରୀଜଗନ୍ନାଥ କ୍ରିକେଟ ପଡ଼ିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ ୧୫ ତାରିଖ ସକାଳ ୮ଟା ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରିବାକୁ ପରାମର୍ଶ ଦିଆଗଲା। ସ୍ୱାଧୀନତା ଦିବସ ଦିନ ଭୋର୍ ୪ଟା ୩୦ରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯିବ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରଭାତଫେରି ଶେଷ କରି ଗାନ୍ଧୀ ସ୍ମୃତି ପୀଠଠାରେ ଏକତ୍ରିତ ହେବେ। ସେଠାରେ ସକାଳ ୭ଟା ୧୫ରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୌରପାଳିକା ପକ୍ଷରୁ ମାଲ୍ୟାର୍ପଣ କରାଯିବା ସହ ଆଲୋକମାଳାରେ ସଜ୍ଜିତ କରାଯିବ। ଅଗଷ୍ଟ ୧୪ ତାରିଖ ଅପରାହ୍ଣ ୩ଟାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବାଭ୍ୟାସ ଅନୁଷ୍ଠିତ ହେବ। ପରେଡ୍ ପଡ଼ିଆ ସଜ୍ଜା, ବ୍ୟାରିକେଡ୍ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ଯୋଗାଣ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦିଆଗଲା। ଜିଲ୍ଲା ଶିକ୍ଷା ଅଧିକାରୀ ମାଧ୍ୟମିକ ବିଦ୍ୟାଳୟସ୍ତର ପର୍ଯ୍ୟନ୍ତ ଓ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ନୋଡାଲ କଲେଜ ଭାବେ ମହାବିଦ୍ୟାଳୟସ୍ତରରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀଙ୍କ ନାମ ଜିଲ୍ଲା ପ୍ରଶାସନକୁ ଅଗଷ୍ଟ ୮ ତାରିଖ ସୁଦ୍ଧା ପ୍ରେରଣ କରିବେ। ସେହିପରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଝୋଟି ପ୍ରତିଯୋଗିତା ଆୟୋଜନ କରି ସଫଳ ପ୍ରତିଯୋଗୀଙ୍କ ନାମ ପ୍ରଦାନ କରିବେ। ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ବୈଠକରେ ଏଡିଏମ୍‌ଓ ଡା. ବିନୋଦ ରଥ, ଟ୍ରାଫିକ ଡିଏସ୍‌ପି ରାଜ କୁମାର ପରିଡ଼ା, ପୁଲିସ ରିଜର୍ଭ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଶିକ୍ଷାବିତ୍, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।



# ଭୁବନେଶ୍ୱର ସିଟି

# ତେଜିଲା କଂଗ୍ରେସ ବିରୋଧୀ ପୋଷ୍ଟର ଚିରା ରାଜନୀତି

ଭୁବନେଶ୍ୱର, ୨୫।୭ (ସମିସ): ଜନପଥ ମେଡିଆନ୍‌ରେ ଲାଗିଥିବା କଂଗ୍ରେସ ବିରୋଧୀ ପୋଷ୍ଟର ଓ ଯୁବ-ଛାତ୍ର କଂଗ୍ରେସ କର୍ମୀଙ୍କ ଦ୍ୱାରା ଏହାକୁ ହଟାଯିବା ପରେ ରାଜନୀତି ଜୋର୍ ଧରିଛି। ପୋଷ୍ଟର ହଟାଇବା ସମୟରେ ଅନେକ ସ୍ଥାନରେ ମେଡିଆନ୍‌ରେ ଲାଗିଥିବା ବାଉଁଶ ବାଡ଼ କ୍ଷତିଗ୍ରସ୍ତ ହୋଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିବା ଏହି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଥିଲେ। ମନ୍ତ୍ରୀଙ୍କ ଏହି ଚେତାବନୀ ପରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କୁ କଡ଼ା ଜବାବ ଦିଆଯାଇଛି।

**■ ନଗର ଉନ୍ନୟନ ମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀର ଜବାବ ଦେଲା କଂଗ୍ରେସ**

**■ ପୋକରା ବାଉଁଶ ଖାଇଛି କିଏ ପ୍ରଶ୍ନ କରିବା ସହ ସିସିଟିଭି ଯାଞ୍ଚ ଦାବି**

ଏହି ପ୍ରସଙ୍ଗରେ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ରାଜୀବ ପଟ୍ଟନାୟକ କହିଛନ୍ତି ଯେ କଂଗ୍ରେସର ଆନ୍ଦୋଳନକୁ ଚପାଇଦେବାପାଇଁ ରାଜ୍ୟ ସରକାର ପ୍ରତିଶୋଧ ପରାୟଣ ହୋଇଛନ୍ତି। ଏଥିପାଇଁ କଂଗ୍ରେସ କର୍ମୀଙ୍କୁ ଜେଲରେ ଭର୍ତ୍ତି କରାଯାଉଛି। ପିସିସି ସଭାପତିଙ୍କ ନାମରେ ଅପପ୍ରଚାର କରାଯାଇ ଭୁବନେଶ୍ୱରରେ ତାଙ୍କୁ ବଦନାମ କରିବାପାଇଁ ପୋଷ୍ଟର ମରାଯାଉଛି। କଂଗ୍ରେସ ଏହାର ଉଚିତ ଜବାବ ଦେବ ବୋଲ ସେ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଆମ ଦଳ ପୋଷ୍ଟର ଲଗାଇଲେ ରାତି ନ ପାହୁଣ ସରକାର ହଟାଇ ଦିଅନ୍ତି। ହେଲେ ଆମ ନେତାଙ୍କ ଅପପ୍ରଚାର ପାଇଁ



ଲଗାଯାଇଥିବା ବେନାମୀ ପୋଷ୍ଟରକୁ ସନ୍ଧ୍ୟା ପର୍ଯ୍ୟନ୍ତ ହଟାଯାଇ ନ ଥିଲା। ତେଣୁ ଆମେ ବାଧ ହୋ ପୋଷ୍ଟର ହଟାଇବା ପାଇଁ ପଦକ୍ଷେପ ନେଇଥିଲୁ। ପୋଷ୍ଟର ହଟାଇବା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ବୋଧହୁଏ ବହୁତ ବାଧୁଛି। ତେଣୁ ସରକାରୀ ସମ୍ପତ୍ତି ବାଉଁଶବାଡ଼ କ୍ଷତି ହୋଇଛି ଏବଂ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ମନ୍ତ୍ରୀ କହିଛନ୍ତି। ତେବେ ଏହି ପୋକରା ବାଉଁଶ କାରବାରରେ କେତେ ପିସି କାରବାର ହୋଇଛି ଓ ମନ୍ତ୍ରୀ କେବେ ଅଡିଟ ରିପୋର୍ଟ ଦେବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ସରକାରୀ ସ୍ଥାନରେ ବିଏମସିର ବିନା ଅନୁମତିରେ କିଏ ପୋଷ୍ଟର ଲଗାଇଲା। ଏହା ହେଉଛି ବଡ଼ ପ୍ରଶ୍ନ। ବର୍ତ୍ତମାନ ସବୁ ସ୍ଥାନରେ ସିସିଟିଭି ଖଞ୍ଜାଯାଇଛି। ତାହାର ଫୁଟେଜ ବିଏମସିର ପରମିସନ ପତ୍ର କେଉଁ ପ୍ରିଣ୍ଟିଂ ମେସିନରେ ଛପା ଯାଇଥିଲା, କେଉଁ ବିଜ୍ଞାପନ ଏଜେନ୍ସି ଏହାକୁ ଲଗାଇଥିଲା ମନ୍ତ୍ରୀ ପ୍ରଥମେ ଏହାର ଅନୁସନ୍ଧାନ କରନ୍ତୁ। ଏହା ନକରି ପୋଷ୍ଟର ହଟାଇଦେବା ମନ୍ତ୍ରୀଙ୍କୁ ଏତେ ବାଧିଲା ଯେ, ସେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଧମକ ଦେଉଛନ୍ତି। ମନ୍ତ୍ରୀଙ୍କ ଏଭଳି କଥାରୁ ଲାଗୁଛି ବୋଧହୁଏ ମନ୍ତ୍ରୀ ଶ୍ରୀ ମହାପାତ୍ର ପୋଷ୍ଟର ପାଇଁ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯଦି ମନ୍ତ୍ରୀଙ୍କ ଶତସାହସ ଅଛି ତେବେ ସିସିଟିଭି ଯାଞ୍ଚ କରି ପୋଷ୍ଟର ଚିରିଥିବା ଦୁର୍ବୃତ୍ତଙ୍କୁ ବାନ୍ଧନ୍ତୁ। ଆଗାମୀ ଦିନରେ ଆମ ନେତା ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ନାରୀଙ୍କ ସମ୍ମାନ ରକ୍ଷା ପାଇଁ ଆନ୍ଦୋଳନ ନିରବଚ୍ଛିନ୍ନ ଭାବେ ଚାଲୁ ରହିବ ବୋଲି ଶ୍ରୀ ପଟ୍ଟନାୟକ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

## ଆତଙ୍କ ରଚିଲା ହାଇୱା

**ଦୁଇବାଇକ୍ ଚାଳକ ଗୁରୁତର, ୪ ଗାଈକୁ ପିଟିଲା**

ଭୁବନେଶ୍ୱର, ୨୫।୭ (ସମିସ): ଗୁରୁବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ହାଇୱା ଗାଡି ଆତଙ୍କ ଚଳାଇଥିଲା। ଯାହାକୁ ଦେଖିଲା ପିଟିଲା। ନାଲକୋ ଛକରୁ କିଟ୍ ଛକ ପର୍ଯ୍ୟନ୍ତ ଏହି ହାଇୱା ଆତଙ୍କ ରଚିଥିଲା। ଏପରିକି ଦୁଇ ଜଣ ବାଇକ୍ ଚାଳକଙ୍କୁ ପଛରୁ ଧକ୍କା ଦେବା ଫଳରେ ସେମାନେ ଗୁରୁତର ହୋଇ ହସ୍ପିଟାଲରେ ପଡ଼ିଛନ୍ତି। ସେହିପରି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ୪ଟି ଗୋରୁଙ୍କୁ ମଧ୍ୟ ଗାଡି ଧକ୍କା କରି ଡିଭାଇଡର ଉପରକୁ ଉଠି ଯାଇଥିଲା। ଲୋକେ ଗାଡିକୁ ଅଟକାଇବା ପରେ ଡ୍ରାଇଭର ଚମ୍ପଟ ମାରିଥିଲା। ଖବର ପାଇ ପୁଲିସ ପହଞ୍ଚି ଗାଡିକୁ ଥାନାକୁ ଆଣି ତଦନ୍ତ କରୁଛି। ଡ୍ରାଇଭର ମଦ ନିଶାରେ ଏଭଳି ବେପରୁଆ ଚାଳନା କରୁଥିବା ପୁଲିସ କହିଛି। ଅନ୍ୟପଟରେ ଗୁରୁତର ଆହତ ହୋଇଥିବା ବାଇକ୍ ଚାଳକ କଟକ ବଡ଼ ମେଡ଼ିକାଲରେ ମରଣ ସହ ସଂଘର୍ଷ କରୁଛନ୍ତି।

## ୩ ମାସ ହେଲା ଅପହୃତ ନାବାଳିକାର ପତ୍ତା ମିଳୁନି

ବାଲିଅନ୍ତା, ୨୫।୭ (ସମିସ): ବାଲିଅନ୍ତା ଥାନା ଅଧୀନ ବଇଁତୁଆ ପଞ୍ଚାୟତ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେବାର ୩ ମାସ ବିତିଗଲାଣି। ହେଲେ ନାବାଳିକାର ଏଯାଏ ପତ୍ତା ମିଳି ପାରିନି। ନାବାଳିକାଙ୍କ ବାପା ବାଲିଅନ୍ତା ଥାନାରେ ଝିଅକୁ ଅପହରଣ କରି ନିଆଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଅପହରଣ ମାମଲା ରୁଜୁ କରି ଫୋନ ଟ୍ରାକିଂ କରି ନାବାଳିକାଙ୍କୁ ଉଦ୍ଧାର କରିବା ନେଇ ଉଦ୍ୟମ ଜାରି ରଖିଛି। ସୂଚନା ଅନୁସାରେ ନାବାଳିକା ଜଣକ କଲେଜରେ ଯୁକ୍ତ ୨ ଶ୍ରେଣୀରେ ପଢ଼ନ୍ତି। ଗତ ମେ ମାସ ୨୩ ତାରିଖ ରାତିରେ ଘର ଲୋକ ଶୋଇଥିବା ବେଳେ ଯୁବକ ଏବଂ ନାବାଳିକା ଫେରାର ହୋଇଯାଇଥିଲେ। ଉକ୍ତ ଗ୍ରାମରେ ଘରୋଇ ସଂସ୍ଥାରେ କାମ କରୁଥିବା ୨୩ ବର୍ଷୀୟ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣକ ଝିଅକୁ ଅପହରଣ କରି ନେଇ ଯାଇଥିବା ନେଇ ସନ୍ଦେହରେ ତାଙ୍କର ବାପା ଥାନାରେ ଅଭିଯୋଗରେ ଦର୍ଶାଇଥିଲେ। ହେଲେ ଦୀର୍ଘ ମାସ ପରେ ମଧ୍ୟ ଅପହୃତ ନାବାଳିକାଙ୍କର ଏଯାଏ ପତ୍ତା ମିଳିପାରିନି।

## ଚାଷ ତରତର...



(ଫଟୋ: ବୁଲୁ)

ବର୍ଷା ଆଗମନରେ ରାଜଧାନୀର ଓୟୁଏଟି ଫାର୍ମ ପରିସରରେ ଧାନରୁଆ କାମରେ ଲାଗିଛନ୍ତି କୃଷି ଶ୍ରମିକ।

# ଫୁଡ୍ ବ୍ଲଗର୍‌ଙ୍କ ମୃତ୍ୟୁକୁ ନେଇ ହତ୍ୟା ମାମଲା ରୁଜୁ

ଭୁବନେଶ୍ୱର, ୨୫।୭ (ସମିସ)

ହଷ୍ଟେଲ ଗାଧୁଆଘରୁ ମହିଳା ଫୁଡ୍ ବ୍ଲଗରଙ୍କ ମୃତଦେହ ଉଦ୍ଧାର ଘଟଣାରେ ହତ୍ୟା ମାମଲା ରୁଜୁ କରିଛି ଇନଫୋସିଟି ଥାନା ପୁଲିସ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଞ୍ଚଳର ସୋନାଲି ସଙ୍ଘମିତ୍ରା ପରିଡ଼ା ପ୍ରାୟ ୩ ବର୍ଷ ହେବ ଇନ୍‌ଫୋସିଟି ଥାନା ପଟିଆ ଆଦର୍ଶ ବିହାର ଲେନ୍-୨ ସ୍ଥିତ ଏକ ହଷ୍ଟେଲରେ ରହୁଥିଲେ। ସେ ଭୁବନେଶ୍ୱରର ଏକ ବିଲ୍‌ଡର ସଂସ୍ଥାରେ ପ୍ରାୟ ୨ ବର୍ଷ ହେବ କାମ କରୁଥିଲେ। ଜଣେ ଫୁଡ୍ ବ୍ଲଗର ଭାବେ ସୋନାଲି ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ସହ ନିୟମିତ ଭାବେ ଭିଡିଓ ପୋଷ୍ଟ କରୁଥିଲେ। କିନ୍ତୁ ଗତବର୍ଷ ଡିସେମ୍ବର ୨୯ ତାରିଖ ଦିନ ପରିବାର ଲୋକେ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସୋନାଲି ଉଠାଇ ନ ଥିଲେ। ଖବରପାଇ ଇନ୍‌ଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ



ଖୋଲିବା ପରେ ଭିତରୁ ସୋନାଲିଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତିରେ ପରିବାର ଲୋକେ ପହଞ୍ଚି ଝିଅର ଝୁଲନ୍ତା ମୃତଦେହ ଦେଖିଥିଲେ। ଇନ୍‌ଫୋସିଟି ଥାନା ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ବାପା ଦିଲ୍ଲୀପ ପରିଡ଼ାଙ୍କ ଅଭିଯୋଗକ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା।

ତେବେ ଝିଅକୁ ହତ୍ୟା କରାଯାଇଥିବା ନେଇ ପରବର୍ତ୍ତୀ ସମୟରେ ବାପା ଦିଲ୍ଲୀପ ପରିଡ଼ା ଅଭିଯୋଗ କରିଥିଲେ। ଏନେଇ ଶ୍ରୀ ପରିଡ଼ା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଗ୍ରହଣ କରି ଶୁଣାଣି କରିଥିଲେ। ହେଲେ ପୂର୍ବରୁ ଦିଆଯାଇଥିବା ଏଫ୍‌ଆଇଆରରେ ହତ୍ୟା ନେଇ କୌଣସି ଅଭିଯୋଗ ନ ଥିବାରୁ କୌଣସି ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ ମନାକରି ଦେଇଥିଲେ। ହେଲେ ଆବେଦନକାରୀ ଚାହିଁଲେ ଉପଯୁକ୍ତ ଅଭିଯୋଗ ଆଧାରରେ ଥାନାରେ ଦାଖଲ କରିପାରିବେ ବୋଲି ହାଇକୋର୍ଟ କହିଥିଲେ। ଉକ୍ତ ଅର୍ଡର ବଳରେ ସୋନାଲିଙ୍କ ବାପା ଦିଲ୍ଲୀପ ପରିଡ଼ା ଇନଫୋସିଟି ଥାନାରେ ଅଭିଯୋଗ କରିଛନ୍ତି।

## ଚାଲାଣ ବେଳେ ଷ୍ଟେସନ୍‌ରୁ ୬ ନାବାଳକ ଉଦ୍ଧାର

ଭୁବନେଶ୍ୱର, ୨୫।୭ (ସମିସ): ଆଜି ବିଭିନ୍ନ ଟ୍ରେନ ଦ୍ୱାରା ଚାଲାଣ ହେଉଥିବା ସମୟରେ ନାବାଳକଙ୍କୁ ରୁଚିକା ସମାଜ ମଙ୍ଗଳ ସଂଗଠନ, ଆକ୍ସେସ ଟୁ ଜଷ୍ଟିସ ଟିମ୍‌ର କର୍ମକର୍ତ୍ତା ଉଦ୍ଧାର କରିଛନ୍ତି। ହରପ୍ରିୟା ପତି, ଘନଶ୍ୟାମ ଭୋଇ, ଅଜୟ କୁମାର ମହାରଣା ପ୍ରମୁଖ ଏହି ପିଲାମାନଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନରୁ ଉଦ୍ଧାର କରିଥିବା ବେଳେ ଜି.ଆର୍.ପି. ପୋଲିସ ଓ ରେଳବାଇ ସୁରକ୍ଷା ବଳ ଏହି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଉଦ୍ଧାର ହୋଇଥିବା ୬ଜଣଙ୍କ ବୟସ ୧୬ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଉଦ୍ଧାର ପରେ ସେମାନଙ୍କୁ ଅତିରିକ୍ତ ଶିଶୁ ମଙ୍ଗଳ ସମିତିରେ ଉପସ୍ଥିତ କରାଯିବା ସହ ସମିତିର ନିର୍ଦ୍ଦେଶ କ୍ରମେ ପିଲାମାନଙ୍କୁ ରୁଚିକା ଓପନ୍ ସେଲ୍ଟରକୁ ପଠାଯାଇଛି। ପିଲାମାନେ ବିହାର ଓ ଅନ୍ୟ ପ୍ରଦେଶରୁ ବାହାରକୁ କାର୍ଯ୍ୟ କରିବା ପାଇଁ ଯାଉଥିବା ସମୟରେ ଉଦ୍ଧାର ହୋଇଥିଲେ। ଏନେଇ ରୁଚିକା ପକ୍ଷରୁ ଜି.ଆର୍.ପି ଥାନାରେ ଅଭିଯୋଗ କରାଯାଇଛି।



ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶାର ପ୍ରଥମ ଟେକ୍ସଟାଇଲ କନ୍‌କ୍ଲେଭରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଭାଗୀୟ ଅଧିକାରୀ

## ଆଲୋଚନାଚକ୍ର ଓ ଉତ୍କଳ ଜୟଦେବ ସମ୍ମାନ

ବାଲିଅନ୍ତା, ୨୫।୭ (ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଳକାଟି ସ୍ଥିତ ନିର୍ମାଣ ଏଜୁକେସନ ଟ୍ରଷ୍ଟ ଅଡିଟୋରିୟମରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ମୁଖ୍ୟ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଦିନିକିଆ ଆଲୋଚନା ଚକ୍ର 'ନୂତନ ଓଡ଼ିଶାର ନିର୍ମାଣରେ ଭୂମିକା' ଶୀର୍ଷକ ଆଲୋଚନା ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ନାୟକ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଅନ୍ୟତମ ଅତିଥି ଭାବେ ସିଦ୍ଧେଶ୍ୱର ମହାନ୍ତି ଯୋଗ ଦେଇଥିଲେ। ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପରିବେଶ ପାଇଁ କାର୍ଯ୍ୟରତ ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇଙ୍କୁ ଉତ୍କଳ ଜୟଦେବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଶେଷରେ ଯୁବ ସମାଜସେବୀ ଦୀପକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରଙ୍ଗମଞ୍ଚରେ ବି 'ପିସି କାରବାର'

ଭୁବନେଶ୍ୱର, ୨୫।୭ (ସମିସ): ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ବ୍ୟବସ୍ଥା ଭିତରେ କିଛି ସଜୋଟ, ନିର୍ଭିକ ଅଧିକାରୀ ସତ୍ୟ, ନ୍ୟାୟ ପାଇଁ ମୁହଁ ଖୋଲି ରାଜନୈତିକ ଆକ୍ରୋଶ ର ଶିକାର ହେଲେବି ନିଜ ନୀତି, ଆଦର୍ଶକୁ ବଜାୟ ରଖି ବ୍ୟବସ୍ଥାରେ ପରିବର୍ତ୍ତନର ପୁରୋଧା ହେଇପାରନ୍ତି ଓ ଏହିପରି ଏକ ବାର୍ତ୍ତାର ପ୍ରତିଫଳନ ହେଇଛି 'ପିସି' ନାଟକରେ। ବାଲ୍ମୀକି ନିଜ ନାମର ସାର୍ଥକତାକୁ ବଜାୟ ରଖି ଜଣେ ଲାଞ୍ଚଖୋର ନେତା, ପ୍ରମୋସନର ସ୍ୱପ୍ନରେ ବିଭୋର ଥିବା ଜଣେ ବରିଷ୍ଠ ଅଧିକାରୀ, ଆଉ ସେମାନଙ୍କୁ ଅର୍ଥ ଦେଇ ବଶ କରି ରଖିଥିବା ଠିକାଦାରଙ୍କ ବିରୁଦ୍ଧରେ ସ୍ୱରଭୋଳନ କରିଛି ଯେଉଁମାନଙ୍କ ଚକ୍ରାନ୍ତ ରେ ଭୁଶୁଡି ପଡ଼ିଛି ନିର୍ମାଣାଧୀନ ଉଡ଼ନ୍ତା ପୋଲ ଓ ଯାହା ତଳେ ଜୀବନ ଚାଲିଯାଇଛି ଜଣେ ନିରୀହ ବାଳିକାର। ବାଲ୍ମୀକିର ଲଢେଇ, ଆଉ ସେଥିରେ ହାତ ମିଳେଇଥିବା କିଛି ଅଧିକାରୀ, ସାମ୍ବାଦିକାଙ୍କ ମିଳିତ ପ୍ରୟାସରେ ସତ୍ୟ ଉନ୍ମୋଚିତ ହେଇଚି, ଦୋଷୀକୁ ଅଦାଲତ ଦଣ୍ଡ ବିଧାନ କରିବା ସହ ବ୍ୟବସ୍ଥାରେ ପରିବର୍ତ୍ତନର ସମ୍ଭାବନା ଆଣିଥିବା ମଣିଷମାନଙ୍କୁ ସେମାନଙ୍କର କର୍ମ ପାଇଁ ପୁରସ୍କୃତ କରିଛି ଏମିତି କିଛି କାହାଣୀକୁ ବିଜୁ ନାଟ୍ୟକେନ୍ଦ୍ରଠାରେ ଶୁକ୍ରବାର



ଶତାବ୍ଦୀର କଳାକାର ପକ୍ଷରୁ ନାଟକ ପିସି ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ନିର୍ଦ୍ଦେଶନାରେ ବିଘ୍ନରାଜ ଜେନା ରହିଥିବା ବେଳେ ନାଟକର ରଚନା ବିଶ୍ୱନାଥ ପତି କରିଥିଲେ। ଏଥିସହିତ ନାଟକର ପ୍ରଯୋଜନା ଅନୁଷ୍ଠାନର ୩୩ତମ ବ୍ୟାଚର ଛାତ୍ରଛାତ୍ରୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ଼.ଚନ୍ଦ୍ରଶେଖର ହୋତା, ନାଟ୍ୟକାର ନାରାୟଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ରମେଶ ମହାନ୍ତି, ଜୀ ସାର୍ଥକର ଶ୍ରୀଜିତ୍ ଶତପଥୀ ଯୋଗଦେଇଥିଲେ। ଭାରତର ପ୍ରଖ୍ୟାତ ନାଟ୍ୟବିତ୍, ନାଟ୍ୟଗୁରୁ ରତନ ଥିଆନଙ୍କ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଶୋକ ଓ ସୌମ୍ୟ ପରିଚାଳନା କରିଥିଲେ।

# ଅପରାଧୀଙ୍କୁ ସୁହାଉଛି ଅନ୍ଧାରିଆ ରାସ୍ତାଘାଟ

ଭୁବନେଶ୍ୱର, ୨୫।୭ (ସମିସ)

ଦିନକୁ ଦିନ ରାଜଧାନୀରେ ଅପରାଧ ମାତ୍ରା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ସମୟରେ ରାଜଧାନୀ ରାସ୍ତାଘାଟରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱ ଅପରାଧ ଭିଆଉ ଥିବା ବେଳେ ଅନେକ ସମୟରେ ଅନ୍ଧାର ହିଁ ଦୁର୍ଘଟଣାର କାରଣ ପାଲଟୁଛି। ବିଶେଷକରି ରାଜଧାନୀ ସହର ଦେଇ ଯାଉଥିବା ରାଜପଥ ଅନ୍ଧାର ମଧ୍ୟରେ ରହୁଛି।

ସଞ୍ଜ ହେଲେ ରାଜଧାନୀ ସହ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ବନ୍ଦ ରହୁଛି। ବିଶେଷକରି ରାଜପଥର ବରମୁଣ୍ଡା, ସିଆର୍‌ପି ଦେଇ ଯାଇଥିବା ଫ୍ଲାଏ ଓଭର ଉପରେ ଲାଇଟ୍ ଜଳୁ ନ ଥିବାରୁ ଏହି ଅଞ୍ଚଳରେ ଅସାମାଜିକ ତତ୍ତ୍ୱମାନେ ଗୋଟିଏ ପରେ ଗୋଟିଏ ଅପରାଧ ଭିଆଉଛନ୍ତି। ବିଳମ୍ବିତ ରାତିରେ ଏହି ସବୁ ଅଞ୍ଚଳରେ ଅପରାଧୀମାନେ ଯାତ୍ରୀମାନଙ୍କୁ ହଇରାଣ ହରକତ କରିବା ସହ ଲୁଟ୍‌ପାଟ କରୁଛନ୍ତି। ଅନେକ କ୍ଷେତ୍ରରେ ଅସାମାଜିକ ବ୍ୟକ୍ତିମାନେ ଯାତ୍ରୀଙ୍କୁ ଗୋଡ଼ାଇ ଗୋଡ଼ାଇ ହରକତ କରୁଥିବା ନଜିର୍ ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ଯାଉଥିବା ମହିଳା ସହଯାତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ କରୁଥିବା ଜଣାପଡ଼ିଛି। ସେହିଭଳି ରାଜଧାନୀ ସହର ମଧ ଦେଇ ଯାଇଥିବା ରାସ୍ତାକଡ଼ରେ ମଧ ଅଧିକାଂଶ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଫଳରେ ଅଧିକାଂଶ ସମୟରେ ଏହା ଦୁର୍ଘଟଣାର କାରଣ ପାଲଟୁଛି। ଫାୟାର୍ ଷ୍ଟେସନରୁ ଡେଲ୍‌ଟା ଛକ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଥିବା ଜଣାପଡ଼ିଛି। ଏହି ରାସ୍ତାକଡ଼ରେ ଅସାମାଜିକ ବ୍ୟକ୍ତିମାନେ ଲୁଚି ଅପରାଧ ଭିଆଉଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସିଆର୍‌ପିରୁ ଷ୍ଟୁଆର୍ଟ ରାସ୍ତା କଡ଼ରେ ଡ୍ରେନ୍ କାମ ଚାଲୁଥିବା ଯୋଗୁଁ ରାସ୍ତା ଅନ୍ଧାର ହେଲେ ଗାଡ଼ି ଚାଳକ ଦୁର୍ଘଟଣାର ଶିକାର ହେଉଛି। ଏଥିସହିତ ରାସ୍ତାକଡ଼ରେ ଥିବା ଷ୍ଟ୍ରିଟ୍ ଲାଇଟ୍ କଡ଼ରେ ଲାଗିଥିବା ଗଛଗୁଡ଼ିକ ବଢ଼ିଯିବା ଯୋଗୁଁ ଆଲୁଆ ରାସ୍ତାରେ ପଡୁ ନାହିଁ। ତେଣୁ ଷ୍ଟ୍ରିଟ୍ ଲାଇଟ୍ ଜଳୁଥିଲେ ମଧ୍ୟ ରାସ୍ତା ଅନ୍ଧାର ରହୁଛି। ଯାହା ଦୁର୍ଘଟଣାର କାରଣ ପାଲଟୁଛି। କେବଳ ସିଆର୍‌ପି କି ଫାୟାର ଷ୍ଟେସନ ଅଞ୍ଚଳ ନୁହେଁ ପୋଖରୀପୁଟ୍ କାର୍ଗିଲ ରାସ୍ତାଠାରୁ ଆରମ୍ଭ କରି ଡମଣା ପଟିଆ ଅଞ୍ଚଳର



ଅଧିକାଂଶ ଗଳି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ। ଯେଉଁଥିପାଇଁ ଅସାମାଜିକ ବ୍ୟକ୍ତିମାନେ ସଞ୍ଜ ହେଲେ ଅନ୍ଧାରେ ବସି ଆଡ୍ଡା ଜମାଉଛନ୍ତି। ଚୋରି, ଛିନ୍‌ତାଇଠାରୁ ଆରମ୍ଭ କରି ବ୍ରାଉନ୍ ସୁଗର ସେବନ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ବାଟୋଇଙ୍କୁ ଆକ୍ରମଣ କରୁଛନ୍ତି। ଯଦିବା ଅନେକ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ କରୁଛି ରାସ୍ତା କଡ଼ରେ ଅନ୍ଧାର ଯୋଗୁଁ ପୁଲିସ ଅପରାଧୀଙ୍କୁ ଜାଣିପାରୁ ନାହିଁ ଏବଂ ଅପରାଧୀମାନେ ପୁଲିସକୁ ଚକ୍‌ମା

**■ ରାଜପଥ କଡ଼ରେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଅଚଳ**

**■ ଷ୍ଟ୍ରିଟ୍ ଲାଇଟ୍‌କୁ ମାଡ଼ିଗଲା ରାସ୍ତାକଡ଼ ଗଛଲତା**

**■ ସଞ୍ଜ ହେଲେ ବଢ଼ୁଛି ଅସାମାଜିକ ବ୍ୟକ୍ତି ଓ କୁକୁରଙ୍କ ଉତ୍ପାତ**

ଦେଇ ସହଜରେ ଖସି ଯାଉଛନ୍ତି। ନୂଆପଲ୍ଲୀର ଅଧିକାଂଶ ଗଳି ରାସ୍ତାରେ ଏଭଳି ସମସ୍ୟା ସୃଷ୍ଟି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତାକଡ଼ରେ କୁକୁରଙ୍କ ଉତ୍ପାତ ସାଙ୍ଗକୁ ଅନ୍ଧାର ହେବାରୁ ଦୁର୍ଘଟଣାର କାରଣ ପାଲଟୁଛି। କୁକୁର ଦଳବଦ୍ଧ ଭାବେ ଆକ୍ରମଣ କରୁଛନ୍ତି।

## ବଲଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କଲେ ଡି. ରାଜା



ଭୁବନେଶ୍ୱର, ୨୫।୭ (ସମିସ): ବଲଙ୍ଗାରେ ପୋଡ଼ିଯାଇଥିବା ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଦିଲ୍ଲୀ ଏମସକୁ ଯାଇ ଅନୁଧ୍ୟାନ କରିଥିଲେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଡି. ରାଜା ଏବଂ ଅନ୍ୟତମ ଜାତୀୟ ସମ୍ପାଦକ କମ୍ରେଡ୍ ରାମକୃଷ୍ଣ ପଣ୍ଡା। ପୀଡ଼ିତାଙ୍କ ଉତ୍ତମର ଚିକିତ୍ସା ଯୋଗାଇ ଦିଆଯାଉଥିବା ବେଳେ ଆରୋଗ୍ୟ ହେବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ଡାକ୍ତରୀ ଦଳ ପ୍ରକାଶ କରିଥିଲେ। ଡାକ୍ତରଖାନାରେ ପୀଡ଼ିତାଙ୍କ ପିତା ହିମ୍ମତ ଅଲ୍ଲୀ ଓରଫ କାଲୁ ଖାଁ ଓ ସମ୍ପର୍କୀୟମାନଙ୍କୁ ସାକ୍ଷାତ ସହ ଧୈର୍ଯ୍ୟ ନହରାଇବାକୁ ଆଶ୍ୱାସନା ଦେଇଥିବା ପ୍ରକାଶ କରିଛନ୍ତି। ରାଜ୍ୟରେ ମହିଳାଙ୍କ ପ୍ରତି ହିଂସା ବଢୁଥିବାରୁ ପାର୍ଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିସହ ଏହି ଘଟଣାର ୬ ଦିନ ଅତିକ୍ରାନ୍ତ ହୋଇଥିଲେ ବି କୌଣସି ଅପରାଧୀଙ୍କୁ ଚିହ୍ନଟ କରିବାରେ ସରକାର ବିଫଳ ହେବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସଂସଦରେ ଉତ୍‌ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



# ଶ୍ରାବଣରେ ବି ଖସୁନି ଆମିଷ ଦର

## ପରିବା ଦର ଆକାଶ ଛୁଆଁ; ଚିନ୍ତାରେ ଖାଉଟି

ଭୁବନେଶ୍ୱର, ୨୫।୭ (ସମିସ)

ଶ୍ରାବଣରେ ବି ଖସୁନି ଆମିଷ ଦର। ସାଧାରଣତଃ ଶ୍ରବରଣ ମାସରେ ୭୦ ପ୍ରତିଶତ ଲୋକେ ଆମିଷ ଖାଉନଥିବାରୁ ପରିବା ଉପରେ ଅଧିକ ନିର୍ଭର କରିଥାନ୍ତି। ଆମିଷ ଦର କିଲୋ ପିଛା ୪୦ରୁ ୫୦ଟଙ୍କା କମିଯାଇଥାଏ। ହେଲେ ଚଳିତବର୍ଷ ପରିବା ସାଙ୍ଗକୁ ଆମିଷ ଦର ମଧ୍ୟ ବୃଦ୍ଧି ପାଇଛି। କାରଣ ରାଜ୍ୟ ବାହାରୁ ଆମିଷ ଆମଦାନୀ ହେଉଥିବାରୁ ପୂର୍ବପେକ୍ଷା ଟ୍ରାନ୍ସପୋର୍ଟିଂ ଖର୍ଚ୍ଚ ମଧ୍ୟ ବଢ଼ିଥିବା ବ୍ୟବସାୟୀମାନେ କହିଛନ୍ତି। ତେଣୁ ଶ୍ରାବଣ ମାସରେ ମାଛ, ଚିକେନ୍, ମଟନ୍, କଙ୍କଡା, ଚିଙ୍ଗୁଡ଼ିର ଦର ବଢ଼ିଥିବା ଦେଖିବାକୁ ମିଳିଛି। ଏପଟେଠ ପରିବା ଦର ଶୁଣି ମୁହଁ ଫେରାଉଛନ୍ତି ଗ୍ରାହକ। କୌଣସି ପରିବା ୬୦ ଟଙ୍କା ତଳକୁ ନଥିବା ବେଳେ ୫୦୦ଟଙ୍କାରେ ବି ବ୍ୟାଗ ଭର୍ତ୍ତି ହେଉନାହିଁ। ଫଳରେ ଅନେକଙ୍କ ଖାଇବା ଥାଳିରୁ ବି ପରିବା ଉଭାନ୍ ହୋଇଯାଇଛି।

ଶ୍ରାବଣ ମାସ ଆରମ୍ଭ ହେବା ଦିନରୁ ବଢ଼ିଚାଲିଛି ବିଭିନ୍ନ ପରିବା ଦର। ଏହି ମାସରେ କାଉଡିଆମାନେ ପାଣିଭାର ନେଇ ମହାଦେବଙ୍କ ମସ୍ତକରେ ଢାଳିଥାନ୍ତି। ଏହାସହ ମାନସିକଧାରୀମାନେ ମଧ୍ୟ ନିରାଡ଼ମ୍ବର ଭାବେ ଶ୍ରାବଣ ମାସକୁ ପାଳନ କରୁଥିବାରୁ ନିରାମିଷ ଖାଉଥିବା ବେଳେ ଅଧିକାଂଶ ଲୋକେ ବିନା ପିଆଜ ରସୁଣରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି। ତେଣୁ ଏହି ମାସରେ କାର୍ତ୍ତିକ ମାସ ପରି ପରିବାର ଚାହିଦା ବୃଦ୍ଧି ପାଇଥାଏ ଏବଂ ଆମିଷ ଦର କମିଥାଏ। କିନ୍ତୁ ଚଳିତବର୍ଷ ଆମିଷ ଦର କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଶ୍ରାବଣ ଆରମ୍ଭ ପୂର୍ବରୁ ପରିବା ଦର ହୁ ହୁ ହୋଇ ବଢ଼ିଚାଲିଥିବାରୁ ଖାଉଟିମାନେ ମୁଣ୍ଡରେ ହାତ ହେଲେଣି। ସାଧାରଣତଃ ଭୁବନେଶ୍ୱରକୁ ଆନ୍ଧ୍ରରୁ ବିଭିନ୍ନ ପ୍ରକାର ମାଛ ଆମଦାନୀ କରାଯାଉଥିବା ବେଳେ ଚିଲିକା, ବାଲେଶ୍ୱର, ଧାମରା, ପରାଦୀପ ଆଦି ସ୍ଥାନରୁ କଙ୍କଡ଼ା, ଚିଙ୍ଗୁଡ଼ି ଆମଦାନୀ ହୋଇଥାଏ। ବଡ଼ ବଡ଼ ଟ୍ରକ୍ ଯୋଗେ ସପ୍ତାହରେ ୨ରୁ ୩ଥର ପ୍ରାୟ ୧୦ରୁ ୨୦ଟନ୍ ଆମିଷ ଆସିଥାଏ। ଯାହା ରାଜଧାନୀକୁ ପ୍ରଚୁର ପରିମାଣରେ ଆମିଷ ଯୋଗାଇଥାଏ। ଏଥିପାଇଁ ଗମନାଗମନ ବାବଦକୁ ଖର୍ଚ୍ଚ ହେଉଥିବା ଟଙ୍କା ବଢ଼ିଛି। ଅଧିକାଂଶ ସମୟରେ ରାସ୍ତାକଡ଼ରେ ଅସ୍ଥାୟୀ (ଅଣପଞ୍ଜିକୃତ) ବ୍ୟବସାୟୀ ନିଜ ମନ ମୁତାବକ ଦର ବୃଦ୍ଧି କରୁଛନ୍ତି। ଯେଉଁ ପରିମାଣରେ ଆମିଷ ଆମଦାନୀ ହେଉଛି ସେଥିପାଇଁ ଅଧିକ ଟଙ୍କା ଗମନାଗମନକୁ ଖର୍ଚ୍ଚ ହେଉଛି ବୋଲି ମତ୍ସ୍ୟ ସଂଘ ପକ୍ଷରୁ କୁହାଯାଇଛି। ସେହିପରି ଚିକେନ୍ ପାଇଁ ପିପିଲି ଉପରେ ନିର୍ଭର କରୁଛନ୍ତି ରାଜଧାନୀ ଚିକେନ୍ ବ୍ୟବସାୟୀ। ପ୍ରତି ସପ୍ତାହରେ ୨ରୁ ୩ଥର ଛୋଟ ବଡ଼ ଗାଡ଼ିରେ ଭର୍ତ୍ତି ହୋଇ କୁକୁଡ଼ା ଆସୁଥିବା ବେଳେ ବର୍ତ୍ତମାନ ଟ୍ରାନ୍ସପୋର୍ଟିଂ ଦର ବଢୁଥିବାରୁ ଚିକେନ୍ ଦର ବୃଦ୍ଧି ପାଉଛି। ପୂର୍ବ ଅପେକ୍ଷା ପ୍ରତି ଛୋଟ ଗାଡ଼ି ଭଡ଼ା ବାବଦକୁ ୫୦୦ରୁ ୭୦୦ଟଙ୍କା ଏବଂ ବଡ଼ ଗାଡ଼ି ବାବଦକୁ ୧ହଜାରୁ ୧୨ଶହ ଅଧିକ ଦେବାକୁ ପଡ଼ୁଛି।



## ସଂସ୍କୃତି ଚର୍ଚ୍ଚା ସମାରୋହରେ ବାରବାଟୀ ପ୍ରସଙ୍ଗ




ଭୁବନେଶ୍ୱର, ୨୫।୭ (ସମିସ): ବାରବାଟୀକୁ ବାଦ୍‌ଦେଇ ଓଡ଼ିଶାର ଇତିହାସ କଳ୍ପନା କରିବା ସମ୍ଭବ ନୁହେଁ। ବୋଲି ଜାତୀୟ ପ୍ରସାରଣ ଏବଂ ମଲ୍ଟିମିଡ଼ିଆ ଏକାଡ଼େମୀ, ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶ ଡ. ଦୀପକ ସାମନ୍ତରାୟ କହିଛନ୍ତି। ଶୁକ୍ରବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୫ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ନିର୍ଦ୍ଦେଶକ, ଯୋଗଦେଇ 'ଓଡ଼ିଆ ଅସ୍ମିତାର ପ୍ରତୀକ: ବାରବାଟୀ' ଶୀର୍ଷକ ସମ୍ମାନର ମୁଖ୍ୟବକ୍ତା ଭାବେ ଭାବେ ଯୋଗଦେଇ ଶ୍ରୀ ସାମନ୍ତରାୟ କହିଥିଲେ ଯେ, ବାରବାଟୀକୁ ବାଦ୍‌ଦେଇ ଓଡ଼ିଶାର ଇତିହାସ କଳ୍ପନା କରିବା ସମ୍ଭବ ନୁହେଁ। ଗଜପତି କପିଳେନ୍ଦ୍ର ଦେବ ଅଙ୍ଗ, ବଙ୍ଗ, କଳିଙ୍ଗ ଏବଂ କୋଶଳ ଇତ୍ୟାଦି ଅଞ୍ଚଳ ସମୂହକୁ ଗୋଟିଏ ଶାସନ ଅଧିନକୁ ଆଣିଥିଲେ। ବାରବାଟୀ ସବୁ ସମୟରେ ପ୍ରେରଣାର ଉତ୍ସ ଭାବରେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ କରିଛି। ବାରବାଟୀକୁ ନେଇ ସର୍ଜନଶୀଳ ଓଡ଼ିଆ ରଚନା କରିଛନ୍ତି ଅନେକ କବିତା ଏବଂ ସାହିତ୍ୟ କୃତି। ପରିତାପର ବିଷୟ ଆଜି ଓଡ଼ିଆ ଜାତିର ଅସ୍ମିତାର ପ୍ରଭାବଶାଳୀ ପ୍ରତୀକ ବାରବାଟୀ ସମ୍ପୂର୍ଣ୍ଣ ଭାବେ ଅବହେଳିତ। ଗଡ଼ଖାଇର ପୁନରୁଦ୍ଧାର, ସାଇଟ୍ ସଂଗ୍ରହାଳୟ ସ୍ଥାପନ, ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିଲେ ଆମେ କହି ପାରିବା ଆମେ ବାରବାଟୀର ଡାକ ଶୁଣିଲୁ। ଐତିହ୍ୟକୁ ସମ୍ମାନ ଦେବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। କାରଣ ଆମ ଐତିହ୍ୟ ହିଁ ଆମ ଅସ୍ମିତା ବୋଲି ଶ୍ରୀ ସାମନ୍ତରାୟ ଉଲ୍ଲେଖ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ସଂକ୍ରାନ୍ତ ଅଭିଯୋଗ ଦାଖଲ ପାଇଁ ନିବେଦନ



ଭୁବନେଶ୍ୱର, ୨୫।୭ (ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଏକ ବୈଠକ ମହାସଂଘର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ଆରମ୍ଭରେ ମହାସଂଘର ସମ୍ପାଦକ ଓଇଆରସିର ବିଜୁଳି ସମସ୍ୟା ନେଇ ଜାରି ହୋଇଥିବା ପବ୍ଲିକ ନୋଟିସ୍‌କୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରିବା ସହିତ ଓଇଆରସିର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ଓ ବର୍ତ୍ତମାନର ଓଇଆରସି ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ବ୍ୟତୀତ ବିଜୁଳି ସମସ୍ୟା ଉପରେ ବ୍ୟାପକ ଭାବରେ ଅଗଷ୍ଟ ୧୬ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ରାଜ୍ୟର ସବୁ ରାଜନୈତିକ ଦଳ, ମହିଳା ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଓ ଛାତ୍ର ସଂଗଠନ, ସେଚ୍ଛାସେବୀ ସଂଗଠନ ଓ ସର୍ବୋପରି ନାଗରିକ ସମାଜକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ନିବେଦନ କରାଯାଇଛି। ଏହି ନୋଟିସ୍‌କୁ ସମସ୍ତ ପଞ୍ଚାୟତ ଅଫିସ୍, ଏନଏସି ଓ ମ୍ୟୁନିସିପାଲିଟି ଅଫିସ୍, ସବୁ ୱାର୍ଡ଼, ସବୁ ଜିଲ୍ଲା ସଦର ମହକୁମା ଓ ଜିଲ୍ଲାପାଳଙ୍କ ଦପ୍ତରରେ ବ୍ୟାପକ ଭାବରେ ଟାଙ୍ଗି ଜନସାଧାରଣଙ୍କଠାରୁ ବିଜୁଳି ସମସ୍ୟା ଉପରେ ଅଭିଯୋଗ ପତ୍ର ଆହ୍ୱାନ କରିବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି। ଓଡ଼ିଶା ସରକାର ୩୦୦ ୟୁନିଟ ମାଗଣା ବିଜୁଳି ଦେବେ ବୋଲି ଯେଉଁ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ, ତାକୁ ଭୁଲି ଯାଇଛନ୍ତି। ବିଜୁଳି ସମସ୍ୟାକୁ ନେଇ ଉପଭୋକ୍ତା ମହାସଂଘ ତୃଣମୂଳ ସ୍ତରରେ ଜନଜାଗରଣ ସୃଷ୍ଟି କରିବା ସହିତ ଆଗାମୀ ଦିନରେ ରାଜ୍ୟସ୍ତରରେ ଏକ ବଡ଼ ଧରଣର ଜନ ସମ୍ମିଳନୀ କରିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ମହାସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ ଓ ନାରାୟଣ ରେଡ୍ଡି, ଆଇଏଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କିଶୋର ଜେନା, ସିପିଏମ୍ ନେତା ପ୍ରଭାତ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସହକାର ଭାରତୀ ପକ୍ଷରୁ ବୈଠକ

ଭୁବନେଶ୍ୱର, ୨୫।୭ (ସମିସ): ସହକାର ଭାରତୀ ଓଡ଼ିଶା ପ୍ରାନ୍ତ ତରଫରୁ ନୀଳାଦ୍ରି ବିହାରସ୍ଥିତ ହରେକୃଷ୍ଣବସ୍ତିରମହିଳାମାନଙ୍କୁସଭ୍ୟରୂପେନେଇ'ଅନ୍ନପୂର୍ଣ୍ଣାଦେବୀବହୁମୁଖୀମହିଳାସମବାୟ ସମିତି' ଗଠନ କରାଯାଇଛି। ଆଗାମୀ ଦିନରେ ଉକ୍ତ ସମବାୟ ସମିତି ଦ୍ୱାରା ଭୁବନେଶ୍ୱରରେ ଥିବା ସମସ୍ତ ୩୪୫ ବସ୍ତିରେ ସଭ୍ୟ ସଂଗ୍ରହ କରାଯିବ ଏବଂ ବସ୍ତିରେ ବସବାସ କରୁଥିବା ମହିଳାମାନଙ୍କର ଆର୍ଥିକ ତଥା ସାମାଜିକ ପ୍ରଗତି ପାଇଁ ସମବାୟ ସମିତି ବିଭିନ୍ନ ଯୋଜନା ହାତକୁ ନେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାର ଭାରତୀର ପ୍ରାନ୍ତ ସମ୍ପର୍କ ପ୍ରମୁଖ କେତନ କୁମାର ନାୟକ, ସହ ସଂଗଠନ ପ୍ରମୁଖ ସତ୍ୟବାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ରାଜମାତା ଅହଲ୍ୟା ବାଈ ହୋଲକରଙ୍କ ଜନ୍ମ ତ୍ରିଶତୀ ଉପଲକ୍ଷେ ଓଡ଼ିଶାରେ ଆହୁରି ଦୁଇଟି ମହିଳା ବହୁମୁଖୀ ସମବାୟ ସମିତି ଗଠନ ପାଇଁ ଯୋଜନା ହେଉଛି ବୋଲି ପ୍ରାନ୍ତ ମହିଳା ପ୍ରମୁଖ କଳ୍ପନା ଦାଶ ସୂଚନା ଦେଇଛନ୍ତି।

## ପିଠାରେ ମହକିଲା 'ଚିତଉ ଉତ୍ସବ'

ଭୁବନେଶ୍ୱର, ୨୫।୭ (ସମିସ): ଚିତାଲାଗି ଅମାବାସ୍ୟା ଅବସରରେ ପ୍ରତିଟି ଓଡ଼ିଆ ଘରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥାଏ ଚିତଉ ପିଠା। ଓଡ଼ିଆଙ୍କର ଏହି ପରମ୍ପରାକୁ ଉଜ୍ଜିବୀତ କରି ରଖିବା ଉଦ୍ଦେଶ୍ୟରେ ସମ୍ଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଚିତାଲାଗି ଅମାବାସ୍ୟା ଅବସରରେ ଜୟଦେବ ଭବନଠାରେ 'ଚିତଉ ଉତ୍ସବ' ଅନୁଷ୍ଠିତ ହୋଇଛି। ଚଳିତ ଥର ଚିତାଲାଗି ଅମାବାସ୍ୟାର ପରଦିନ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଆଣୀମାନେ ନିଜେ ପ୍ରସ୍ତୁତ କରିଥିବା ଚିତଉ ପିଠାର ପ୍ରଦର୍ଶନୀ ସହ ପରିଦର୍ଶକମାନେ ଚିତଉ ପିଠା ସ୍ୱାଦ ଚାଖିଥିଲେ। କାର୍ଯ୍ୟକ୍ରମକୁ ଚାର୍ଟାର୍ଡ ଆକାଉଟାଣ୍ଟ ରାଜୀବ ଶେଖର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବା ବେଳେ ଦିନଲିପିର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ଭାବନାର ଅଧ୍ୟକ୍ଷ ତଥା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ ଭଦ୍ର ଓ ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ସମ୍ଭାବନାର ସମ୍ପାଦକ ତଥା ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ଓ ସମ୍ଭାବନା ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌ÷ଦାମିନୀ ସାମଲ ଉପସ୍ଥିତ ଥିଲେ।

## ଆଇଆଇଏମ୍‌ଟି କ୍ୟାମ୍ପସକୁ ଡ. ଗାବିନ୍ ସଙ୍ଗ୍‌ଙ୍କ ପରିଦର୍ଶନ



ଭୁବନେଶ୍ୱର, ୨୫।୭ (ସମିସ): ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର କ୍ୟାମ୍ପସ୍‌କୁ ଦୁଇଜଣ ବିଶିଷ୍ଟ ଶିକ୍ଷାବିତ୍ ଚୀନ୍‌ର ଗୁଆଙ୍ଗଡ଼ୋଙ୍ଗ ବିଦେଶୀ ଭାଷା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ଗାବିନ୍ ସଙ୍ଗ୍ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଚେୟାର୍ ପ୍ରଫେସର ଏମଆରଡିସି, ପ୍ରଫେସର୍ ଡ. ସୁଚେତା ପ୍ରିୟବାଦିନୀ ପରିଦର୍ଶନ କରିଛନ୍ତି। ଉଭୟଙ୍କୁ ଏକ ଅତିଥି ଅଧ୍ୟାପନା କାର୍ଯ୍ୟକ୍ରମ ନିମନ୍ତେ ଆମନ୍ତ୍ରଣ କରାଯାଇଥିଲା। ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର୍ ଡ଼ ଜୟଦେବ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଆଇଏମଟିର ଅନୁସନ୍ଧାନ ଓ ପ୍ରକାଶନ ବିଭାଗର ସହଯୁକ୍ତ ଡିନ୍ ସୋମା ମିତ୍ର ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଡ. ଗାବିନ୍ ସଙ୍ଗଙ୍କ ଦ୍ୱାରା ଦିଆଯାଇଥିବା 'ଭାରତ-ଦକ୍ଷିଣ କୋରିଆ ସମ୍ପର୍କ ଓ ଉଦୀୟମାନ ବିଶ୍ୱବ୍ୟାପୀ ଚାକିରି ସୁଯୋଗ' ବିଷୟରେ ଆଲୋଚନା ହୋଇଥିଲା। ଆଇଆଇଏମଟିର ଅଧ୍ୟକ୍ଷ ପ୍ରଫେସର୍ ଡ. ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର୍ ଡ. ଜୟଦେବ କର ଅତିଥିମାନଙ୍କୁ ସମ୍ମାନୀତ କରିଥିଲେ। ଶେଷରେ ଆଇଆଇଏମଟିର ପ୍ରିନ୍ସିପାଲ୍ ପ୍ରଫେସର୍ ଡ. ହିମାଂଶୁ ଶେଖର ମହାରଣାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ

# ଡିଜିଟାଲ୍ ଓ ଏଆଇ ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ ହେବ ଓଡ଼ିଆ ଭାଷା

ଭୁବନେଶ୍ୱର, ୨୫।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାର ସାରସ୍ୱତ ସାହିତ୍ୟ ସମ୍ଭାରକୁ ନୂତନ ପିଢ଼ି ପାଖରେ ପହଞ୍ଚାଇବାରେ ଓଡ଼ିଶା ସାହିତ୍ୟ ଏକଡେମୀ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହାସହ ବିଗତ ଏକବର୍ଷ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିବା ସହ ଡିଜିଟାଲ ଏବଂ ଏ.ଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ପ୍ଲାଟଫର୍ମରେ ଓଡ଼ିଆ ଭାଷାକୁ ଅନ୍ତର୍ଭୁକ୍ତ କରାଇବାକୁ ପ୍ରୟାସ ଜାରି ରଖିବାକୁ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିବା ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଣ୍ଡିତ ହରିହର ଦାସ', ସାରସ୍ୱତ ସାଧକ ନନ୍ଦ କିଶୋର ସାମଲ, ଶ୍ରୀ ଜଗନ୍ନାଥ ଐତିହ୍ୟ ଶତକ, ମୃତ୍ୟୁଞ୍ଜୟ, ନାଟ୍ୟ ଶାସ୍ତ୍ର (ପ୍ରଥମ ଓ ଦ୍ୱିତୀୟ ଖଣ୍ଡ), କୋଣାର୍କ (ଦୟାନିଧି ମିଶ୍ର ବିଶେଷାଙ୍କ), କୋଣାର୍କ (ଗଙ୍ଗାଧର ମେହେର ବିଶେଷାଙ୍କ), କୋଣାର୍କ (ସୁରେନ୍ଦ୍ର ମହାନ୍ତି ବିଶେଷାଙ୍କ), ବ୍ରତ ସାହିତ୍ୟ, ଲୋକରତ୍ନ କୁଞ୍ଜବିହାରୀ ଦାଶ, ବ୍ଲାକ ଟାଇଗର ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ରାଜ୍ୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକ (ଓଡ଼ିଆ) ପାଠ୍ୟକ୍ରମରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତାଙ୍କ ସମେତ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



## ଜରାଶ୍ରମରେ ନିଆରା ଜନ୍ମଦିନ ପାଳନ

ଭୁବନେଶ୍ୱର, ୨୫।୭ (ସମିସ): ଓଡ଼ିଆ ଦୈନିକ ଖବର କାଗଜର ସ୍ତମ୍ଭ ଲେଖକ ରବିନାରାୟଣ ପଟ୍ଟନାୟକ ତାଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଥିଲେ। ସ୍ୱପ୍ନ ମନ୍ଦିର ଜରାଶ୍ରମରେ ଉପସ୍ଥିତ ବୃଦ୍ଧ ପିତା ମାତାଙ୍କ ଗ୍ରହଣରେ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା ଜନ୍ମଦିନ ହେଉଛି ଏକ ଖୁସି ଦିନ। ଏହି ଦିନରେ ଯଦି ଅସହାୟମାନେ ଖୁସି ହୋଇପାରୁଛନ୍ତି ଏହାଠାରୁ ବଡ଼ କଥା ଆଉ କିଛି ନହେଇ ପାରେ ବୋଲି ଲେଖକ କହିଛନ୍ତି।

## ହାଇଟେକ୍ ଫାର୍ମାସୀ କଲେଜର ସଫଳତା



ଭୁବନେଶ୍ୱର, ୨୫।୭ (ସମିସ): ସଫଳତା ସାଉଁଟୁଛି ଭୁବନେଶ୍ୱରସ୍ଥିତ ହାଇଟେକ୍ ଫାର୍ମାସୀ କଲେଜ। ଶେଷ ବର୍ଷର ବିଦ୍ୟାର୍ଥୀ ସାଇ ସରସ୍ୱତୀ ଖୁଣ୍ଟିଆ, ଋତୁପର୍ଣ୍ଣା ରାଉତ, ଅନନ୍ୟା କୁମାରୀ ସେଠୀ ସର୍ବଭାରତୀୟ ସ୍ତରରେ 'ଜିପଏଟି' ରେ ଆଗୁଆ ଅଛନ୍ତି। ସେହିପରି ଦମୟନ୍ତୀ ପୱର, ଅର୍ପିତା ବାରିକ, ଜନ୍ମେଜୟ କାସ୍ତା, ବିକାଶ ଟୁଡୁ, ଅର୍ଘ୍ୟରୂପା ରାଉତ, ଭୂମିକା ସାହୁ, ରାଜଶ୍ରୀ କାସ୍ତା, ଶାସ୍ୱତୀ ମହାନ୍ତି, ଋତୁପର୍ଣ୍ଣା ରାଉତ, ସ୍ମୃତିରେଖା ଲେଙ୍କା, ସ୍ୱସ୍ତି ସାର, ସ୍ମାରକ ରଏ ପ୍ରମୁଖ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ସଫଳତା ପାଇଛନ୍ତି। ସମୁଦାୟ ୧୩ ଜଣ ଛାତ୍ରଛାତ୍ରୀ ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷ ଓ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ ସମସ୍ତଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ହାଇଟେକ୍ ଗ୍ରୁପର ଉପ-ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ, ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର କର, ଉପାଧ୍ୟକ୍ଷା ବବିତା ସାହୁ, ଅଧ୍ୟାପକ ଦେବାଶିଷ କରନ୍, ନମିତ ନାୟକ, ସୌମ୍ୟରଞ୍ଜନ ଘଡ଼େଇ, ଅଧ୍ୟାପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ, ତମନ୍ନା ତୁଷ୍ଟା ସାହୁ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିରନ୍ତର ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେବା ଯୋଗାଇବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଛନ୍ତି।

## ଜରାଜୀର୍ଣ୍ଣ ଅବସ୍ଥାରେ ଇନ୍ଦିରା ଗାନ୍ଧୀ ପାର୍କ

# କାମ କରୁନି ପାଣି ଟ୍ୟାପ୍; ଅଚଳ ଇ-ଟଏଲେଟ୍

ଭୁବନେଶ୍ୱର, ୨୫।୭ (ସମିସ)

ଜରାଜୀର୍ଣ୍ଣ ଅବସ୍ଥାକୁ ଅନେକ ପାର୍କ ଚାଲିଆସିଲାଣି। କିଛି ପାର୍କରେ ସାମଗ୍ରୀ ସବୁ ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ପାଣି ଏବଂ ଟଏଲେଟ୍ ଖରାପ ହୋଇ ପଡ଼ିଛି।

ରାଜଧାନୀରେ ମଧ୍ୟ ଅନେକ ପାର୍କର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ପାର୍କ ମଧ୍ୟରୁ ଜୟଦେବ ଭବନ, ଗୀତଗୋବିନ୍ଦ ସଦନ ଏବଂ ଲୋକସେବା ଭବନ ମଝିରେ ରହିଛି ଇନ୍ଦିରା ଗାନ୍ଧୀ ପାର୍କ ବା ଆଇଜି ପାର୍କ। ଏହି ପାର୍କ ସବୁଠୁ ପୁରୁଣା ଏବଂ ରାଜଧାନୀର ସବୁଠାରୁ ବଡ଼ ପାର୍କ। ପାର୍କ ଭିତରେ ଥିବା ଇନ୍ଦିରା ଗାନ୍ଧୀଙ୍କ ମୂର୍ତ୍ତି ମଳିନ ପଡ଼ିବା ସହ ସୂଚନା ଫଳକ ଲିଭି ଗଲାଣି। ସଞ୍ଜ ହେଲେ ପାର୍କ ଭିତର ଅଧିକାଂଶ ଅଞ୍ଚଳ ଅନ୍ଧାର ହୋଇପଡ଼ିଛି। ଯଦିବା ପାର୍କ ଭିତରେ ଆଲୋକୀକରଣ କରାଯାଇଛି କିନ୍ତୁ ସେଗୁଡ଼ିକ ମଧ୍ୟରୁ ଅନେକ ଜଳୁ ନ ଥିବା ବେଳେ କେତେକ ଲାଇଟ୍ ଖୁଣ୍ଟରେ ଗଛର ଡାଳ ମାଡ଼ି ରହିଛି। ଫଳରେ ପାର୍କର ଅଧିକାଂଶ ଅଞ୍ଚଳ ଅନ୍ଧାର ହୋଇପଡୁଛି। ବିଶେଷକରି ପାର୍କ କଡ଼ ଅଂଶରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଆବଶ୍ୟକ ସଂଖ୍ୟକ ସୁରକ୍ଷା କର୍ମୀ ନ ଥିବାରୁ ଅନୈତିକ କାର୍ଯ୍ୟ ଚାଲୁଥିବା ଅଭିଯୋଗ ହେଉଛି। ଅନେକ ସମୟରେ ପାର୍କ ଭିତରେ ଛୋଟମୋଟ ଚୋରିଠାରୁ ଆରମ୍ଭ କରି ଛିନ୍‌ତାଇ ଓ ଅପରାଧମୂଳକ କାର୍ଯ୍ୟ ଚାଲୁଥିବାର ନଜିର୍ ମଧ୍ୟ ରହିଛି। ସୁରକ୍ଷା ଅଭାବ ଯୋଗୁଁ ଅନେକ ନିଶା ଦ୍ରବ୍ୟ କାରବାର ଏବଂ ସେବନର ଆଡ୍ଡାସ୍ଥଳ ପାଲଟିଛି। ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚାରିପଟେ ଲାଗିଥିବା ବ୍ୟାରିକେଟ ଭାଙ୍ଗିବା ସହ ଅନ୍ୟତମ ଆକର୍ଷଣ ଥିବା ଡେଣା ଲଗା ଚେୟାରରେ କଳଙ୍କି ଲାଗିବା ସହ ସିଟ୍ ଆଉ ନାହିଁ। ଫଳରେ ପାର୍କକୁ ଆସୁଥିବା ଲୋକମାନଙ୍କ ପାଇଁ କିଛି ମୌଳିକ ସୁବିଧା ନାହିଁ।



ଏହିପରି ମଧ୍ୟ ପାର୍କ ଭିତରେ ଥିବା ପରିକ୍ରମା ପ୍ରକଳ୍ପ ନଷ୍ଟ ହେବା ସହ ଏହା ପାଖରେ ଥିବା ପାଣି ଟ୍ୟାପ୍ ଭାଙ୍ଗି ପଡ଼ିଛି। ପାର୍କକୁ ଆସୁଥିବା ସହରବାସୀ ପାନୀୟ ଜଳାଭାବର ଶିକାର ହେଉଛନ୍ତି। ଏଥି ସହିତ ପାର୍କ ଭିତରେ ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଶୌଚାଳୟ ନାହିଁ। ଯେତିକି ଶୌଚାଳୟ ରହିଛି ସେଥି ମଧ୍ୟରୁ ଅନେକ ଶୌଚାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଏବଂ ସେଗୁଡ଼ିକ ବ୍ୟବହାର ଉପଯୋଗୀ ହୋଇନାହିଁ। ସେହିଭଳି ଭିତରେ ଥିବା ଇ-ଟଏଲେଟ୍‌ଗୁଡ଼ିକ ଖରାପ ହୋଇଗଲାଣି। ଯାହାଦ୍ୱାରା ଶୌ÷ଚାଳୟ ନ ପାଇ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଲୋକେ ଅନ୍ଧାରିଆ ଅଞ୍ଚଳରେ ଖୋଲାରେ ପରିସ୍ରା କରୁଥିବାରୁ ପାର୍କ ପରିସର ଦୁର୍ଗନ୍ଧରେ ଫାଟି ପଡୁଛି। ସେହିଭଳି ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ ଭିତରେ ଥିବା ୩ଟା ୱାଟର ଫାଉଣ୍ଟେନ୍ ଅଚଳ ହୋଇ ପଡ଼ିଥିବା ବେଳେ ବର୍ଷଜଳ ସଂରକ୍ଷଣ ପାଇଁ ହେଇଥିବା କୁଣ୍ଡ ଆବର୍ଜନା କୁଣ୍ଡ ପାଲଟି ଏହା ମଧ୍ୟରୁ ଦୁର୍ଗନ୍ଧ ବାହାରୁଛି। ଏନେଇ ପାର୍କରେ କାର୍ଯ୍ୟରତ ଥିବା ଜଣେ କର୍ମଚାରୀ କୁହନ୍ତି ବାରମ୍ବାର ଆମେ ଉପର ଅଫିସରଙ୍କୁ ଜଣାଉଛୁ ଏହି ଅସୁବିଧା ବିଷୟରେ ଜଣାଉଛୁ। କିନ୍ତୁ ବିଡ଼ିଏ ଓ ବିଏମ୍‌ସିର ଟଣାଓଟରାରେ ଲୋକମାନେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି। (ରଞ୍ଜନା)



# ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି ଭିମ୍‌ସାର ସୁପରସ୍ପେସାଲିଟି ହସ୍‌ପିଟାଲ

**ସମ୍ବଲପୁର, ୨୫।୭ (ସମିସ)**

ପୂର୍ବତନ ସରକାରଙ୍କ ପ୍ରଚେଷ୍ଟାରେ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର୍)ରେ ସୁପରସ୍ପେସାଲିଟି ହସ୍‌ପିଟାଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରାଗଲା। ହସ୍‌ପିଟାଲ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ବିଜେପି ସରକାରଙ୍କ ଅତିଥିଙ୍କ ସମୟ ଅଭାବରୁ ବାରମ୍ବାର ଉଦ୍‌ଘାଟନୀ ଉତ୍ସବ ବାତିଲ ହୋଇଥିଲା। ତାରିଖ ନିର୍ଦ୍ଧାରିତ ହେବା ପରେ ମଧ୍ୟ ୩ରୁ ୪ ଥର ଏହା ବାତିଲ ହୋଇଥିଲେ। ମେ' ୩୦ ତାରିଖ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। କିନ୍ତୁ ବାସ୍ତବରେ ଏହି ସୁପରସ୍ପେସାଲିଟି ହସପିଟାଲ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ନଥିବା ପରିଲିକ୍ଷିତ ହେଉଛି। ହସ୍‌ପିଟାଲର ତଳ ମହଲାରେ ଥିବା ଫାର୍ମାସି କାଉଣ୍ଟର ପ୍ରାୟ ଦିନ ବନ୍ଦ ରହୁଥିବା ଅଭିଯୋଗ ହୋଇଛି। ବିରାଟକାୟ ଫାର୍ମାସି କାଉଣ୍ଟର ରହିଛି। ମହିଳା ପୁରୁଷ ଅଲଗା ଅଲଗା କାଉଣ୍ଟର କରାଯାଇଛି। ଏହା ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହିବା ନେଇ ନୋଟିସ ମଧ୍ୟ ଜାରି କରାଯାଇଛି। ଅପରାହ୍ନ ୧ରୁ ୨ଟା ଯାଏଁ ଲଞ୍ଚ ବ୍ରେକ ରହିଛି। କିନ୍ତୁ ବାସ୍ତବରେ ରବିବାର ଦିନ ୧୧ ଟା ବେଳକୁ ଏହି କାଉଣ୍ଟରଟି ବନ୍ଦ ରହିଥିବା ନଜର ରହିଛି। ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଉଥିବା ଭିମସାର ଉପରେ ନିର୍ଭରଶୀଳ ହଜାର ହଜାର ଲୋକଙ୍କ ଉପଯୁକ୍ତ ଚିକିତ୍ସା ସୁବିଧାକୁ ଆହୁରି ଉନ୍ନତ ପ୍ରଣାଳୀରେ କରିବାକୁ ଭିମ୍‌ସାର ସୁପରସ୍ପେସାଲିଟି ହସ୍ପିଟାଲ୍ ନିର୍ମାଣ ପରିକଳ୍ପନା କରାଯାଇଥିଲା। ଏହା ହେଲା ପରେ ପଶ୍ଚିମ ଓଡ଼ିଶାବାସୀ ବିଶେଷ ଭାବେ ଅନ୍ୟ ଆଡେ ନଯାଇ ଏଠାକୁ ଆସିବାର ଲକ୍ଷ୍ୟ ରଖିଥିଲେ। କେବଳ ଫାର୍ମାସି କାଉଣ୍ଟର ସମସ୍ୟା ନାହିଁ। ରିସେପସନ ଓ ପଞ୍ଜୀକରଣ ଆଇପିଡ଼ି କାଉଣ୍ଟର କାର୍ଯ୍ୟକ୍ଷମ ହୋଇ ନାହିଁ। ଏହି ସବୁ ସମସ୍ୟାର ମୂଳ କାରଣ ହେଉଛି କର୍ମଚାରୀ ଅଭାବ। ନୂତନ ସୁପରସ୍ପେସାଲିଟି ହସପିଟାଲ ପାଇଁ କୌଣସି ସ୍ୱତନ୍ତ୍ର କର୍ମଚାରୀ, ଡାକ୍ତର ରହିନାହାନ୍ତି। ଭିମସାରର ଥିବା କର୍ମଚାରୀ ଡାକ୍ତର ସେଠାରେ ସିଫ୍ଟ ଅନୁସାରେ କାର୍ଯ୍ୟ କରୁଛନ୍ତି।

ସୂଚନା ଅନୁସାରେ ଭିମସାର ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ମେରୁଦଣ୍ଡ। ଏଥିରେ ସମ୍ବଲପୁର ସମେତ ୧୩ଟି ଜିଲ୍ଲାର ଜନସାଧାରଣ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ଅଞ୍ଚଳ ଗୁଡିକରେ ରହୁଥିବା ଲୋକମାନେ ନିର୍ଭର କରିଥାନ୍ତି। ଲୋକଙ୍କ ଆବଶ୍ୟକ ଅନୁସାରେ ଉପଯୁକ୍ତ ଚିକିତ୍ସା ସୁବିଧାକୁ ଆହୁରି ଉନ୍ନତ ପ୍ରଣାଳୀରେ କରିବାକୁ ଏହାକୁ ନିର୍ମାଣ କରାଯାଇଛି। ଏଥିରେ ସିକିଲ ସେଲ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଛି। ସୁପରସ୍ପେସାଲିଟି ହସ୍ପିଟାଲ୍ ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ରହିଛି। ଏହି ସୁପର୍ ସ୍ପେସାଲିଟି ହସ୍ପିଟାଲରେ ୟୁରୋଲଜି, ନେଫ୍ରୋଲଜି, ନ୍ୟୁରୋଲଜି, ନ୍ୟୁରୋସର୍ଜରୀ, ପେଡ଼ିଆଟ୍ରିକ୍ସ ସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି, ଏଣ୍ଡୋକ୍ରାଇନୋଲଜି ଏବଂ କ୍ଲିନିକାଲ୍ ହେମାଟୋଲଜି ସମେତ ନଅଟି ସୁପର୍ ସ୍ପେସାଲିଟି ବିଭାଗ ରହିଛି। ଡାକ୍ତର ଅଭାବ ଯୋଗୁଁ ସୁପରସ୍ପେସାଲିଟି ହସ୍ପିଟାଲ୍ ଠାରେ ସବୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ତଥା ମେସିନ ଥାଇ ବହୁ ଅସହାୟ ରୋଗୀ ଉନ୍ନତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି। ନୂତନ ହସପିଟାଲ ପରିସର ସଫାସୁତୁରା ରହୁଛି। କେବଳ ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭିମସାର କର୍ତ୍ତୃପକ୍ଷ ଓ ରାଜ୍ୟ ସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।







**ଫାର୍ମାସି କାଉଣ୍ଟର ବନ୍ଦ**

**ରିସେପସନ୍ ଓ ପଞ୍ଜୀକରଣ ଡେସ୍କ ଆରମ୍ଭ ହୋଇନି**

**ନୂତନ ବିଲ୍ଡିଂ ପାଇଁ କର୍ମଚାରୀ ଅଭାବ**

# ବର୍ଷାରେ ଭଙ୍ଗା ଘରେ ଜୀବନ



**ଅସହାୟ ଅବସ୍ଥାରେ ପରିବାର**

**କୁଚିଣ୍ଡା, ୨୫। ୭(ସମିସ):** କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଚାରଭାଟି ଗ୍ରାମର ରାଜିନ ପିଙ୍ଗଙ୍କ ଘର ଗତ ପାଞ୍ଚ ଦିନ ତଳେ ପ୍ରବଳ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ଗରିବ ପରିବାରର ଦୁଇ ସ୍ୱାମୀ, ସ୍ତ୍ରୀ ଜୀବନକୁ ବାଜି ଲଗାଇ ସେହି ଭଙ୍ଗା ଘରେ ପ୍ରବଳ ବର୍ଷାରେ ରହୁଛନ୍ତି। ସୂଚନାନୁସାରେ ବିଗତ ସପ୍ତାହେ ହେବ କୁଚିଣ୍ଡା ଅଞ୍ଚଳରେ ବର୍ଷା ଲାଗି ରହିଛି। ପ୍ରବଳ ବର୍ଷା ଯୋଗୁଁ ପ୍ରାୟ ପାଞ୍ଚ ଦିନ ତଳେ ଚାରଭାଟି ଗ୍ରାମର ରାଜିନ ପିଙ୍ଗଙ୍କ ଘର ଭାଙ୍ଗି ଯାଇଛି। ସେ ଏବଂ ତାଙ୍କ ସ୍ତ୍ରୀ ଶ୍ରୀମତି ଅତି ଦୁଃଖରେ ସେହି ଭଙ୍ଗା ଘରେ ପ୍ରବଳ ବର୍ଷାରେ ରହୁଛନ୍ତି। ସେମାନେ ଅତି ଗରିବ ଦିନ ମଜୁରିଆ ହୋଇ ଥିବାରୁ ଏବଂ ସ୍ୱାସ୍ଥ୍ୟ ଖରାପ ଥିବାରୁ ନିଜ ଦୁଃଖ ଜଣାଇବା ପାଇଁ ପ୍ରଶାସନ ନିକଟକୁ ଯାଇପାରୁ ନାହାଁନ୍ତି। ଦୁଇ ସ୍ୱାମୀ ସ୍ତ୍ରୀ ପରିଣତ ବୟସରେ ଉପନୀତ ହୋଇ ସାରିଥିଲେ ମଧ୍ୟ କେହି ହେଲେ ଭତ୍ତା ପାଉ ନାହାଁନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି ଗରିବ ପରିବାରକୁ ଘର ଖଣ୍ଡିଏ ପ୍ରଦାନ କରାଯିବାକୁ ଦାବି ହେଉଛି।

# ଜିଏମ୍ ମାଧମିକ ସ୍କୁଲରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ସମ୍ବଲପୁର, ୨୫।୭ (ସମିସ):** ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଳଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁକ୍ତଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ କଳା, ଧନ୍ଦାମୂଳକ ବିଜ୍ଞାନ ସ୍ରୋତର ସଂଖ୍ୟାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ଓ ଅନ୍ୟ ସମସ୍ତ ଅଧ୍ୟାପକଅଧ୍ୟାପିକା ସହ ପରିଚିତ କରାଯାଇଥିଲା। ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପ୍ରତି ନିଷ୍ଠା ରଖି ଦେଶ ଗଠନରେ କିପରି ସହାୟକ ହେବେ ମାର୍ଗ ଦର୍ଶନ କରିଥିଲେ। 'ଶିକ୍ଷା ଜ୍ୟୋତି' ଏବଂ 'ସାଥୀ' ଦୁଇଟି ଉପାଦେୟ ପୋର୍ଟାଲ ସମ୍ପର୍କରେ ଅବଗତ କରାଇ ବିଦ୍ୟାଳୟର ବିଭିନ୍ନ ନିୟମ, ଶୃଙ୍ଖଳା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ପ୍ରିୟଙ୍କା ଅନୁରାଗ, ଜ୍ୟୋତ୍ସ୍ନାରାଣୀ ରାଉତ, ଜସ୍ମିନ୍ ବେରିହା, ପ୍ରଜ୍ଞା ନନ୍ଦ ଓ ପ୍ରାଚୀ ହୋତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହାପ୍ରବନ୍ଧକଙ୍କ ସମ୍ବଲପୁର-ଟିଟଲାଗଡ଼-ଥେରୁବାଲି ସେକ୍ସନ ନିରୀକ୍ଷଣ

**ସମ୍ବଲପୁର, ୨୫।୭ (ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ସମ୍ବଲପୁର ମଣ୍ଡଳ ଅଧୀନରେ ସମ୍ବଲପୁର-ଟିଟଲାଗଡ଼-ଥେରୁବାଲି ରେଳ ସେକ୍ସନର ଯାଞ୍ଚ କରିଥିଲେ। ଗସ୍ତ ସମୟରେ, ମହାପ୍ରବନ୍ଧକ ବରଗଡ଼ ରୋଡ୍, ବରପାଲି ଏବଂ ଦଇକାଲ୍ଲୁ ସମେତ ପ୍ରମୁଖ ଷ୍ଟେସନଗୁଡ଼ିକ କାମ ପରିଖି ଥିଲେ। ଯାତ୍ରୀଙ୍କ ସୁବିଧା, ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଗତି ଏବଂ ସମଗ୍ର ସେକ୍ସନରେ ଭିତ୍ତିଭୂମି ବୃଦ୍ଧି ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଉନ୍ନତ ଯାତ୍ରୀ ଅଭିଜ୍ଞତା ପାଇଁ ଷ୍ଟେସନ ସୁବିଧାଗୁଡ଼ିକୁ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଫ୍ରଣ୍ଟଲାଇନ୍ ରେଳ କର୍ମଚାରୀଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଏବଂ ମଣ୍ଡଳର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



# ରେଢ଼ାଖୋଲ ବ୍ଲକ୍‌ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

**ରେଢ଼ାଖୋଲ, ୨୫।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ପଞ୍ଚାୟତସ୍ଥିତ କେନ୍ଦୁପତ୍ର ଶ୍ରମିକ ଭବନ ପରିସରରେ ଶୁକ୍ରବାର ଦିନ ବିଜୁ ଜନତା ଦଳ ୬ଟି ପଞ୍ଚାୟତକୁ ନେଇ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଜେଡ଼ି ବ୍ଲକ ସଭାପତି ଉଦିତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗ ଦେଇ ବିଜେଡ଼ି ସଂଗଠନ ଉପରେ ଗୁରୁମନ୍ତ୍ର ଦେବା ସହ ପୂର୍ବ ବିଜେଡ଼ି ସରକାର ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେପି ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ଆଗାମୀ ଦିନରେ ଓଡ଼ିଶାରେ ନବୀନ ସରକାର ଆସିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଆଗାମୀ ଦିନରେ ଦୁଇଟି ପର୍ଯ୍ୟାୟରେ ୮ଟି ପଞ୍ଚାୟତର ବୈଠକ ହେବ ବୋଲି ମତ ପ୍ରକାଶ କରିଥିଲେ। ବୈଠକରେ ଚାରମାଳ, ଗରଗଡ଼ବାହାଲ, ମୁଚିବାହାଲ, ଭାଲିଆକଟା, ବଡ଼ମାଳ, ରେଙ୍ଗାଲି ପଞ୍ଚାୟତର ପ୍ରମୁଖ ବରିଷ୍ଠ କର୍ମୀ ମାନେ ଯୋଗଦାନ କରିଥିଲେ। ବୈଠକରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ଜିଲ୍ଲା ଉପସଭାପତି ଅନାଦି ସାହୁ, କିଶୋର ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ରମାକାନ୍ତ ଗଡ଼ନାୟକ, ଘନଶ୍ୟାମ ପ୍ରଧାନ, ରାଧାକାନ୍ତ ନନ୍ଦ, ସୌମିତ୍ରୀ ଜେନା, ଆତ୍ମଜ ନାୟକ, ଅଜିତ ଦେଓ, ବଳରାମ ବରିହା, ନିହାର ରଞ୍ଜନ ଦାସ, ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ ସମେତ ଅନ୍ୟ ବହୁ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଜନତା ଦଳରୁ ଆଜି ପର୍ଯ୍ୟନ୍ତ ସଙ୍ଗଠନରେ ଥିବା ୨୨ ଜଣ ବରିଷ୍ଠ ବିଜେଡ଼ି କର୍ମୀଙ୍କୁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। କର୍ମୀ ସମ୍ମିଳନୀରେ ଚାରମାଳ ଗ୍ରାମର ତୁଷାରକାନ୍ତ ପ୍ରଧାନ ଓ ରେଢ଼ାଖୋଲ ରମେଶ ପ୍ରସାଦ କର୍ଣ୍ଣଙ୍କ ବିୟୋଗରେ ନୀରବ ପ୍ରାର୍ଥନା ହୋଇଥିଲା।




# ଡାକ୍ତରଖାନାରେ ଜଳିଗଲା ଅଚଳ ଗାଡ଼ି

**କୁଚିଣ୍ଡା, ୨୫।୭(ସମିସ):** କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନା ପରିସରରେ ପରିତ୍ୟକ୍ତ ଅବସ୍ଥାରେ ବହୁ ଦିନ ଅଚଳ ଅବସ୍ଥାରେ ପଡ଼ି ରହିଥିଲା। ଗୁରୁବାର ଅପରାହ୍ନରେ କିଏ ଓ କାହିଁକି ନିଆଁ ଲଗାଇ ଦେଲା ବୁଝି ପଡୁନାହିଁ। ଓଡ଼ି ୧୫ ଡି-୩୧୩୬ ମହିନ୍ଦ୍ରା ଗାଡ଼ି ହୁତୁ ହୁତୁ ହୋଇ ଜଳିବା ପରେ ଡାକ୍ତରଖାନାକୁ ଆସିଥିବା ରୋଗୀ ପରିଜନ ଦେଖି ପାଟି ତୁଣ୍ଡ କରିବା ପରେ ଡାକ୍ତରଖାନାରେ କର୍ତ୍ତବ୍ୟରତ ଡାକ୍ତର ନର୍ସ, କର୍ମଚାରୀ ଦେଖିବା ପରେ କୁଚିଣ୍ଡା ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳବାହିନୀ ଆସି ଜଳୁଥିବା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ପରିତାପର ବିଷୟ ହେଲା ଗାଡ଼ି ଗୁଡ଼ିକ ଦୀର୍ଘ ଦିନ ଧରି ପଡ଼ି ରହିଥିବା ବେଳେ ହଠାତ ଗୁରୁବାର ଅପରାହ୍ନରେ ଗାଡ଼ିଟି ହୁତୁ ହୁତୁ ଜଳିବା ପଛରେ ଉଦ୍ଦେଶ୍ୟ କଣ ହୋଇପାରେ। ଆହୁରି ମଧ୍ୟ କୌଣସି ବ୍ୟକ୍ତି ବିଡି କିମ୍ବା ସିଗାରେଟ ଖାଇବା ପରେ ଫିଙ୍ଗି ଦେଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ଡାକ୍ତରଖାନାର ମୁଖ୍ୟ ଡ଼ା ସୁବୋଧ ନାୟକଙ୍କୁ ପଚାରିବାରୁ ନିଆଁ ଲଗାଇବାରେ କୌଣସି କାରଣ ଜଣା ପଡୁନାହିଁ। ଅଚଳ ହୋଇ ବହୁ ଦିନରୁ ପଡ଼ି ରହିଥିଲା, ସେ ପଟେ ସିସିଟିଭି ନାହିଁ। ଜଳାଇବାର କାରଣ ବି ଜଣାପଡୁନାହିଁ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।

# ୨ ମୋବାଇଲ ଲୁଟେରା ଗିରଫ



**ସମ୍ବଲପୁର, ୨୫।୭ (ସମିସ) :** ଅଇଁଠାପାଲି ଥାନା ଅଞ୍ଚଳରେ ଛୁରୀ ଦେଖାଇ ଲୁଟ୍ କରିଥିବା ଦୁଇଜଣ ଲୁଟିଆଙ୍କୁ ପୁଲିସ ଗିରଫ କରିଛି। ସୂଚନାନୁଯାୟୀ ଗତ ମାର୍ଚ୍ଚ ୮ ତାରିଖ ସନ୍ଧ୍ୟା ସାଢ଼େ ୭ଟାରୁ ୮ଟା ମଧ୍ୟରେ ଅଭିଯୁକ୍ତ ସମିର ମାଳି ଓ ରାକେଶ ମାଳି ଅଇ:ଠାପାଲି ଉପରଛକ ନିକଟରେ ଦୁଇଜଣଙ୍କୁ ଛୁରୀ ଦେଖାଇ ଗୋଟିଏ ମୋଟୋରାଲା ମୋବାଇଲ ଓ ଗୋଟିଏ ରିଅଲ୍‌ମି ମୋବାଇଲ ଏବଂ ନଗଦ ୬ ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୋଗ ପରେ ଅଇଁଠାପାଲି ପୁଲିସ କେସ ନଂ. ୭୧ ତା ୧୨-୩-୨୦୨୫ ଦଫା ୩୦୯ (୪) ବିଏନ୍‌ଏସ୍‌ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ଅଭିଯୁକ୍ତ ଦୁଇଜଣଙ୍କୁ ପୁଲିସ ଗିରଫ କରିବାସହ ମୋବାଇଲ ଜବତ କରିଛି।

# ରେଳବାଇ ଗେଟ୍‌ରେ କାର୍ ଦୁର୍ଘଟଣାଗ୍ରସ୍ତ

**ସମ୍ବଲପୁର, ୨୫।୭ (ସମିସ) :** ସମ୍ବଲପୁର ଉପକଣ୍ଠସ୍ଥ ଲକ୍ଷ୍ମୀଡୁଙ୍ଗୁରୀ ପାଖରେ ଥିବା ରେଳବାଇ ଗେଟ୍‌ଠାରେ ବାରମ୍ବାର ଦୁର୍ଘଟଣା ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ କାର୍ ଆସି ରେଳବାଇ ଗେଟ୍ ପିଲର୍‌ରେ ଧକ୍କା ଦେବାରୁ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣରୂପେ ଭାଙ୍ଗିଯାଇଛି। ତେବେ, ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜାତୀୟ ରାଜପଥର ଏହି ସ୍ଥାନଟି ତ୍ରୁଟିପୂର୍ଣ୍ଣ ରହିଥିବାରୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ଏକ ୨୦ଚକିଆ ଟ୍ରକ୍ ଏଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳବାସୀ ଦାବି କରିଛନ୍ତି।



# ସିଡିପି ପ୍ରସ୍ତୁତିରେ ଆଇଆଇଏମ୍‌କୁ ସାମିଲ ଦାବି

**ସମ୍ବଲପୁର, ୨୫।୭ (ସମିସ) :** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଢାଞ୍ଚାରେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସଡିଏ) କୁ ଗଢ଼ିତୋଳିବା ପାଇଁ ବହୁଦିନରୁ ଦାବି ହୋଇଆସୁଛି। ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ଅଧ୍ୟକ୍ଷ ପଦ ପୂରଣ ନକରିବା ଅଞ୍ଚଳ ପ୍ରତି ଅବହେଳାର ଜ୍ୱଳନ୍ତ ଉଦାହରଣ। ଏହା ପୂରଣ ନହେବା ଫଳରେ ଅନେକ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ସହ ପ୍ରବର୍ତ୍ତନକୁ କଡ଼ାକଡ଼ି କରାଯାଇ ଲୋକଙ୍କ ସମସ୍ୟା ସମାଧାନ କରାଯାଉ ବୋଲି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ଏସଡିଏ ସମ୍ପାଦକ ସୀତାଂଶୁ ତ୍ରିପାଠୀ କହିଛନ୍ତି। ଗତଦିନରେ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ୨୦୩୬ ଓ ୨୦୪୭ ମସିହାକୁ ଦୃଷ୍ଟିରେ ରଖି ନୂତନ ସମନ୍ୱିତ ବିକାଶ ଯୋଜନା (ସିଡିପି) କାର୍ଯ୍ୟକାରୀ କରିବାକୁ ହୋଇଥିବା ବୈଠକକୁ ସେ ସ୍ୱାଗତ କରିଛନ୍ତି। ଏଥିସକାଶେ ଦୁଇ ସପ୍ତାହ ମଧ୍ୟରେ ଏକ ସର୍ଭେ ଓ ସର୍ବେକ୍ଷଣ ସମ୍ବଲପୁର ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ ଯଥା - ଜନସଂଖ୍ୟା, ସାମାଜିକ ସ୍ଥିତି, ଅର୍ଥନୈତିକ, ଗୃହ, ଜମି, ପୋଖରୀ, କଟା, ବନ୍ଧ, ଉଦ୍ୟାନ, ପାର୍କ, ପାର୍କିଂ ସ୍ଥାନ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଅବସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ କରାଯିବାକୁ ନିଷ୍ପତ୍ତି ହୋଇଛି।

ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷକୁ ପଙ୍ଗୁ ଅବସ୍ଥାରେ ରଖାଯିବାକୁ ନେଇ ଶ୍ରୀ ତ୍ରିପାଠୀ ଉଦବେଗ ପ୍ରକାଶ କରିଛନ୍ତି। ଅତୀତରେ ବଡ଼ ବଡ଼ ପରିକଳ୍ପନା କରୁଥିବା ଏହି ସଂସ୍ଥାର ପୂର୍ବ ଗାରିମା ଫେରାଇ ଆଣିବା ପାଇଁ ସରକାରୀସ୍ତରରେ ଉଦ୍ୟମ ଆବଶ୍ୟକ। ପୂର୍ବରୁ ସିଡିପି ପାଇଁ ଗୁଜରାଟର ଏକ ସଂସ୍ଥାକୁ ଦିଆଯାଇଥିଲା। କିନ୍ତୁ ତାହା ସେତେଟା ଫଳପ୍ରଦ ହୋଇ ନଥିବା କୁହାଯାଉଛି। ଯଦି ଆଇଆଇଏମ ସମ୍ବଲପୁରକୁ ସିଡିପି ପ୍ରସ୍ତୁତିରେ ଭାଗିଦାରୀ କରାଯାଏ ସୁଫଳ ମିଳିପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

# କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ରୋକିବାକୁ ପ୍ରଶିକ୍ଷଣ

**ସମ୍ବଲପୁର, ୨୫।୭(ସମିସ):** ବିଭିନ୍ନ ସଂସ୍ଥା, କାର୍ଯ୍ୟାଳୟ ଓ ଅଣସଂଗଠିତ କ୍ଷେତ୍ରରେ ଯୌନ ନିର୍ଯାତନା ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ଛମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ, ଯୁଯୁମୁରାରେ ଆକ୍ସନଏଡ୍, ଷ୍ଟୋରିଫର୍ ଚେଞ୍ଜ ଓ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ପ୍ରଶିକ୍ଷଣ ଶିବର ଅନୁଷ୍ଠିତ ହୋଇଥିଲା। ଏଥିରେ ମେଘପାଲ ଓ ଛମୁଣ୍ଡା ପଞ୍ଚାୟତରୁ ୩୫ ଜଣ ଅଙ୍ଗନବାଡ଼ି କର୍ମୀ, ସମୁଦାୟ ସଂସାଧକ, ଯୁବ ନେତାମାନେ ଅଂଶଗ୍ରହଣ କରିଥିଲେ। ଶିବିରରେ ମହିଳା ନେତୃତ୍ୱ ମାନଙ୍କୁ ସକ୍ଷମ କରିବା ଏବଂ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ନିର୍ଯାତନା ଆଇନ ବିଷୟରେ ଯୁବତୀ ଓ ମହିଳାମାନଙ୍କୁ ସଚେତନ କରିବା। ମୁଖ୍ୟ ଅତିଥି ଭାବରେ ଯୁଯୁମୁରା ସିଡିପିଓ ମିନତି ଦାଶ ଉପସ୍ଥିତ ଥିଲେ। ତାଲିମ୍ ଦାତା ଭୂମିସୁତା ସାହୁ ଏହି ପ୍ରଶିକ୍ଷଣକୁ ସଞ୍ଚାଳନ କରିଥିଲେ। ଆଗକୁ ଯୁଯୁମୁରା ବ୍ଲକର ୩୦-୪୦ଟି ଗାଁରେ ମହିଳା, ଯୁବତୀ ଓ ଏସଏଚ୍‌ଜି ସଦସ୍ୟଙ୍କୁ ସଚେତନ କରିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଶ୍ମିତା, ସୁଜାତା ବିଜୟ ଓ ସୂର୍ଯ୍ୟ ନାରାୟଣ ସହଯୋଗ କରିଥିଲେ।




# ଭିମ୍‌ସାରରେ ରକ୍ତ ସଂକଟ

**ସମ୍ବଲପୁର, ୨୫।୭ (ସମିସ):** ଭିମସାର ରକ୍ତଭଣ୍ଡାରରେ ସଂକଟ ଲାଗି ରହିଛି। ଗତ ପ୍ରାୟ ୧୦ ଦିନ ହେଲା ରକ୍ତଦାତାଙ୍କ ଅଦଳବଦଳରେ ଚାଲିଥିବାବେଳେ ପ୍ରତିଦିନ ଫେରୁଛନ୍ତି ଥାଲାସେମିଆ ରୋଗୀ। ଗତ ବୁଧବାର ଗୋଡ଼ଭଗାର କୁଲଡାଟୁକ୍ରାଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେଠାରେ ମାତ୍ର ୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ତେବେ, ଏହା ରକ୍ତ ଆବଶ୍ୟକ କରୁଥିବା ରୋଗୀ ମାନଙ୍କ ସକାଶେ ବହୁ ଉପଯୋଗୀ ଥିଲା। ସେଗୁଡ଼ିକ ସରିଯାଇଥିବାବେଳେ ଆଜି ଶୁକ୍ରବାର ରକ୍ତଭଣ୍ଡାର 'ଖାଲି' ହୋଇଯାଇଛି। ଆଜି ଭିମସାର ରକ୍ତଭଣ୍ଡାରର ଜଣେ ବରିଷ୍ଠ କର୍ମଚାରୀ ଯଦୁ ବଡ଼ପଣ୍ଡା ଜଣେ ଥାଲାସେମିଆ ରୋଗୀ ସକାଶେ ରକ୍ତଦାନ କରିଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ, ଜିଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ ଦୁର୍ଘଟଣା ଜନିତ ଆବଶ୍ୟକତା ଏବଂ ଥାଲାସେମିଆ ରୋଗୀଙ୍କୁ ମଧ୍ୟ ମାଗଣା ରକ୍ତ ଯୋଗାଇ ଦିଆଯାଇଥାଏ। ପ୍ରାୟ ପ୍ରତିଦିନ ଥାଲାସେମିଆ ରୋଗୀଙ୍କୁ ୨୦ରୁ ୨୫ ୟୁନିଟ୍ ରକ୍ତ ଦିଆଯାଉଛି। ଭିମ୍‌ସାର ରକ୍ତଭଣ୍ଡାରରେ ପ୍ଲାଜମା, ପ୍ଲାଟିଲେଟ୍, ହୋଲ୍ ବ୍ଲଡ୍ ମିଶାର ଦୈନିକ ୧୨୦ରୁ ୧୪୦ ୟୁନିଟ୍ ଆବଶ୍ୟକ ପଡୁଛି। ସେହିପରି ସମ୍ବଲପୁର ସଦର ଡାକ୍ତରଖାନା ରକ୍ତଭଣ୍ଡାରରେ ଦୈନିକ ୩୦ରୁ ୪୦ ୟୁନିଟ୍ ରକ୍ତ ଆବଶ୍ୟକ ପଡୁଛି। ଉଭୟ ରକ୍ତ ଭଣ୍ଡାରରେ ସମସ୍ତ ବର୍ଗର ରକ୍ତ ଷ୍ଟକ୍ ଆଦୌ ନାହିଁ କହିଲେ ଚଳେ। ବହୁ କ୍ଷେତ୍ରରେ ବାଧହୋଇ ଅଦଳବଦଳ ଭାବେ ରକ୍ତ ଦିଆଯାଉଥିବା ଜଣାପଡ଼ିଛି।

ଭିମସାର ପକ୍ଷରୁ ଶନିବାର ଅତାବିରା ଲାଦେରପାଲିରେ ଏକ ରକ୍ତଦାନ ଶିବିର ଥିବାବେଳେ ରବିବାର ହୀରାକୁଦ, ଭେଡେନ ଓ ମାଲିପାଲି, ବରଗଡ଼ଠାରେ ତିନୋଟି ଛୋଟ ଛୋଟ ଶିବିର ଆୟୋଜିତ ହେବ। ସମ୍ପ୍ରତି ରକ୍ତସଂକଟକୁ ଦୃଷ୍ଟିରେ ରଖି ଛୋଟ ଛୋଟ ରକ୍ତଦାନ ଶିବିର ଆୟୋଜନ କରିବା ସକାଶେ ସମସ୍ତ ଅନୁଷ୍ଠାନ ଆଗେଇ ଆସିବାକୁ ସଚେତନ ମହଲରେ ମତପ୍ରକାଶ ପାଉଛି।

ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରର ଅବସ୍ଥା ମଧ୍ୟ ସମାନ। ଗୁରୁବାର ହୋଇଥିବା ରକ୍ତଦାନ ଶିବିରରେ ସଦର ରକ୍ତଭଣ୍ଡାର ପକ୍ଷରୁ ୭୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବାବେଳେ ସେଥିରୁ ଆଉ ମାତ୍ର କେଇ ୟୁନିଟ୍ ରହିଛି। ଆସନ୍ତାକାଲି ପୁଣି ଖାଲି ହୋଇଯିବ ଜିଲ୍ଲା ରକ୍ତଭଣ୍ଡାର। ଭିମସାର ଓ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ଏଭଳି ଅବସ୍ଥା ଲାଗି ରହିଥିବାବେଳେ ମୁକାବିଲା ପାଇଁ ରକ୍ତଦାନ ଶିବିର ଆୟୋଜନ କରିବାକୁ ଭିମସାରର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଅଧିକାରୀ ଯଥାକ୍ରମେ ଡା. ଅନୁପା ଟପ୍ପୋ ଓ ଡା. କଳ୍ପେଶ କକ୍କଡ଼ ଅନୁରୋଧ କରିଛନ୍ତି।

# ଅଗଷ୍ଟ ୩୦ ସୁଦ୍ଧା ନୂଆ କୋଠା ହସ୍ତାନ୍ତର ନିର୍ଦ୍ଦେଶ

**ସମ୍ବଲପୁର, ୨୫।୭ (ସମିସ)**

ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣ କରାଯାଉଥିବା ନୂତନ କୋଠା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ହସ୍ତାନ୍ତର ହୋଇନାହିଁ। ଏହି ଗ୍ରାଉଣ୍ଡ ଫ୍ଲୋର ସହିତ ଚାରିମହଲା କୋଠାରେ ଟ୍ରାଉମାକେୟାର ସହ ଅନ୍ୟ ବିଭାଗ ରହିବ।

## ସମ୍ବଲପୁର ଜିଲ୍ଲା ରୋଗୀ କଲ୍ୟାଣ ସମିତି ବୈଠକ

ଏହାସହ ୱାର୍ଡ ଗୁଡ଼ିକ ସବୁ ନୂତନ କୋଠାକୁ ସିଫ୍ଟ ହେବ। ଏଠାରେ ଜିଇଡି, ପିଏଚ୍‌ଡି, ପୂର୍ତ୍ତ ବିଭାଗ, ଟାଟା ପାୱାରର କାମ ବାକି ରହିଛି। ଏପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ଲାଗିନାହିଁ। ଏହାକୁ ନେଇ ରୋଗୀ କଲ୍ୟାଣ ସମିତି ବୈଠକରେ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆସନ୍ତା ଅଗଷ୍ଟ ୩୦ ତାରିଖ ମଧ୍ୟରେ ବାକି ଥିବା ନିର୍ମାଣ ଓ ଆନୁସଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମଗ୍ର ଶିକ୍ଷା ଅଭିଯାନ ସଭାକକ୍ଷରେ ଜିଲ୍ଲା ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଏଡିପିଏଚ୍‌ଓ (ଟିବି) ଡା. ସଞ୍ଜିବ କୁମାର ତିରିଆ, ଡା. ସୁଧାଂଶୁ ପଣ୍ଡା, ହସପିଟାଲର ଅଧିକାରୀ ଓ କର୍ମଚାରୀ, ସମସ୍ତ ଲାଇନ୍ ବିଭାଗ ଜିଲ୍ଲାସ୍ତରୀୟ ଅଧିକାରୀ ଓ ରୋଗୀ କଲ୍ୟାଣ ସମିତି ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ।

ବୈଠକରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବାହାର ଗାଡ଼ି ପାର୍କିଂ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଲୋକେ ମାସ ମାସ ଧରି ସେମାନଙ୍କ ଗାଡ଼ି ହସପିଟାଲ ପରିସରରେ ପାର୍କିଂ କରୁଛନ୍ତି। ସେମାନେ ସେଠାକାର ପାର୍କିଂକୁ ସୁରକ୍ଷା କର୍ମୀ ଓ ଅନ୍ୟମାନଙ୍କୁ ଧରି ବ୍ୟକ୍ତିଗତ ପାର୍କିଂ ଭାବେ ବ୍ୟବହାର କରୁଛନ୍ତି। ଏହାସହ ଅଟୋ ଓ ଅନ୍ୟ ଭଡ଼ା ଗାଡ଼ି ରୋଗୀ ନେଇ ହସପିଟାଲ ଭିତରେ ଛାଡ଼ିବା ପରେ ବାହାରକୁ ଚାଲି ନଆସି ଭିଡ଼ ଜମାଉଛନ୍ତି। ଏହାଦ୍ୱାରା ରୋଗୀ ଯାତାୟାତ ଏବଂ ଆମ୍ବୁଲାନ୍ସ ଆଦି ରଖିବାକୁ ନେଇ ସମସ୍ୟା ସୃଷ୍ଟି ହେଉଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ଟେକ୍‌ନିସିଆନ ନଥିବାରୁ ଅଲଟ୍ରାସାଉଣ୍ଡ କରାଯାଉନାହିଁ। ରୋଗୀ ମାନଙ୍କୁ ଘରୋଇ ଲ୍ୟାବ୍‌କୁ ପଠାଇ ଦିଆଯାଉଛି। ମାଗଣା ଚିକିତ୍ସା ବଦଳରେ ରୋଗୀ ଖର୍ଚ୍ଚାନ୍ତ ହେଉଛି। ରୋଗୀକୁ ଶୋଷଣ କରିବାକୁ ଡାକ୍ତର ଓ ଘରୋଇ ଲ୍ୟାବ ମଧ୍ୟରେ ଏକ ଗଠବନ୍ଧନ ଚାଲିଥିବା ଅଭିଯୋଗ ହେଉଛି। ଏହାସହ ହସପିଟାଲ୍‌ରେ ୨୪ ଘଣ୍ଟିଆ ଏକ୍ସ-ରେ ସୁବିଧା ନାହିଁ। ଫଳରେ ଇନ୍‌ଡୋର ରୋଗୀ ଏବଂ ଦୁର୍ଘଟଣା ଜନିତ ଆହତ ମାନଙ୍କ ଏକ୍ସ-ରେ କରାଯାଇପାରୁନଥିବାରୁ ସମସ୍ୟା ଉପୁଜୁଛି। ହସପିଟାଲରେ ଇସିଜି କରିବାକୁ ଟେକ୍‌ନିସିଆନ ନଥିବାରୁ ନର୍ସମାନେ ଇସିଜି କରୁଛନ୍ତି। ଏଥିପାଇଁ ଟେକ୍‌ନିସିଆନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଆସିଥିଲା। ମାନବ ସମ୍ବଳ ମୁଖ୍ୟ ସମସ୍ୟା ରହିଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

## ଚାଷ ଜମିରେ ଛିଣ୍ଡିଲା ବିଦ୍ୟୁତ୍ ତାର

**ଅଳ୍ପକେ ବର୍ତ୍ତିଲେ ଚାଷୀ, ଶ୍ରମିକ**

**ନୂଆପଡ଼ା, ୨୫।୭(ସମିସ):** ସ୍ଥାନୀୟ ଖୁଟବନଭେରା ଗାଁ ଚାଷ ଜମିରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଷୀ ଓ ଶ୍ରମିକମାନେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ମରାମତି କରିଥିଲେ। ପ୍ରକାଶ ଯେ, ବର୍ଷା ଦିନ ଥିବାରୁ ସବୁ ଚାଷ ଜମିରେ ଚାଷୀମାନେ ହଳ ଲଙ୍ଗଳ କରିବା ସହ ଧାନ ରୁଆ କାମ କରୁଛନ୍ତି। ଖୁଟବନଭେରା ଗାଁରେ ମଧ୍ୟ ପ୍ରମିଳା ତାଣ୍ଡିଙ୍କ ଚାଷ ଜମିରେ ଶ୍ରମିକ ଓ ଚାଷୀ କାମ କରୁଥିଲେ। ଏହି ସମୟରେ ଚାଷ ଜମି ଦେଇଯାଇଥିବା ବିଦ୍ୟୁତ୍ ଖୁଣ୍ଟରୁ ହଠାତ ତାର ଛିଣ୍ଡି ପଡ଼ିଥିଲା। ଏହି ସମୟରେ ସେଠାରେ କାମ କରୁଥିବା ଚାଷୀ ଓ ଶ୍ରମିକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ସଜାଡିଥିଲେ। ଚାଷ ଜମି ଦେଇ ଯାଇଥିବା ବିଦ୍ୟୁତ୍ ତାର ଉପରେ ବିଶେଷ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## 'ମାଆ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ

**ବିନିକା, ୨୫।୭(ସମିସ):** ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ପ୍ରାୟ ୫୦ଟି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏନ୍ଏସ୍ଏସ୍ ଅଧିକାରୀ ରୋହିତ ଧରୁଆ, ୱାଇଆରସି ଧନେଶ୍ୱର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ସୌମ୍ୟାଶ୍ରୀଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

**ଲାଞ୍ଜିଗଡ଼, ୨୫।୭ (ସମିସ):** ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଏକାଦଶାହ ଅବସରରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ପକ୍ଷରୁ ଜଗନ୍ନାଥପୁରଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜୟ ନାଏକ, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ମନୋଜ ରାଉତ, ପ୍ରଦୀପ ମାଝୀ, ପୂର୍ଣ୍ଣଚନ୍ଦ୍ର ଗଉଡ଼, କର୍ଣ୍ଣ ସାହୁ, ସଦା ନାଏକ, ସନ୍ତୋଷ ତୁଳ, ଭାସ୍କର ଚନ୍ଦନ, ମୁଲୁ ମାଝୀ, ଗୋପାଳ ଖୁରା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ଥାନାଧିକାରୀଙ୍କୁ ଭେଟିଲେ ସ୍ଥାନୀୟ ସାମ୍ବାଦିକ

**କଲମପୁର, ୨୫।୭(ସମିସ):** କଲମପୁର ଥାନାରେ ନୂତନ ଅଧିକାରୀ ଭାବେ ବିଶ୍ୱମ୍ବର କହଁର ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ବିଜେପୁର ଥାନାଧିକାରୀ ଭାବେ ଅବସ୍ଥାପିତ ଥିଲେ। ବିଜେପୁର ଥାନାକୁ କଲମପୁର ଥାନାଧିକାରୀ ନୀଳାମ୍ବର ଜାନୀଙ୍କୁ ବଦଳି କରାଯାଇ ଥିବା ବେଳେ ବିଜେପୁରରେ ଅବସ୍ଥାପିତ ଶ୍ରୀ କହଁରଙ୍କୁ କଲମପୁର ଥାନା ଅଧିକାରୀ ଭାବେ ବଦଳି ହୋଇଛି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ କଲମପୁର ଅଞ୍ଚଳର ସାମ୍ବାଦିକମାନେ ସାକ୍ଷାତ କରିବା ସହିତ ନୂତନ ଥାନାଧିକାରୀ ଶ୍ରୀ କହଁରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାମ୍ବାଦିକ ଶେଷଦେବ ନାଏକ, ଦର୍ଶନ ଗୁପ୍ତା, ଭୋଜରାଜ ଛତ୍ରିଆ, ଶରତ ସୁନାନୀ, ଟିକଚନ୍ଦ ବାଗ ପ୍ରମୁଖ ଶ୍ରୀ କହଁରଙ୍କୁ ଭେଟିଥିଲେ।

## ଦରଲୀପଡ଼ା ମୁଖ୍ୟ ରାସ୍ତାରେ ଜମୁଛି ଆଣ୍ଠୁଏ ପାଣି

**କୋମନା, ୨୫।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଦରଲୀପଡ଼ା ଗ୍ରାମର ବସ୍ତି ରାସ୍ତାରେ ଗତ ୫ ଦିନ ହେବ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନବାଡି ଛାତ୍ରଛାତ୍ରୀ ଓ ଯାତ୍ରୀମାନେ ଯିବା ଆସିବା କରିବାରେ ସମସ୍ୟା ସୃଷ୍ଟି ହୋଇଛି। ପାଣି ଜମି ରହୁଥିବାରୁ ରାସ୍ତାରେ ଯାତାୟାତ ବେଳେ ଲୋକେ ସେଠାରେ ପଡ଼ି ଆହତ ହେଉଥିବା ଗ୍ରାମବାସୀ କହିଛନ୍ତି। ପ୍ରାଶାସନ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ନାଏବ ସରପଞ୍ଚ ରାମେଶ୍ୱରୀ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ପାଇପ୍ ଫାଟି ଅନବରତ ବୋହୁଛି ପାଣି

**କୋମନା, ୨୫।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ବଙ୍ଗଲାପଡ଼ା ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାରେ ପୋତା ଯାଇଥିବା ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ଯାଇଛି। ଏଥିଯୋଗୁଁ ସବୁବେଳେ ରାସ୍ତା ଉପରେ ପାଣି ବୋହୁଛି; ଯେଉଁଥିପାଇଁ ରାସ୍ତାଟି ୨୪ ଘଣ୍ଟା ପାଣିକାଦୁଅ ହୋଇ ରହୁଛି। ଏନେଇ ଗ୍ରାମବାସୀ ଅନେକ ଥର ପାନୀୟ ଜଳଯୋଗାଣ ବିଭାଗକୁ ଯୋଗାଯୋଗ କଲେ ମଧ୍ୟ କିଛି ଲାଭ ହେଉନି। ଗୋଟିଏ ବର୍ଷ ହେବ ଲୋକେ ଅଭିଯୋଗ କରି କରି ଥକିଲେଣି।

## କୁଳିହାବନ୍ଧା ସ୍କୁଲରେ ଚିତଉ ଅମାବାସ୍ୟା

**ନୂଆପଡ଼ା, ୨୫।୭(ସମିସ):** କୁଳିହାବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚିତଉ ଅମାବାସ୍ୟା ପାଳିତ ହୋଇଯାଇଛି। ସରପଞ୍ଚ ସନ୍ତରାମ ପାଣ୍ଡେ, ମଶାନକୁଣ୍ଡା ସାଧନ କେନ୍ଦ୍ର ସଂଯୋଜକ ଦେଓଲାଲ ବାଗ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ବେହେରା, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କିଶୋର ପରିଡ଼ା, ଶିକ୍ଷୟିତ୍ରୀ ଲିଲାବାଇ ଶବରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅନ୍ତଃ ଅଭିଯୋଗ କମିଟିର କର୍ମଶାଳା

**ନୂଆପଡ଼ା, ୨୫।୭(ସମିସ):** ସ୍ଥାନୀୟ ନ୍ୟାସନାଲ ମହାବିଦ୍ୟାଳୟରେ ଅନ୍ତଃ ଅଭିଯୋଗ କମିଟି ପକ୍ଷରୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିତେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୌନ ନିର୍ଯାତନା ନିବାରଣ ଆଇନ ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୨୦୧୫ ସମ୍ପର୍କରେ ଆଲୋଚିତ ହୋଇଥିଲା। କାର୍ଯ୍ୟରତ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଏବଂ ସଫଳ କରିବା ପାଇଁ ସାହାଯ୍ୟ ଟୋଲ୍ ଫ୍ରି ନମ୍ବର ୧୮୧ର ପ୍ରଚାର ସହ ସମ୍ବେଦନଶୀଳ/ ସଚେତନମୂଳକ ଏକ ଦିବସୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ କର୍ମଚାରୀ, ସହଯୋଗୀ ମହିଳା ସୁରକ୍ଷା ସମ୍ବନ୍ଧରେ ସତର୍କତା ଅବଲମ୍ବନ କରିବା ପାଇଁ ଶପଥ କରିଥିଲେ। ମମତା ପଟ୍ଟନାୟକ, ଅଧ୍ୟାପିକା ନନ୍ଦିନୀ ମଞ୍ଜରୀ ହୋତା, ବିଧାନ ଚନ୍ଦ୍ର ମିଶ୍ର, ଡ. ପ୍ରଣତୀ ପଣ୍ଡା, ଆଇନ ବିଶେଷଜ୍ଞ ବବିତା ମିଶ୍ର ଯୋଗ ଦେଇଥିଲେ। ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡ. ପ୍ରଣତୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ନଙ୍ଗଲବୋର୍ଡରେ ପହଞ୍ଚିଲେ ଡାକ୍ତରୀ ଦଳ

**ଦୂଷିତ ପାଣି ଯୋଗୁଁ ବ୍ୟାପୁଛି ଝାଡାବାନ୍ତି**

**ସିନାପାଲି, ୨୫।୭(ସମିସ)**





ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ଦୁର୍ଗମ ନଙ୍ଗଲବୋର୍ଡ ପଞ୍ଚାୟତର ବିଭିନ୍ନ ପଡ଼ା ଗ୍ରାମ ଓ କଳିଙ୍ଗ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଶୁକ୍ରବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତ ରୋଗୀଙ୍କୁ ପଚାରି ବୁଝିଛନ୍ତି।। ଗ୍ରାମରେ ଥିବା ନଳକୂପ, ଜଳଯୋଗାଣ ପ୍ରକଳ୍ପରୁ ଆସୁଥିବା ପାଣିର ନମୁନା ସଂଗ୍ରହ କରିବା ସହ ଭଟ୍ଟପାଣି କଳିଙ୍ଗ ଉଚ୍ଚ ବିଦ୍ୟାଳୟ ଓ ଛାତ୍ର ନିବାସରେ ବ୍ୟବହାର ହେଉଥିବା ପାଣି ନମୁନା ସଂଗ୍ରହ କରିଛନ୍ତି। ସେଠିକାର ବ୍ୟବହାର ହେଉଥିବା ପାଇଖାନା, ଜଳ ଯୋଗାଣ, ଗାଧୋଉଥିବା ପାଣି ଟ୍ୟାଙ୍କ, ପାନୀୟ ଜଳ ବ୍ୟବହାର ହେଉଥିବା ଆରୋ ସମେତ ସେଠିକାର ପରିବେଶ ଓ ସ୍ୱଚ୍ଛତାକୁ ପରଖି ଥିଲେ। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳ ବିଦ୍ୟାଳୟରେ ବ୍ୟବହାର ହେଉଥିବା ପାନୀୟ ଜଳ ଓ ପରିଚାଳନା ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେଠାରେ ଥିବା ବିଭିନ୍ନ ଆରୋ, ଏକ୍ୱାଗାର୍ଡ ଓ ପାଣି ବ୍ୟବହାର ହେଉଥିବା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକ ସଠିକ ଭାବରେ ସଫା ରଖୁ ନ ଥିବା ବେଳେ ଦୀର୍ଘ ଦିନ ପରେ ମଧ୍ୟ ବଦଳା ଯାଉ ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଦୂଷିତ ପାଣି ଯୋଗୁଁ ଏଭଳି ଝାଡାବାନ୍ତି ବ୍ୟାପୁଥିବା କହିଥିଲେ। ସେହିପରି ପ୍ରକଳ୍ପରୁ ହେଉଥିବା ଜଳ ଯୋଗାଣରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଥିବା ଦଳ ଅନୁସନ୍ଧାନ ବେଳେ ଜାଣିବାକୁ ପାଇଥିଲେ। ଉଦନ୍ତୀ ନଦୀ ନିକଟରେ ସ୍ଥାପିତ ହୋଇଥିବା ପାଣି ପମ୍ପ ହାଉସରୁ ଜଳ ଯୋଗାଣରେ ଅବ୍ୟବସ୍ଥା ସାଙ୍ଗକୁ ବିଭିନ୍ନ ଆନୁଷଙ୍ଗିକ ଅବ୍ୟବସ୍ଥା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହେଉଥିବାରୁ ଲୋକେ ବାଧ୍ୟ ହୋଇ ନାଳ ଓ ଝରଣା ପାଣି, ପୋଖରୀ ଉପରେ ନିର୍ଭର କରୁଛନ୍ତି। ଯାହା ଫଳରେ ଏଭଳି ସମସ୍ୟା ଉପୁଜୁଥିବା ଓ ପ୍ରଶାସନ ତରଫରୁ ପାନୀୟ ଜଳର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଦିନକୁ ଦିନ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ବୋଲି ଡାକ୍ତରୀ ଦଳ କହିଛନ୍ତି। ସ୍ଥିତି ଅନୁଧ୍ୟାନ କରିବା ପରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଟ୍ୟାଙ୍କର ଯୋଗେ ଟାଙ୍ଗରୀ ପଡ଼ା ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରିଛି। ଅନ୍ୟପଟେ ସେଠାରେ ଥିବା ନଳକୂପ ସମେତ ବିଭିନ୍ନ ସ୍ଥାନରୁ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ଉକ୍ତ ଜଳରେ ଇକୋଲିନ ତଥା ହଇଜା ଜୀବାଣୁ ଥିବା ଜଣାପଡ଼ିଛି। ବର୍ତ୍ତମାନ ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହୋଇଥିବା ବେଳେ କିଛି ରୋଗୀ ସୁସ୍ଥ ହୋଇଛନ୍ତି। ସମସ୍ତଙ୍କୁ ଆବଶ୍ୟକ ଔଷଧ ପ୍ରଦାନ କରାଯିବା ସହ ସଚେତନ କରାଯାଉଛି। ସ୍ଥିତି ଉପରେ ନଜର ରହିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ ଶ୍ରୀମାନ ସାହୁ ପ୍ରକାଶ କରିଛନ୍ତି। ଶୁକ୍ରବାର ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରଥମେ ଭଟ୍ଟାପାଣି ଉଚ୍ଚ ବିଦ୍ୟାଳୟ ଓ ପରେ ଟାଙ୍ଗରୀପଡ଼ା ପହଞ୍ଚିଥିଲେ। ସେଠାରେ ଅନେକ ଦିଗ ଉପରେ ଅନୁଧ୍ୟାନ କରିଥିଲେ। ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣ ରହିଥିବା ବେଳେ ସମ୍ପୂର୍ଣ୍ଣ ପ୍ରତିହତ କରିବା ପାଇଁ ଡାକ୍ତରୀ ଦଳ ଚେଷ୍ଟା ଜାରି ରଖିଛନ୍ତି। ଏକ ଡାକ୍ତରୀ ଦଳ ଗାଁରେ ଡେରା ପକାଇ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଉଛନ୍ତି ବୋଲି ନୂଆପଡ଼ା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ମଞ୍ଜୁରାଣୀ ସିଂ ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳରେ ଥିବା ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜର ଡା. ତୁଷାର କାନ୍ତ ମେହେର, ଡା. ଶରତ ଚନ୍ଦ୍ର ନାଗ, ଡା. ସୁଶ୍ରୀ ପ୍ରିୟ ଦର୍ଶନୀ ଶତପଥିଙ୍କ ସମେତ ନୂଆପଡ଼ା ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ମଞ୍ଜରାଣୀ ସିଂ, ବିଭାଗୀୟ ଅଣୁଜୀବୀ ବିଶେଷଜ୍ଞ ଅଧିକାରୀ ସୁଚରିତା ସାହୁ, ମହାମାରୀ ବିଶେଷଜ୍ଞ ଜଗତ ବନ୍ଧୁ ମହାପାତ୍ର, ସିନାପାଲି ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରତ୍ନମଣି ଭୁଏ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶ୍ରୀମାନ ସାହୁ, ସ୍ଥାନୀୟ ସରପଞ୍ଚ ଜଗଦିଶ ମାଝି, ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀ ଉପସ୍ଥିତ ଥିଲେ।

## ନାବାଳକ ନିଖୋଜ ନେଇ ଥାନାରେ ଅଭିଯୋଗ





**ଥୁଆମୂଳ ରାମପୁର, ୨୫।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ଗ୍ରାମର ନରେଶ ସାହୁ ନାମକ ଜଣେ ୧୫ ବର୍ଷର ନାବାଳକ ଜଣକ ନିଖୋଜ ଥିବା ଅଭିଯୋଗ ହୋଇଛି। ଗାଁ ନିକଟସ୍ଥ ଧବାଚଞ୍ଚରା ଆଡେ ନରେଶ ବୁଧବାର ବୁଲିବା ପାଇଁ ଯାଇଥିଲେ। ଏହି ସମୟରେ ତେନ୍ତୁଳିପଡ଼ା ଗ୍ରାମର ଜରେ ୧୪ ବର୍ଷର ନାବାଳିକାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଉଭୟେ କଥାବାର୍ତ୍ତା ହେଉଥିବା ସମୟରେ ନାବାଳକାଙ୍କ ମାଆ ପହଞ୍ଚି ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ପୁଅର ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବୁଧବାର ଅପରାହ୍ନ ୩ ଟାରେ ଏହି ଘୋଟଣା ଘଟିଥିବା ବେଳେ ଆଜିକୁ ପ୍ରାୟ ୩ ଦିନ ବିତିଗଲାଣି ପୁଅର ପତ୍ତା ମିଳୁନି। ଏଥିଯୋଗୁଁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କଲାପରେ ବି ପତ୍ତା ମିଳୁନାହିଁ। ଏନେଇ ନାବାଳକଙ୍କ ମାଆ ସୁନି ସାହୁ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ନାବାଳକ ଜଣକ କୁଆଡେ ଗଲେ, ସେ କେଉଁ ଭଳି ପରିସ୍ଥିତିରେ ଅଛନ୍ତି ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ତାଙ୍କ ମୋବାଇଲ ଫୋନ୍ ଲାଗୁନି। ଯଦି ନରେଶଙ୍କ କୌଣସି କ୍ଷତିହୁଏ ତାହାହେଲେ ସମ୍ପୃକ୍ତ ଝିଅର ମାଆବାପା ହିଁ ଦାୟୀ ରହିବେ ବୋଲି ନରେଶଙ୍କ ମାଆ କହିଛନ୍ତି।

## ହାଇସ୍କୁଲ ପଡ଼ିଆରେ ବନ ମହୋତ୍ସବ

**କୋମନା, ୨୫।୭(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ ଜିତାମିତ୍ର ହାଇସ୍କୁଲ ପଡ଼ିଆରେ କୋମନା ବନ ବିଭାଗର ତତ୍ତ୍ୱାବଧାନରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଖଡ଼ିଆଲ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କଳାହାଣ୍ଡି ସଂସଦ ବସନ୍ତ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ସମାଜସେବୀ ସଦନ ତିୱାରୀ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମେହେର, ବିଜେପି କାର୍ଯ୍ୟକର୍ତ୍ତା ତୁଳସ ପଟେଲ, ଘନଶ୍ୟାମ କରୁଆଁ, ଜୟଗୋପାଳ ପଣ୍ଡା, ପ୍ରଧାନ ଶିକ୍ଷକ ନବୀନ ଚନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ହାଇସ୍କୁଲ ପଡ଼ିଆର ଚାରିଆଡେ ଅତିଥିମାନେ ବିଭିନ୍ନ ଚାରା ରୋପଣ କରିଥିଲେ। କୋମନା ବନ ବିଭାଗ ରେଞ୍ଜର ଦେବଦତ୍ତ ସୂତାର ସଭା ପରିଚାଳନା କରିଥିଲେ।

## ଓଡ଼ିଆ ବିଭାଗର ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫।୭ (ସମିସ):** ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କୁଳପତି ଡ. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କଥାଶିଳ୍ପୀ ତଥା ଅବସରପ୍ରାପ୍ତ ପ୍ରଫେସର ଡ. ଯଶୋଧାରା ମିଶ୍ର ନିମନ୍ତ୍ରିତ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଗୁଣନିଧି ନାଏକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ବାଲ୍ମୀକି କରୁଆଁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ସଭା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡୋଳାମଣି ଧରୁଆ, ସୁବ୍ରତ ମାଝୀ, ଅଧ୍ୟାପିକା ରେଣୁକା ଡାକୁଆ ତଥା ବିଭାଗର ଗବେଷକ, ଗବେଷିକା, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଚାରା ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା

**କଣ୍ଟାବାଞ୍ଜି/ମୁରିବାହାଲ, ୨୫।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ବିଭିନ୍ନ ଜନ ହିତକର କାର୍ଯ୍ୟ କରି ଆସୁଥିବା ବିକାଶ ମଞ୍ଚ ଦ୍ୱାରା ମଞ୍ଚ ସମ୍ପାଦକ ଅମରେଶ ମାଝୀଙ୍କ ତତ୍ତ୍ୱାବଧାନରେ ତଥା ସଭାପତି ଫାଲଗୁନି ହାତୀଙ୍କ ନିର୍ଦ୍ଦେଶ କ୍ରମେ ବିକାଶ ମଞ୍ଚ କାର୍ଯ୍ୟାଳୟ ପରିସର ରେ ଗଛ ଲଗାଇ ପରିବେଶ ସୁରକ୍ଷା ର ବାର୍ତ୍ତା ଦେଲେ ମୁରିବାହାଲ ବ୍ଲକ ବିକାଶ ମଞ୍ଚର କର୍ମକର୍ତ୍ତା। କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ର କାର୍ଯ୍ୟକାରୀ ସମ୍ପାଦକ ଥବିର ସା, ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ଉପ ସଭାପତି ଅଶୋକ ପ୍ରଧାନ, ବଜରଙ୍ଗ ଶାଣ୍ଢ, ରବି ବାଗ, ସୁଶୀଲ ବାଗ, ବନ ବିଭାଗ ପକ୍ଷରୁ ଫରେଷ୍ଟ ଗାଡ଼ ଅଜିତ ବେହେରା, କୁବେର ଠେଲା, ଲିଙ୍ଗେଶ୍ୱର ମହାନନ୍ଦ, କୁବେର ମାଝୀ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି

**ବଲାଙ୍ଗିର, ୨୫।୭ (ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପୂର୍ବ ପ୍ରସ୍ତୁତି ବୈଠକ ଅତିରିକ୍ତ ଜି ଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷ୍ୟତା ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ନିର୍ବାହୀ ଅଧିକାରୀ, ପୌରପରିଷଦ ସନ୍ତୋଷ କୁମାର ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଏଡିଇଓ ରିନା କୁମାରୀ ବେହେରା, ଏସଡିଓ ଜନସ୍ୱାସ୍ଥ୍ୟ ବିଭାଗ ଇଂ ରାଜେଶ କୁମାର ବେହେରା, ଅତିରିକ୍ତ ପରିବହନ ଅଧିକାରୀ କିଶୋର କୁମାର ଦେ, ଏସଡିପିଓ ସରୋଜ କୁମାର ଉପଧ୍ୟାୟ, ଆରଆଇ, ପୋଲିସ ପ୍ରଦୀପ୍ତ କୁମାର ଦେବତା, ଅଗ୍ନିଶମ ଅଧିକାରୀ ତେଜ କୁମାର ଏକ୍କା, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର ଅଧିକାରୀ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରିବା ଲାଗି ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ସ୍ୱାଧୀନତା ଦିବସ ଦିନ ପ୍ରାତଃ ୪ ଘଟିକା ସମୟରେ ରାମଧୁନ, ସକାଳ ୬ ରୁ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି, ସକାଳ ଘ.୭.୦୦ମି ରୁ ଘ.୮.୦୦ମି ମଧ୍ୟରେ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ଘ.୭.୩୦ମିରୁ ଘ.୭.୪୫ମି ମଧ୍ୟରେ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଏବଂ ସକାଳ ଘ.୦୯.୧୫ମି ସମୟରେ ମନୋହରପୁର ରିଜର୍ଭ ପୁଲିସ ପଡ଼ିଆରେ ଆନୁଷ୍ଠାନିକ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ। ଦିବସର ମୁଖ୍ୟ ଅତିଥି ସକାଳ ଘ.୦୯.୧୫ମି ସମୟରେ ଆନୁଷ୍ଠାନିକ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡର ଅଭିବାଦନ ଗ୍ରହଣ କରିବେ। ସମ୍ମିଳିତ ପ୍ୟାରେଡ ରେ ସଶସ୍ତ୍ର ପୋଲିସ ବାହିନୀ, ଓଡ୍ରାଫ, ଗୃହ ରକ୍ଷୀ ବାହିନୀ, ପୁଲିସ କଲର ପାର୍ଟିଙ୍କ ସମେତ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଏନସିସି, ସ୍କାଉଟ, ଗାଇଡ୍, ରେଡ୍କ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ। ଅପରାହ୍ନ ୪ଟାରେ ସ୍ଥାନୀୟ ମିଶନ ପଡ଼ିଆରେ ଜିଲ୍ଲା ପ୍ରଶାସନ ଏକାଦଶ ବନାମ ଜିଲ୍ଲା ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ବୈଠକ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, କେଶବ ବାଗ ଓ ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ।



## କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ମ.ରାମପୁର, ୨୫।୭(ସମିସ):** ବାଲେଶ୍ୱର ଏଫ୍ ଏମ୍ କଲେଜର ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ମ.ରାମପୁରରେ କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହେଇଯାଇଛି। ନାରାୟଣ ପ୍ରସାଦ ଅଗ୍ରୱାଲ(ଟିମୁ) ଙ୍କ ନେତୃତ୍ୱରେ ବାବୁଲାଲ୍ ନାଏକ, ଦିଲୀପ ମହାଖୁଡ଼, ହେମନ୍ତ ନାଏକ, କିଶୋର ମହାନନ୍ଦ, ଯଶୋଦା ନାଗ, ଯତିନ ସାହୁ, ଜଗୁ ସାହୁ, ଖଗେଶ୍ୱର ଧରୁଆ ପ୍ରମୁଖ ସଠମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜିଲ୍ଲା ଜର୍ଜ କୋଟରେ ସ୍ୱାଗତ ସମାରୋହ

**ଭବାନୀପାଟଣା, ୨୫।୭(ସମିସ):** ନିଖିଳ ଉତ୍କଳ ନ୍ୟାୟିକ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲା ଜର୍ଜ କୋର୍ଟ ପରିସରରେ ଏକ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି। ୨୦୨୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ନ୍ୟାୟାଳୟରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ ତଥା ନିଖିଳ ଉତ୍କଳ ନ୍ୟାୟିକ କର୍ମଚାରୀ ସଙ୍ଘ, ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯିଥିଲା। ଏହି ସଭାରେ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ସମ୍ପାଦକ ପ୍ରଶାନ୍ତ ଷଡ଼ଙ୍ଗୀ, ଆୟୋଜକ ସଭାପତି କୌଶିକ ମାଝୀ, ଉପସଭାପତି ଲମ୍ବୋଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୨୫।୭(ସମିସ):** ସ୍ଥାନୀୟ ଅମଲା ଭବନରେ ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜୟ ନାରାୟଣ ବାବୁ, ବିରଞ୍ଚି ନାରାୟଣ ପଣ୍ଡା, ବିଶ୍ୱ ରଞ୍ଜନ ସାହା, ଡୋଳାମଣି ସାହୁ, ଲୋଚନ ସାହୁ, ତପସ୍ୱନୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବନୀ ପାଢ଼ୀ, ବିମଳା ଗଉଡ, ସୁରେନ୍ଦ୍ର ମୋହନ କର, ଭବାନୀ ଶଙ୍କର ରାଉତ, ଝରଣା ସାହୁ ଓ ନଳିନୀ ବାଗଙ୍କୁ ସମ୍ମାନିତ କରାଯାଇଥିଲା। ନବୀନ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦନ୍ତୀ ମହୋତ୍ସବ ମଞ୍ଚ ନିର୍ମାଣରେ ଅନିୟମିତତା

**ନିମ୍ନମାନର କାର୍ଯ୍ୟର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର**

**ସିନାପାଲି, ୨୫।୭(ସମିସ)**



ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଉଦନ୍ତୀ ମହୋତ୍ସବ ପାଇଁ ସ୍ଥାୟୀ ମଞ୍ଚ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଐତିହ୍ୟ ସଂସ୍କୃତି ପରମ୍ପରାକୁ ନେଇ ପ୍ରତିବର୍ଷ ଉଦନ୍ତୀ ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ମହୋତ୍ସବ ପାଇଁ ଅଞ୍ଚଳର ଜନସାଧାରଣଙ୍କ ସାମୁହିକ ସ୍ୱାର୍ଥ ରକ୍ଷା ପାଇଁ ଏକ ବଳିଷ୍ଠ ମଞ୍ଚ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଲୋକଙ୍କ ଦାବିକୁ ନେଇ ରାଜ୍ୟସଭା ସାଂସଦଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ମଞ୍ଚ ନିର୍ମାଣ କାର୍ଯ୍ୟ ସିନାପାଲି ଧାନ ମଣ୍ଡି ନିକଟରେ କରାଯାଇଥିଲା। ହେଲେ ନିର୍ମାଣର କିଛି ମାସ ନ ପୂରୁଣୁ ତାହା ଭାଙ୍ଗି ଦଦରା ଅବସ୍ଥାରେ ରହିଛି। ଯାହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ କରି ସମ୍ପୃକ୍ତ ଠିକାଦାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଜନସାଧାରଣ ଓ ସିନାପାଲିସଦର ସମିତି ସଭ୍ୟ ମନୀଷ ପଟେଲ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରୀ ନୀତି ନିୟମକୁ ଉପେକ୍ଷା କରି ଆବଶ୍ୟକ ମୁତାବକ ସାମଗ୍ରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇନାହିଁ। ଆରମ୍ଭରୁ ବିରାଟ ଫାଟ ସୃଷ୍ଟି ହୋଇ ମଞ୍ଚ ଭାଙ୍ଗିବାରେ ଲାଗିଛି। ଯାହା କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ଏହାର ତଦନ୍ତ କରି ଦୋଷୀଙ୍କ ବରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ତ୍ରିସ୍ତରୀୟ ପଞ୍ଚାୟତରାଜ ନିର୍ବାଚନର ସମୀକ୍ଷା




**ବୌଦ୍ଧ, ୨୫।୭(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, କନ୍ଧମାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡା ଉପଜିଲ୍ଲାପାଳ ଡ. ରୀନା ପ୍ରଧାନ, ବୌଦ୍ଧ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ବିଡିଓ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଏଏସ୍ ଶିବ ମାଳବ୍ୟ ଆନନ୍ଦପୁର ଉପଜିଲ୍ଲାପାଳ



ଆନନ୍ଦପୁର, ୨୫।୭ (ସମିସ): ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ୨୦୨୩ ଆସାମ କ୍ୟାଡର ଆଇଏଏସ୍ ଶିବ ମାଳବ୍ୟଙ୍କୁ ସରକାର ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ଗତକାଲି ବିଧିବଦ୍ଧ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଛି। ଏଠାରେ ବର୍ତ୍ତମାନ ଉପଜିଲ୍ଲାପାଳ ଥିବା ନୀଳମାଧବ ସୁନା ୩ ମାସ ପୂର୍ବରୁ ନିଯୁକ୍ତି ପାଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇଏଏସ୍ ସ୍ତରରେ ଅଦଳବଦଳ କରାଯାଇ ଯୁବ ଆଇଏଏସ୍ ଶିବ ମାଳବ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ଆନନ୍ଦପୁର ଉପଖଣ୍ଡରେ ସରକାରୀ ଜମି ହଡ଼ପ, ଲଘୁ ଖଣିଜ ଦ୍ରବ୍ୟ ଚୋରି ସହ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ନୂତନ ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଉପଖଣ୍ଡକୁ ଉନ୍ନତି ପଥରେ ଆଗେଇ ନେବେ ବୋଲି ଆନନ୍ଦପୁରବାସୀଙ୍କ ପକ୍ଷରୁ ଆଶା ପ୍ରକାଶ ପାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବଡ଼ବିଲ, ୨୫।୭ (ସମିସ): ବଲାଣି ଥାନା ଅନ୍ତର୍ଗତ ମୋଡେନ୍ ହାଟିଂରେ ଅପରାହ୍ଣ ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଲାଇନ୍‌ମ୍ୟାନ ଭାବେ କାର୍ଯ୍ୟରତ ଯୁବକ ଉଦୟ ମହାକୁଡ଼ (୪୦)ଙ୍କ ମୃତ୍ୟୁ ଘଟିଛି। ଉଦୟଙ୍କ ଘର ଟିଣ ଛପର ହୋଇଥିବା ବେଳେ ତା' ଉପର ଦେଇ ଓହଳି ଆସିଥିବା ବିଦ୍ୟୁତ୍ ତାରଗୁଡ଼ିକ କାଳ ସାଜିଛି। ତାଙ୍କ ଟିଣ ଛାତରେ ବିଦ୍ୟୁତ୍ ପ୍ରବାହିତ ହେଉଥିଲା। ଉଦୟ ଗାଧୋଇ ସାରି ଆସିବା ପରେ ଟିଣ ଛାତରେ ହାତ ବାଜି ଯାଇଥିଲା। ତତକ୍ଷଣାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ଜଣକ ଜଳି ଯାଇଥିଲେ। ଲୋକଙ୍କ ସହାୟତାରେ ବଲାଣି ଡାକ୍ତଖାନାକୁ ନିଆଯାଇଥିଲା ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟୁତ୍ ବିଭାଗର ଅଧିକାରୀ ପରିବାରକୁ ନଗଦ ୧୦,୦୦୦ ଟଙ୍କା ଦେବା ସହ ଠିକାସଂସ୍ଥାରେ ମୃତ୍ୟୁ ଯୁବକଙ୍କ ପିଲାଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠେଇଛି।

# ପାଟଣା ରେଞ୍ଜରେ ହାତୀ ଉପଦ୍ରବ ଜାରି

ତୁରୁମୁଙ୍ଗା, ୨୫।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ୩ଟି ଦଳ ହୋଇ ବୁଲୁଛନ୍ତି ୪୦ ଟିକିଆ ହାତୀପଲ। ହାତୀପଲ ପାଟଣା ଓ ସାହାରପଡା ଅଞ୍ଚଳରେ ଆତଙ୍କ ଖେଳାଇ ଏକର ଏକର ଫସଲ ନଷ୍ଟ କରିବା ସହ ୨୫ରୁ ଅଧିକ ଘର ଭାଙ୍ଗି ସାରିଲେଣି। ବିଳମ୍ବିତ ରାତିରେ ୩୦ ଟିକିଆ ହାତୀପଲ ମାଧପୁର ଗ୍ରାମର ରୀନା ମୁଣ୍ଡା, ଭରାଣ୍ଡିଆ ଗ୍ରାମର ଶୁକ୍ରା ମୁଣ୍ଡା ଟି ଘର ଏବଂ ଯମୁନାପଶି ଗ୍ରାମର ରମେଶ ନାଏକ, ଶୁକ ନାଏକ, ରବି ମହାକୁଡ଼ ଓ ଅନନ୍ତ ନାଏକଙ୍କ ଘରଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏହି ହାତୀପଲରେ ୧୨ ଦନ୍ତା ୧୨ ମାଇ ଏବଂ ୬ ଛୁଆ ହାତୀ ରହିଛନ୍ତି। ଆଉ ଏକ ଗୋଟିକିଆ ଦନ୍ତା ସାହାରପଡା ସେକ୍ସନର ପଇତାମଜାର ମୋତିଲାଲ ମହାନ୍ତ ବାଉଁଶନାଳୀ ଗ୍ରାମର ସିଂରାଇ ମୁଣ୍ଡା ଏବଂ ଦୁଧିଆନାଳି ଗ୍ରାମର କପିଳ ମୁଣ୍ଡା ଜିଙ୍ଗି ମୁଣ୍ଡାଙ୍କ ୨ଟି ଭାଙ୍ଗି ଦେଉଛି। ପାଚିଲା ପଣସ ବାସ୍ନାରେ ହାତୀପଲ ମତୁଆଲା ହୋଇ ଘର ର ନିକଟ କୁ ଆସି ଘରଦ୍ୱାର ଭାଙ୍ଗି ନଷ୍ଟ କରୁଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଆଉ ଏକ ୯ଟିକିଆ ହାତୀପଲ ଏକର ଏକର ଧାନ ଓ ପନିପରିବା ଚାଷ ନଷ୍ଟ କରିଦେଇଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ହାତୀ ଆସିଲେ ତୋଣ୍ଡ ବିଟ୍ ବନରକ୍ଷୀ ଦେବଜାନି ମହାନ୍ତଙ୍କୁ ଅଞ୍ଚଳବାସୀ ଫୋନ କଲେ ଫୋନ ଉଠାଉ ନଥିବା ସହ ହାତୀଙ୍କୁ ଘଉଡାଇବାକୁ ଆସୁ ନଥିବା ଅଭିଯୋଗ ହୋଇଛି।

# ପାକ୍ସ ସମ୍ପାଦକ ଓ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ହାଟଡ଼ିହୀ, ୨୫।୭ (ସମିସ): ନନ୍ଦିପଦା ଥାନା ଅନ୍ତର୍ଗତ ଡଅଁର ସେବା ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକଙ୍କୁ ଗୁରୁବାର ମାଡ଼ ଘଟଣାରେ ଶୁକ୍ରବାରଠାରୁ ସମବାୟ ସମିତିର ସମସ୍ତ ସମ୍ପାଦକ ଓ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନ ସମଗ୍ର ଜିଲ୍ଲାରେ ହୋଇଥିବା ନେଇ ସେବା ସମବାୟ ସମିତି କର୍ମଚାରୀ ସଂଘର ଉପସଭାପତି ଶରତଚନ୍ଦ୍ର ସେଠୀ କହିଛନ୍ତି। ହାଟଡ଼ିହୀ ବ୍ଲକରେ ଥିବା ମୋଟ ୧୬ଟି ସେବା ସମବାୟ ସମିତିର ସମସ୍ତ ସମ୍ପାଦକ ଓ କର୍ମଚାରୀ କଲମ ଛାଡ଼ କରିଛନ୍ତି। ଫଳରେ ପ୍ରାୟ ୧୬ ହଜାର ଚାଷୀ ପ୍ରଭାବିତ ହେବା ନେଇ ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ସେବା ସମବାୟ ସମିତି ପକ୍ଷରୁ ଋଣ ପ୍ରଦାନ, ଧାନ କିଣା ପାଇଁ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଠପ୍ ହୋଇପଡ଼ିଛି। ଆଜି କାର୍ଯ୍ୟାଳୟଗୁଡ଼ିକ ଖୋଲାଥିଲେ ସୁଦ୍ଧା ଚାଷୀଙ୍କ କୌଣସି କାମ ହୋଇପାରି ନଥିବା ଦେଖାଯାଇଛି। ଆନ୍ଦୋଳନ ସକାଶେ ଅନେକ ଚାଷୀ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପଟେ, ନନ୍ଦିପଦା ପୁଲିସ ଏହି ମାମଲାର ତଦନ୍ତ ଚଳାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସମବାୟ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆ ନଯିବା ଯାଏଁ କଲମ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ସେଠୀ କହିଛନ୍ତି।

## ବର୍ଷା ପ୍ରଭାବରେ ବଢୁଛି ଦୁର୍ଦ୍ଦଶା

# ଘର ଭାଙ୍ଗିଲା, ଜଣେ ଆହତ



ବାଲିବନ୍ଧ, ୨୫।୭ (ସମିସ): ଝୁମ୍ପୁରା ତହସିଲ ଅନ୍ତର୍ଗତ ଝୁମ୍ପୁରା ଆରଆଇ କାର୍ଯ୍ୟାଳୟ ଅଧୀନ ବିଷ୍ଣୁପୁର ଗ୍ରାମ ଭାଲୁସାହିରେ ଗୁରୁବାର ରାତି ପାଖାପାଖି ୯ଟାରେ ପ୍ରବଳ ବର୍ଷା ଯୋଗୁଁ କୈଳାଶ ସିଂଙ୍କ ଘର ଭାଙ୍ଗି ପଡିଛି। ପୁଅବୋହୂ କମଳିନୀ ସିଂ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ୧୦ମ ଶ୍ରେଣୀ ଛାତ୍ର ନାତି କରିଣ ସିଂ ଆଘାତପ୍ରାପ୍ତ ହୋଇଛନ୍ତି। ମାଟି କାନ୍ଥରେ ପାଣି ପଶି ଓଦା ହୋଇଯାଇଥିଲା। ଘର ଭାଙ୍ଗିବା ଖବର ପାଇ ଝୁମ୍ପୁରା ତହସିଲଦାର ରୋହିତ ବାଗଙ୍କ ନିର୍ଦ୍ଦେଶରେ ତୁରନ୍ତ ଝୁମ୍ପୁରା ଆରଆଇ ସୁଶାନ୍ତ ଦ୍ୱିବେଦୀ ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ପ୍ଲାଷ୍ଟିକ ପ୍ରଦାନ କରିଥିଲେ।

# ଉପୁଡ଼ିଲା ୫୦ ବର୍ଷର ଗଛ, ଭାଙ୍ଗିଲା ପାଚେରି

ଚମ୍ପୁଆ, ୨୫।୭ (ସମିସ): ଚମ୍ପୁଆ ସଦରମହକୁମା ଯାତ୍ରାପଡିଆଠାରେ ଥିବା ଦଧିବାମନଜୀଉଙ୍କ ମନ୍ଦିର ଆଗରେ ଥିବା ୫୦ବର୍ଷରୁ ଅଧିକ ପୁରୁଣା ଆମ୍ବଗଛ ଉପୁଡିପଡିବାରୁ ନିକଟରେଥିବା ଉଠାଜଳସେଚନ ବିଭାଗର ପାଚେରି ଭାଙ୍ଗିବା ସହ ପାଚେରି ଭିତରେ ଥିବା ଅଫିସର ପୁରୁଣା ଜିପଗାଡ଼ିଟି ନଷ୍ଟ ହୋଇଛି। ଏହାସହ ଏକ ଆମ୍ବୁଲାନ୍ସ ଗାଡ଼ିର କାଚ ଭାଙ୍ଗିଯାଇଛି। ଶୁକ୍ରବାର ଅପରାହ୍ଣ ୫ଟା ସମୟରେ ବିରାଟକାୟ ଆମ୍ବ ଗଛଟି ହଠାତ ଉପୁଡି ପଡିଥିଲା। ଫଳରେ ନିକଟରେ ଥିବା ବିଦ୍ୟୁତ ତାର ଛିଣ୍ଡାଇବା ସହିତ କାର୍ଯ୍ୟାଳୟ ପାଚେରି ଉପରେ ପଡିଯିବାରୁ ପାଚେରିଟି କ୍ଷତିଗ୍ରସ୍ତ ହୋଇଛି। ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା ଓ ତହସିଲଦାର ସଜତ ମାର୍କେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ।

# ଗଛ ଭାଙ୍ଗି ବିଦ୍ୟୁତ୍ ସରବରାହ ବନ୍ଦ

ରାମଚନ୍ଦ୍ରପୁର, ୨୫।୭ (ସମିସ): ଲଗାଣ ବର୍ଷାରେ ଏକ ବିରାଟକାୟ କୃଷ୍ଣଚୂଡ଼ା ଗଛ ଘସିପୁରା ବ୍ଲକ ଅଳତି ଗ୍ରାମରେ ଉପୁଡ଼ି ପଡ଼ିବାରୁ ବିଦ୍ୟୁତ୍ ସରବରାହ ପ୍ରଭାବିତ ହୋଇଛି। ହଠାତ ବିଜୁଳି ଘଡଘଡି ସହ ଦୀର୍ଘ ଦୁଇ ଘଣ୍ଟା ଧରି ବର୍ଷା ହେବାରୁ ଗ୍ରାମର ହରଚଣ୍ଡୀ ମନ୍ଦିର ନିକଟରେ ଏକ ବିରାଟକାୟ କୃଷ୍ଣଚୂଡା ଗଛ ଉପୁଡି ପଡିଥିଲା। ଘଟଣାସ୍ଥଳରେ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଗଛକୁ ହଟାଇଥିଲେ। ସେପଟେ, ଲଗାଣ ବର୍ଷା ପ୍ରଭାବରେ ଅନେକ ଚାଷଜମି ଜଳମଗ୍ନ ହେବା ସହ ଧାନ ତଳି ପଚି ନଷ୍ଟ ହେବା ଆଶଙ୍କ ବଢିଯାଇଛି।

# ପରିବହନକୁ ନେଇ ଖଣି ସମ୍ମୁଖରେ ତୁମ୍ବିତୋଫାନ



ଯୋଡ଼ା, ୨୫।୭ (ସମିସ): ଦୀର୍ଘ ୨୫ ଦିନରୁ ଅଧିକ ହେବ କାଶିଆ ଖଣିରେ ଖଣି କାର୍ଯ୍ୟକୁ ନେଇ ଆନ୍ଦୋଳନ ଚାଲିଥିବା ବେଳେ ଶୁକ୍ରବାର ସକାଳ ସମୟରେ ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଖଣ୍ଡବନ୍ଧ ଖଣିରେ ପରିବହନ କାର୍ଯ୍ୟକୁ ନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ମୋହନ ସରକାରଙ୍କ ଅନୁଗ୍ରହରେ ବଳିୟାନ ଆରଜେ ଲଜିଷ୍ଟିକ ପରିବହନ ସଂସ୍ଥା ଖଣିରୁ ପରିବହନ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ହାତବାରିସୀ କରି ଖଣି ସମ୍ମୁଖରେ ମନମାନି କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଏହି ଖଣିରେ ଓମ ସାରଦା ଓଡିଆର ସେଲ ନାମକ ଦୁଇଟି ପରିବହନ ସଂସ୍ଥା ସୁରୁଖୁରୁରେ ପରିବହନ କାର୍ଯ୍ୟ କରି ଆସୁଥିବା ବେଳେ ଏହାକୁ ବନ୍ଦ କରି ନିଜେ ଉକ୍ତ ଖଣିରୁ ପରିବହନ କାର୍ଯ୍ୟ କରିବାକୁ ଆରଜେ ଲଜିଷ୍ଟିକ ଚକ୍ରାନ୍ତ ଚଳାଇଛି। ଏନେଇ ଖଣି ଅଞ୍ଚଳରେ ଅଶାନ୍ତ ବାତାବରଣ ଦେଖା ଦେଇଛି। ଯୋଡ଼ା ଖଣି ଅଞ୍ଚଳର ଗାଡି ମାଲିକମାନେ ସର୍ବାଧିକ ଲୋଡିଂ ଖଣ୍ଡବନ୍ଧ ଖଣିରୁ ପାଉଥିବା ବେଳେ ଆଗକୁ ଏପରି ଆନ୍ଦୋଳନ, ତୁମ୍ବିତୋଫାନ ଖଣି ସମ୍ମୁଖରେ ଲାଗି ରହିଲେ ଗାଡି ମାଲିକମାନେ ଆର୍ଥିକ କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡିଛି। ଖଣି ନିକଟରେ ବାରମ୍ବାର ମାସ ମାସ ଧରି ଆନ୍ଦୋଳନ ରହିବା ଦ୍ୱାରା ଖଣି କାର୍ଯ୍ୟରେ ବାଧା ଉପୁଜିବା ସହ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ନେଇ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ବଡ଼ବିଲ ଏସ୍‌ଡ଼ିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିବା ଜଣାପଡିଛି।

# କର୍ମକ୍ଷେତ୍ରରେ ଯୌନ ଶୋଷଣ ନିବାରଣ ଆଇନ ସମ୍ବନ୍ଧୀୟ କର୍ମଶାଳା




କେନ୍ଦୁଝର, ୨୫।୭ (ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ସୌଜନ୍ୟରୁ କର୍ମକ୍ଷେତ୍ରରେ ଯୌନ ଶୋଷଣ ନିବାରଣ ଆଇନ ସମ୍ବନ୍ଧୀୟ ଏକଦିବସୀୟ କର୍ମଶାଳା ଦରବାର ହଲଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉପ ଆରକ୍ଷୀ ଅଧୀକ୍ଷକ ପୂଜା ଧାମ, ଡେପୁଟି କଲେକ୍ଟର ଅରୁଣିମା ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲକ୍ଷ୍ମୀକାନ୍ତ ମିଶ୍ର, ସମାଜ କଲ୍ୟାଣ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଆଇଡିଏ ପ୍ରତିଷ୍ଠାତା ସେବତୀ ସିଂହ ଯୋଗ ଦେଇଥିଲେ। ତାଲିମଦାତା ଭାବେ ସ୍ଥାନୀୟ ଅଭିଯୋଗ ସମିତିର ଅଧ୍ୟକ୍ଷା ପ୍ରତିଭା ମିଶ୍ର ଓ ଆଇନସେବା ପ୍ରାଧିକରଣ ସଦସ୍ୟ ତଥା ତଦାସା ସମ୍ପାଦକ ଅକ୍ଷୟକୁମାର ଚକ୍ର ଯୋଗ ଦେଇଥିଲେ। ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ତ୍ରିପାଠୀ ମହିଳାମାନେ କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ଓ ସୁରକ୍ଷିତ ଭାବେ କିଭଳି କାମ କରିପାରିବେ ସେନେଇ ଆଇନଗତ ବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ।

# ଚମ୍ପୁଆ ଓ ଝୁମ୍ପୁରାକୁ ରେଳ ସଂଯୋଗୀକରଣ ପାଇଁ ଦାବି

ଚମ୍ପୁଆ, ୨୫।୭ (ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଓ ଝୁମ୍ପୁରା ବ୍ଲକକୁ ରେଳ ସଂଯୋଗୀକରଣ କ୍ଷେତ୍ରରେ ଅବହେଳା କରାଯାଉଥିବା ଅଭିଯୋଗ କରି ଏ ଦୁଇଟି ବ୍ଲକର ସାମାଜିକ ଓ ଅର୍ଥନୈତିକ ବିକାଶ ଏଥିପାଇଁ ବାଧାପ୍ରାପ୍ତ ହେଉଛି। ଏହି ଦୃଷ୍ଟିରୁ ରେଳ ସଂଯୋଗୀକରଣ କରିବା ପାଇଁ ବିକାଶ ପରିଷଦର ସମ୍ପାଦକ ଶାନ୍ତନୁ ଦାଶ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।
ପାଞ୍ଚଶହ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରରେ ଶ୍ରୀ ଦାଶ ଦର୍ଶାଇଛନ୍ତି ଯେ ଚମ୍ପୁଆ ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଓ ଖଣିଜବହୁଳ ଅଞ୍ଚଳ। ଏଠାରେ ସୀମିତ ରେଳ ନେଟୱର୍କ ରହିଛି। ଉପଖଣ୍ଡର ଏହି ଦୁଇଟି ବ୍ଲକରେ ଅନେକ ଧର୍ମୀୟ ସ୍ଥଳୀ, ବାଣିଜ୍ୟ କେନ୍ଦ୍ର, ଐତିହାସିକ ସ୍ଥାନ, ପର୍ଯ୍ୟଟନସ୍ଥଳୀ ଆଦି ରହିଛି। ଏ ସମସ୍ତ ଜାଗାକୁ ଗମନାଗମନର ସୁବିଧା ନାହିଁ। ଉତ୍ତର ଓ ଦକ୍ଷିଣ ଭାରତକୁ ଯିବା ପାଇଁ ଆବଶ୍ୟକ ରେଳ ସଂଯୋଗୀକରଣର ବ୍ୟବସ୍ଥା ମଧ୍ୟ ନାହିଁ। ଏହି ପ୍ରକଳ୍ପକୁ ଗ୍ରହଣ କରାଗଲେ ଲୁହାପଥର, ମାଙ୍ଗାନିଜ ଆଦି ଖଣିଜ ପରିବହନ ସହ ଶିଳ୍ପ ସହ ସମ୍ବଳ ସମୃଦ୍ଧ ଏବଂ ଓଡିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ରେଳ ନେଟୱର୍କକୁ ମଜଭୁତ କରିପାରିବ। କେନ୍ଦୁଝରର ନୟାଗଡ଼ଠାରୁ ଚାଇଁବସାର ଝିଙ୍କପାଣି ତଥା ଟାଟା ନଗର ଭାୟା ଝୁମ୍ପୁରା ଓ ଚମ୍ପୁଆ ଦେଇ ରେଳ ସଂଯୋଗ କରାଯାଇ ପାରିଲେ ଏଠାକାର ସାମାଜିକ ଓ ଅର୍ଥନୈତିକ ବିକାଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରନ୍ତା ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ୨୪ ଗୋରୁ ଉଦ୍ଧାର

ତୁରୁମୁଙ୍ଗା, ୨୫।୭ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି ରାଜନଗର ରାସ୍ତାର ରାଇକଳା ନିକଟରୁ ଶୁକ୍ରବାର ସକାଳୁ ୨୪ ଗୋରୁଙ୍କୁ ଉଦ୍ଧାର କରି ପୁଲିସର ଜିମା ଦେଇଛନ୍ତି ଗୋ-ସୁରକ୍ଷା କର୍ମୀ। ଗୋରୁଙ୍କୁ ଚଲାଇ ଚଲାଇ ନେଉଥିବା ସମୟରେ କର୍ମୀମାନେ ଅଟକ ରଖି ଏହି ଗୋରୁଙ୍କୁ ଉଦ୍ଧାର କରିବା ସହ ପୁଲିସକୁ ଖବର ଦେଇଥିଲେ। ତୁରୁମୁଙ୍ଗା ପୁଲିସସମସ୍ତ ଗୋରୁଙ୍କୁ ରାଜନଗର ଗୋଶାଳାରେ ଛାଡିଛି।

**ଗିରୀଗାଁ ବାଲିଘାଟରୁ ଚୋରା ଚାଲାଣ ନେଇ ଗଣ୍ଡଗୋଳ**

# ଲିଜ୍‌ଧାରୀଙ୍କ ସହ ୩ ଆହତ, ଗାଡ଼ି ଭଙ୍ଗାରୁଜା



ଆନନ୍ଦପୁର, ୨୫।୭ (ସମିସ): ବର୍ଷାଋତୁ ପାଇଁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସରକାର ବାଲିଘାଟ ବନ୍ଦ କରିଥିବାର ସୁଯୋଗ ନେଇ ପ୍ରତିଦିନ ଗିରୀଗାଁ ଘାଟରୁ ବାଲି ଚୋରା ଚାଲାଣ ହେଉଛି। ଏହାକୁ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଗଣ୍ଡଗୋଳରେ ୩ ଜଣ ଆହତ ହେବା ସହ ଏକ ସ୍କର୍ପିଓ ଗାଡି ଭଙ୍ଗାରୁଜା ହୋଇଛି। ଚୋରା ଚାଲାଣକାରୀଙ୍କ ଆକ୍ରମଣରେ ଲିଜଧାରୀ ଲକ୍ଷ୍ମୀଧର ଜେନାଙ୍କ ସମେତ ୩ ଜଣ ଆହତ ହୋଇଥିବା ଜଣାଯାଇଛି। ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ ହେବାପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ବାଲିଘାଟ ବନ୍ଦ ଥିବା ବେଳେ ଚୋରା କାରବାର ହେଉଥିବାରୁ ଶ୍ରୀ ଜେନା ଅନୁସନ୍ଧାନ କରି ଘାଟରୁ ଫେରୁଥିଲେ। ରାତି ପ୍ରାୟ ୧୦.୩୦ ମିନିଟ ସମୟରେ ଗିରୀଗାଁ ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପ୍ରାୟ ୪୦ ବ୍ୟକ୍ତି ଠେଙ୍ଗା ଓ ମାରଣାସ୍ତ୍ର ଧରି ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ସୁନାଚେନ ଓ ୪୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଶ୍ରୀ ଜେନାଙ୍କ ସମେତ ଗାଡ଼ିରେ ଥିବା ଆନନ୍ଦପୁରର ଜୟନାରାୟଣ ସାହୁ ଓ ହାଟଡିହିଗୋପଗ୍ରାମରଦେବାଶିଷରାଉତଆହତହୋଇଛନ୍ତି।

# ଆନନ୍ଦପୁର ବ୍ୟାରେଜ୍ ଦକ୍ଷିଣପାର୍ଶ୍ୱ କେନାଲ ଟେଣ୍ଡର ବାତିଲ ପାଇଁ ସୁପାରିସ୍

ଆନନ୍ଦପୁର, ୨୫।୭ (ସମିସ)



ତିନି ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବହୁ ପ୍ରତୀକ୍ଷିତ ଆନନ୍ଦପୁର ବ୍ୟାରେଜର ଦକ୍ଷିଣ ପାର୍ଶ୍ୱ କେନାଲ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ବନ୍ଦ ହୋଇଯାଇଥିବାରୁ ଆନନ୍ଦପୁର ଜଳସମ୍ପଦ ବିଭାଗ ପକ୍ଷରୁ ଠିକସଂସ୍ଥାର ଟେଣ୍ଡର ବାତିଲ ପାଇଁ ସୁପାରିସ ହୋଇଥିବା ଜଣାଯାଇଛି। ବ୍ୟାରେଜର ବାମପାର୍ଶ୍ୱ କେନାଲ ନିର୍ମାଣ ଶେଷ ହୋଇଥିବା ବେଳେ ଦକ୍ଷିଣପାର୍ଶ୍ୱ କେନାଲ ନିର୍ମାଣ କାମ ଦେଢ଼ବର୍ଷ ହେଲା ଅଟକି ରହିଛି। ଆନନ୍ଦପୁର ବ୍ୟାରେଜର ବାମପାର୍ଶ୍ୱରେ ୨୮କିମି କେନାଲ ନିର୍ମାଣ ହୋଇଥିବା ବେଳେ ଦକ୍ଷିଣପାର୍ଶ୍ୱରେ ମାତ୍ର ଦୁଇ କିଲୋମିଟର କେନାଲ ନିର୍ମାଣ ଶେଷହୋଇଛି। ପ୍ରଥମ ପର୍ଯ୍ୟାୟରେ ଦକ୍ଷିଣପାର୍ଶ୍ୱରେ ୧୪କିମି କେନାଲ ନିର୍ମାଣ ପାଇଁ ସ୍ଥିର ହୋଇମାତ୍ର ୯କିମି ନିର୍ମାଣ କରାଯିବା ଓ ସରେଇଁ ନିକଟରେ କୁଶେଇ ନଦୀଶଯ୍ୟାରେ ଭୂତଳ କେନାଲ ନିର୍ମାଣ ସରିଥିବା ବେଳେ ଯାଜପୁର ଜିଲ୍ଲା ସୀମାରେ କାମ ଶେଷ ହୋଇଛି। ସରେଇଁ ଗ୍ରାମ ନିକଟରେ ଜମି ଅଧିଗ୍ରହଣରେ ସମସ୍ୟା ଥିବାରୁ ସେଠାରେ କାମ ଆଗେଇ ପାରୁନାହିଁ। ଆନନ୍ଦପୁର ପୌରାଞ୍ଚଳ ୧୫ନମ୍ବର ୱାର୍ଡ ପୋଡ଼ାଖମଣ ରାସ୍ତା, ଶୈଳଙ୍ଗ ଓ କଇନିପୁରା (ବଣମୁଣ୍ଡ) ନିକଟରେ କେନାଲ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। କେନାଲରେ ପାଣି ଜମିଥିବାରୁ ଏହା ଗୃହପାଳିତ ପଶୁ ଓ ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ବ୍ୟାରେଜ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କେ. ପ୍ରେମକୁମାର କହିଛନ୍ତି, ଠିକାସଂସ୍ଥା ଠିକ୍‌ରେ କାମ କରୁ ନଥିବାରୁ ଟେଣ୍ଡର ବାତିଲ ପାଇଁ ବିଭାଗ ପକ୍ଷରୁ ସୁପାରିସ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି।

# ସର୍ବଦଳୀୟ ବୈଠକ ଡାକିଲେ ଉପଜିଲ୍ଲାପାଳ

ଚମ୍ପୁଆ, ୨୫।୭ (ସମିସ)



ନୂତନ ବୁଥ ଓ ବୁଥସ୍ତରୀୟ ପୁନଃଗଠନ ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ରାଜନୈତିକ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୨୦୦ରୁ ଅଧିକ ଭୋଟରଙ୍କ ନିମନ୍ତେ ନୂତନ ବୁଥ କରିବା ଏବଂ ଆବଶ୍ୟକ ପଡିଲେ ଗ୍ରାମାଞ୍ଚଳରେ ୨କିମି ଓ ସହରାଞ୍ଚଳରେ ୧କିମି ଭିତରେ କମ ଭୋଟର ଥିବା ବୁଥଗୁଡିକରେ ସାମିଲ କରିବା ଉପରେ ଆଲୋଚନା ହୋଇଥିଲା। ନୂତନ ଭୋଟଗ୍ରହଣ କେନ୍ଦ୍ର ନିମନ୍ତେ ସ୍ଥାନ, ପାରିପାର୍ଶିକ ଅବସ୍ଥା, ଆନୁଷଙ୍ଗିକ ଭିତ୍ତିଭୂମି ଆଦି ତଦାରଖ ଉପରେ ଆଲୋଚନା କରାଯାଇଥିଲା। ଚମ୍ପୁଆ ବିଧାନସଭା (୨୫) ଅଧୀନରେ ଥିବା ବଡବିଲ ସହରାଞ୍ଚଳର ୧୯ଟି ବୁଥ, ଯୋଡା ବ୍ଲକର ୧୨ଟି, ଯୋଡା ସହରାଞ୍ଚଳର ୧୨ଟି, ଚମ୍ପୁଆ ବ୍ଲକର ୨ଟି ଓ ଚମ୍ପୁଆ ଏନଏସିର ୩ଟି ବୁଥକୁ ମିଶାଇ ୪୮ଟି ବୁଥରେ ଏବଂ ପାଟଣା ନିର୍ବାଚନମଣ୍ଡଳୀର ୨୧ଟି ବୁଥ ପୁନଃଗଠନ ସମ୍ପର୍କିତ ଆଲୋଚନା ହୋଇଥିଲା। ଏହି ବୈଠକକୁ ସହକାରୀ ଜିଲ୍ଲାପାଳ ଫୁରଲାଇ ବେଶ୍ରା ପରିଚାଳନା କରିଥିଲେ।

# ବେଆଇନ୍ ମାଛ ବିକ୍ରି ଉପରେ ଚଢ଼ଉ

## ସାଢ଼େ ୩ କ୍ୟୁଣ୍ଟାଲ ଜବତ ମାଛକୁ ନିଲାମ କଲା ପ୍ରଶାସନ




ଭଦ୍ରକ, ୨୫।୭ (ସମିସ)

ଭଦ୍ରକ ସହର ଓ ଉପକଣ୍ଠରେ ବହୁବାର ବାରଣ ସତ୍ତ୍ୱେ ବେଆଇନ୍‌ଭାବେ ବିକ୍ରି ଉପରେ ଆଜି ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ମାଜିଷ୍ଟ୍ରେଟ, ପୌରପାଳିକା ଓ ପୁଲିସ ଉପସ୍ଥିତରେ ଆଜି ଉକ୍ତ ବେଆଇନ୍ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ଦାସ, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ଆରଏମସି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, ରଂଜିତ ଲେଙ୍କା, ସଦର ଆର୍‌ଆଇ ଶରତ ମହାନ୍ତିଙ୍କ ସହ ଟାଉନ ଥାନା ଆଇଆଇସି ପ୍ରଭାଂଶୁଶେଖର ମିଶ୍ର ଓ ପୁରୁଣାବଜାରେ, ଟାଉନ ଥାନାର ପୁଲିସ ଫୋର୍ସ ମିଳିତ ଭାବେ କଲେଜ ରୋଡ, ଆରଡିଛକ, ବାଗୁରାଇଛକ ଓ କଚେରି ବଜାରରେ ପ୍ରଶାସନର ବାରଣ ସତ୍ତ୍ୱେ ବେଆଇନ୍ ଭାବେ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମାଛକୁ ଜବତ କରି ସେମାନଙ୍କ ଉଠା ଦୋକାନକୁ ଉଚ୍ଛେଦ କରିଥିଲେ। ଆଜି ଇଲିସି, ବେକିଟି, ରୋହି ଓ ଭାକୁଡ ଆଦି ବିଭିନ୍ନ ପ୍ରକାରର ମାଛ ଜବତ କରାଯାଇଥିଲା। ଯାହାର ପରିମାଣ ୩ କ୍ୟୁଣ୍ଟାଲ ୪୯ କେଜି ବୋଲି ଜଣାଯାଇଛି। ଏହି ମାଛକୁ ଭଦ୍ରକ ଆର୍‌ଏମସି କ୍ୟାମ୍ପସରେ ଥିବା ମାଛ ମାର୍କେଟକୁ ନେଇ ଏହାର ନିଲାମ କରାଯାଇଥିଲା। ନିଲାମ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଜବତ ମାଛକୁ ୬୨ହଜାର ୩୦୫ଟଙ୍କାରେ ନିଲାମ କରାଯାଇ ଉକ୍ତ ଟଙ୍କାକୁ ଆରଏମସି କର୍ତ୍ତୃପକ୍ଷଙ୍କଠାରେ ପୈଠ କରାଯାଇଥିବା ଜଣାଯାଇଛି।

## ଲିଫ୍ଟ ପଏଣ୍ଟରୁ ତାର ଚୋରି



ବାରିକପୁର, ୨୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଲିଫ୍ଟ ପଏଣ୍ଟରୁ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ତାର ଚୋରି ହୋଇଥିବା ଜଣାପଡିଛି। ସଂପ୍ରତି ଖରିଫ୍ ଧାନ ଚାଷ ପାଇଁ ଉଠା ଜଳସେଚନ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ବିଭାଗ ପକ୍ଷରୁ ପଏଣ୍ଟଗୁଡିକର କେଉଁଠି ନବୀକରଣ ତ ପୁଣି କେଉଁଠି ମରାମତି କାର୍ଯ୍ୟ ଚାଲିଛି। ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ଅବସ୍ଥାରେ ତାର ଚୋରି ହେବା ଯୋଗୁଁ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ସୂଚନା ମୁତାବକ, ବ୍ଲକର ଶାନସାଶନ, ଲୁଣପଦୀ, କୋଟଶିରା, ଗନ୍ଧିଆପଦୀ, ପାତାଳ ସିଂ ପ୍ରମୁଖ ସ୍ଥାନରେ ଥିବା ଉଠା ଜଳସେଚନ ପ୍ରକଳ୍ପଗଡିକରୁ ଦୁର୍ବୃତ୍ତ ତାର ଚୋରି କରିଛନ୍ତି। ପ୍ରକଳ୍ପଟି ୧୦-୧୨ଟି ପୋଲରୁ ଏହି ତାର ଚୋରି ହୋଇଛି। କିଛି ଦିନ ହେବ ଏଭଳି ଚୋରି ବନ୍ଦ ରହିଥିବା ବେଳେ ଏବେ ଏହା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ସ୍ଥାନୀୟ ଚୋର ଏବଂ କିଛି କବାଡିଆଙ୍କ ହାତ ଥାଇପାରେ ବୋଲି ଅନୁମାନ କରାଯାଉଛି। ସେ ଯାହାବି ହେଉ ଏହା ଉପରେ ପ୍ରଶାସନ ଗୁରୁତ୍ୱ ସହିତ ତୁରନ୍ତ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

## ଆଦର୍ଶ ଶିକ୍ଷକ ଚକ୍ରଧର ବେହେରାଙ୍କ ପରଲୋକ



ବାସୁଦେବପୁର, ୨୫।୭ (ସମିସ): ବାସୁଦେବପୁର ଅଞ୍ଚଳର ଆଦର୍ଶ ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଭୈରବପୁର ଗ୍ରାମର ଚକ୍ରଧର ବେହେରା (୭୩)ଙ୍କ ପରଲୋକ ହୋଇଯାଇଛି। ସେ ବାସୁଦେବପୁର ସରକାରୀ ବାଳିକା ହାଇସ୍କୁଲ, କେକେଜିପି ଚାନ୍ଦିମାଳ ହାଇସ୍କୁଲ ଓ କରଞ୍ଜଆଡିଆ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ କଟକ କଟକ ଯିବା ବାଟରେ ପ୍ରାଣବାୟୁ ଚାଲି ଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଥିଲା। ସ୍ୱର୍ଗତ ବେହେରା ଜଣେ ଛାତ୍ରଛାତ୍ରୀ ବତ୍ସଳ ପ୍ରଧାନ ଶିକ୍ଷକ ଥିଲେ। ନିଜର ନିରାଡମ୍ବର ଓ ସରଳ ଜୀବନ ଯାପନ ପାଇଁ ସମସ୍ତଙ୍କର ଆପଣାର ହୋଇ ପାରୁଥିଲେ। ତାଙ୍କର ମରଶରୀରକୁ ଶେଷ ଦର୍ଶନ କରିବାକୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଭୈରବପୁର ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ବିଦେଶୀ ମଦ ଜବତ

ବାରିକପୁର, ୨୫।୭ (ସମିସ): ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଷୋଳମପୁର ପଞ୍ଚାୟତ ମଣିନାଥପୁରଠାରୁ ବିଦେଶୀ ମଦ ଜବତ ହୋଇଛି। ଚୋରା ବେପାରୀ ବାସଗୃହଠାରୁ ୭ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହାସହିତ ବ୍ୟକ୍ତି ଜଣଙ୍କୁ ପୁଲିସ ଥାନାକୁ ଆଣି ଆଇନ୍ ଅନୁଯାୟୀ ଚେତାବନୀ ନୋଟିସ ଦେଇଥିବା ଜଣାପଡିଛି। ଏନେଇ ଥାନା ପକ୍ଷରୁ ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଏଠାରେ ସୂଚିତ, କେତେବେଳେ କେମିତି ଥାନା ପକ୍ଷରୁ କିଛି ସ୍ଥାନରେ ଚଢଉ କରାଯାଇ ମଦ ଜବତ ହେଉଥିବା ବେଳେ ଗ୍ରାମାଞ୍ଚଳରେ ଅବାଧ ବେଆଇନ ନିଶା କାରବାର ଉପରେ ରୋକ ଲାଗିପାରୁ ନାହିଁ।

## ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା




ତିହିଡ଼ି, ୨୫।୭ (ସମିସ): ବ୍ଲକସ୍ତରୀୟ ଶିଶୁ ସୁରକ୍ଷାକୁ କ୍ରିୟାଶୀଳ କରିବା ସକାଶେ ତିହିଡ଼ି ବ୍ଲକ ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ଏବଂ ବ୍ଲକ ଟାସ୍କଫୋର୍ସ କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତରାଜ ପ୍ରତିନିଧି, ଶିଶୁ ବିକାଶ ବିଭାଗ, ସାମାଜିକ ଗୋଷ୍ଠୀ ଓ ବିଭାଗୀୟ ଅଧିକାରୀ ସମୂହ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ବିଡିଓ ମାନସ ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ସୁରକ୍ଷା ୟୁନିଟର ତାଲିମ ସଂଯୋଜକ ସୁବ୍ରତ ଦାସ, ଆୟୋଜକ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ, ସଦସ୍ୟା ସଚିବ ରିନି ମହାନ୍ତି ସମେତ ୟୁନିସେଫର ପରାମର୍ଶଦାତା ମଧୁମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। କର୍ମଶାଳାରେ ସମସ୍ତ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସମ୍ବନ୍ଧରେ ଅବଗତ ହେଲେ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷା ଦୃଢ଼ୀଭୂତ ହୋଇପାରିବ ବୋଲି ଆଲୋକପାତ କରାଯାଇଥିଲା। ଶିଶୁ ସୁରକ୍ଷା କର୍ମୀ ମହେଶଚନ୍ଦ୍ର ଦାଶ ଓ ଜ୍ୟୋତି ପ୍ରକାଶ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚାଇଁପୁର ସେବା ସମବାୟ ସମିତି ଅଚଳାବସ୍ଥା ଦୂର




ବନ୍ତ/ଆଗରପଡ଼ା, ୨୫।୭ (ସମିସ): ୩ମାସର ଅଚଳାବସ୍ଥାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଡିଆରସିଏସ,ଭଦ୍ରକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୯୩୧/୨୪.୦୭.୨୫ରେ ଚଳିତ ବର୍ଷ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲୁଥିବାରୁ ଚାଷୀଙ୍କ ବିହିତ ସ୍ୱାର୍ଥକୁ ଆଖିଆଗରେ ରଖି ବସନ୍ତିଆ ସମବାୟ ସମିତି ସହ ସଂପାଦକଙ୍କୁ ଚାଇଁପୁର ସମବାୟ ସମିତି ସଂପାଦକ ଦାୟିତ୍ୱ ଅର୍ପଣ କରାଯାଇଛି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି, ୩ମାସ ଧରି ବନ୍ଦ ପଡ଼ିବା ପରେ ଗୁରୁବାର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ସମବାୟ ସମିତିର ତାଲା ଭଙ୍ଗା ଯାଇଥିଲା। ବନ୍ତ ବ୍ଲକ ଚାଇଁପୁର ସମବାୟ ସମିତିରେ ଗତ ୩ମାସ ଧରି ସମ୍ପାଦକ କାମିନୀକାନ୍ତ ପଣ୍ଡାଙ୍କ ମନମାନି ଯୋଗୁଁ ଅଚଳାବସ୍ଥା ଲାଗି ରହିଥିଲା। ତେବେ ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଗୁରୁବାର ତାଲା ଭଙ୍ଗା ଯାଇଛି। ଗତ ୩ ମାସ ଧରି ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନଥିଲା। ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏଥିନେଇ ସମିତି ସଭାପତି ଅଜୟ କୁମାର ନାୟକ ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳିପାରି ନଥିଲା। ପରେ ସମବାୟ ସମିତି ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଏଆରସିଏସ, ଡିଆରସିଏସ, ରାଜ୍ୟ ସମବାୟ ସଚିବ, ସମବାୟ ମନ୍ତ୍ରୀଙ୍କୁ ଡାକ ଯୋଗେ ଅବଗତ କରିଥିଲେ। ଏହି ତାଲାକୁ ଅତିରିକ୍ତ ତହସିଲଦାର ଓ ବନ୍ତ ଥାନାଧିକାରିଣୀ ମୋନାଲିସା କରଙ୍କ ସହ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଭଙ୍ଗାଯାଇ ସମିତିର ଲେଜର କ୍ଲର୍କ ସୁଶୀଲ ଦାସଙ୍କ ଜିମାରେ ଦିଆଯାଇଥିବା ଜଣାପଡିଛି।

## ପଞ୍ଚାୟତ ରାସ୍ତାରେ ଆଣ୍ଠୁଏ ପାଣି



ବାରିକପୁର, ୨୫।୭ (ସମିସ): ଲଗାଣ ବର୍ଷା ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତା ଉପରେ ପାଖାପାଖି ଆଣ୍ଠୁଏ ପାଣି ଜମି ଯାଇଛି। ଫଳରେ ଯାତାୟାତ ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସ୍କୁଲ ପିଲା ଓ ନିକଟସ୍ଥ ହୋମିଓପାଥି ମେଡିକାଲକୁ ଆସୁଥିବା ରୋଗୀଙ୍କ ପାଇଁ ଏହି ୧୫ ଫୁଟ ରାସ୍ତା ବିପଦପୂର୍ଣ୍ଣ ପାଲଟିଛି। ସୂଚନା ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟଠାରୁ ଭାୟା ଦାସସାହି ଓ ନୂଆପୋଖରୀକୁ ଏହି ରାସ୍ତାଟି ସଂଯୋଗ ହୋଇଛି। ପ୍ରଥମେ ରାସ୍ତାଟି ଗ୍ରାମପଞ୍ଚାୟତ ତଥା ବ୍ଲକ ଅଧୀନରେ ଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ଯାଇଥିଲା। ଇତିମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନବୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ସ୍କୁଲ ପଛ ପାର୍ଶ୍ୱ ତଥା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ପନ୍ଦର ଫୁଟ ରାସ୍ତା ଅସମ୍ପୂର୍ଣ୍ଣ ରହିଛି। ରାସ୍ତା ନିର୍ମାଣ ବେଳେ କୌଣସି ଏକ ବିବାଦ ଦେଖା ଦେଇଥିଲା। ତେଣୁ ଠିକାସଂସ୍ଥା ଏହି ସ୍ଥାନରେ କୌଣସି କାର୍ଯ୍ୟ କରି ନଥିଲା। ରାସ୍ତା ନବୀକରଣ ବେଳେ ଦେଖା ଦେଇଥିବା ସମସ୍ୟା ସମାଧାନ ପାଇଁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ବେଳେ ଆଜି ଯାଏଁ ପଥଟି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। କେତେକ ମେଟାଲ କେଇ ଫୁଟ ଏହା ଉପରେ ଉପରେ ପଡିଥିବା ବେଳେ ଅସରାଏ ବର୍ଷା ହେଲେ ପାଣିରେ ବୁଡି ଯାଉଛି ରାସ୍ତା ଲେଗଡିଆଠାରୁ ଆରମ୍ଭ କରି ନୂଆପୋଖରୀ ଓ ରହଣିଆ ଗ୍ରାମର ଅର୍ଦ୍ଧାଧିକ ଜନସାଧାରଣ ଉକ୍ତ ଜଳ ପୂର୍ଣ୍ଣ ରାସ୍ତାକୁ ଦୈନିକ ଅତିକ୍ରମ କରୁଛନ୍ତି। ରାସ୍ତାକୁ ଲାଗି ଗୋଟିଏ ଗାଡିଆ ରହିଥିବା ବେଳେ ସ୍କୁଲ ପିଲାଙ୍କ ଯାତାୟାତ ପାଇଁ ମଧ୍ୟ ବିପଦ ଦେଖା ଦେଇଛି। ରାସ୍ତା ଓ ଗାଡିଆ ପାଣି ସମତୁଲ ରହିଥିବା ବେଳେ କେଉଁଟା ପଥ ଓ କେଉଁଠି ଗର୍ତ୍ତ ତାହା ସହଜରେ ମଧ୍ୟ ଜଣା ପଡୁନାହିଁ। ତେଣୁ ବିଭାଗୀୟ ଯନ୍ତ୍ରୀ ଏହା ଉପରେ ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ଗମନାଗମନ ପଥଟିକୁ ବିପଦମୁକ୍ତ କରିବା ପାଇଁ ଦାବି ହୋଇଛି।

## ସୁନାମୀ ପ୍ରଭାବିତ ଗ୍ରାମ ପରିଦର୍ଶନ



ବାସୁଦେବପୁର, ୨୫।୭ (ସମିସ): ବାସୁଦେବପୁର ବ୍ଲକର ଉପକୂଳ ଅଞ୍ଚଳ ବାଲିମୁଣ୍ଡା ପଞ୍ଚାୟତର ସୁନାମୀ ପ୍ରଭାବିତ ଅଞ୍ଚଳ ଭାବେ ଚିହ୍ନଟ ହୋଇଥିବା ନନ୍ଦପାଟଣା ଓ ବାଲିମୁଣ୍ଡା ଗ୍ରାମ ବୁଲି ଦେଖିଥିଲେ। ଓଏସଡିଏମଏ ଜେନେରାଲ ମ୍ୟାନେଜର ଡ. ବେବିତା ମଞ୍ଜରୀ ନାୟକ, ଡିପିଓ ଅମ୍ଳାନ ଅମିତାଭ ସେନାପତି, ବାଲିମୁଣ୍ଡାର ସରପଞ୍ଚ ମିନତୀ ଦାସ, ଲାଇଫ୍ ଲାଇନର ପବିତ୍ର ମୋହନ ଦାସ, ପିଇଓ ସୂର୍ଯ୍ୟକାନ୍ତ ମଲ୍ଲିକ, ହୃଷୀକେଶ ଜାନା, ସମିତିସଭ୍ୟ ସୁକୁମାର ମାଇତି ଓ ତପନ ଦାସ ଯୋଗ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## କନ୍ତିଆରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି କର୍ମଶାଳା



ବନ୍ତ/ଆଗରପଡ଼ା, ୨୫।୭ (ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁସାରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ମହିଳା କର୍ମଚାରୀ ଓ ଛାତ୍ରୀଙ୍କୁ ନିର୍ଯାତନା ଆଇନ ସମ୍ବନ୍ଧୀୟ ସଚେତନତା ଓ ନିବାରଣ ସମ୍ପର୍କରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଏହି କର୍ମଶାଳାରେ ଉପସ୍ଥିତ ଥିଲେ। ୟୁଜିସି ପକ୍ଷରୁ ଜାରି ନିୟମକୁ କଡାକଡି ପାଳନ କରିବା ସହିତ କାର୍ଯ୍ୟାଧାରାକୁ ବାସ୍ତବ ରୂପାୟନ ନିମନ୍ତେ ଗୁରୁତ୍ୱାରୋପ କରାଯାଇଛି। କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ଦାଶ, ସଦସ୍ୟ ଅଧ୍ୟାପକ ସୁବାସଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ଅଧ୍ୟାପିକା ଦେବଯାନୀ ପଣ୍ଡା, ଅଧ୍ୟାପକ ସୁଶାନ୍ତ କୁମାର ବେହେରାଙ୍କ ସମେତ ମହାବିଦ୍ୟାଳୟ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ସ୍ଥାପନା ସହିତ ସଂଯୋଜିକା ଭାବରେ ଅଧ୍ୟାପିକା ଦେବଯାନୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ।

## ସମବାୟ ସମିତି ପରିଚାଳନା ପରିଷଦ ବୈଠକ



ବାରିକପୁର, ୨୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଢୋଠାରେ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ସାଗର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ ପରିଚାଳନା କମିଟି ସଭ୍ୟ ଯୋଗ ଦେଇଥିଲେ। ସମିତି ଆୟବ୍ୟୟ, ଖରିଫ୍ ଋଣ ଲଗାଣ ଓ ଚାଷୀ ପଞ୍ଜିକରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ନାୟକ, ବିଦ୍ୟାଧର ସେନାପତି, ଶିଶିର ନାୟକ, ରଞ୍ଜନ ବେହୁରିଆ, ପ୍ରଶାନ୍ତ ରାଉତ, ସତ୍ୟଜିତ ରାଉତ, ବିନ୍ଦୁଶ୍ରୀ କୁଅଁର, ସୁମତୀ ଲତା ରାଉତ, ବିଜୟାଲକ୍ଷ୍ମୀ ନାୟକ, ବିଳାସ ଧଳ, ସିଦ୍ଧନାଥ ଦାସ ପ୍ରମୁଖ ବିଭିନ୍ନ ଆଲୋଚନା କରିଥିଲେ। ସମବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ଦାସ ପୂର୍ବ ବୈଠକଗୁଡ଼ିକରେ ହୋଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକର କାର୍ଯ୍ୟକାରିତା ନେଇ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ସମବାୟ କର୍ମଚାରୀ ନୀଳମଣି ସାମଲ, ଓଙ୍କାର ବାରିକ, ବିଜୟ ନାୟକ, ହୁରେନ୍ଦ୍ର ଜେନା ପରିଚାଳନା କରିଥିଲେ।

● ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଅର୍ଥ ପ୍ରଦାନ ପ୍ରସଂଗ

## ଅଭିଯୋଗ ପରେ ତତ୍ପର ହେଲା ପ୍ରଶାସନ



ଭଦ୍ରକ, ୨୫।୭ (ସମିସ)

ଦଳୀୟ ଆଧାରରେ ପ୍ରଦାନ କରାଯାଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ। ଏଭଳି କିଛି ସଙ୍ଗୀନ ଅଭିଯୋଗ ଆଣି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଖେରଙ୍ଗ ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ। ଆଗାମୀ ଦୁଇ ଦିନ ମଧ୍ୟରେ ଯଦି ଯୋଗ୍ୟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରା ନ ଯାଏ ତେବେ ହିତାଧିକାରୀଙ୍କ ସହ ବ୍ଲକ ସମ୍ମୁଖରେ ଧାରଣା ବସିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର, ଉପାଧ୍ୟକ୍ଷ ସରୋଜ ବଳ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ ଚାନ୍ଦବାଲି ବିଡିଓ ସଂଜୀବ ମହାପାତ୍ରଙ୍କୁ ଭେଟି ଏ ବିଷୟରେ ଅବଗତ କରାଇବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ଏ ବିଷୟରେ ଚାନ୍ଦବାଲି ବିଡ଼ିଓଙ୍କୁ ପଚାରିବାରୁ ୮୫ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି ଖୁବଶୀଘ୍ର ଅନ୍ୟ ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିଛନ୍ତି।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ପଞ୍ଚାୟତରେ ଆଜିକୁ ୮ମାସ ହେବ ବ୍ଲକ ପକ୍ଷରୁ ସର୍ଭେ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମୋଟ ୪୭୬ ଜଣ ହିତାଧିକାରୀଙ୍କ ମଧ୍ୟରୁ ମୋଟ ୨୨୩ ଜଣ ହିତାଧିକାରୀଙ୍କୁ ଯୋଗ୍ୟ ଭାବେ ଚୟନ କରାଯାଇଛି। ସେଥିମଧ୍ୟରୁ ମାତ୍ର ୬୪ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୧୫୯ ଜଣଙ୍କୁ ସ୍ଥାନୀୟ ବିଜେପି ନେତାଙ୍କ ଆକ୍ରୋଶର ଶିକାର ହେବା ଯୋଗୁଁ ଏପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯାଇ ନାହିଁ। ଫଳରେ କଚ୍ଚା ଘର ମାଟି କାନ୍ଥରେ ବହୁ କଷ୍ଟରେ ଜୀବନ ଅତିବାହିତ କରୁଛନ୍ତି ଲୋକେ। ଏ ସମ୍ବନ୍ଧରେ ଭଦ୍ରକ ଜିଲ୍ଲାପାଳ, ପିଡି, ଚାନ୍ଦବାଲି ବିଡ଼ିଓଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଗରିବ ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯାଉନାହିଁ।

ପ୍ରଧାନଶିକ୍ଷକଙ୍କ ମନମାନିରେ ଚାଲିଛି ବିଦ୍ୟାଳୟ

## ମଧ୍ୟାହ୍ନ ଭୋଜନ ପରିଚାଳନାରେ ବିଭ୍ରାଟ: ଗ୍ରାମବାସୀଙ୍କ ଅଭିଯୋଗ




ଅସୁରାଳି, ୨୫।୭ (ସମିସ): କିଛି ବିଦ୍ୟାଳୟରେ ଶିକ୍ଷକମାନେ ସରକାରୀ ନିୟମକୁ ଫୁ କରୁଛନ୍ତି। ଅଫିସକାର୍ଯ୍ୟ ସମୟରେ ହାଟବଜାରରେ ବୁଲୁଥିବା ନେଇ ଜଣେ ପ୍ରଧାନଶିକ୍ଷକଙ୍କ ନାମରେ ଗ୍ରାମବାସୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଧାମନଗର ବ୍ଲକ ଅଧୀନ ବମକୁରା ପଞ୍ଚାୟତସ୍ଥିତ ଘାଟସାହି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ପ୍ରଧାନ ଶିକ୍ଷକ ଜଣକ କାଗଜ କଲମରେ ସଠିକ ସମୟରେ ବିଦ୍ୟାଳୟକୁ ଆସନ୍ତି ଓ ଯାଆନ୍ତି। ପ୍ରକୃତ ପକ୍ଷେ ସେ ନିଜ ମନମାନିଆରେ ବିଦ୍ୟାଳୟକୁ ଆସନ୍ତି ଓ ଛୁଟି ପୂର୍ବରୁ ବିଦ୍ୟାଳୟ ଛାଡନ୍ତି। ଶୁକ୍ରବାର ସେ ବିଦ୍ୟାଳୟକୁ ମଧ୍ୟାହ୍ନ ୧୨ଟା ପୂର୍ବରୁ ଛାଡିଥିଲେ। ଶିକ୍ଷକ ଉପସ୍ଥାନ ଖାତାରେ ପ୍ରଧାନଶିକ୍ଷକ ପ୍ରସ୍ଥାନ ସମୟ ନପକାଇ ସ୍ୱାକ୍ଷର କରିଛନ୍ତି। ଅଧାଛୁଟି ନେବାର ନିୟମ ଥିଲାବେଳେ ସହକାରୀ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେଇ ନାହାନ୍ତି। ବିଦ୍ୟାଳୟରେ ମୋଟ ୭୮ ଜଣ ଛାତ୍ରଛାତ୍ରୀ ଥିଲାବେଳେ ଅପରାହ୍ନ ୨ଟାରେ ୫୨ ଜଣ ପିଲା ବିଦ୍ୟାଳୟରେ ଉପସ୍ଥିତ ଥିଲେ। ୭୩ ଜଣ ମଧ୍ୟାହ୍ନ ଭୋଜନ ଖାଇଥିବା ସହକାରୀ ଶିକ୍ଷକ କହିଥିଲେ। ସେହି ବିଦ୍ୟାଳୟରେ ୧ମ ରୁ ୫ମ ଶ୍ରେଣୀ ଥିଲାବେଳେ ପ୍ରଧାନ ଶିକ୍ଷକଙ୍କୁ ଲଗାଇ ୨ ଜଣ ଶିକ୍ଷକ ୨ଟି ଶ୍ରେଣୀ ଗୃହରେ ଶିକ୍ଷାଦାନ କରନ୍ତି। ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତିରେ ଜଣେ ଶିକ୍ଷକ ଗୋଟିଏ ଶ୍ରେଣିରେ ପଢାଉଥିବା ବେଳେ ଅନ୍ୟ ଶ୍ରେଣୀରେ ପିଲାମାନେ ହୋ ହାଲ୍ଲା କରୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ବିଶ୍ୱାଳ କହିଛନ୍ତି, ଭଉଣୀ ଦେହ ଖରାପ ଥିବାରୁ ମେଡିକାଲ ଯାଇଥିଲେ। ସେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ତେବେ, ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡା କହିଛନ୍ତି, ସଂପୃକ୍ତ ପ୍ରଧାନ ଶିକ୍ଷକ ଛୁଟିନେବା ବିଷୟରେ କିଛି ଜଣାଇ ନଥିଲେ। ଅନ୍ୟ ଏକ ବିଦ୍ୟାଳୟକୁ ଯିବା ବାଟରେ ପ୍ରଧାନ ଶିକ୍ଷକ ଭେଟ ହେବାରୁ ମେଡିକାଲ ଯିବା କଥା କହିଥିଲେ। ଅନ୍ୟ ବିଷୟରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି।

# ଭୋକ ଉପାସରେ ବର୍ଷା ରାତିରେ ବୁଲିଲେ ୪ ଭାଇ ଭଉଣୀ



## ଉଦ୍ଧାର କଲେ କୁଲେଇ ଗ୍ରାମବାସୀ

ତାଳଚେର ସହର,୨୫ ।୭ (ସମିସ): ଚାରି ଭାଇ ଭଉଣୀ ବର୍ଷା ରାତିରେ ବୁଲୁଥିବା ବେଳେ ଉଦ୍ଧାର କରିଛନ୍ତି ଗ୍ରାମବାସୀ। ଗୁରୁବାର ରାତିରେ ପ୍ରବଳ ବର୍ଷାରେ ଏହି ୪ ଭାଇଭଉଣୀ ଭୋକ ବିକଳରେ ଚାଲି ଚାଲି ତାଳଚେର ସୌଭାଗ୍ୟନଗର ଅଞ୍ଚଳରୁ କଣିହାଁ ବ୍ଲକ କୁଲେଇ ଗାଁ ଦେଇ ପବିତ୍ରନଗର ଅଞ୍ଚଳକୁ ଯାଉଥିବା ବେଳେ କୁଲେଇ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ବସ୍‌ଷ୍ଟାଣ୍ଡରେ ରଖିଥିଲେ। ଘର କେଉଁଠି ଆଉ କୁଆଡ଼େ ଯାଉଛ ବୋଲି ପଚାରିବାରୁ ପିଲାମାନେ କହିଥିଲେ ଯେ ତାଙ୍କ ବାପାଙ୍କ ଦେହ ଅସୁସ୍ଥ ଥିବାରୁ ସେ ଡାକ୍ତରଖାନାରେ ଅଛନ୍ତି। ମା' ମଧ୍ୟ ତାଙ୍କ ବାପାଙ୍କ ସହ ଯାଇଛନ୍ତି। ଘରେ କେହି ନ ଥିବାରୁ ଭୋକ ଉପାସରେ ରାସ୍ତାରେ ବୁଲୁଥିଲେ। ଯିଏ ଯାହା ଦେଲା ଖାଉଥିଲେ। ତେବେ ଗୁରୁବାର କିଛି ଖାଇବାକୁ ନ ମିଳିବାରୁ ଭୋକ ବିକଳରେ ଖାଦ୍ୟସନ୍ଧାନରେ ଯାଉଥିଲେ ବୋଲି କହିଛନ୍ତି। କୁଲେଇ ଗ୍ରାମର କିଛି ସହୃଦୟ ବ୍ୟକ୍ତି ରାତିରେ ତାଙ୍କୁ ଉଦ୍ଧାର କରି ବସ୍‌ଷ୍ଟାଣ୍ଡରେ ଆଶ୍ରୟ ଦେବା ସହ ଖାଦ୍ୟ ପାନୀୟ ଦେଇଥିଲେ। ସକାଳେ ସମଲ ଥାନା ପୁଲିସ ପିଲାମାନଙ୍କୁ ଉଦ୍ଧାର କରି ହେପାଜତକୁ ନେଇଛି।

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପ୍ରତିନିଧି



ଅନୁଗୋଳ,୨୫ ।୭ (ସମିସ): ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାରେ ସମସ୍ତ ପ୍ରକାର ସହାୟକ ଓ ଡାଉନଷ୍ଟ୍ରିମ୍ ଶିଳ୍ପର ବିକାଶ ଓ ଶିଳ୍ପୋଦ୍ୟୋଗୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ, ରିଆତି ଦରରେ କଞ୍ଚାମାଲ ଓ ପୁଞ୍ଜି ସହାୟତା ପାଇଁ ଏକ ଶିଳ୍ପ କ୍ଲଷ୍ଟର ସୃଷ୍ଟି ପାଇଁ ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କରିଡରକୁ ଆହୁରି ଦୃଢ଼ କରିବା ସହ ସ୍ଥାନୀୟ ଶିଳ୍ପୋଦ୍ୟୋଗୀ ଓ ବ୍ୟବସାୟୀଙ୍କୁ ସଶକ୍ତ କରିବ। ବୃହତ କର୍ମନିଯୁକ୍ତି ସୃଷ୍ଟି କରିବା ସହ ବ୍ୟାପକ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ସହାୟକ ହେବ। ଏହି ମର୍ମରେ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପ୍ରତିନିଧି ମଣ୍ଡଳୀ ଅର୍ଥମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅଧ୍ୟକ୍ଷ ଅଶୋକ କୁମାର ଜୈନ, ସଭାପତି ଦୀପକ କୁମାର ବର୍ମା, ଉପସଭାପତି ବିକ୍ରମ ଅଗ୍ରୱାଲ, ସାଧାରଣ ସମ୍ପାଦକ ଅଶୋକ କୁମାର ମୋଦୀ, କାର୍ଯ୍ୟବାହୀ ସମ୍ପାଦକ ସେକ୍ ରଫିକ୍, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ମିଡିଆ ସେଲ ଆବାହକ ସୁନୀଲ ଅଗ୍ରୱାଲ, ଦୁଃଖବନ୍ଧୁ ସାହୁ, ଜନ୍ମେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନରେ ତଥ୍ୟ ଦେଉନାହାନ୍ତି ବିଡିଓ

● ବାହାନା ଦେଖାଇ ଟାଳିଦେଉଥିବା ଅଭିଯୋଗ

ଅନୁଗୋଳ,୨୫ ।୭ (ସମିସ): ସୂଚନା ଅଧିକାର ଆଇନରେ ତଥ୍ୟ ଦେଉନାହାନ୍ତି ଅନୁଗୋଳ ବିଡିଓ। ଏଭଳି ଅଭିଯୋଗ ଆଣିଛନ୍ତି ଜଣେ ଆଇନଜୀବୀ। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତର ଆଇନଜୀବୀ ପଦାରବିନ୍ଦ ଦାସ କେତେକ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବାରୁ ସୂଚନା ଅଧିକାର ଆଇନ ବଳରେ ୨୦୨୫ ଏପ୍ରିଲ ୪, ମେ ୨ ଓ ମେ ୫ରେ କାର୍ଯ୍ୟର ତଥ୍ୟ ପାଇଁ ଆବେଦନ କରିଥିଲେ। ତଥ୍ୟ ପ୍ରଦାନ ପାଇଁ ଧାର୍ଯ୍ୟ ସମୟସୀମା ପାର୍ ହୋଇଯାଇଥିଲେ ବି ତାଙ୍କୁ ତଥ୍ୟ ମିଳି ନ ଥିଲା। ଏ ନେଇ ସେ ବିଡିଓଙ୍କୁ ଭେଟି ଆଲୋଚନା କରିଥିଲେ। ସେ ଖୁବଶୀଘ୍ର ତଥ୍ୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜିଯାଏଁ ତଥ୍ୟ ମିଳି ନ ଥିବାରୁ ଏନେଇ ସୂଚନା କମିଶନରଙ୍କ ନିକଟରେ ଅପିଲ କରିବେ ବୋଲି ଆଇନଜୀବୀ ଦାସ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ବିଶ୍ୱଭୂଷଣଙ୍କୁ ପଚାରିବାରୁ ସେ ଚତୁରତାର ସହ କଥା ଏଡ଼ାଇ ଦେଇ ଏବେ ସମୟ ନାହିଁ, ପରେ କଥାହେବା ବୋଲି କହିଛନ୍ତି।

## ନାମକୁମାତ୍ର ଆବାସିକ ବିଦ୍ୟାଳୟ

# ଓଏଭିରେ ନାହିଁ ହଷ୍ଟେଲ, ବିଦ୍ୟାର୍ଥୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ଅନୁଗୋଳ,୨୫ ।୭ (ସମିସ)



ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସଇ ପାଠ୍ୟକ୍ରମରେ ମାଗଣା ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ୨୦୧୫ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ। ରାଜ୍ୟର ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିଥିଲେ। ବିଦ୍ୟାଳୟ ପରିସରରେ ପୃଥକ ଭାବେ ଛାତ୍ରାବାସ ଓ ଛାତ୍ରୀନିବାସରେ ରହି ଛାତ୍ରଛାତ୍ରୀ ଅଧ୍ୟୟନ କରିବା ବ୍ୟବସ୍ଥା ହୋଇଛି। ଏହି କ୍ରମରେ ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ସନ୍ତ୍ରୀ ଗାଁରେ ପ୍ରାୟ ୨୦ ହଜାର ବର୍ଗମିଟର ଜାଗାରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇଛି। ତେବେ ଏହି ବିଦ୍ୟାଳୟରେ ଅଦ୍ୟାବଧି ଛାତ୍ରାବାସ ନିର୍ମାଣ ଶେଷ ହୋଇନାହିଁ। ଛାତ୍ରୀନିବାସ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଚଳଣି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ କର୍ମଚାରୀ ନିଯୁକ୍ତି ହୋଇ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିନି। ଏହି ବିଦ୍ୟାଳୟ ୨୦୨୨-୨୩ ଶିକ୍ଷାବର୍ଷରୁ ପାଠପଢ଼ା ଆରମ୍ଭ ହୋଇଛି। ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଶେଷହୋଇ ନ ଥିବାରୁ ପ୍ରଥମ ବର୍ଷ ଗାଁର ନେହରୁ ହାଇସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଥିଲା। ତିନିବର୍ଷ ହେଲାଣି ବିଦ୍ୟାଳୟର ଭିତ୍ତିଭୂମି ତଥା ହଷ୍ଟେଲ ନିର୍ମାଣ ଶେଷହେଉ ନ ଥିବାରୁ ଛାତ୍ରଛାତ୍ରୀ ଏଠାରେ ପାଠ ପଢ଼ିବାକୁ ରାଜି ହେଉନାହାନ୍ତି। ଦୁଇବର୍ଷ ହେଲାଣି ଶ୍ରେଣୀଗୃହରେ ଶିକ୍ଷାଦାନ ହେଉଥିବା ବେଳେ ଛାତ୍ରଛାତ୍ରୀ ପାଖଗାଁରେ ଥିବା ଘରୋଇ ହଷ୍ଟେଲ କିମ୍ବା ଘରଭଡ଼ା ନେଇ ରହୁଛନ୍ତି। ରହୁଥିବା ସ୍ଥାନରୁ ସ୍କୁଲକୁ ଯିବାଆସିବାରେ ସେମାନଙ୍କ ପାଇଁ ସମସ୍ୟା ହେଉଥିଲେ ବି ଭବିଷ୍ୟତ ଗଢ଼ିବାକୁ ଅନ୍ୟ ଉପାୟ ନ ଥିବାରୁ ବାଧ ହେଉଛନ୍ତି। ଘରଭଡ଼ା ମାସିକ ୪/୫ହଜାର ଟଙ୍କା ଦେବାକୁ ସମର୍ଥ ହେଉ ନ ଥିବା ଅଭିଭାବକ ପିଲାଙ୍କୁ ଫେରାଇ ନେଇ ନିଜ ଗାଁରେ ପଢ଼ାଉଛନ୍ତି। ଗତ ଶିକ୍ଷାବର୍ଷରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପଢୁଥିବା ପ୍ରାୟ ୧୨୦ ଛାତ୍ରଛାତ୍ରୀ ହଷ୍ଟେଲ ନ ପାଇ ହୀନସ୍ତା ହେଉଛନ୍ତି। ଚଳିତ ଶିକ୍ଷାବର୍ଷରେ ଷଷ୍ଠ ଶ୍ରେଣୀରେ ସିଟ୍ ପୂରଣ ହୋଇପାରିନି। ଶିକ୍ଷାବର୍ଷର ପ୍ରାୟ ୪ ମାସ ବିତିଗଲାଣି। ହଷ୍ଟେଲ ସମସ୍ୟା ଯୋଗୁଁ ଗୁରୁବାର ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଅନ୍ୟତ୍ର ଯିବାକୁ ଟିସି ପାଇଁ ଆବେଦନ କରିଥିବା ଦେଖିବାକୁ ମିଳିଛି। ମାଗଣାରେ ହଷ୍ଟେଲରେ ରହି ସିବିଏସଇ ପାଠ୍ୟକ୍ରମରେ ଉନ୍ନତ ପାଠ ପଢ଼ିବାକୁ ଆଶାରଖି ଏଠାକୁ ଆସୁଥିବା ଛାତ୍ରଛାତ୍ରୀ ନିରାଶ ହେଉଛନ୍ତି। ଏ ପରିପ୍ରେକ୍ଷୀରେ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଛାତ୍ରଛାତ୍ରୀଙ୍କ ପାଇଁ ତୁରନ୍ତ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି। ଆବାସିକ ଆଦର୍ଶ ବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟ ହୋଇଥିଲେ ବି ବିଦ୍ୟାଳୟର ଭିତ୍ତିଭୂମି ଅଭାବ ଯୋଗୁଁ ଅଭିଭାବକମାନେ ପିଲାଙ୍କ ନାମ ଲେଖାଇବାକୁ ଅରାଜି ହେଉଛନ୍ତି। ସେହିପରି ଘରୋଇ ହଷ୍ଟେଲ କିମ୍ବା ଘରଭଡ଼ା ନେଇ ରହୁଥିବା ପିଲାଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପ୍ରତ ରାଜ୍ୟରେ ନାରୀ ନିର୍ଯ୍ୟାତନା ତଥା ଶିକ୍ଷାନୁଷ୍ଠାନରେ ନିର୍ଯାତନା ଘଟଣା ଆଲୋଡ଼ନ ସୃଷ୍ଟି କରୁଛି। ପିଲାଙ୍କ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ପାଇଁ ଶୈକ୍ଷିକ ପରିବେଶ ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ବର୍ଷା ପାଣିରେ ବେହାଲ ଡାକ୍ତରଖାନା

# ପ୍ରଶାସନର ଅବହେଳା ପାଇଁ ହନ୍ତସନ୍ତ ରୋଗୀ ଓ ଡାକ୍ତର



● ରାତିଅଧରେ ଦୁଇ ୱାର୍ଡରେ ପଶିଲା ବର୍ଷା ଓ ଡ୍ରେନର ଆବର୍ଜନା ପାଣି

● ଡାକ୍ତର ଓ କର୍ମଚାରୀଙ୍କ ଉଦ୍ୟମରେ ୧୬ ରୋଗୀଙ୍କୁ ସୁରକ୍ଷିତ ୱାର୍ଡକୁ ସ୍ଥାନାନ୍ତର

ପାଲଲହଡ଼ା,୨୫ ।୭ (ସମିସ): ପାଲଲହଡ଼ା ଅଞ୍ଚଳରେ ଦୀର୍ଘ ଏକ ମାସ ହେବ ବର୍ଷା ଲାଗି ରହିଛି। ଫଳରେ ନଦୀନାଳର ପାଣି କୂଳବର୍ତ୍ତୀ ଗାଁରେ ପଶି ଲୋକଙ୍କ ଅନେକ କ୍ଷୟକ୍ଷତି ଘଟାଇଲାଣି। ପ୍ରବଳ ବର୍ଷା ପ୍ରଭାବରେ ଅନେକ ଲୋକ ଜ୍ୱରରେ ପୀଡ଼ିତ ହୋଇ ପ୍ରତିଦିନ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତରଖାନାରେ ଦିନତମାମ ରୋଗୀଙ୍କ ଲମ୍ବା ଲାଇନ ଲାଗୁଛି। ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏହା ଉପରେ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ। ଡାକ୍ତରଖାନାରେ ରୋଗୀଙ୍କ ସେବା ପାଇଁ ୩୨ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ଏବେ ମାତ୍ର ପାଞ୍ଚ ଜଣ ଡାକ୍ତରରେ ରୋଗୀସେବା ଚାଲିଛି। ଡାକ୍ତରଙ୍କ ଦିନରାତି ଅକ୍ଲାନ୍ତ ପରିଶ୍ରମରେ ରୋଗୀସେବା ସୁରୁଖୁରୁରେ ଚାଲି ଆସୁଛି। ପ୍ରତିଦିନ ଡାକ୍ତରଖାନାକୁ ଆଖପାଖ ଅଞ୍ଚଳରୁ ୪୦୦ରୁ ୫୦୦ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି। ଏବେ ବି ଡାକ୍ତରଖାନା ବେଡ୍‌ରେ ୬୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସାଧୀନ ଅଛନ୍ତି। ତେବେ କିଛିଦିନ ହେବ ବର୍ଷା ଲାଗି ରହିଥିବାରୁ ଗୁରୁବାର ବିଳମ୍ବିତ ରାତିରେ ହଠାତ ବର୍ଷା ପାଣି ଓ ଡାକ୍ତରଖାନାର ବାହାର ପାଶ୍ୱର୍ରେ ଥିବା ଡ୍ରେନର ଆବର୍ଜନା ପାଣି ଡାକ୍ତରଖାନା ପରିସରକୁ ପଶି ଆସିଥିଲା। ରୋଗୀ ରହୁଥିବା ଦୁଇଟି ୱାର୍ଡରେ ଆଣ୍ଠୁଏ ପାଣି ଜମି ରହିଥିଲା। ଦୁଇଟି ୱାର୍ଡର ୧୬ ଜଣ ରୋଗୀ ଦୀର୍ଘ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଜଳବନ୍ଦୀ ହୋଇ ବେଡ୍ ଉପରେ ପଡ଼ିରହିଥିଲେ। ତେବେ ଦାୟିତ୍ୱରେ ଥିବା ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ମୁର୍ମୁ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ରାତିଅଧରେ ଡାକି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ୧୬ ରୋଗୀଙ୍କୁ ଏକ ସୁରକ୍ଷିତ ୱାର୍ଡକୁ ସ୍ଥାନାନ୍ତର କରିଥିଲେ। ରାତିତମାମ ଡା. ଦିଲୀପ କୁମାର ଭୋଇ, ବିମଳେଶ ଓଝା ଓ ବିଶ୍ୱନାଥ ମୁର୍ମୁ ସମସ୍ତ ରୋଗୀଙ୍କୁ ପୁନଃ ଉତ୍ତମ ସେବା ଯୋଗାଇବାରେ ଲାଗିପଡ଼ିଥିଲେ। ଅସରାଏ ବର୍ଷାରେ ପାଲଲହଡ଼ା ଡାକ୍ତରଖାନାରେ ପାଣି ପଶିବା ସମସ୍ୟା ନୂଆ ନୁହଁ। ପ୍ରତିବର୍ଷ ଏଭଳି ଦୃଶ୍ୟ ସାମ୍ନାକୁ ଆସିଥାଏ। ଡାକ୍ତରଖାନାର ଉନ୍ନତିମୂଳକ କାର୍ଯ୍ୟ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ଦ୍ୱାରା ଡାକ୍ତରଖାନା ଭିତର ପାଶ୍ୱର୍ର ଡ୍ରେନଗୁଡ଼ିକୁ ବାହାରେ ଥିବା ଡ୍ରେନଠାରୁ ନିଚରେ ନିର୍ମାଣ କରିଥିବାରୁ ଅଧିକ ବର୍ଷାରେ ଡାକ୍ତରଖାନାର ପାଣି ବାହାରକୁ ଯିବା ପରିବର୍ତ୍ତେ ବାହାର ପାଣି ଭିତରକୁ ପଶି ଆସିଥାଏ। ବର୍ତ୍ତମାନ ପୂର୍ତ୍ତବିଭାଗ ଅଧୀନରେ ରାସ୍ତା ପାଶ୍ୱର୍ ଡ୍ରେନ ନିର୍ମାଣାଧୀନ ଥିବାରୁ ଡ୍ରେନଗୁଡ଼ିକର ସଠିକ ପରିଚାଳନା ମଧ୍ୟ ହେଉନାହିଁ। ଅନ୍ୟପଟେ ପାଣି ପଶିଥିବା ୱାଡର୍‌ଗୁଡ଼ିକ ବହୁ ପୁରୁଣା ଏବଂ ରାସ୍ତାଠାରୁ ବହୁତ ତଳେ ଥିବାରୁ ଏ ସମସ୍ୟା ନିତିଦିନିଆ ପାଲଟିଛି। ଆଜି ସମସ୍ତ ରୋଗୀଙ୍କୁ କୋଭିଡ୍ ୱାର୍ଡରେ ରଖାଯାଇ ଚିକିତ୍ସା କରାଯିବା ସହ ସବୁ ସ୍ୱାଭାବିକ ଥିବା ଡା. ମୁର୍ମୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଶୁକ୍ରବାର ଡାକ୍ତରଖାନା ପରିଦର୍ଶନ କରି ତୁରନ୍ତ ସମସ୍ୟା ସମାଧାନ ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ୧୦ ପରିବାର ଜଳବନ୍ଦୀ; ଯାତାୟାତ ବାଧାପ୍ରାପ୍ତ

ଅନୁଗୋଳ,୨୫ ।୭ (ସମିସ): ପ୍ରବଳ ବର୍ଷା ଯୋଗୁଁ ଅନୁଗୋଳ ବ୍ଲକ ଗଡ଼ତରାସ ପଞ୍ଚାୟତ ଗଡ଼ତରାସ ପାଟଣା ସାହିର ୧୦ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଯାତାୟାତ ବାଧାପ୍ରାପ୍ତ ହେବା ସହ ଜନଜୀବନ ଦୁର୍ବିସହ ହୋଇପଡ଼ିଛି। ସାହିର ସୁମନ୍ତ ମାଝୀଙ୍କ ଘରେ ପାଣି ପଶିଥିବାରୁ



**୨ଦିନ ହେବ ରୋଷେଇ ବନ୍ଦ**

୨ଦିନ ହେବ ରୋଷେଇ କରି ନ ଥିବା ଅଭିଯୋଗ କରିଛନ୍ତି। ଜଳବନ୍ଦୀ ଥିବା ସନ୍ତୋଷ ମାଝୀ, ଯୋଗେନ୍ଦ୍ର ସାମଲ, ଛବି ସାମଲ, ସୁଶୀଳ ମାଝୀ, ସୁଧୀର ମାଝୀ, ସୁରେଶ ମାଝୀ କହିଛନ୍ତି ଗାଁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲା ବେଳେ ଠିକାଦାର ରାସ୍ତା ମାପ ନ କରି ମନଇଚ୍ଛା କାର୍ଯ୍ୟ କରିଥିଲେ। ରାସ୍ତା ତିଆରି ପରେ ଡ୍ରେନ ପାଇଁ ଜାଗା ନ ଥିବାରୁ ବର୍ଷାଜଳ ସାହିରେ ପଶୁଛି। ଜଳ ନିଷ୍କାସନ ହୋଇ ନ ପାରି ଆଣ୍ଠୁଏ ପାଣି ଜମା ହୋଇରହିଛି। ଫଳରେ ନାହିଁ ନ ଥିବା ସମସ୍ୟା ଭିତରେ ସାହିର ଲୋକେ ରହିବା ସହିତ ଶରୀସୃପମାନଙ୍କ ଭୟରେ ଶୋଇପାରୁନାହାନ୍ତି। ଏ ନେଇ ସାହିବାସିନ୍ଦା ଠିକାଦାରଙ୍କୁ କହିବାରୁ ବର୍ଷା ଛାଡ଼ିଲା ପରେ ଡ୍ରେନ ନିର୍ମାଣ କରିବେ ବୋଲି ସେ କହିଛନ୍ତି। ତେବେ ରାସ୍ତାକଡ଼ରେ ଆଉ ଜାଗା ନ ଥିବାରୁ ଡ୍ରେନ କିପରି ନିର୍ମାଣ ହେବ ସେ ନେଇ ସାହିବାସିନ୍ଦା ଚିନ୍ତାରେ ଅଛନ୍ତି। ଏ ଦିଗରେ ଠିକାଦାର ପଦକ୍ଷେପ ନେଇ ଡ୍ରେନ ନିର୍ମାଣ କରିବାକୁ ସାହିବାସିନ୍ଦା ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭାଗୀରଥି ମାଝୀ ଚେତାବନୀ ଦେଇଛନ୍ତି।

# ବିଦ୍ୟାଳୟର ତ୍ୱରିତ ମରାମତି ପାଇଁ ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶ

**ଭିତ୍ତିଭୂମି ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ**

କିଶୋରନଗର,୨୫ ।୭ (ସମିସ): ଲଗାଣ ବର୍ଷାରେ ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହରେ ପାଣି ଗଳୁଛି। ପାଠପଢ଼ାରେ ଅସୁବିଧା ହେଉଥିବାରୁ ଏହାର ମରାମତି ଆବଶ୍ୟକ ହେଉଛି। ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଅବଗତ ହେବା ପରେ ତ୍ୱରିତ ମରାମତି ପାଇଁ ପଦକ୍ଷେପ ନେଇଛନ୍ତି। ଅନୁଗୋଳ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲାପାଳ ମଧ୍ୟ ତ୍ୱରିତ ପଦକ୍ଷେପ ନେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ବିଡିଓ ଟିଟସ୍ ମହାନନ୍ଦିଆ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାଠପଢ଼ା ବ୍ୟାହତ ନ ହୋଇ କିପରି ମରାମତି କରାଯିବ ସେ ଦିଗରେ ଯୋଜନା ପ୍ରସ୍ତୁତ କରିଛନ୍ତି। ଶନିବାରଠାରୁ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ବିଡିଓ ମହାନନ୍ଦିଆ ସୂଚନା ଦେଇଛନ୍ତି। ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଅବଗତ ହେବା ପରେ ତ୍ୱରିତ ପଦକ୍ଷେପ ନେଇଥିବାରୁ ଆଠମଲ୍ଲିକବାସୀ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ପାଲଲହଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ସାମ୍ବାଦିକ ସମ୍ମିଳନୀ

# 'ମୁଁ ନୁହେଁ, ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛନ୍ତି ବିଧାୟକ'

ପାଲଲହଡ଼ା,୨୫ ।୭ (ସମିସ): ପାଲଲହଡ଼ା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ବ୍ଲକର ବିକାଶ ମୂଳକ କାର୍ଯ୍ୟରେ ବାଧକ ସାଜିବା ସହ ଜାଣିଶୁଣି ବିଜେପି ସମର୍ଥିତ ଠିକାଦାରମାନଙ୍କ ବିଲ୍ ପାସ କରୁ ନ ଥିବା ଅଭିଯୋଗ ନେଇ ପାଲଲହଡ଼ା ବିଜେପି ମଣ୍ଡଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଏହାକୁ ପ୍ରତିବାଦ କରି ଶୁକ୍ରବାର ବ୍ଲକ ଅଧ୍ୟକ୍ଷା ନାଏକ ଜାତୀୟ ରାଜପଥ ଡାକବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇ ବିଜେପିର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଉନ୍ନୟନ କାର୍ଯ୍ୟରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ବାଧକ ସାଜୁଛନ୍ତି ବୋଲି ସାଙ୍ଘାତିକ ଅଭିଯୋଗ କରିଛନ୍ତି। ବ୍ଲକରେ ପୂର୍ବ ସରକାରର ବିଭିନ୍ନ ବିଭାଗରେ ଉନ୍ନୟନ କାମ ପାଇଁ ୧୦ କୋଟି ଟଙ୍କା ବର୍ଷେ ହେଲା ପଡ଼ିରହିଛି। ବିଧାୟକଙ୍କ ଇଙ୍ଗିତରେ କାମର ଅଗ୍ରଗତି ହେଇପାରୁନି। ବିଡିଓଙ୍କୁ ପଚାରିଲେ ବିଧାୟକଙ୍କ ନିର୍ଦ୍ଦେଶ ନ ଆସିଲେ କାର୍ଯ୍ୟ ଆରମ୍ଭ ହେଇପାରିବ ନାହିଁ ବୋଲି କହୁଛନ୍ତି। ବର୍ଷେ ହେଲା ବିଧାୟକ ଏବଂ ସାଂସଦଙ୍କ ପାଣ୍ଠିରୁ ଗୋଟିଏ ବି ଟଙ୍କା ଅନୁଦାନ ଆସିନାହିଁ। ଦୁଇ ଦୁଇଥର ସମିତି ବୈଠକରେ ବିଧାୟକଙ୍କ ଉପସ୍ଥିତିରେ କାମର ଅଗ୍ରଗତି ପାଇଁ ଆଲୋଚନା ହେଇଥିଲେ ମଧ୍ୟ କାମ କାହିଁକି ଅଟକିଛି ତାହା ସମସ୍ତେ ଜାଣନ୍ତି। ସମସ୍ତ କମିଟି ବୈଠକ ଡକାଯାଇ କାମ ଆରମ୍ଭ କରିବାକୁ ୨୦୨୫ ମାର୍ଚ୍ଚ ୨୭ରେ ମୁଁ ବିଡିଓଙ୍କୁ ଚିଠି ଲେଖିଥିଲି। ବିଡିଓ ରାଜନୈତିକ ଚାପରେ ବୈଠକ ମଧ୍ୟ ଡାକିଲେ ନାହିଁ। ୫ ମାସ ତଳେ ପାଲଲହଡ଼ା ବ୍ଲକ ବରଡିହ ପଞ୍ଚାୟତ ଶିଳକଳା ଗାଁରେ ସିସି ରୋଡ୍ କାମ ନ ହେଇ ବିଜେପି ନେତାଙ୍କ ଇଙ୍ଗିତରେ ୩ ଲକ୍ଷ ଟଙ୍କା ମିଥ୍ୟା ବିଲ୍ ଉଠାଇବା ପାଇଁ ମସୁଧା ଚାଲିଥିଲା ବେଳେ ମୁଁ ବିଲ୍ ଅଟକାଇ ଦତନ୍ତ କଲି। ଘଟଣାର ସତ୍ୟାସତ୍ୟ ଜଣାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ଆଲୁରୀ ଆଶ୍ରମ ସ୍କୁଲ, ଦେବାହାଳି ଆଶ୍ରମ ସ୍କୁଲ ଏବଂ ଯୋଗୀମୁଣ୍ଡା ଗାଁରେ ନିର୍ମାଣ ହେଉଥିବା ବନସୁରକ୍ଷା ସମିତି ଘର ନିମ୍ନମାନର ଗୋଗୁଁ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ମୁଁ ବିଲ୍ ଅଟକାଇଛି। ଯଦି କାମ ଠିକ ଥିବ ବିଲ୍ ପାସ କରିବାରେ କୌଣସି ଅସୁବିଧା ନାହିଁ। ମୁଁ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ଥିବା ପର୍ଯ୍ୟନ୍ତ ଗୋଟିଏ ଟଙ୍କାର ଦୁର୍ନୀତି କରାଇ ଦେବିନାହିଁ। ଆବଶ୍ୟକ ପଡ଼ିଲେ ସମସ୍ତ ସରପଞ୍ଚ ସମିତି ସଭ୍ୟଙ୍କୁ ନେଇ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ନ୍ୟାୟିକ ତଦନ୍ତ ପାଇଁ ଆମେ ଧାରଣାରେ ବସିବୁ ବୋଲି ଅଧ୍ୟକ୍ଷା ନାଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଯଦି ଖେମଳା ଓ ରୋହିଲାରେ କିଛି ବି ଦୁର୍ନୀତିରେ ମୋର ଭାଗୀଦାରି ଥାଏ ତେବେ ବିଧାୟକ ତଦନ୍ତ କରାନ୍ତୁ ଏବଂ ଆଇନ ଅନୁସାରେ ମତେ ଦଣ୍ଡିତ କରାନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟରେ ଲାଗୁନି ରୋକ୍: ଜନ ଅସନ୍ତୋଷ

● ଟିପିସିଓଡିଏଲର ମନମାନି ● ବିଲ୍ ଆଦାୟରେ କର୍ମଚାରୀ ବ୍ୟସ୍ତ

ତାଳଚେରସଦର,୨୫ ।୭ (ସମିସ)

କୋଇଲା ନଗରୀ ତାଳଚେରରେ ଏବେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଘନଘନ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କ ଜୀବନକୁ ଦୁର୍ବିସହ କରିପକାଉଛି। ଘଣ୍ଟା ଘଣ୍ଟା ବିଜୁଳି କାଟ ହେଉଛି, କିନ୍ତୁ କ'ଣ ପାଇଁ କଟାଯାଉଛି, ତାହାର କୌଣସି ସନ୍ତୋଷଜନକ ଉତ୍ତର ବିଭାଗୀୟ କର୍ତ୍ତୃପକ୍ଷ ଦେଉନାହାନ୍ତି। ତାଳଚେର ପ୍ରଶାସନର ଢିଲା ମନୋଭାବ, ଲୋକ ପ୍ରତିନିଧିମାନଙ୍କ ଆଶ୍ଚର୍ଯ୍ୟଜନକ ନିରବତା ସହ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ମଧ୍ୟ ବିଜୁଳି କାଟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଛଘୁଞ୍ଚା ଦେଉଥିବାରୁ ସମସ୍ୟା ସମାଧାନ ହେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି।

ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ଚୁକ୍ତି କରିଥିବା ଟିପିସିଓଡିଏଲ ସ୍ଥାନୀୟ ଅଞ୍ଚଳରେ ଉପଯୁକ୍ତ ବିଦ୍ୟୁତ ସେବା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କୌଣସି ବର୍ଷା, ପବନ ଅବା ପ୍ରତିକୂଳ ପାଗ ନ ଥାଇ ମଧ୍ୟ ସବୁବେଳେ ବିଜୁଳି କାଟ୍‌ର ଭିତିରି ରହସ୍ୟ କିଛି ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି। ତାଳଚେର ଉପଖଣ୍ଡରେ ଏନ୍‌ଟିପିସିର ତାପଜ ବିଦ୍ୟୁତ କେନ୍ଦ୍ର ଥିବା ବେଳେ ରେଙ୍ଗାଳୀଠାରେ ମଧ୍ୟ ଜଳ ବିଦ୍ୟୁତ କେନ୍ଦ୍ର ସ୍ଥାପନ କରାଯାଇଛି। ତେଣୁ ତାଳଚେର ଅଞ୍ଚଳ ସବୁବେଳେ ଆଲୋକିତ ରହିବା କଥା। ହେଲେ ଦୀପତଳ ଅନ୍ଧାର ଭଳି ବିଜୁଳି ଉତ୍ପାଦନ କରୁଥିବା ତାଳଚେର ଅଞ୍ଚଳ ଏବେ ନିରବଚ୍ଛିନ୍ନ ବିଦ୍ୟୁତ ସେବାରୁ ବଞ୍ଚିତ। କୌଣସି ଉପଭୋକ୍ତା ବିଜୁଳି କାଟର କାରଣ ଜାଣିବାକୁ ଚାହିଁଲେ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ କିମ୍ବା ଆଦୌ ଉତ୍ତର ମିଳୁନାହିଁ। ତାଳଚେର ଟାଉନ୍-୨ (ଫିଡର ବକ୍ସ)ରୁ ରେମୁଆଁ ଅଞ୍ଚଳକୁ ହେଉଥିବା ବିଦ୍ୟୁତ ଯୋଗାଣରେ ବାରମ୍ବାର ବିଭ୍ରାଟ ପ୍ରସଙ୍ଗରେ ୧୨ନଂ ୱାର୍ଡର ଉପଭୋକ୍ତା କିଶୋର ରଥ ଅଭିଯୋଗ କରିବାରୁ କୌଣସି ବିଦ୍ୟୁତ ସଂଯୋଗ ଅବା ମରାମତି ବେଳେ ସମଗ୍ର ଅଞ୍ଚଳର ଲାଇନ୍ କାଟିବାକୁ ଉପରୁ ନିର୍ଦ୍ଦେଶ ରହିଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ସମଗ୍ର ଅଞ୍ଚଳ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ଅଞ୍ଚଳର ବିଦ୍ୟୁତ କଟାଯିବା ପାଇଁ ବିଦ୍ୟୁତ ବିଭାଗ କାହିଁକି ଆବଶ୍ୟକ ସରଞ୍ଜାମ ପ୍ରସ୍ତୁତ କରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ପୂର୍ବ ସୂଚନା ଦିଆଯାଇ ବିଦ୍ୟୁତ୍ କାଟ୍ କରିବାକୁ ସରକାରୀ ନିର୍ଦ୍ଦେଶନାମା ଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ପାଳନ କରୁନାହାନ୍ତି। ଏ ନେଇ ତାଳଚେରବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଉପଭୋକ୍ତା ବିଦ୍ୟୁତ ଶୁଳ୍କ ଦେବା ସତ୍ତ୍ୱେ ଠିକ୍ ଭାବେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଯାହାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ତାଳଚେରବାସୀ ଯେପରି ଉପଯୁକ୍ତ ବିଦ୍ୟୁତ ସେବା ପାଇପାରିବେ ଏବଂ ବାରମ୍ବାର ବିଜୁଳି କାଟ୍‌ର ପ୍ରତିକାର ବ୍ୟବସ୍ଥା ହେବ ସେ ଦିଗରେ ପଦକ୍ଷେପ ନେବାକୁ ଉପଖଣ୍ଡ ପ୍ରଶାସନ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।



TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

## ଗୋବିନ୍ଦପୁର-କୁସୁମୀ ରାସ୍ତା କାମ ନିମ୍ନମାନର ଅଭିଯୋଗ

# ଦିନେ ନ ଯାଉଣୁ ଫଡ଼ା ଫଡ଼ା ହୋଇ ଉଠିଯାଉଛି ପିଚୁ

ଆଳି, ୨୫।୭ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ଗୋବିନ୍ଦପୁରଠାରୁ କୁସୁମୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହି ରାସ୍ତାରେ ଯେଉଁ କିଛି ଅଂଶ କାମ ହୋଇଛି, ଦିନେ ନ ଯାଉଣୁ ଫଡ଼ା ଫଡ଼ା ହୋଇ ପିଚୁ ଉଠିଯାଉଛି। ଏହା ଦେଖିବା ପରେ ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ କାମକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଆଳି ବ୍ଲକ ଧୋୟାଅଞ୍ଚଳର ପ୍ରମୁଖ ଅଞ୍ଚଳକୁ ସଂଯୋଗ କରୁଥିବା ଗୋବିନ୍ଦପୁରଠାରୁ ଭାୟା ଗଣେଶ୍ୱରପୁର, ମଦନଗିରି ଦେଇ କୁସୁମୀ ପର୍ଯ୍ୟନ୍ତ ୮ କିଲୋମିଟର ରାସ୍ତା ଦୀର୍ଘଦିନ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣାଧୀନ ହୋଇ ପଡ଼ିରହିଥିଲା। ୨୦୨୧ରେ କାମ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ଅବଧି ୨୦୨୨ରେ ସରିଯାଇଥିଲେ ମଧ୍ୟ ଆଜି ଯାଏଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସରକାର ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏହି ଟଙ୍କା ଆତ୍ମସାତ୍ ହେଉଥିବା ସାଧାରଣ ଲୋକେ ଅଭିଯୋଗ ଆଣିଥିଲେ। ଫଳରେ ଠିକାଦାର ତରବରିଆ ଭାବେ କାମ ଆରମ୍ଭ କରିଥିଲେ। ଏହି କାମ ଆରମ୍ଭରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ ମଧ୍ୟ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରିଆସୁଥିଲେ। ଆଜି ଗ୍ରାମବାସୀ ଏକାଠି ହେଉଥିବା ନିମ୍ନମାନର କାମକୁ ବନ୍ଦ କରିଥିବା ଦେଖିବାକୁ ମିଳିଛି। ରାସ୍ତାର କେଉଁଠି ପତଳା ଭାଗରେ ଛିଞ୍ଚା ହୋଇ ପିଚୁ ବସିଛି ତ କେଉଁଠି ରାସ୍ତାରୁ ପିଚୁ ଫଡା ଫଡା ହେଇ ବାହାରି ଯାଉଛି। ପୁଣି କେଉଁଠି ଏକ ଇଞ୍ଚରୁ କମ ପତଳା ପିଚୁରେ ରାସ୍ତା ନିର୍ମାଣ ହୋଇଛି। ଯେଉଁଠି ରାସ୍ତା ନିର୍ମାଣର ଗୋଟାଏ ଦିନ ଭିତରେ ଏପରି ଅବସ୍ଥା, ତେବେ ସେଠାରେ ଏହି ରାସ୍ତା କେତେ ଦିନ ରହିବ। ଯାହାର ସ୍ଥାୟିତ୍ୱ ନେଇ ଅଭୟ ଜେନା, ବିଜୟ ଦାସ, ତୀର୍ଥବାସ ଦାସ, ପ୍ରଶାନ୍ତ ଦାସ, ତପନ ଦାସ, ସର୍ବେଶ୍ୱର ପରିଡ଼ା, ଆନନ୍ଦ ବେହେରା, ଉମେଶ ବେହେରା, ପରେଶ ବେହେରା, ଅରୁଣ ବେହେରା, ତପନ ଦାସ ପ୍ରଶ୍ନ କରିଛନ୍ତି। ଯେପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ଏ ଦିଗରେ ଧ୍ୟାନ ଦେଇ ଘଟଣା ସ୍ଥଳକୁ ଆସି କାର୍ଯ୍ୟ ତଦାରଖ ନ କରିଛନ୍ତି, ସେ ପର୍ଯ୍ୟନ୍ତ ଗ୍ରାମବାସୀ ରାସ୍ତା କାମ ବନ୍ଦ କରିବେ ବୋଲି କହିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ଉପବିଭାଗୀୟ ଅଧିକାରୀ ସୁବାସ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଯଦି ନିମ୍ନମାନର କାର୍ଯ୍ୟ ହୋଇଥାଏ, ତେବେ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାସ୍ତା କାମ ସଠିକ ଢଙ୍ଗରେ ହେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

## ରସିକନଗର ଅଙ୍ଗନବାଡ଼ି ଗୃହ ଅଧପନ୍ତରିଆ

# ଚଟାଣରେ ବସି ପଢୁଛନ୍ତି ପିଲା; ଭଙ୍ଗାଘରେ ହେଉଛି ରୋଷେଇ



**ରାଜକନିକା, ୨୫।୭ (ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡ଼ା ପଞ୍ଚାୟତ ରସିକନଗର ଅଙ୍ଗନବାଡି ଗୃହ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଉକ୍ତ ଅଧାପନ୍ତରିଆ ଘର ଚଟାଣରେ ବସି କୋମଳମତି ଶିଶୁ ପଢୁଛନ୍ତି। ଏଥିସହିତ ଭଙ୍ଗା ଘରେ ବିପଜ୍ଜନକ ସ୍ଥିତିରେ ଖାଦ୍ୟ ପ୍ରସ୍ତୁତ ହେଉଛି। ଫଳରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରସିକନଗର ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। କେବଳ ଛାତ ପଡ଼ିଛି। ପ୍ଲାଷ୍ଟର ଅଧା ହୋଇଛି। କବାଟ, ଝରକା ଲାଗିନାହିଁ। ପାଇଖାନା ସେମିତି ଅଧା ହୋଇରହିଛି। ପିଲାମାନେ ବାଲି ଗୋଡି ଚଟାଣରେ ପାଲ ପକାଇ ବସୁଛନ୍ତି। ଏଠାରେ ବିଦ୍ୟୁତ ସଂଯୋଗ ନ ଥିବାରୁ ଛୋଟ ଛୋଟ ପିଲା ଗରମରେ ସଢୁଛନ୍ତି। ରୋଷେଇ ଘର ନ ଥିବାରୁ ଅଙ୍ଗନବାଡି ପରିସରରେ ଥିବା ଅସୁରକ୍ଷିତ ଛାତ ଘରେ ଖାଦ୍ୟ ପ୍ରସ୍ତୁତ ହେଉଛି। ଉକ୍ତ ଘର ଛାତରୁ ପଲସ୍ତରା ଖସୁଛି। ବର୍ଷା ହେଲେ ପାଣି ଗଳୁଛି। ବାଧ୍ୟ ହୋଇ ସେଠାରେ ରୋଷେଇ କରିବାକୁ ପଡୁଛି। ତୁରନ୍ତ ଏହି ଗୃହକୁ ବ୍ୟବସ୍ଥିତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ



**କେନ୍ଦ୍ରାପଡ଼ା, ୨୫।୭ (ସମିସ):** ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ନୂତନ ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କୁ ସ୍ୱାଗତ କରାଯାଇଛି। କମିଟିର ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ପରାମର୍ଶକ୍ରମେ କମିଟିର ସାଧାରଣ ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସଂଯୋଜକ ସଞ୍ଜୟ କୁମାର ଜେନା, ସତ୍ୟବ୍ରତ ସିଂ, ଧିରେନ୍ଦ୍ର ଦାସ, ଗୋଲଖ ପରିଡ଼ା, ନିରଞ୍ଜନ ବଳ, ଅକ୍ଷୟପ୍ରିୟ ଦାସ, ଗବେଷକ ନିରଞ୍ଜନ ମେକାପ, ଉପଦେଷ୍ଟା କରୁଣାକର ଦାସ, ସ୍ମୃତିରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ସାହୁ, ଆଲୋକ ସାହୁ, ଶେଷଦେବ ପ୍ରସାଦ ଦାସ ପ୍ରମୁଖ ଜିଲ୍ଲାପାଳ ଶ୍ରୀ ଆୟାରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସମେତ ସ୍ୱର୍ଗତ ଜେନାଙ୍କ ଜୀବନୀ ପୁସ୍ତକ ଅଗ୍ନିପୁତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଗାନ୍ଧିଜୀଙ୍କ ସାବରମତି ଆଶ୍ରମର ପ୍ରଥମ ଓଡ଼ିଆ ଛାତ୍ର ସ୍ୱର୍ଗତ ଜେନାଙ୍କ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

# ମାଟିଆପଡ଼ା ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୨୫।୭ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡ଼ା ସରକାରୀ ହାଇସ୍କୁଲ ଇକୋ ୟୁଥ କ୍ଲବ୍ ଆନୁକୂଲ୍ୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ମହନ୍ତ ମଲିକ ମୁଖ୍ୟଅତିଥି, ଦିହୁଡିପୁର ସରପଞ୍ଚ ନରେଶ ମଲିକ ମୁଖ୍ୟବକ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ନିର୍ମଳେନ୍ଦୁ ମହାପାତ୍ର ଓ ସମାଜସେବୀ ସତ୍ୟବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିବା ସହିତ ସବୁ ସ୍ତରରେ ବୃକ୍ଷରୋପଣ ପାଇଁ ନିଷ୍ଠାପର ଉଦ୍ୟମ କଲେ ପରିବେଶ ସୁରକ୍ଷା ଅଭିଯାନ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଶୁଭଶ୍ରୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ହାଇସ୍କୁଲ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯିବା ସହିତ ସବୁଜ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିନୋଦ ଦାସ, ବିନ୍ଦୁରେଖା ନାୟକ, ଚନ୍ଦ୍ରଭାନୁ ସାହୁ, ସୁଭାଶିଷ ପତ୍ରୀ, ରଞ୍ଜିତ ସାହୁ, ସ୍ୱପ୍ନେଶ୍ୱର ଆଚାର୍ଯ୍ୟ ଓ ମାଧୁରୀ ଭୁଏ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରାପଡ଼ାର ତେଜ ତନ୍ମୟ ପ୍ରଥମ



**କେନ୍ଦ୍ରାପଡ଼ା, ୨୫।୭ (ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ର ତେଜ ତନ୍ମୟ ଦ୍ୱିତୀୟ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦଘାଟକ ଭାବେ ଯୋଗ ଦେଇଥିବାବେଳେ ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ବିଜୟକେତନ ଉପାଧ୍ୟାୟ, ସାହିତ୍ୟ ଏକାଡେମୀର ମୁଖ୍ୟ ସଚିବ ଦେବପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତେଜ ତନ୍ମୟଙ୍କୁ ଫଳକ, ପ୍ରମାଣପତ୍ର ଓ ୫ ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀର ସଭାପତି ଚନ୍ଦ୍ରଶେଖର ହୋତା ସଭାପତିତ୍ୱ କରିଥିଲେ। ତନ୍ମୟ ଜଣେ ମେଧାବୀ ଛାତ୍ର ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଆସୁଛନ୍ତି। ଜାଭିୟର ହାଇସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ବେହେରା ତନ୍ମୟଙ୍କ ଏହି କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



**ଜଗତସିଂହପୁର, ୨୫।୭ (ସମିସ):** ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅନ୍ତର୍ଗତ କାଠକୋଟ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ସେ ଛ' ମାସର ଗର୍ଭବତୀ ହେବା ଘଟଣା ଓ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ନେଇ ଜଗତସିଂହପୁର ଆରକ୍ଷୀ ଅଧୀକ୍ଷକଙ୍କୁ ବିଜେଡିର ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ସମ୍ପୃକ୍ତ ପୀଡ଼ିତାଙ୍କୁ ସୁରକ୍ଷା, ଭରଣପୋଷଣ ସହିତ ଦୋଷୀକୁ କଠୋର ଦଣ୍ଡ ଦେବାକୁ ଏସ୍‌ପିଙ୍କ ନିକଟରେ ଦାବି କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ସାଂସଦ ଡକ୍ଟର ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ଓ ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେଉନି ଆଇନ

# ସୂଚନା ଅଧିକାର ଆଇନ ବଳରେ ମିଳୁନି ତଥ୍ୟ

**ପଟ୍ଟାମୁଣ୍ଡାଇ, ୨୫।୭ (ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଅଧିକାର ଆଇନ ବଳରେ ସୂଚନା କର୍ମୀଙ୍କୁ ତଥ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସୂଚନା ପ୍ରଦାନ ପାଇଁ ଥିବା ଆଇନ କାର୍ଯ୍ୟକାରୀ କରୁନି ପୌର ପରିଷଦ। ସୂଚନା ଅଧିକାର କର୍ମୀ ଗୋଲେଖ ମଲିକ ଗତ ମାର୍ଚ୍ଚ ୩୦ ତାରିଖରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ଜନସୂଚନା ଅଧିକାରୀଙ୍କୁ କେତେକ ତଥ୍ୟ ମାଗିଥିଲେ। ତଥ୍ୟ ମଧ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦରେ କେତେ ଜଣ କର୍ମଚାରୀ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ନିୟମିତ ଓ କେତେଜଣ ସାମୟିକ, ନିୟମିତ କର୍ମଚାରୀଙ୍କ ମଧ୍ୟରେ କେତେଜଣ କ୍ରମାଗତ ଭାବେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି ଓ ସେମାନେ କେଉଁ ବିଭଗରେ, କେଉଁ ପଦବୀରେ କାର୍ଯ୍ୟରତ ଅଛନ୍ତି, ପୌର ପରିଷଦରେ କେତେଜଣ ବୈଷୟିକ କର୍ମଚାରୀ ଅଛନ୍ତି, ସେମାନଙ୍କ ନାମ ଓ ପଦବୀ, ପୌର ପରିଷଦର କେଉଁ ବିଭାଗରେ କେତେ ପଦବୀ ଖାଲିପଡ଼ିଛି ଆଦି ତଥ୍ୟ ପ୍ରଦାନ କରିବାକୁ ରହିଥିଲା। କିନ୍ତୁ ପୌର ପରିଷଦର ଜନ ସୂଚନା ଅଧିକାରୀ ଏହି ସୂଚନା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରି ନ ଥିଲେ। ଫଳରେ ସୂଚନା କର୍ମୀ ଜୁନ ୨୩ ତାରିଖରେ ପୌର ପରିଷଦର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥିଲେ। ଇତିମଧ୍ୟରେ ଦୁଇଜଣ ପୌର ନିର୍ବାହୀ ଅଧିକାରୀଙ୍କ ବଦଳି ହୋଇସାରିଲାଣି। ନୂତନ ଭାବେ ଯୋଗ ଦେଇଥିବା ପୌର ନିର୍ବାହୀ ଅଧିକାରୀ ଅପିଲର ଶୁଣାଣି ନ କରିବାରୁ ଏହାର ଅବଧି ମଧ୍ୟ ଦୁଇଦିନ ହେବ ଶେଷ ହୋଇଯାଇଛି। ପୌର ପରିଷଦ ଜାଣିଶୁଣି ତଥ୍ୟ ପ୍ରଦାନ କରୁନାହିଁ ବୋଲି ସୂଚନା କର୍ମୀ ଗୋଲେଖ ମଲିକ ଅଭିଯୋଗ କରିବା ସହିତ ଏହି ଘଟଣାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

# ଦୁଇ ଅସହାୟ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା



**କୁଜଙ୍ଗ, ୨୫।୭ (ସମିସ):** ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅନ୍ତର୍ଗତ ସାହାବାଦପୁର ଗ୍ରାମର କର୍କଟ ରୋଗରେ ପୀଡ଼ିତ ଅନୁରାଗ ବେହେରା ଓ କଟକ ଜିଲ୍ଲା ଇଷାଣୀ ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ସାଧୁସାହି ଗ୍ରାମର ପକ୍ଷାଘାତ ରୋଗରେ ପୀଡ଼ିତା କୁନି ଦାସଙ୍କୁ ସହାୟତାର ହାତ ବଢ଼ାଇଛି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଂ ହ୍ୟାଣ୍ଡସ। ଅନୁରାଗ ଜଣେ ଗରିବ ଶ୍ରେଣୀର ପିଲା। ଗତ କିଛିମାସ ଧରି ସେ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥ ଏମ୍‌ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ବାପା ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ପୁଅର ଚିକିତ୍ସା କରାଇପାରୁନାହାନ୍ତି। ସେହିଭଳି କୁନି ଜଣେ ପକ୍ଷାଘାତ ରୋଗୀ। ସ୍ୱାମୀ ଜଣେ ରାଜମିସ୍ତ୍ରି। ପୁଅ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ଝିଅ ବିବାହ କରି ଶାଶୂଘରେ। ପାଖରେ କେହି ନ ଥିବାରୁ ସ୍ୱାମୀ କାମକୁ ନ ଯାଇ କୁନିଙ୍କ ସେବା କରୁଛନ୍ତି। ଅର୍ଥାଭାବରୁ ଏହି ଦୁଇ ବ୍ୟକ୍ତିଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଖବର ପାଇ ମା' ତାରିଣୀ ହେଲପିଂ ହ୍ୟାଣ୍ଡସର ସଭାପତି ଇଂ ଶଙ୍ଖେଶ୍ୱର ମହାନ୍ତିଙ୍କ ପରାମର୍ଶ କ୍ରମେ ପରାମର୍ଶଦାତା ସରୋଜ ବେହେରା, ସଂଯୋଜକ ମାନସ ମଲ୍ଲିକ, ବରିଷ୍ଠ ସଦସ୍ୟ ବାବାଜୀ ରାଉତ ଓ ହରେକୃଷ୍ଣ ବେହେରା ପ୍ରମୁଖ ଅନୁରାଗଙ୍କ ବାସଭବନରେ ପହଞ୍ଚି ୧୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସେହିପରି କୁନିଙ୍କ ବାସଭବନରେ ପହଞ୍ଚି ତାଙ୍କୁ ୧୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

# କୋରୁଆ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବନ ମହୋତ୍ସବ

**ଗରଦପୁର, ୨୫।୭ (ସମିସ):** ଗରଦପୁର ବ୍ଲକ କୋରୁଆ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଛି। ସମାଜସେବୀ ତଥା ପ୍ରକୃତିବନ୍ଧୁ ଦ୍ୱାରିକା ସେନାପତିଙ୍କ ପରାମର୍ଶରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୃସିଂହ ଚରଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ବିକାଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଗୋପୀନାଥ ଦାଶ ଯୋଗଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଧାଂଶୁ ଶେଖର ନାୟକ ଯୋଗଦେଇ ପିଲାମାନେ ପ୍ରତ୍ୟେକ ବର୍ଷ ଅନ୍ୟୂନ ୨ଟି ଲେଖାଏଁ ଗଛ ଲଗାଇବା ସହିତ ତା'ର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରଞ୍ଜନ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଇକୋ କ୍ଲବ୍ ଶିକ୍ଷକ ନୃସିଂହ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକର ୧୨ଟି ବିଦ୍ୟାଳୟରୁ ଆସିଥିବା ବିଦ୍ୟାର୍ଥୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ନଡ଼ିଆବରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିକାନ୍ତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ଡାଳିମ୍ବ, ଫାସି, ଆକାଶ, ଝାଉଁ, କାଜୁ, ଅଶୋକ, କରଞ୍ଜ, ପିଜୁଳି ଆଦି ବୃକ୍ଷ ଚାରା ରୋପଣ କରିଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ନାୟକ, ଜୟଶ୍ରୀ ମଲ୍ଲ, ପୁଷ୍ପିତା ମିଶ୍ର, ଶିକ୍ଷକ ରାକେଶ ସାହୁ, ଅମିତ ସାହୁ, ସୁଧାଂଶୁ ଜେନା, ଚନ୍ଦନ ନାୟକ, ତୁଷାରକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ପ୍ରାଣିଧନ ସହାୟକ ସଂଘର ସାଧାରଣ ଅଧିବେଶନ

**କେନ୍ଦ୍ରାପଡ଼ା, ୨୫।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରାଣିଧନ ସହାୟକ ସଂଘର ଦ୍ୱାଦଶତମ ସଧାରଣ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ପକ୍ଷରୁ ସମ୍ପାଦକ ଲଳିତେନ୍ଦୁ ଦଳାଇ, ସଂଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ, ଜୋନ ସମ୍ପାଦକ ଗିରିଶ ଚନ୍ଦ୍ର ବାରିକ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ପୂର୍ବତନ ସଭାପତି ରଜନୀକାନ୍ତ ନାଥଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ଜ୍ୟୋତି ପ୍ରକାଶ ମହାନ୍ତି, ସମ୍ପାଦକ ପିନାକ ବରୁଣ ରାଉତ, ସହସମ୍ପାଦକ ଗୋଲେଖ ପରମାଣିକ, ଉପସଭାପତି ପ୍ରଶାନ୍ତ ଜେନା, ସ୍ନେହଲତା ବାରିକ, ଅର୍ଥ ସମ୍ପାଦକ ମାଧବ କୁମାର ଗୋଲ, ସଂଗଠନ ସମ୍ପାଦକ ସଚ୍ଚିଦାନନ୍ଦ ସାହୁ ଓ ଅଫିସ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ସ୍ୱାଇଁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଅବସର ଗ୍ରହଣ କରିଥିବା ବିବେକାନନ୍ଦ ଜେନା, ଅଶୋକ ପ୍ରଧାନ, ଯୋଗେନ୍ଦ୍ର ମାହାଳିକ, ପ୍ରଶାନ୍ତ କୁମାର ଜେନାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।



## ଶାସନ ପଞ୍ଚାୟତରେ ସରକାରୀ ଅନୁଦାନ ବାଟମାରଣା

# କାମ ନ ହୋଇ ଅର୍ଥ ଆତ୍ମସାତ ଅଭିଯୋଗ ଆଣିଲେ ପଞ୍ଚାୟତବାସୀ

ମାଳିପୁର, ୨୫।୭ (ସମିସ)

ସମ୍ପ୍ରତି ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ବହୁମୁଖୀ ବିକାଶ ଯୋଜନା ପ୍ରଣୟନ କାର୍ଯ୍ୟକାରୀ ହେଉଛି। ଏଥିରେ ରାସ୍ତାଘାଟ ନିର୍ମାଣ, ପାନୀୟଜଳ ଯୋଗାଣ, ରାସ୍ତା ଆଲୋକୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହାକୁ ତଦାରଖ କରିବା ପାଇଁ ସରକାରଙ୍କ ପକ୍ଷରୁ ଅଧିକାରୀଙ୍କୁ ନିଯୁକ୍ତି ଦେବା ସହିତ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଓ ଜନପ୍ରତିନିଧି ଦୁର୍ନୀତିରେ ଲିପ୍ତ ରହି ପଞ୍ଚାୟତ ବିକାଶରେ ବାଧକ ସାଜୁଛନ୍ତି। ସରକାରୀ ଅନୁଦାନ ବାଟମାରଣାକୁ ନେଇ ଶାସନ ପଞ୍ଚାୟତବାସୀଙ୍କ ପକ୍ଷରୁ ଏଭଳି ଏକ ସଙ୍ଗୀନ ଅଭିଯୋଗ ପଟ୍ଟାମୁଣ୍ଡାଇ ବିଡିଓଙ୍କ ନିକଟରେ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଶାସନ ପଞ୍ଚାୟତ ଦାୟିତ୍ୱରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଉଭୟ ଦୁର୍ନୀତିରେ ଲିପ୍ତ ରହି ବ୍ୟାପକ ସରକାରୀ ଅନୁଦାନ ଅର୍ଥ ହରିଲୁଟ କରିଚାଲିଛନ୍ତି। ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାଠାରୁ ଆରମ୍ଭ କରି ରାସ୍ତା କାମ, ପୋଖରୀ ସଫା, ଚାନ୍ଦିନୀ ନିର୍ମାଣ, ଟ୍ୟାଙ୍କର ଯୋଗେ ପଞ୍ଚାୟତବାସୀଙ୍କୁ ପାନୀୟଜଳ ଯୋଗାଣ ଆଦି ପ୍ରତ୍ୟେକ କାମରେ ମିଥ୍ୟା ବିଲ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଶାସନଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଦୁଇ କିମି ବ୍ରାହ୍ମଣୀ ବନ୍ୟାବନ୍ଧ ରାସ୍ତାକୁ ଆଲୋକୀକରଣ କରାଯାଇ ସାରିଛି। ସେଥିପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ୨୦ଟି ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟ ଲଗାଯାଇଛି। କିନ୍ତୁ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ ବାସ୍ତବରେ ଶାସନଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଦୁଇ କିମି ରାସ୍ତା ମଧ୍ୟରେ ଗୋଟିଏ ହେଲେ ଷ୍ଟ୍ରିଟଲାଇଟ ଖୁଣ୍ଟ ଲଗାଯାଇନାହିଁ। ଏ ବାବଦକୁ ୯ ଲକ୍ଷ ୭୦ ହଜାର ଟଙ୍କା ମିଥ୍ୟା ବିଲ କରାଯାଇ ବ୍ଲକ କନିଷ୍ଠ ଯନ୍ତ୍ରୀ ରତନେଶ ପାଣ୍ଡେଙ୍କ ଆକାଉଣ୍ଟରେ ପୈଠ କରାଯାଇ ହଡ଼ପ କରାଯାଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ସେହିଭଳି ମାଳିପୁର ଗ୍ରାମରେ ଅବସ୍ଥିତ ପାଣ୍ଡବ ଗୋସ୍ୱାମୀ ପୋଖରୀରେ ସରକାରୀ ଅନୁଦାନରେ କୌଣସି ପ୍ରକାର ସଫେଇ କାର୍ଯ୍ୟ ଦୀର୍ଘ ବର୍ଷ ମଧ୍ୟରେ କରାଯାଇ ନ ଥିଲେ ହେଁ ମଞ୍ଜୁର କରାଯାଇଥିବା ୯୩, ୩୩୮.୦୦ ଟଙ୍କା ମିଥ୍ୟା ବିଲ ମାଧ୍ୟମରେ ହଡ଼ପ କରାଯାଇଛି।

ଅନ୍ୟପକ୍ଷରେ ପଞ୍ଚାୟତବାସୀଙ୍କ କୌଣସି କାର୍ଯ୍ୟରେ ପଞ୍ଚାୟତ ତରଫରୁ ପାନୀୟ ଜଳ ଟ୍ୟାଙ୍କର ଯୋଗାଇ ଦିଆଗଲେ ସେହି ବାବଦକୁ ଲୋକଙ୍କଠାରୁ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଆଦାୟ କରାଯାଉଛି। ପଞ୍ଚାୟତ ବାସିନ୍ଦାଙ୍କୁ ପାନୀୟଜଳ ଟ୍ୟାଙ୍କର ଯୋଗାଇ ଦେବା ବାବଦକୁ ଡ୍ରାଇଭର, ତେଲ ଓ ଅନ୍ୟାନ୍ୟ ପାଇଁ ୧ ଲକ୍ଷ ୭୦ହଜାର ଟଙ୍କା ମିଥ୍ୟା ବିଲ କରାଯାଇଥିବା ପଞ୍ଚାୟତବାସୀଙ୍କ ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ଶାସନ ଗ୍ରାମର ଜୟ ମଙ୍ଗଳା ଠାକୁରାଣୀଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଚାନ୍ଦିନୀ ନିର୍ମାଣ କରାଯାଇଥିଲେ ମଧ୍ୟ ସରକାରୀ ଅନୁଦାନ ଅର୍ଥରେ ଏହା ନିର୍ମାଣ କରାଯାଇଥିବା ଦର୍ଶାଇ ପଞ୍ଚାୟତ ପକ୍ଷରୁ ୪୪ ହଜାର ୭୩୪ ଟଙ୍କା ମିଥ୍ୟା ବିଲ କରାଯାଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ସେହିପରି ନିମପୁର ପୋଖରୀ ସାହିରେ ଥିବା ପୋଖରୀ ଦୀର୍ଘଦିନ ହେଲା ପୋତାହୋଇ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବାବେଳେ ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟ କରା ନ ଯାଇ ୧ ଲକ୍ଷ ୧୦ ହଜାର ୩୧୦ ଟଙ୍କା ମିଥ୍ୟା ବିଲ କରାଯାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜନନ୍ଦିନୀ ବିଶ୍ୱାଳଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯାଇ ହଡପ କରାଯାଇଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କେବଳ ସେତିକି ନୁହେଁ କେତେକ ସ୍ଥାନରେ ଗୋଟିଏ ଯୋଜନାକୁ ଦୁଇଟି ଯୋଜନାର ନାମ ଦିଆଯାଇ ସରକାରୀ ଅନୁଦାନ ଅର୍ଥ ହରିଲୁଟ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏଣୁ ଉପରୋକ୍ତ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଇ ହଡ଼ପ କରାଯାଇଥିବା ସରକାରୀ ଅନୁଦାନ ଅର୍ଥକୁ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କଠାରୁ ଉଦ୍ଧାର କରାଯିବା ଓ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ହଡପ କରାଯାଇଥିବା ଷ୍ଟ୍ରିଟଲାଇଟ ପ୍ରକଳ୍ପକୁ ଉଦ୍ଦିଷ୍ଟ ସ୍ଥାନରେ ସ୍ଥାପନ କରିବାକୁ ପଞ୍ଚାୟତର ସ୍ଥାନୀୟ ବାସିନ୍ଦା ଅର୍ଜୁନ ସାହୁ, ଲଳିତ ଧଳ, ଅଭିମନ୍ୟୁ ସେନାପତି, ଆଶିଷ ମଲିକ, ଭ୍ରମରବର ନାୟକ, ତ୍ରିଲୋଚନ ଦାସ, ରମାକାନ୍ତ ଦାଶ, ରାହାସ ମଲିକ, ଦିଲ୍ଲୀପ ମଲିକ ପ୍ରମୁଖ ଦାବି କରିଛନ୍ତି।



## ସିଟି କଟକ

# ବର୍ଷାଜଳ ନିଷ୍କାସନ ସମସ୍ୟା; ପ୍ରସ୍ତୁତ ହେଉଛି ମାଷ୍ଟର୍‌ପ୍ଲାନ

କଟକ, ୨୫।୭ (ସମିସ)



### ହାଇକୋର୍ଟଙ୍କୁ ଦିଆଗଲା ଡିପିଆର୍ ସମ୍ପର୍କିତ ସୂଚନା

### ହାଜରହେଲେ ଦୁଇ ସଚିବ ଓ ଜିଲ୍ଲାପାଳଙ୍କ ସମେତ ଅନ୍ୟ ପଦାଧିକାରୀ

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ସହରର ବର୍ଷା ଜଳ ନିଷ୍କାସନ ସମସ୍ୟା ପ୍ରସଂଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଶୁଣାଣି ବେଳେ ଭର୍ଚୁଆଲ ମାଧ୍ୟମରେ ନଗର ଉନ୍ନୟନ ବିଭାଗ ସଚିବ, ପୂର୍ତ୍ତ ବିଭାଗର ସଚିବ, ଜଳସମ୍ପଦ ବିଭାଗର ଇଆଇସି, ପୂର୍ତ୍ତ ବିଭାଗର ଇଆଇସି, କଟକ ଜିଲ୍ଲାପାଳ, କଟକ ମହାନଗର ନିଗମ କମିସନର, ୱାଟକୋର ଏମଡିଙ୍କ ସମେତ ଗେଲ୍, ଟିପିସିଓଡିଏଲ ଆଦି ବିଭାଗର କର୍ତ୍ତୃପକ୍ଷ ଉପସ୍ଥିତ ରହି ସେମାନଙ୍କ ପକ୍ଷ ରଖିଥିଲେ। ନଗର ଉନ୍ନୟନ ସଚିବ ସହରର ବର୍ଷା ଜଳ ନିଷ୍କାସନ ପ୍ରସଂଗରେ କରାଯାଇଥିବା ମାଷ୍ଟରପ୍ଲାନ ବା ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ମାଷ୍ଟର ପ୍ଲାନ ସମ୍ପର୍କିତ ଡିପିଆରକୁ ଭିଜନ ଟେକ ସଂସ୍ଥା ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ପ୍ରସ୍ତୁତ କରିବ। ବର୍ଷା ଜଳ ନିଷ୍କାସନ ପାଇଁ ସହରରେ ପ୍ରସ୍ତାବିତ ୫ଟି ଡ୍ରେନ ନିର୍ମାଣ ପାଇଁ ୪୨୧କୋଟି ଟଙ୍କାର ଡିପିଆର ପ୍ରସ୍ତୁତି ହୋଇଥିବା ସେ ପ୍ରକାଶ କରିଥିଲେ। ସରକାରଙ୍କ ଅନୁମୋଦନ ଲାଭ କରିବା ପରେ ପର୍ଯ୍ୟାୟକ୍ରମେ ଗୋଟିଏ ଗୋଟିଏ ଡ୍ରେନ ପାଇଁ ଅର୍ଥ ବ୍ୟୟବରାଦ କରାଯାଇ ସମ୍ପୂର୍ଣ୍ଣ କରାଯିବ ବୋଲି କୁହାଯାଇଛି। ସେହିଭଳି ମାତୃଭବନ ରେଳପଥ ନିକଟରେ ୧୧କେଭି ବିଦ୍ୟୁତ ଲାଇନ ଡ୍ରେନ ଦେଇ ଯାଇଥିବାରୁ ଏହାକୁ ସ୍ଥାନାନ୍ତର କରାଗଲେ ବକ୍ସ ଡ୍ରେନ ସହ ଖାନନଗର-ମାତୃଭବନ ଶାଖା ଡ୍ରେନ ସଂଯୋଗ କରାଯାଇପାରୁ ନଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ରେଳବାଇ ଖୋର୍ଦ୍ଧା ଡିଭିଜନ ଯନ୍ତ୍ରୀ, ଟିପିସିଓଡିଏଲ ଅଧିକାରୀ, ୱାଟକୋ ଓ ଅନ୍ୟ ପଦାଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡ୍ରେନ ସଂଯୋଗ ହୋଇପାରୁ ନଥିବାରୁ ଛତ୍ରବଜାରରୁ ମାତୃଭବନ ବକ୍ସ ଡ୍ରେନ ଦେଇ ଉଦବୃତ୍ତ ଜଳ ମତ୍ତଗଜପୁର ପର୍ଯ୍ୟନ୍ତ ଯାଇପାରୁନି ବୋଲି କୁହାଯାଇଛି।

### ୩୨ କିମି ରାସ୍ତା ସମ୍ପ୍ରସାରଣକୁ ୯୩୩ କୋଟି

କଟକ ସହରର ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମରାମତିର ଅଳ୍ପ ଦିନ ମଧ୍ୟରେ ଏଗୁଡିକ ନଷ୍ଟ ହେଉଥିବା ପ୍ରସଂଗରେ ଆଜି ପୂର୍ତ୍ତ ବିଭାଗର ସଚିବ ଓ ଇଆଇସି ହାଇକୋର୍ଟରେ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ରହି ସ୍ଥିତି ସମ୍ପର୍କରେ ଅବଗତ କରିଛନ୍ତି। କଟକ ସହରରେ ମୋଟ ୧୮୫.୪୮ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ରାଜ୍ୟ ଯୋଜନାରେ ୩୨.୬୩ କିଲୋମିଟର ରାସ୍ତାକୁ ଚାରି ଓ ଛଅ ଲେନ ବିଶିଷ୍ଟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ୯୩୩.୪୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ୨୦୨୫-୨୬ବର୍ଷ ପାଇଁ ଶୋଚନୀୟ ହୋଇପଡ଼ିଥିବା ୨୫କିଲୋମିଟର ରାସ୍ତା ପ୍ରାୟ ୪.୬କୋଟି ଟଙ୍କାରେ ନିର୍ମାଣ କରାଯିବ ବୋଲି କୁହାଯାଇଛି। ସେହିଭଳି ସହରରେ ୧୧୨କିଲୋମିଟର ରାସ୍ତା ଭଲ ସ୍ଥିତିରେ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

### ରାସ୍ତା ଖୋଳା ପୂର୍ବରୁ ଆବଶ୍ୟକ ସିଏମ୍‌ସି ଅନୁମତି

କଟକ ସହରରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଭଲ ରାସ୍ତା ବିଭିନ୍ନ ସମୟରେ ଖୋଳାପୋତା ଚାଲୁଛି। ଏଥିପାଇଁ ସିଏମସିର ଅନୁମତି ନେବା ଆବଶ୍ୟକ ହୋଇଥିଲେ ସୁଦ୍ଧା ଏହା ହେଉ ନଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିପାଇଁ ରହିଥିବା ଯୁଗ୍ମ କମିଟି ବୈଠକରେ ରାସ୍ତା ଖୋଳାପୋତା କାର୍ଯ୍ୟ ସମ୍ପର୍କରେ ପ୍ରତି ମାସରେ ଦୁଇ ଥର ଆଲୋଚନା କରାଯିବ। ସିଏମସି କର୍ତ୍ତୃପକ୍ଷ ଏଥିପାଇଁ ପ୍ରାକ ଆନୁମତି ଦେବା ପରେ ରାସ୍ତା ଅନ୍ୟ ବିଭାଗ ଖୋଳିପାରିବ ବୋଲି ସିଏମସି ପକ୍ଷରୁ କୁହାଯାଇଥିଲା। ଏହି ଅନୁସାରେ ପଦକ୍ଷେପ ନିଆଯାଉଛି କି ନାହିଁ ସେ ସଂକ୍ରାନ୍ତରେ ସତ୍ୟପାଠ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଏସ୍‌ସିବିରେ ଡାକ୍ତର ପଦ ଖାଲି ଓ ଡ୍ୟୁଟି ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ

## ସବିଶେଷ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୫।୭ (ସମିସ):** କଟକ ସହର ସମସ୍ୟା ପ୍ରସଙ୍ଗରେ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଶୁଣାଣି କରି ଆସୁଥିବା ବେଳେ ଆଜି ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ବିସ୍ତୃତ ଶୁଣାଣି କରିଛନ୍ତି। ବିଶେଷକରି, ଏସ୍‌ସିବିରେ କେତୋଟି ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଛି ଓ ଏଥିମଧ୍ୟରୁ କେତେ ପଦବୀ ଖାଲି ପଡ଼ିଛି, ସେ ସଂକ୍ରାନ୍ତରେ ଏସ୍‌ସିବି ଅଧୀକ୍ଷକଙ୍କୁ ହାଇକୋର୍ଟ ଜବାବ ତଲବ କରି ସତ୍ୟପାଠ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଡ୍ୟୁଟି ସମୟରେ ଡାକ୍ତରମାନେ ମେଡିକାଲରେ ଅନୁପସ୍ଥିତ ରହୁଥିବା ତଥା ଘରୋଇ ଚିକିତ୍ସା କରୁଥିବା ଅଭିଯୋଗକୁ ମଧ୍ୟ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହା ଉପରେ କର୍ତ୍ତୃପକ୍ଷଙ୍କ କ'ଣ ନିୟନ୍ତ୍ରଣ ରହିଛି ଓ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି; ସେନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି ଅଦାଲତ।

## ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ



**କଟକ, ୨୫।୭ (ସମିସ):** ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରାଯାଇଛି। ଅଧକ୍ଷା ଡ. ସ୍ନେହଲତା ମିଶ୍ର ନୂତନ ବିଦ୍ୟାର୍ଥୀ ଏବଂ ଅଭିଭାବକମାନଙ୍କୁ ସ୍ୱାଗତ କରିବା ସହିତ କଲେଜର ନିୟମ ସମ୍ପର୍କରେ ବୁଝାଇଥିଲେ। ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ସହିତ ପିଲାମାନଙ୍କୁ ପରିଚୟ କରାଇବା ସହିତ ମିଷ୍ଟାନ୍ନ ଓ ପେନ୍ ବଣ୍ଟନ କରିଥିଲେ। ଅଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପଣ୍ଡା, ପ୍ରଦୀପ୍ତ ନାୟକ, ଜ୍ୟୋତିପ୍ରକାଶ ପରିଡ଼ା, ଧର୍ମେନ୍ଦ୍ର ମହାନ୍ତି ସମସ୍ତେ ପିଲାମାନଙ୍କୁ ହିତ ଉପଦେଶ ପ୍ରଦାନ କରିଥିଲେ। ଅଧ୍ୟାପିକା ତନୁଜା ରାଉତ ଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ। ରବୀନ୍ଦ୍ର ନାଥ ସାମଲ ପିଲାମାନଙ୍କୁ କମେଡି ମାଧ୍ୟମରେ ହସାଇଥିଲେ। ମୀରା ବେଉରା ଧନ୍ୟବାଦ ଦେଇଥିଲେ। ମୋବାଇଲ ନ ଆଣିବା ପାଇ ଅଧକ୍ଷା ସମସ୍ତ ପିଲାମାନଙ୍କୁ ନିବେଦନ କରିଥିଲେ।

## 'ଗୋଟିଏ ଗଛ ମୋ ମାଆଙ୍କ ନାମରେ' କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୨୫।୭ (ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ବାଣୀନଗର ବଲ୍ଲଭୀ ଦେବୀ ମହିଳା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶ୍ରୀ ସତ୍ୟସାଇ ସେବା ସଂଗଠନ କଟକ ଓ କେନ୍ଦୁପାଟଣା ସହାୟତାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧକ୍ଷା ଡ଼ଃ ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଗୋଟିଏ ଗଛ ମାଆଙ୍କ ନାମରେ ଲଗାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଂଗଠନର ରାଜ୍ୟ ପ୍ରି ସେବାଦଳର ମୁଖ୍ୟ ହରସ ବିହାରୀ ଦାସ, ଜିଲ୍ଲା ସଂଗଠନର ସଂଯୋଜକ ମନୋଜ ଦାସ, ଜିଲ୍ଲା ମହିଳା ସେବା ସଂଯୋଜିକା ପୁଷ୍ପଲତା ଦାସ, ଜିଲ୍ଲା ଯୁବ ଯୁଗ୍ମ ସଂଯୋଜକ ସାଇପ୍ରସାଦ ପ୍ରମୁଖ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଶୁଭଶ୍ରୀ ନାୟକଙ୍କ ସଂଯୋଜନାରେ କଲେଜ ପରିସରରେ ଏବଂ ଓଥକା ରାମକୃଷ୍ଣପୁର ରାସ୍ତା ପାର୍ଶ୍ୱରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

## ଷ୍ଟିୱାର୍ଟ ସ୍କୁଲରେ କାର୍ଗିଲ ବିଜୟ ଦିବସ



**କଟକ, ୨୫।୭ (ସମିସ):** ୧୯୯୯ ମେ ୩ରୁ ଲଢ଼ା ଯାଇଥିବା କାର୍ଗିଲ ଯୁଦ୍ଧର ବୀର ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଷ୍ଟିୱାର୍ଟ ସ୍କୁଲରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ଭାରତୀୟ ସୈନିକମାନଙ୍କର ଅମର ତ୍ୟାଗକୁ ସ୍ମରଣ କରିବା ପାଇଁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଏନସିସି, ସ୍କାଉଟ୍ସ ଓ ଗାଇଡ୍ସ କ୍ୟାଡେଟମାନଙ୍କ ଦ୍ୱାରା ଶହୀଦମାନଙ୍କ ଆତ୍ମାକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଏନସିସି ଅଫିସର ସୌମ୍ୟରଞ୍ଜନ ପଣ୍ଡା ତାଙ୍କ ବକ୍ତବ୍ୟରେ ଯୁଦ୍ଧ ସମୟରେ ଜୀବନ ଉତ୍ସର୍ଗ କରିଥିବା ଓଡ଼ିଶାର ବୀର ସନ୍ତାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ନର୍ସରୀ, ଜୁନିଅର କେଜି ଓ ସିନିଅର କେଜିର ଛାତ୍ରଛାତ୍ରୀମାନେ ଏକ ଦେଶଭକ୍ତିପୂର୍ଣ୍ଣ ସମୂହ ଗୀତ ଓ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶଭକ୍ତିପୂର୍ଣ୍ଣ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସ୍କୁଲର ପ୍ରିନ୍ସିପାଲ ଡି. ମାର୍ଟିନାଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା।

## ସିନିୟର ଆସିଷ୍ଟାଣ୍ଟ ନିଲମ୍ବିତ

**କଟକ, ୨୫।୭ (ସମିସ):** ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟାଧିକାରୀଙ୍କ କାର୍ଯ୍ୟାଳୟର ସିନିୟର୍ ଆସିଷ୍ଟାଣ୍ଟ କିଶୋର ସାହାଣୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି ସିଡିଏମଓ। ୩୪ ଲକ୍ଷ ଟଙ୍କାର ସିଟି ହସ୍ପିଟାଲରେ ୟୁଜର୍ସ ଫି ଘୋଟାଲାରେ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘୋଟାଲା ନେଇ ଅଭିଯୋଗ ପରେ ଅଡିଟ କରାଯାଇଥିଲା। ରିପୋର୍ଟ ଆସିବା ପରେ ତାଙ୍କୁ କାର୍ଯ୍ୟାନ୍ତର କରାଯାଇଛି। ସରକାରୀ ଅର୍ଥ ତୋଷରପାତ ଅଭିଯୋଗ ହେବା ପରେ ତାଙ୍କୁ ନିଲମ୍ବିତ କରାଯାଇଛି।

## ଆଜି ଖୋଲା ରହିବ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ

**କଟକ, ୨୫।୭ (ସମିସ):** ଶନିବାର ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ଛୁଟି ବାତିଲ କରାଯାଇଛି। ଶନିବାର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଏବଂ ଜଳବନ୍ଦୀ ପରିସ୍ଥିତି ହେତୁ ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲି କଟକ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

### ବଡ଼ ମେଡିକାଲରେ ଅଭାବନୀୟ ଘଟଣା

## ଗୁରୁତର ମହିଳାଙ୍କୁ ଫେରାଇଦେଲେ

**କଟକ, ୨୫।୭ (ସମିସ):** ବାଲେଶ୍ୱରରୁ ଆସିଥିବା ଜଣେ ମହିଳାଙ୍କୁ ଚିକିତ୍ସା କରାଇବା ବଦଳରେ ଘରକୁ ଫେରିଯିବାକୁ କୁହାଯାଇଥିଲା। ଏସସିବି ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଏହି ଘଟଣାକୁ ନେଇ ଆଜି ଚାପା ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପରେ ସନ୍ଧ୍ୟାରେ ସମ୍ପୃକ୍ତ ମହିଳାଙ୍କୁ ୱାର୍ଡରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶଯେ, ୩୦ ବର୍ଷୀୟା ମହିଳା ମମତା ଦାସ ଆଜି ସ୍ୱାମୀ ଜଗନ୍ନାଥଙ୍କ ସହ ବଡ ମେଡିକାଲ ଆସିଥିଲେ। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ବସ୍ତା ଅଞ୍ଚଳରେ। ୯ ଦିନ ପୂର୍ବେ ସେ ସନ୍ତାନ ଜନ୍ମ ଦେଇଥିଲେ। ତେବେ ପ୍ରସବ ପରେ ମମତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଥିଲା। ପ୍ରବଳ ରକ୍ତସ୍ରାବ ସହ ବାନ୍ତି ହୋଇଥିଲା। ମୁଣ୍ଡରେ ଯନ୍ତ୍ରଣା ଅନୁଭବ କରୁଥିଲେ। ପରିବାର ଲୋକେ ପ୍ରଥମେ ମମତାଙ୍କୁ ରେମୁଣା ହସ୍ପିଟାଲ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟୁଥିବା ଦେଖି ବଡ ମେଡିକାଲ ନେଇଯିବାକୁ ସେଠାକାର ଡାକ୍ତର ପରାମର୍ଶ ଦେଇଥିଲେ। ଗୁରୁବାର ରାତି ପ୍ରାୟ ୧ଟାରେ ମମତା ଏସ୍‌ସିବିରେ ପହଞ୍ଚିଥିଲେ। ତାଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳେ ତାଙ୍କୁ ମାନସିକ ରୋଗ ବିଭାଗକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଥିଲା। ସେଠାରେ ମମତା ଭର୍ତ୍ତି ହୋଇଥିଲେ। ହେଲେ ରକ୍ତସ୍ରାବ ହେତୁ ପ୍ରସୂତି ଓ ସ୍ତ୍ରୀ ରୋଗ ନେଇଯିବାକୁ କୁହାଯାଇଥିଲା। ବିଡମ୍ବନାର ବିଷୟ ଯେ ଗୁରୁତର ଅବସ୍ଥାରେ ମମତା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗକୁ ଯିବା ବେଳେ ସେଠାରେ ତାଙ୍କୁ ଔଷଧ ଲେଖି ଫେରାଇ ଦିଆଯାଇଥିଲା। ପରିବାର ଲୋକେ ଘଟଣା ବିଷୟରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଥିଲେ। ବିଭାଗ ନିକଟରେ ମଧ୍ୟ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଫଳରେ ସନ୍ଧ୍ୟାରେ ମମତାଙ୍କୁ ବିଭାଗରେ ଭର୍ତ୍ତି କରାଯାଇଥିଲା।

## ବରିଷ୍ଠ ନାଗରିକଙ୍କୁ ଠକିଲେ ସାଇବର ଲୁଟେରା

**କଟକ, ୨୫।୭ (ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ ଚହଟା ଅଞ୍ଚଳର ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ସାଇବର ଲୁଟେରାମାନେ ୪୦ହଜାର ଟଙ୍କା ଠକି ନେଇଛନ୍ତି। ଏ ସମ୍ପର୍କରେ ସେ ସାଇବର ଥାନାରେ ଏତଲା ଦେବା ପରେ ପୁଲିସ ଏଫ୍‌ଆଇଆର୍ ପଞ୍ଜିକୃତ କରି ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ବରିଷ୍ଠ ନାଗରିକ ଜଣଙ୍କ ଏକ ଅଜଣା ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଗ ଦେଇଥିଲେ। ସେ 'କ୍ରିପ୍ଟୋ କରେନ୍ସି'ରେ ନିବେଶ କରାଇବା ନାଁରେ ପ୍ରଥମେ ୨୦ହଜାର ଟଙ୍କା ନିବେଶ କରିଥିଲେ। ଏହାପରେ ତାଙ୍କୁ ୨୫ହଜାର ଟଙ୍କା ମିଳିଥିଲା। ସାଇବର ଲୁଟେରାମାନେ ଲୋଭ ଦେଖାଇ ଏକାକାଳୀନ ୪୦ହଜାର ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୋଗକାରୀ ୪୦ହଜାର ଦେଇଦେବା ପରେ ଆଉ ଟଙ୍କା ଫେରସ୍ତ ମିଳିନଥିଲା। ଏହା ପରେ ଠକାମୀର ଶିକାର ହୋଇଥିବା ଜାଣି ସେ ଥାନାର ଦ୍ୱାରସ୍ତ ହୋଇଥିବା ଜଣାପଡ଼ିଛି।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଆର୍ଥିକ ସହାୟତା



**କଟକ, ୨୫।୭ (ସମିସ):** ସମ୍ବାଦପତ୍ର ବିକ୍ରେତା ହେମନ୍ତ ପଟ୍ଟନାୟକଙ୍କ ପୁଅ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବାରୁ ସଂଘ ତରଫରୁ ଦୁଇ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମିଡ଼ିଆ ସେଲ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, ଉମେଶ ସାହୁ, ପ୍ରଦ୍ୟୁମ୍ନ ବିଶୋଇ ଯୋଗଦାନ କରିଥିଲେ।

## ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



**କଟକ, ୨୫।୭ (ସମିସ):** ଆଜି ମେୟର ସୁବାସ ସିଂ କଟକ ମହାନଗର ନିଗମ ଅନ୍ତର୍ଗତ ୮ ନଂ ୱାର୍ଡରେ ନିର୍ମିତ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟନ କରିଛନ୍ତି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ସମସ୍ତ ଆଧୁନିକ ସୁବିଧା ସହ କୁନି କୁନି ପିଲାଙ୍କ ପାଇଁ ଖେଳନା, ଛୋଟ ଟେବୁଲ ଅନ୍ୟାନ୍ୟ ସୁବିଧା ଥିବା ପ୍ରକାଶ। ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀ ସିଂହଙ୍କ ସହ ସ୍ଥାନୀୟ କର୍ପୋରେଟର ନମିତା ବାରିକ, ଦାୟିତ୍ୱରେ ଥିବା ଅଧିକାରୀ ଦିଲୀପ ସ୍ୱାଇଁ, ସ୍ଥାନୀୟ ମୁରବି ତଥା ସ୍କୁଲର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ଗଣେଶ ପୂଜାକୁ ମାସେ

# ଦୋ'ମାଟିଆ ଶେଷ: ବିକୃତ ମୂର୍ତ୍ତିକୁ ନା

କଟକ, ୨୫।୭ (ସମିସ)

ଗଣେଶ ପୂଜାକୁ ଆଉ ୧ମାସ ରହିଥିବା ବେଳେ କଟକ ସହରର କୁମ୍ଭାର ସାହି ଏବେ ଠାରୁ ଚଳଚଞ୍ଚଳ ହେଲାଣି। ଏଠାରେ ଥିବା ମୂର୍ତ୍ତି ନିର୍ମାଣ କାରଖାନାରେ ନଡ଼ା ବନ୍ଧା ଶେଷ ହୋଇଛି। ଦୋ'ମାଟିଆ କାର୍ଯ୍ୟକୁ ୭ଦିନ ଭିତରେ ଶେଷ କରିବାକୁ ମୂର୍ତ୍ତି କାରୀଗରମାନେ ଜୋରଦାର୍ ଲାଗିଛନ୍ତି। ଚଳିତ ବର୍ଷ ମୂର୍ତ୍ତି ଦର ଆକାଶଛୁଆଁ ହୋଇଛି। ଗତବର୍ଷ ଯେଉଁ ମୂର୍ତ୍ତି ଗୁଡ଼ିକୁ ଦେଢ଼ ହଜାର, ଅଢ଼େଇ ହଜାର ଓ ୫ହଜାର ଟଙ୍କାରେ ବିକ୍ରୟ କରାଯାଉଥିଲା, ସେସବୁ ମୂର୍ତ୍ତି ଦରକୁ ବଢ଼ାଇ ଦିଆଯାଇଛି। କୌଣସି ବଡ଼ ଗଣେଶ ମୂର୍ତ୍ତି ୫ହଜାର ଟଙ୍କା ତଳକୁ ରଖାଯାଇନଥିବା ଜଣାପଡ଼ିଛି। କୁମ୍ଭାର ସାହିରେ ଥିବା ମୂର୍ତ୍ତି ନିର୍ମାଣ କାରଖାନାରେ ପ୍ରତିବର୍ଷ ୩୦ହଜାରରୁ ଅଧିକ ଛୋଟବଡ଼ ଗଣେଶ ମୂର୍ତ୍ତି ଗଢ଼ାଯାଉଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ହ୍ରାସ ପାଇଛି। ଏ ସମ୍ପର୍କରେ ମୂର୍ତ୍ତି କାରୀଗର ମୁରଲୀଧର ସେନାପତିଙ୍କୁ ପଚାରିବାରୁ ସେ କହିଛନ୍ତି, କଞ୍ଚା ମାଟି ଦର ଟ୍ରିପ୍ ପିଛା ୫ହଜାର ଟଙ୍କା ଏବଂ ବାଉଁଶ, ନଡ଼ା ଓ ସୂତୁଲି ଦର ବୃଦ୍ଧି ପାଇଥିବା ହେତୁ ମୂର୍ତ୍ତି ଦରକୁ ବଢ଼ାଇ ଦିଆଯାଇଛି। ଏସବୁ କାରଣ'ରୁ ବଡ଼ ମୂର୍ତ୍ତି ନେବା ପାଇଁ ବହୁ ଅନୁଷ୍ଠାନ ମନ ବଳାଉ ନାହାନ୍ତି। ଛୋଟ ଗଣେଶ'ର ବିକ୍ରି ଚଳିତ ବର୍ଷ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି ବୋଲି କାରୀଗର ଶ୍ରୀ ମହାରଣା କହିଛନ୍ତି।

ରୌପ୍ୟନଗରୀରର କାଠଗଡ଼ାସାହି ନିକଟସ୍ଥ କୁମ୍ଭାର ସାହି, ମୂର୍ତ୍ତି କାମ ପାଇଁ ପ୍ରସିଦ୍ଧ ଥିବା ବେଳେ ଏଠାରେ ପ୍ରାୟ ୨୫୦ ରୁ ୩୦୦ ପରିବାର ମୂର୍ତ୍ତି କାମ କରିଥାନ୍ତି। ପାର୍ବଣ ଋତୁ ପୂର୍ବରୁ ଏଠାକାର କାରୀଗର ହିଁ ମୂର୍ତ୍ତି କାର୍ଯ୍ୟରେ ନିୟୋଜିତ ରୁହନ୍ତି। ଅନେକ ବର୍ଷ ଧରି ଏଠାରେ ମୂର୍ତ୍ତି କାର୍ଯ୍ୟ ହୋଇଆସୁଛି। କାରଖାନାରେ ମାଟିକୁ ବିଭିନ୍ନ ଆକୃତି ଦେଇ ସୁନ୍ଦର ସୁନ୍ଦର ମୂର୍ତ୍ତି ତିଆରି କରିବାରେ ଏଠାକାର ଶିଳ୍ପୀମାନେ ବେଶ ପାରଙ୍ଗମ। ବଡ଼ ମୂର୍ତ୍ତି ମୂଲ୍ୟ ସର୍ବନିମ୍ନ ୫ ହଜାରରୁ ସର୍ବାଧିକ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଶିଳ୍ପୀ ହିତେଶ କୁମାର ବେହେରା କହିଛନ୍ତି, ଚଳିତ ବର୍ଷ ଗଣେଶ ପୂଜା ପାଇଁ ବମ୍ବେ ଷ୍ଟାଇଲ୍‌ର ଗଣେଶ ଲୋକଙ୍କ ପ୍ରଥମ ପସନ୍ଦ ରହିଛି। ଲୋକଙ୍କ ଡିମାଣ୍ଡରେ ମୂର୍ତ୍ତି ତିଆରି କରାଯାଉଛି। ହେଲେ କୌଣସି ବିକୃତ ମୂର୍ତ୍ତି ତିଆରିକୁ ଆମେ ପ୍ରୋତ୍ସାହନ ଦେଉନୁ। ଏହି ମୂର୍ତ୍ତି କାମ ଆମ ପୂର୍ବ ପୁରୁଷରୁ କରି ଆସିଛୁ। ଏହାକୁ ବଜାୟ ରଖିବା ପାଇଁ ଆମେ ଆମ ପିଲାମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରୁଛୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କମିଶନରେଟ୍ ପୁଲିସ ପକ୍ଷରୁ ପୁରୀଘାଟ ଥାନାର ଏକ ଟିମ୍ କୁମ୍ଭାରସାହିକୁ ଯାଇ ସମସ୍ତ ଶିଳ୍ପୀଙ୍କୁ ସଚେତନ କରାଇଛନ୍ତି। ସହରର କୌଣସି ମୂର୍ତ୍ତି କାରଖାନା କିମ୍ବା ମଣ୍ଡପରେ ବିକୃତ ଗଣେଶ ପ୍ରତିମା ଦେଖିଲେ ପୁଲିସ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ତେଣୁ ଏବେ ଠାରୁ ମୂର୍ତ୍ତି କାରୀଗରମାନେ ବିକୃତ ଗଣେଶ ମୂର୍ତ୍ତି ନଢ଼ିବାକୁ ପରାମର୍ଶ ଦେଇଛନ୍ତି। ସେହିଭଳି କୌଣସି କ୍ଲବ୍, ଅନୁଷ୍ଠାନ ଏବଂ ପୂଜା ମଣ୍ଡପରେ ବିକୃତ ଗଣେଶ ମୂର୍ତ୍ତି ପୂଜା କରାଗଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି କମିଶନରେଟ୍ ପୁଲିସ। ଏସବୁ ମୂର୍ତ୍ତି ଗୁଡ଼ିକୁ ପୁଲିସ ଜବରଦସ୍ତ ଭାଂଗିବାକୁ ବାଧ ହେବ ବୋଲି ଏଡିସିପି ଦେବଦତ୍ତ କର ସୂଚନା ଦେଇଛନ୍ତି। ଗତ ୨ବର୍ଷ ହେବ କୁମ୍ଭାରସାହିରେ ଗଣେଶଙ୍କ ରୁଦ୍ରାବତାର ଶିବସ୍ୱରୂପ ମୂର୍ତ୍ତି, ପୁଷ୍ପା ଗଣେଶ, ଡକ୍ଟର ଗଣେଶ, ଛାତ୍ର ଗଣେଶ, ବାହୁବଳି ଗଣେଶ, ଅଘୋରୀ ଗଣେଶ ଭଳି ଏକାଧିକ ବିକୃତ ଢ଼ଙ୍ଗର ଗଣେଶ ମୂର୍ତ୍ତି ଶିଳ୍ପୀମାନେ ଗଢ଼ି ବିବାଦ ଘେରକୁ ଆସିଥିଲେ। ଚଳିତ ବର୍ଷ ଆରମ୍ଭରୁ ପୁରୀଘାଟ ଥାନା ପୁଲିସ ଏସବକୁ ବାରଣ କରିଛି। ଅନ୍ୟପଟେ ନରାଜ, ଜଗତପୁର ଓ ଚୌଦ୍ୱାର ଅଞ୍ଚଳରେ ଗଣେଶ ମୂର୍ତ୍ତି ଗୁଡ଼ିକର ଦୋ'ମାଟିଆ କାର୍ଯ୍ୟ ଚାଲିଛି। ନରାଜ ଠାରେ ଶିଳ୍ପୀମାନେ ନଡ଼ାବନ୍ଧା କାର୍ଯ୍ୟ ଶେଷ କରିଛନ୍ତି। ଆସନ୍ତା କାଲି ଠାରୁ ଦୋମାଟିଆ କାର୍ଯ୍ୟ ଆରମ୍ଭ କରି ୭ଦିନ ଭିତରେ ଶେଷ କରିବେ। ତେବେ ଆସନ୍ତା ୧୫ଦିନ ମଧ୍ୟରେ ୮୦ପ୍ରତିଶତ ନିର୍ମାଣ କାର୍ଯ୍ୟ ସାରିବା ଶିଳ୍ପୀମାନେ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।





### ମାଟି, ନଡ଼ା ଓ ବାଉଁଶ ଦର ବୃଦ୍ଧି ଯୋଗୁଁ ମୂର୍ତ୍ତି ଦର ଆକାଶଛୁଆଁ

### କୁମ୍ଭାରସାହି, ନରାଜ, ଜଗତପୁର ଓ ଚୌଦ୍ୱାରରେ ଚାଲିଛି ମୂର୍ତ୍ତି କାରଖାନା